- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

୧୪ ବର୍ଷ ପରେ
ଅକ୍ଷୟ-ସାଜିଦ୍ ଯୋଡ଼ି
▶ପୃଷ୍ଠା ୧୧ ଦେଖନ୍ତୁ...

♦VOLUME- 44 ♦ISSUE-105 ♦THURSDAY ♦08 OCTOBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୦୫ ♦ଗୁରୁବାର ♦୦୮ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

୪ ବର୍ଷ ପରେ ସୁଧହାର ବଢ଼ାଇଲା ଆର୍‌ବିଆଇ

■ ମୁମ୍ବଇ, ୭।୧୦ (ଏଜେନ୍ସି): ଦେଶରେ ମହଙ୍ଗା ମାଡ଼ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବଡ଼ ନିଷ୍ପତ୍ତି ନେଇଛି। ପ୍ରାୟ ୪ ବର୍ଷ ପରେ ପ୍ରଥମ ଥର ପାଇଁ ଆର୍‌ବିଆଇ ରେପୋ ରେଟ୍ ବା ଏହାର ପ୍ରମୁଖ ସୁଧ ହାରରେ ବୃଦ୍ଧି ଘଟାଇଛି। ଏଥର ଆର୍‌ବିଆଇ ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି ଘୋଷଣା କରିଛି। ଫଳରେ ଏବେ ରେପୋ ହାର ୫.୫୦ ପ୍ରତିଶତ ହୋଇଛି । ପୂର୍ବରୁ ପ୍ରାୟ ୪ ବର୍ଷ ଧରି ଏହା୫.୨୫ବେସିସ୍ ପଏଣ୍ଟ ରହିଥିଲା। ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କର ତିନିଦିନିଆ ମୁଦ୍ରା ନୀତି କମିଟି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଦେଶର ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆରବିଆଇ ଏମ୍‌ପିସି ୨୦୨୩ ଫେବୃଆରୀ ପରେ ପ୍ରଥମ ଥର ପାଇଁ ରେପୋ ହାରରେ ଏହି ବୃଦ୍ଧି କରିଛି। ତେବେ ଆରବିଆଇର ଏହି ନିଷ୍ପତ୍ତି କାର, ଗୃହ ଏବଂ ଅନ୍ୟ ଋଣ ନେଉଥିବା ଗ୍ରାହକଙ୍କୁ ବଡ଼ ଝଟ୍କା ଦେବ। କାରଣ ରେପୋ ହାରରେ ବୃଦ୍ଧି ଯୋଗୁ ବଜାରରେ କାର୍, ଗୃହ ଏବଂ ଅନ୍ୟ ଋଣ ମହଙ୍ଗା ହେବ। ଏହା ସହିତ, ଆର୍‌ବିଆଇ ସ୍ଥାୟୀ ଜମା ▶ପୃଷ୍ଠା-୧୦

ସବୁଠୁ ଦୁର୍ବଳ ହେଲା ଟଙ୍କା

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ସୁଧ ହାରରେ ବୃଦ୍ଧିର ପ୍ରଭାବ ଭାରତୀୟ ମୁଦ୍ରାଟଙ୍କା ଉପରେ ପଡ଼ିଛି। ଫଳରେ ବୁଧବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୪୩ ପଇସା ହ୍ରାସ ଘଟି ଏହା ୯୭ ଟଙ୍କା ସ୍ତର ଛୁଇଁଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ପ୍ରତି ଡଲାର ୯୬.୩୭ ଟଙ୍କା ସ୍ତରରେ ଖୋଲିଥିଲା। ଡଲାରର ଶକ୍ତି, ▶ପୃଷ୍ଠା-୭

ରସାୟନରେ କାଗାନ ଓ ସୋଆଇଙ୍କୁ ନୋବେଲ

■ ଷ୍ଟକହୋମ୍, ୭।୧୦ (ଏଜେନ୍ସି): ଅସମମିତ ଜୈବ ସଂଶ୍ଲେଷଣରେ ଅଣରୈଖିକ ପ୍ରଭାବ ଓ ସ୍ୱୟଂ-ଅନୁପ୍ରେରଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ପାଇଁ ୨୦୨୬ ମସିହାର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ହେନ୍ରି ବି. କାଗାନ ଓ କେନ୍‌ସୋ ସୋଆଇଙ୍କୁ ଏହି ସମ୍ମାନ ପାଇଁ ଚୟନ କରାଯାଇଥିବା ନୋବେଲ ପୁରସ୍କାର ପ୍ରଦାନକାରୀ ସଂସ୍ଥା ବୁଧବାର ଘୋଷଣା କରିଛି। ନୋବେଲ କମିଟି ଅନୁଯାୟୀ, ଚଳିତ ବର୍ଷର ରସାୟନ ନୋବେଲ ମୌଳିକ ରସାୟନ ବିଜ୍ଞାନ ସହ ଜଡ଼ିତ। ଅନେକ ଅଣୁ ଦୁଇଟି ଭିନ୍ନ ରୂପରେ ରହିପାରନ୍ତି। ଏହି ଦୁଇ ରୂପ ପରସ୍ପରର ଦର୍ପଣ ପ୍ରତିବିମ୍ବ ଭଳି ଦେଖାଯାଏ, କିନ୍ତୁ ସମାନ ନୁହନ୍ତି। ଏପରି ଅଣୁକୁ 'କାଇରାଲ୍' ଅଣୁ କୁହାଯାଏ। ରସାୟନ ବିଜ୍ଞାନ ନୋବେଲ ସାଧାରଣତଃ ନୋବେଲ ସପ୍ତାହରେ ଘୋଷିତ ହେଉଥିବା ତୃତୀୟ ପୁରସ୍କାର। ଚଳିତବର୍ଷ ସୋମବାର ଚିକିତ୍ସା ବିଜ୍ଞାନ ଏବଂ ମଙ୍ଗଳବାର ପଦାର୍ଥ ବିଜ୍ଞାନ ନୋବେଲ ଘୋଷଣା ପରେ ବୁଧବାର ରସାୟନ ବିଜ୍ଞାନ ପୁରସ୍କାର ଘୋଷିତ ହୋଇଛି। ସ୍ୱିଡେନର ଆବିଷ୍କାରକ ଓ ଶିଳ୍ପପତି ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁସାରେ ୧୯୦୧ ମସିହାରୁ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଯୁଦ୍ଧକାଳୀନ ପରିସ୍ଥିତି ସମେତ କିଛି ବିରତିକୁ ଛାଡ଼ି ଏହି ପରମ୍ପରା ଜାରି ରହିଛି। ଗତବର୍ଷ ରସାୟନ ବିଜ୍ଞାନ ନୋବେଲ ସୁସୁମୁ କିଟାଗାୱା, ରିଚାର୍ଡ ରବସନ ଓ ଓମାର ୟାଘିଙ୍କୁ ପ୍ରଦାନ କରାଯାଇଥିଲା। ମେଟାଲ- ▶ପୃଷ୍ଠା-୧୦

ବିସ୍ଫୋରକ ହେଉଛି ଜ୍ଞାନେଶ ବିରୋଧୀ ଆନ୍ଦୋଳନ

ଯନ୍ତରମନ୍ତର ଯାଉଥିବା ସାଂସଦଙ୍କୁ ଅଟକାଇଲା ପୁଲିସ

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): 'ଭୋଟଚୋରି' ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆନ୍ଦୋଳନ ବ୍ୟାପକ ହେବାକୁ ଲାଗିଛି।

ଜନପଥରେ ମୁହାଁମୁହିଁ, ରାହୁଲ, ପ୍ରିୟଙ୍କାଙ୍କୁ ଘୋଷାଡ଼ି ନେଲେ

ରାହୁଲଙ୍କ ବିରୋଧରେ ୪୫ଟି ଏଫଆଇଆର୍

ଆଜି ବି ଜାରି ରହିବ ପ୍ରତିବାଦ ଆନ୍ଦୋଳନ

ସମର୍ଥନ ଜଣାଇଲା ଡିଏମ୍‌କେ

ଗତକାଲି ନିର୍ବାଚନ ସଦନ ଆଡ଼କୁ ଇଣ୍ଡିଆ ମେଣ୍ଟର ପଦଯାତ୍ରା ଆ।ନ୍ଦୋଳନ ଜାତୀୟ ରାଜନୀତିରେ ହଲଚଲ ସୃଷ୍ଟି କରିଥିବା ବେଳେ ଆଜି ମେଣ୍ଟର ସାଂସଦମାନେ ଯନ୍ତରମନ୍ତରରେ ଧାରଣା ଦେବାକୁ ଉଦ୍ୟମ କରିଛନ୍ତି। କିନ୍ତୁ ଏହି ପ୍ରତିବାଦ ଆନ୍ଦୋଳନକୁ ଭଣ୍ଡୁର କରିବା ଲାଗି ପୁଲିସ ସେମାନଙ୍କୁ ବାଟରେ ଅଟକାଇବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପୁଲିସର ଏଭଳି ଆଚରଣରେ କ୍ଷୁବ୍ଧ ସାଂସଦମାନେ ରାସ୍ତା ଉପରେ ଧାରଣାରେ ବସିଯାଇଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ବଳ ପ୍ରୟୋଗ କରି ହଟାଇଦେଇଛି। ଏଥିରେ ବିରୋଧୀ ଦଳମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଜ୍ଞାନେଶ କୁମାର ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଶୁଣାଇଛନ୍ତି।

ଗତକାଲି ନିର୍ବାଚନ ସଦନ ଆଡ଼କୁ ପଦଯାତ୍ରାକୁ ପୁଲିସ ଅଟକାଇବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ନେତାମାନେ ଆକାଶବାଣୀ ଭବନ ଯାଇ ସେଠାରେ ଧାରଣା ଦେଇଥିଲେ। ତେବେ ୯ ଘଣ୍ଟା ପରେ ପୁଲିସ ସେମାନଙ୍କୁ ସେଠାରୁ ହଟାଇଦେଇଥିଲା। କିନ୍ତୁ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଅଟଳ ଥିବା ଇଣ୍ଡିଆ ମେଣ୍ଟ ନେତାମାନେ ଆଜି ଏକତ୍ରିତ ହୋଇ ପରବର୍ତ୍ତୀ ରଣନୀତି ଉପରେ ବିଚାର ଆଲୋଚନା କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମେଣ୍ଟର ନେତାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ। ଏହି ଅବସରରେ ନିଷ୍ପତ୍ତି ହୋଇଥିଲା ଯେ ମେଣ୍ଟର ସାଂସଦମାନେ ସନ୍ଧ୍ୟା ବେଳେ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ। ଖଡ଼ଗେ କହିଥିଲେ ଯେ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତ।।ରେ ଜ୍ଞାନେଶ କୁମାର ଗୋଟିଏ ପରେ ଗୋଟିଏ ଭୁଲ କରି ଚାଲିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଏହି ଅବସରରେ ରାହୁଲ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ମିଶି ଜ୍ଞାନେଶ କୁମାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ସେମାନେ ଦେଶଦ୍ରୋହୀ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏହି ଦାବି ହାସଲ ଲାଗି ମେଣ୍ଟର ସମସ୍ତ ସାଂସଦ ଯନ୍ତରମନ୍ତର ଯିବେ ବୋଲି ସେ ▶ପୃଷ୍ଠା-୧୦

ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଭାବେ ସାର୍ବଜନୀନ ଜୀବନର ୨୫ ବର୍ଷ ପୂରଣ

ଭାରତ ବିକଶିତ ନ ହେବା ପର୍ଯ୍ୟନ୍ତ ଥକିବିନି: ମୋଦୀ

■ ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ସାର୍ବଜନୀନ ଜୀବନର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନିଜ ଯାତ୍ରା ଓ ଭବିଷ୍ୟତର ଲକ୍ଷ୍ୟ ନେଇ ଉଦ୍‌ବୋଧନ ଦେଇଛନ୍ତି। ଭାରତ ବିକଶିତ ରାଷ୍ଟ୍ର ନହେବା ପର୍ଯ୍ୟନ୍ତ ସେ ଥକିବେ ନାହିଁ କିମ୍ବା ଅଟକିବେ ନାହିଁ ବୋଲି କହିଛନ୍ତି। ପ୍ରାୟ ୫୦ ମିନିଟ୍‌ର ଭାଷଣରେ ମୋଦୀ 'ଆମେ କରିବୁ, ଆମେ କରି ଦେଖାଇବୁ' ବାର୍ତ୍ତାକୁ ୧୯ ଥର ଉଚ୍ଚାରଣ କରିଥିଲେ। ସେ କହିଥିଲେ, 'ମୁଁ ଆକାଂକ୍ଷା ପାଇଁ ନୁହେଁ, ଏକ ଲକ୍ଷ୍ୟ ନେଇ ବଞ୍ଚୁଛି।' ଗତ ୨୫ ବର୍ଷକୁ ମନେ ପକାଇ ସେ ସଫଳତା ଅପେକ୍ଷା କୃତଜ୍ଞତା ଅଧିକ ଅନୁଭବ କରୁଥିବା କହିଥିଲେ। ଜୀବନର ପ୍ରତ୍ୟେକ ଘଟଣା ତାଙ୍କୁ କିଛି ନା କିଛି ଶିଖାଇଛି ଏବଂ ବିନମ୍ର ରହିବାକୁ ପ୍ରେରଣା ଦେଇଛି ବୋଲି ସେ କହିଥିଲେ। ଭାରତକୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ କରିବା ଉପରେ ମୋଦୀ ଗୁରୁତ୍ୱ ଦେଇଥିଲେ। ପ୍ରଯୁକ୍ତି, କ୍ରୀଡ଼ା ଓ ଶିଳ୍ପ କ୍ଷେତ୍ରରେ ଭାରତୀୟ ପତାକା ଉଚ୍ଚରେ ଉଡ଼ିବା ଆବଶ୍ୟକ ବୋଲି ସେ କହିଥିଲେ। ଦେଶରେ ନିର୍ମିତ ବିମାନ ଦିନେ ବିଶ୍ୱସ୍ତରରେ ଚର୍ଚ୍ଚାର ବିଷୟ ହେବ ବୋଲି ମଧ୍ୟ ସେ ଆଶା ପ୍ରକାଶ କରିଥିଲେ। 'ଏହା ବିଶ୍ରାମ ନେବାର ସମୟ ନୁହେଁ, ଦୂରଦୃଷ୍ଟି ସହ ଆଗକୁ ବଢ଼ିବାର ସମୟ। ଦେଶ ପାଇଁ ନିଜକୁ ସମର୍ପିତ କରିବାର ସମୟ' ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦେଶର ଯୁବପିଢ଼ିଙ୍କ ପାଇଁ ଇତିହାସ ଏକ ବଡ଼ ସୁଯୋଗ ଦେଇଛି ଏବଂ ଏହାକୁ ହାତଛଡ଼ା ନକରିବାକୁ ସେ ଆହ୍ୱାନ ଦେଇଥିଲେ। ପୁରାତନ ଭାରତର ଗୌରବକୁ ପୁନରୁଦ୍ଧାର କରିବାର ସଂକଳ୍ପ ପ୍ରତ୍ୟେକ ଭାରତୀୟଙ୍କ ମନରେ ରହିବା ଆବଶ୍ୟକ ବୋଲି ମୋଦୀ କହିଥିଲେ। ଦେଶ ଅତୀତରେ ଦୁର୍ଭିକ୍ଷ, ବିପର୍ଯ୍ୟୟ ଓ ଦାସତ୍ୱ ଭଳି ଅନେକ ସଙ୍କଟ ଦେଇ ଗତି କରିଥିଲେ ମଧ୍ୟ ଭାରତୀୟଙ୍କ ସାହସ କେବେ ଭାଙ୍ଗିନଥିଲା ବୋଲି ସେ କହିଥିଲେ।

ଆଜି ଇଣ୍ଡିଆ ମେଣ୍ଟର 'ଓଡ଼ିଶା ବନ୍ଦ'

■ ଭୁବନେଶ୍ୱର, ୭।୧୦ (ସମିସ): ସିଇସିଙ୍କ ଇସ୍ତଫା, ଖଣି ଆଇନ ରଦ୍ଦ, ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆସନ୍ତାକାଲି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ କରିବ ଇଣ୍ଡିଆ ମେଣ୍ଟ। ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଓ ଶୃଙ୍ଖଳିତ ଭାବେ ସଫଳ କରିବାକୁ ଇଣ୍ଡିଆ ମେଣ୍ଟ ଲୋକଙ୍କୁ ଆହ୍ୱାନ ଦେଇଥିବା ବେଳେ ବନ୍ଦ ବେଳେ ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଘରୋଇ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସାଧାରଣ ବ୍ୟବସାୟିକ କାର୍ଯ୍ୟକଳାପ ବନ୍ଦ ରଖିବା ପାଇଁ ଅନୁରୋଧ କରାଯାଇଛି। ସେହିପରି ସରକାରୀ ଓ ବେସରକାରୀ ଅଫିସ୍, ଶିକ୍ଷାନୁଷ୍ଠାନ, ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନର ସାଧାରଣ କାର୍ଯ୍ୟକଳାପ ବନ୍ଦ ପାଇଁ ଗଣତାନ୍ତ୍ରିକ ଭାବେ ପ୍ରଚାର ଓ ପିକେଟିଂ କରାଯିବ। ବସ୍, ଅଟୋ, ଟ୍ରକ୍ ଓ ଅନ୍ୟାନ୍ୟ ସାଧାରଣ/ବାଣିଜ୍ୟିକ ଯାତାୟାତ ବନ୍ଦ ରଖିବା ପାଇଁ ମଧ୍ୟ ଦଳ ଅନୁରୋଧ କରିଛି। ବନ୍ଦ ସମୟରେ ରାସ୍ତାରେ ଶାନ୍ତିପୂର୍ଣ୍ଣ ପିକେଟିଂ, ଧାରଣା ଓ ପ୍ରତିବାଦ କରାଯିବ। ତେବେ ବନ୍ଦ ସମୟରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବାକୁ ବାଦ ଦିଆଯାଇଛି। ସ୍ୱାସ୍ଥ୍ୟାନୁଷ୍ଠାନ, ରକ୍ତ ଭଣ୍ଡାର, ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନୁମତି ▶ପୃଷ୍ଠା-୧୦

ସମର୍ଥନ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ

ଜରୁରୀ ସେବାରେ ଦିଆଯିବ ନାହିଁ ବାଧା

ଜିଲ୍ଲାପାଳଙ୍କୁ ସତର୍କ କଲା ଗୃହ ବିଭାଗ

ଏସ୍‌ଇବିସି କମିଶନ ଗଠିତ

■ ଭୁବନେଶ୍ୱର, ୭।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ (ପଞ୍ଚାୟତ ଓ ପୌରାଞ୍ଚଳ) ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗର ଲୋକ (ଏସଇବିସି) ଙ୍କ ସଂଖ୍ୟା, ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ସବୁ ସଂସ୍ଥାରେ ସେମାନେ ରାଜନୈତିକ ଭାବେ କେତେ ପଛୁଆ ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଶନ ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ▶ପୃଷ୍ଠା-୧୦

ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ପ୍ରମଥ ପଟ୍ଟନାୟକ ଅଧ୍ୟକ୍ଷ

ଅନୁଧ୍ୟାନ ହେବ ଏସଇବିସି ଅନୁପାତ, ରାଜନୈତିକ ପ୍ରତିନିଧିତ୍ୱ

କାଠଯୋଡ଼ି ନଦୀକୂଳରେ ଯୁବତୀଙ୍କୁ ନିର୍ମମ ହତ୍ୟା

■ କଟକ, ୭।୧୦ (ସମିସ): ପାର୍ବଣ ପୂର୍ବରୁ ସହରରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। କାଠଯୋଡ଼ି ନଦୀକୂଳରେ ଜଣେ ଯୁବତୀଙ୍କୁ ଅତି ଅମାନବୀୟ ଭାବେ ହତ୍ୟା କରାଯାଇଛି। ହତ୍ୟା ପରେ ପରିଚୟ ଲୁଚାଇବା ପାଇଁ ଦୁର୍ବୃତ୍ତମାନେ ଯୁବତୀଙ୍କ ଆଖି ଦୁଇଟି ତାଡ଼ି ଦେବା ସହ

ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

ପଥରରେ ମୁହଁକୁ ବିକୃତ କରିଦେଇଛନ୍ତି। ଏପରିକି ମୁଣ୍ଡରେ ଥିବା ଚୁଟିକୁ ମଧ୍ୟ ଅଧା କାଟି ଦିଆଯାଇଛି। ବାଦାମବାଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ ଯୁବତୀଙ୍କ ପରିଚୟ ଜାଣିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି।

ସୂଚନା ଅନୁଯାୟୀ, ଖାନନଗର ମଲାଚଣ୍ଡିଆ ଛକରୁ ସିଟି କଲେଜ ଯିବା ରାସ୍ତାର ବାମପଟେ ଥିବା ଜଳେଶ୍ୱର ଗଡ଼ା ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ କିଛି ସ୍ଥାନୀୟ ଯୁବକ କାଠଯୋଡ଼ି ନଦୀକୁ ଯାଇଥିଲେ। ଫେରିବା ବେଳେ ନଦୀକୂଳରେ ଥିବା ଜଙ୍ଗଲିଆ ସ୍ଥାନରେ ଜଣେ ଯୁବତୀଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ବେଳେ ଯୁବତୀଙ୍କୁ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ପ୍ରାୟ ୫୦ ମିଟର ଦୂରରେ ଯୁବତୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଘୋଷାଡ଼ି ଆଣି ନଦୀକୂଳରେ ଫିଙ୍ଗି ଦିଆଯାଇଥିବା ଚିହ୍ନ ମିଳିଛି। ଘାସ ଓ ମାଟି ଉପରେ ଥିବା ଘୋଷାଡ଼ିବାର ଦାଗରୁ ଏହା ସ୍ପଷ୍ଟ ହେଉଛି। ଘଟଣାସ୍ଥଳରୁ ଏକ ପ୍ଲାଷ୍ଟିକ୍ ମସିଣା, ଏକ କଢେଇ, ▶ପୃଷ୍ଠା-୧୦

ଓଲଟ ପାଲଟ

ଜୟ ଶ୍ରୀରାମ ଜୟ ଶ୍ରୀରାମ
ଭାରତେ ପଡ଼ିଲା ହୁରି,
ଗେରୁଆ ଦଳଟି ନାଆଁ ନେଇଗଲା
ଶ୍ରୀରାମ ମନ୍ଦିର କରି।
ଶ୍ରଦ୍ଧାଳୁଙ୍କ ମନୋସ୍କାମନା ପୂରଣ
ଦେଉଛନ୍ତି ଦାନ ଭରି,
ସବୁ ମନ୍ଦିରରେ ଦାନ ବ୍ୟାଙ୍କ ଚୋରି
ନାହିଁକେ ହାରି ଗୁହାରି।।

- ଯାଯାବର

ଛାତ୍ର ନିର୍ବାଚନ ପୂର୍ବରୁ ରାଜେନ୍ଦ୍ର କ୍ୟାମ୍ପସ୍‌ରେ ଉତ୍ତେଜନା

ବିଜେଡି-ବିଜେପି ଛାତ୍ରନେତା ମୁହାଁମୁହିଁ

■ ବଲାଙ୍ଗିର, ୭।୧୦ (ସମିସ): ଛାତ୍ର ସଂଘ ନିର୍ବାଚନକୁ ନେଇ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଛି। ନିର୍ବାଚନ ପୂର୍ବରୁ ବିଜୁ ଛାତ୍ର ଜନତା ଦଳ ଓ ବିଜେପି ସମର୍ଥିତ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ବଲାଙ୍ଗିର ଛାତ୍ର ବିଜେଡ଼ି ସଭାପତି ସୁମନ ନନ୍ଦଙ୍କୁ ଲକ୍ଷ୍ମୀଯୋର ଥାନାରେ ଅଟକ ରଖାଯାଇଥିବାବେଳେ ଏହାକୁ ନେଇ ଥାନାରେ ପ୍ରତିବାଦ କରିବା ପରେ ତାଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଛାତ୍ର ନିର୍ବାଚନକୁ ନେଇ ବିଭିନ୍ନ ଛାତ୍ର ସଂଗଠନର ତତ୍ପରତା ବଢ଼ିଛି। କ୍ୟାମ୍ପସରେ ନିଜ ସମର୍ଥନ ବଢ଼ାଇବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଚାର ଓ ଆଲୋଚନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଛାତ୍ର ବିଜେଡ଼ି ଓ ବିଜେପି ସମର୍ଥିତ ଛାତ୍ର ନେତାଙ୍କ ମଧ୍ୟରେ କୌଣସି ଏକ ଘଟଣାକୁ କେନ୍ଦ୍ର କରି ମୁହାଁମୁହିଁ ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଘଟଣା ପରେ ପରିସ୍ଥିତି ଯେପରି ଅଧିକ ଉତ୍ତେଜନାମୂଳକ ନହୁଏ, ସେଥିପାଇଁ ପୁଲିସ ହସ୍ତକ୍ଷେପ କରିଥିଲା। ଛାତ୍ର ବିଜେଡ଼ି ବଲାଙ୍ଗିର ଜିଲ୍ଲା ସଭାପତି ସୁମନ ନନ୍ଦଙ୍କୁ ଲକ୍ଷ୍ମୀଯୋର ଥାନାକୁ ନେଇ ଅଟକ ରଖାଯାଇଥିବା ସୂଚନା ମିଳିଛି। ତେବେ ତାଙ୍କୁ କେଉଁ ଅଭିଯୋଗ ଆଧାରରେ ଅଟକ ରଖାଯାଇଛି, ଏନେଇ ପୁଲିସ ପକ୍ଷରୁ ସ୍ପଷ୍ଟ ସୂଚନା ନମିଳିବା ଓ ଜାଣିଶୁଣି ▶ପୃଷ୍ଠା-୧୦

ଲକ୍ଷ୍ମୀଜୋର ଥାନାରେ ବିଜୁ ଛାତ୍ର ଜନତା ଦଳ ସଭାପତି ସୁମନ ନନ୍ଦ ଅଟକ

ବେଆଇନ ବାଲି ଉତ୍ତୋଳନ ମାମଲା

ମୁଖ୍ୟ ସଚିବ ଓ ୮ ଅଧିକାରୀଙ୍କୁ ୨ ଲକ୍ଷ ଜରିମାନା

■ ଭୁବନେଶ୍ୱର, ୭।୧୦ (ସମିସ): ଅନୁଗୋଳ ଜିଲ୍ଲାରେ ହେଉଥିବା ବେଆଇନ ବାଲି ଉତ୍ତୋଳନ ମାମଲାରେ ବାରମ୍ବାର କୋର୍ଟରେ ହାଜର ନହେବା ଓ ଅବହେଳା ପ୍ରଦର୍ଶନ କରିବା ଯୋଗୁଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)। ଖାଲି କ୍ଷୋଭ ପ୍ରକାଶ କରିନାହାନ୍ତି, ବରଂ ବାରମ୍ବାର ନୋଟିସ ସତ୍ତ୍ୱେ ଜବାବ ରଖିନଥିବାରୁ ମୁଖ୍ୟ ଶାସନ ସଚିବଙ୍କ ସମେତ ମୋଟ ୮ ଜଣ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପରେ ଏନଜିଟି ମୋଟ ୨ ଲକ୍ଷ ଟଙ୍କାର ଜରିମାନା ଲଗାଇଛି। ପ୍ରତ୍ୟେକ ଅଧିକାରୀଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲର ପୂର୍ବ ଜୋନ ବେଞ୍ଚର ଜଷ୍ଟିସ ଅରୁଣ କୁମାର ତ୍ୟାଗୀ, ବିଶେଷଜ୍ଞ ସଦସ୍ୟ ଏ. ସେନ୍‌ଠିଲ ଭେଲ ଓ ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି କଡ଼ା ଆଦେଶ ଶୁଣାଇଛନ୍ତି। ଜରିମାନାର ସମ୍ମୁଖୀନ ହୋଇଥିବା ଅଧିକାରୀମାନଙ୍କ ମଧ୍ୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଖଣି ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ (ତାଳଚେର ସର୍କଲ), ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ), ତାଳଚେର ଓ ପାଲଲହଡ଼ା ତହସିଲଦାର, ଅନୁଗୁଳ ଏସ୍‌ପି ଓ ତାଳଚେର ଥାନା ଆଇଆଇସି ସାମିଲ ଅଛନ୍ତି।

ସୂଚନା ଅନୁସାରେ, ତାଳଚେର ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ନିଜଗଡ଼ ଶାସନ ବାଲି ସୈରାତ (ଗୋପୀନାଥପୁର ବାଲି ଖାଦାନ)ରୁ ନିର୍ଦ୍ଧାରିତ ସୀମା ବାହାରେ ଅତ୍ୟଧିକ ଏବଂ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ତାଳଚେରର ଏକ ▶ପୃଷ୍ଠା-୧୦

ବିଶେଷ ଟିପ୍ପଣୀ



ଆଜିର ଦିଲ୍ଲୀ ୧୯୪୨ର କଥା ମନେପକାଇ ଦେଉଛି । ସେବେ ମଧ୍ୟ କଂଗ୍ରେସ ନେତୃତ୍ୱକୁ ଗିରଫ କରାଯାଇଥିଲା । ମାତ୍ର ସଂଘର୍ଷ ଅଟକି ପାରି ନ ଥିଲା । ଆଜି କଂଗ୍ରେସ ପୁଣିଥରେ ରାସ୍ତାକୁ ଓହ୍ଲାଇଛି । ସରକାର ପୁଲିସ ସାହାଯ୍ୟରେ ବିକ୍ଷୋଭକୁ କିଛି ସମୟ ପାଇଁ ଚାପି ଦେଇ ପାରନ୍ତି, କିନ୍ତୁ ଗଣତନ୍ତ୍ର ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକୁ କେବେବି ଅଟକା ଯାଇପାରିବ ନାହିଁ ।

-ଅଧିର ରଞ୍ଜନ ଚୌଧୁରୀ (କଂଗ୍ରେସ ବରିଷ୍ଠ ନେତା)

ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିମନ୍ତ୍ରଣରେ ଇଣ୍ଡିଆ ମେଣ୍ଟ ସାଂସଦମାନେ ଭୋଜନ କରିବାକୁ ଯାଇଥିବା ଅବସ୍ଥାରେ ଦିଲ୍ଲୀ ପୁଲିସ ରେଷ୍ଟୁରାଣ୍ଟକୁ ଯେପରି ଘେରି ରଖିଲା ତାହା ସରକାରଙ୍କ ଲାଠି-ଶାସନ ଦ୍ୱାରା ଗଣତନ୍ତ୍ରର ଦମନର ପ୍ରତ୍ୟକ୍ଷ ନିଦର୍ଶନ । ଏହି କାର୍ଯ୍ୟ ସରକାରର ପତନର ଆରମ୍ଭ ମାତ୍ର ।

-କହ୍ନୈୟା କୁମାର (ଅଖିଳ ଭାରତ କଂଗ୍ରେସ କମିଟି ପ୍ରଭାରୀ)

ଜେନ୍ Z

ଯନ୍ତରମନ୍ତର ପ୍ରତିବାଦ ସ୍ଥଳ ହେବା ସତ୍ତ୍ୱେ ସରକାର ସେଠାରେ ଲୋକମାନଙ୍କୁ ପ୍ରତିବାଦ କରିବାକୁ ଅନୁମତି ଦେଉ ନାହାନ୍ତି । ଏହାଦ୍ୱାରା ସରକାର କେବଳ ସମଗ୍ର ଦିଲ୍ଲୀ ସହରକୁ ଯନ୍ତରମନ୍ତରରେ ପରିଣତ ହେବାକୁ ବାଟ ଫିଟାଉଛନ୍ତି । -ନେହା ବୋରା (ଏଆଇଏସ୍ଏ ସଭାପତି)

ବିରୋଧୀ ସାଂସଦମାନଙ୍କୁ ନେଇ ଯାଉଥିବା ବସ୍‌କୁ ଯନ୍ତରମନ୍ତର ନିକଟରେ ଅଟକାଇଛି ପୁଲିସ

ବିକ୍ଷୋଭବେଳେ ରାସ୍ତା ଉପରେ ଶୋଇ ପ୍ରତିବାଦ କରୁଛନ୍ତି ପ୍ରିୟଙ୍କା

ଚେତାବନୀ ଶୁଣାଇଲା କକ୍ରୋଚ୍ ପାର୍ଟି

ଦୀର୍ଘ ଦିନ ଧରି ଆନ୍ଦୋଳନ ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ,୭।୧୦(ଏଜେନ୍ସି): ନିର୍ବାଚନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଏବଂ ମୁଖ୍ୟ ନିର୍ବାଚନ କମିସନ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ଓ ପ୍ରମୁଖ ଛାତ୍ର ସଂଗଠନଗୁଡ଼ିକ ଆସନ୍ତା ଅକ୍ଟୋବର ୧୦ରେ ନୂଆଦିଲ୍ଲୀରେ ଏକ ବିଶାଳ ଗଣପ୍ରତିବାଦ ପାଇଁ ଆହ୍ୱାନ ଦେଇଛନ୍ତି । ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବୁଧବାର ଅନୁଷ୍ଠିତ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ଛାତ୍ର ନେତାମାନେ ଘୋଷଣା କରିଛନ୍ତି । ଏହି ସମ୍ମିଳନୀରେ ସିଜେପି ସମେତ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସ୍ଏ), ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେସନ୍ (ଏଆଇଏସ୍ଏଫ୍), ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ) ଏବଂ ଆମ୍ ଆଦ୍‌ମୀ ପାର୍ଟିର ଛାତ୍ର ପକ୍ଷ (ଏଏସ୍ଏପି)ର ପ୍ରତିନିଧିମାନେ ସାମିଲ ହୋଇଥିଲେ । ସିଜେପି ସହ-ଆବାହକ ସୌରଭ ଦାସ କହିଛନ୍ତି ଯେ ଜ୍ଞାନେଶ କୁମାର ଇସ୍ତଫା ଦେଲେ ମଧ୍ୟ ଆନ୍ଦୋଳନ ବନ୍ଦ ହେବ ନାହିଁ । ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବାର ଆବଶ୍ୟକତା ରହିଛି । ଏହି ଅବସରରେ ସେ ଆନ୍ଦୋଳନକାରୀଙ୍କ ପ୍ରମୁଖ ଦାବିଗୁଡ଼ିକ ଉପସ୍ଥାପିତ କରିଥିଲେ । ସେଗୁଡ଼ିକ ମଧ୍ୟରେ ରହିଛି ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ, ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ରଦ୍ଦ ଏବଂ ଆଗାମୀ ନିର୍ବାଚନ ସ୍ଥଗିତ ରଖିବା । ଏହାସହ ଜାନୁଆରୀ ୨୦୨୫ର ଭୋଟର ତାଲିକା ପୁନରୁଦ୍ଧାର କରି ଏକ ସ୍ୱାଧୀନ ତଦନ୍ତ ନିର୍ଦ୍ଦେଶ ଦେବା । ୨୦୨୩ର ନିର୍ବାଚନ ଆୟୋଗ ନିଯୁକ୍ତି ଆଇନ ରଦ୍ଦ କରି ଏକ ସ୍ୱାଧୀନ ଓ ଗ୍ରହଣଯୋଗ୍ୟ ମନୋନୟନ ପ୍ରକ୍ରିୟା କାର୍ଯ୍ୟକାରୀ କରିବା । ଏଆଇଏସ୍ଏ ସଭାପତି ନେହା ବୋରା କହିଛନ୍ତି ଯେ ଏହି ଲଢେଇରେ ବିରୋଧୀ ଇଣ୍ଡିଆ ମେଣ୍ଟର ସାଂସଦ, ସାଧାରଣ ଜନତା, ନାଗରିକ ସମାଜ ଓ ଛାତ୍ର ସଂଗଠନଗୁଡ଼ିକ ଏକଜୁଟ ଅଛନ୍ତି । ଏଥିସହିତ ପୁଲିସ ଅନୁମତି ସମ୍ପର୍କରେ ସୌରଭ ଦାସ ସ୍ପଷ୍ଟ କରିଛନ୍ତି ଯେ ଗଣତାନ୍ତ୍ରିକ ପ୍ରତିବାଦ ପାଇଁ ପୁଲିସର ଅନୁମତି ଅନାବଶ୍ୟକ । ସେମାନେ କେବଳ ଦିଲ୍ଲୀ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଲିଖିତ ସୂଚନା ଦେଇଛନ୍ତି । ଜନସାଧାରଣଙ୍କୁ ଅକ୍ଟୋବର ୧୦ରେ ଦିଲ୍ଲୀ ପହଞ୍ଚି ଏକ ବିଶାଳ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଛି ।

'ପ୍ରତିଟି ଏଫ୍ଆଇଆର୍ ମୋ ପାଇଁ ପଦକ'

ଏବେ ୪୫; ଲକ୍ଷ୍ୟ ୧୦୦: ରାହୁଲ

ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ନିର୍ବାଚନ କମିସନ ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନକୁ ନେଇ ବିରୋଧୀଙ୍କ ଆନ୍ଦୋଳନ ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ବିରୋଧରେ ରୁଜୁ ଏ ଫ୍ ଆ ଇ ଆ ର୍ କୁ ନେଇ ମନ୍ତବ୍ୟ ଦେଇଛନ୍ତି । ତାଙ୍କ ବିରୋଧରେ ବର୍ତ୍ତମାନ ୪୫ଟି ଏଫ୍ଆଇଆର୍ ରହିଛି ଏବଂ ପ୍ରତିଟି ଏଫ୍ଆଇଆର୍ ତାଙ୍କ ପାଇଁ 'ପଦକ' ବୋଲି କହିଛନ୍ତି । ରାହୁଲ କହିଥିଲେ, ଏଫ୍ଆଇଆର୍‌କୁ ନେଇ ସେ ଚିନ୍ତିତ ନୁହନ୍ତି । ଆଗକୁ ଆହୁରି ଏଫ୍ଆଇଆର୍ ହେଲେ ମଧ୍ୟ ସେ ସ୍ୱାଗତ କରିବେ ଏବଂ ଏହି ସଂଖ୍ୟା ୧୦୦ରେ ପହଞ୍ଚୁ ବୋଲି ସେ ଚାହୁଁଥିବା କହିଥିଲେ । ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ବିରୋଧୀ ଦ ଳ ଗୁ ଡ଼ି କ ଏକଜୁଟ ଥିବା କହିଥିଲେ । ଲୋକଙ୍କ ଅଧିକାର ସୁରକ୍ଷା ପାଇଁ ବିରୋଧୀ ଦଳ ଲଢେଇ ଜାରି ରଖିବ ବୋଲି ସେ କହିଥିଲେ । ସରକାର ଯେତେ ମାମଲା ରୁଜୁ କଲେ ମଧ୍ୟ ବିରୋଧୀ ଦଳ ଭୟଭୀତ ହେବ ନାହିଁ ବୋଲି ଖଡ଼ଗେ କହିଥିଲେ ।

ଶରୀରସାରା ଆଞ୍ଚୁଡ଼ି ପକାଇଛି ପୁଲିସ: ପ୍ରିୟଙ୍କା

ନୂଆଦିଲ୍ଲୀ,୭।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟର ବିକ୍ଷୋଭ ପ୍ରଦର୍ଶନ ବେଳେ ନୂଆଦିଲ୍ଲୀରେ ନାଟକୀୟ ସ୍ଥିତି ସୃଷ୍ଟି ହୋଇଛି । ପ୍ରତିବାଦ ସ୍ଥଳ ଯନ୍ତରମନ୍ତରକୁ ଯିବା ବାଟରେ ପୁଲିସ ଆଶୋକା ରୋଡ଼ଠାରେ ସାଂସଦମାନଙ୍କୁ ଅଟକାଇଛି । ଫଳରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅନ୍ୟ ମହିଳା ନେତ୍ରୀମାନଙ୍କ ସହ ରାସ୍ତା ଉପରେ ଶୋଇ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୁଲିସ ସେମାନଙ୍କୁ ରାସ୍ତା ଉପରୁ ଘୋଷାଡ଼ି ନେଇଥିଲା । ପ୍ରିୟଙ୍କା କଡ଼ା ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ନିର୍ବାଚନ ଆୟୁକ୍ତଙ୍କୁ ଭେଟିବାକୁ ଚାହୁଁଥିବା ସାଂସଦମାନଙ୍କ ସହ ପୁଲିସ ବର୍ବର ବ୍ୟବହାର କରୁଛି । ସାଂସଦମାନଙ୍କୁ ମାଡ଼ ମରାଯାଉଛି । ମହିଳା ପୁଲିସ କର୍ମଚାରୀମାନେ ତାଙ୍କୁ ତଳେ ଫିଙ୍ଗି ଦେଇଥିଲେ ଏବଂ ଶରୀରସାରା ଆଞ୍ଚୁଡ଼ି ପକାଇଥିଲେ । ସାଂସଦମାନଙ୍କ ପ୍ରତି ଏହା ହେଉଛି ପୁଲିସର ବ୍ୟବହାର । ଏହାସତ୍ତ୍ୱେ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ ।

ରୁଷ୍‌ର ଭୟଙ୍କର ଆକ୍ରମଣ; ୟୁକ୍ରେନରେ ୧୯ ମୃତ

କିଭ୍,୭ ।୧୦(ଏଜେନ୍ସି): ୟୁକ୍ରେନ ଉପରେ ରୁଷ୍‌ର ଭୟଙ୍କର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ଅନ୍ତତଃ ୧୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଥିବା ୟୁକ୍ରେନ୍ କର୍ତ୍ତୃପକ୍ଷ କହିଛନ୍ତି । କିଭ୍ ସମେତ ଦେଶର ଅନ୍ତତଃ ୧୨ଟି ଅଞ୍ଚଳରେ ରାତିସାରା ଆକ୍ରମଣ ହୋଇଥିବାବେଳେ ପ୍ରାୟ ୬୦ ଜଣ ଆହତ ହୋଇଛନ୍ତି । ୟୁକ୍ରେନ ରାଷ୍ଟ୍ରପତି ଭଲୋଦିମିର ଜେଲେନସ୍କି ଗୋଟିଏ ଦିନ ପୂର୍ବରୁ ରୁଷ୍ ଏକ 'ବୃହତ୍' ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା ନେଇ ଚେତାବନୀ ଦେଇଥିଲେ । ତଥାପି ଆକ୍ରମଣକୁ ସମ୍ପୂର୍ଣ୍ଣ ରୋକିବା ୟୁକ୍ରେନ୍ ପାଇଁ ସମ୍ଭବ ହୋଇନଥିଲା । ଉତ୍ତର ଚେର୍ନିହିଭ୍ ଅଞ୍ଚଳର ପ୍ରିଲୁକିରେ ଏକ ଆବାସିକ କୋଠା ଧ୍ୱଂସ ହୋଇ ୧୩ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ୪ ଶିଶୁ ଥିବା ୟୁକ୍ରେନ୍ ଗୃହମନ୍ତ୍ରୀ କହିଛନ୍ତି । କ୍ରେମେନଚୁକ୍‌ରେ ମଧ୍ୟ ୨ ଜଣ ମୃତ ଓ ୭ ଜଣ ଆହତ ହୋଇଛନ୍ତି । ଜେଲେନସ୍କି କହିଛନ୍ତି, ରୁଷ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବେ ୟୁକ୍ରେନ ପାଇଁ ସବୁଠାରୁ ବଡ଼ ଆହ୍ୱାନ ।

ମିଥୁନ ପଶ୍ଚିମବଙ୍ଗ ସରକାରଙ୍କ ଉପଦେଷ୍ଟା ଭାବେ ନିଯୁକ୍ତ

କୋଲକାତା,୭।୧୦(ଏଜେନ୍ସି): ବରିଷ୍ଠ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଛି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାରରେ ସେ ସୂଚନା ଓ ସଂସ୍କୃତି ବିଭାଗରେ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ହାସଲ କରିବେ । କିମ୍ବଦନ୍ତୀ ନାୟକ ଉତ୍ତମ କୁମାରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଅଧିକାରୀ ଏହି ଘୋଷଣା କରିଛନ୍ତି । ରାଜ୍ୟର ସାଂସ୍କୃତିକ ଓ ଚଳଚ୍ଚିତ୍ର କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ୨୦୨୬ ବିଧାନସଭା ନିର୍ବାଚନରେ ବିଜେପିର ପ୍ରମୁଖ ପ୍ରଚାରକ ଭାବେ ମିଥୁନ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ରାଜ୍ୟରେ ବିଜେପି ସରକାର ନିଜର ପ୍ରଥମ ୧୫୦ ଦିନ ପୂରଣ କରୁଥିବା ବେଳେ ଏହି ନିଯୁକ୍ତି ପ୍ରଶାସନିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସରକାରୀ ଯୋଜନା ଅନୁଯାୟୀ, କୋଲକାତାର ନ୍ୟୁଟାଉନଠାରେ 'ଉତ୍ତମ କୁମାର ଫିଲ୍ମ ସେଣ୍ଟର'ର ଶିଳାନ୍ୟାସ କରାଯାଇଛି । ଏହା ଆଧୁନିକ ଚଳଚ୍ଚିତ୍ର ନିର୍ମାଣ ସୁବିଧା ଯୋଗାଇଦେବ । ଚଳଚ୍ଚିତ୍ର ଜଗତରେ ଦୀର୍ଘ ଦିନର ଅନୁଭବ ଥିବାରୁ ମିଥୁନଙ୍କ ନିଯୁକ୍ତି ରାଜ୍ୟର ସାଂସ୍କୃତିକ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ଆଶା କରାଯାଉଛି ।



'ୱେଷ୍ଟ ବେଙ୍ଗଲ' ହେବ ପଶ୍ଚିମ୍ ବଙ୍ଗ

ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନାମ 'ୱେଷ୍ଟ ବେଙ୍ଗଲ'ରୁ 'ପଶ୍ଚିମ ବଙ୍ଗ' କରିବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ବିଧାନସଭାରେ ବିଲ୍ ଆଣିବ ବୋଲି ରାଜ୍ୟ ବିଜେପି ସଭାପତି ଶମୀକ ଭଟ୍ଟାଚାର୍ଯ୍ୟ କହିଛନ୍ତି । ଆଗାମୀ ଅଧିବେଶନରେ, ସମ୍ଭବତଃ ପ୍ରଥମ ପର୍ଯ୍ୟାୟରେ ଏହି ବିଲ୍ ଉପସ୍ଥାପିତ ହୋଇପାରେ ବୋଲି ସେ କହିଛନ୍ତି । ଭଟ୍ଟାଚାର୍ଯ୍ୟଙ୍କ କହିବାନୁସାରେ, ରାଜ୍ୟର ନାମ ତାହାର ଇତିହାସ ଓ ପରିଚୟ ସହ ଅବିଚ୍ଛିନ୍ନ ଭାବେ ଜଡ଼ିତ ରହିବା ଉଚିତ । ତେଣୁ 'ୱେଷ୍ଟ ବେଙ୍ଗଲ' କିମ୍ବା ପୂର୍ବରୁ ପ୍ରସ୍ତାବିତ 'ବାଙ୍ଗ୍ଲା' ପରିବର୍ତ୍ତେ 'ପଶ୍ଚିମ ବଙ୍ଗ' ନାମ ରଖିବାକୁ ସରକାର ଆଗକୁ ବଢୁଛି । ରାଜ୍ୟର ନାମ ପରିବର୍ତ୍ତନ ପ୍ରସଙ୍ଗ ନୂଆ ନୁହେଁ । ୧୯୯୯ରେ ବାମ ମୋର୍ଚ୍ଚା ସରକାର 'ପଶ୍ଚିମ ବଙ୍ଗ' ନାମ ପ୍ରସ୍ତାବ କରିଥିଲା । ୨୦୧୧ରେ ତୃଣମୂଳ କଂଗ୍ରେସ ସରକାର ମଧ୍ୟ ଏହି ନାମକୁ ନେଇ ପ୍ରସ୍ତାବ ଦେଇଥିଲା । ପରେ ୨୦୧୬ରେ 'ବାଙ୍ଗ୍ଲା', 'ବେଙ୍ଗଲ' ଓ 'ବାଙ୍ଗାଲ' ଭଳି ନାମ ନେଇ ଆଲୋଚନା ହୋଇଥିଲା । ୨୦୧୮ରେ ବିଧାନସଭା 'ବାଙ୍ଗ୍ଲା' ନାମ ପାଇଁ ପ୍ରସ୍ତାବ ପାରିତ କରି କେନ୍ଦ୍ରକୁ ପଠାଇଥିଲା । ତେବେ ଏହାକୁ କେନ୍ଦ୍ରର ଅନୁମୋଦନ ମିଳି ନ ଥିଲା । ରାଜ୍ୟର ନାମ ଆଇନଗତ ଭାବେ ବଦଳାଇବା ପାଇଁ କେବଳ ବିଧାନସଭାରେ ବିଲ୍ ପାରିତ ହେବା ଯଥେଷ୍ଟ ନୁହେଁ । ଏଥିପାଇଁ କେନ୍ଦ୍ର ସରକାର ଓ ସଂସଦର ଅନୁମୋଦନ ସହ ସାମ୍ବିଧାନିକ ପ୍ରକ୍ରିୟା ପୂରଣ କରିବାକୁ ପଡ଼ିବ ।

ବିରୋଧ ଭୟରେ ଜ୍ଞାନେଶଙ୍କ ଛତିଶଗଡ଼ ଗସ୍ତ ସ୍ଥଗିତ



ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଦୁଇଦିନିଆ ଛତିଶଗଡ଼ ଗସ୍ତ ସ୍ଥଗିତ ହୋଇଛି । 'ଅନିବାର୍ଯ୍ୟ କାରଣ' ଦର୍ଶାଇ ଅକ୍ଟୋବର ୭ ଓ ୮ ତାରିଖରେ ହେବାକୁ ଥିବା ଏହି ଗସ୍ତକୁ ସ୍ଥଗିତ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ନିର୍ବାଚନ କମିସନଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକର ଆନ୍ଦୋଳନ ତୀବ୍ର ହେବା, ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ସମୟରେ ଏହି ଗସ୍ତ ସ୍ଥଗିତ ହୋଇଛି । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଏବଂ ଫର୍ମ-୬ରେ ପରିବର୍ତ୍ତନକୁ ନେଇ ମଧ୍ୟ ନିର୍ବାଚନ କମିସନ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି । ପ୍ରସ୍ତାବିତ ଗସ୍ତ ସମୟରେ ଜ୍ଞାନେଶ କୁମାର ଦନ୍ତେୱାଡ଼ାର ଦନ୍ତେଶ୍ୱରୀ ମାତା ମନ୍ଦିର, ବସ୍ତରର ଚିତ୍ରକୋଟ ଜଳପ୍ରପାତ ଏବଂ କବୀରଧାମ ଜିଲ୍ଲାର ଭୋରମଦେଓ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା । ଛତିଶଗଡ଼ ସରକାର ତାଙ୍କୁ 'ରାଜ୍ୟ ଅତିଥି'ର ମାନ୍ୟତା ମଧ୍ୟ ଦେଇଥିଲେ । ରାୟପୁର ପ୍ରଶାସନ, ପୁଲିସ ଏବଂ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦର ପକ୍ଷରୁ ସ୍ୱାଗତ ଓ ସୁରକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅନୁସାରେ, ଗସ୍ତର ନୂଆ ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ନିର୍ବାଚନ କମିସନଙ୍କଠାରୁ ନୂଆ କାର୍ଯ୍ୟସୂଚୀ ମିଳିବା ପରେ ଏହା ପ୍ରକାଶ କରାଯିବ । ଏହା ପୂର୍ବରୁ ଉତ୍ତରପ୍ରଦେଶର ମିରଟ ଓ ବାରାଣସୀ ସମେତ ଲଦାଖ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ଗସ୍ତ ମଧ୍ୟ ଜ୍ଞାନେଶ କୁମାରଙ୍କ ସ୍ଥଗିତ ହୋଇଥିଲା । ଏହି ସମୟରେ ନିର୍ବାଚନ କମିସନଙ୍କ ବିରୋଧରେ ବିରୋଧୀଙ୍କ ଆନ୍ଦୋଳନ ଜୋରଦାର ହୋଇଛି । ମଙ୍ଗଳବାର ଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ ।

ଉପନିର୍ବାଚନରେ ଆତଙ୍କରାଜ, ରାଜନୀତି ଛାଡ଼ିବେ ହୁମାୟୁନ କବୀର

କୋଲକାତା,୭ ।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନୌଦା ବିଧାୟକ ତଥା ଅଲ୍ ଇଣ୍ଡିଆ ଜନ ଉନ୍ନୟନ ପାର୍ଟି (ଏଜେୟୁପି) ମୁଖ୍ୟ ହୁମାୟୁନ କବୀର ରାଜନୀତିରୁ ଅବସର ନେବେ ବୋଲି କହିଛନ୍ତି । ବୁଧବାର ସାମ୍ବାଦିକଙ୍କ ସହ କଥା ହେବାବେଳେ ଭାବପ୍ରବଣ ହୋଇପଡ଼ିଥିବା କବୀର କହିଛନ୍ତି ଯେ ସେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ସେ ବିଧାନସଭାକୁ ଯିବେ ନାହିଁ । ରେଜିନଗରରେ ମତଦାନ ପ୍ରକ୍ରିୟା ନିରପେକ୍ଷ ହୋଇନଥିବା କବୀର ଅଭିଯୋଗ କରିଛନ୍ତି । ମତଦାନ ସମୟରେ ପ୍ରଶାସନର ଭୂମିକା ଯୋଗୁଁ ମୁସଲିମ ବହୁଳ ଏହି ଆସନରେ ବିଜେପି ଜିତିବ ବୋଲି ସେ କହିଛନ୍ତି । ମଙ୍ଗଳବାର ମତଦାନ ପରେ ପୁଲିସ ସହ ବଚସାକୁ ନେଇ କବୀରଙ୍କୁ ଗିରଫ କରାଯାଇଥିଲା । ପ୍ରାୟ ୧୨ ଘଣ୍ଟା ପରେ ସେ ମୁକ୍ତ ହୋଇଥିଲେ । ରେଜିନଗରରେ କବୀରଙ୍କ ପୁଅ ଗୋଲାମ ନବୀ ଆଜାଦ ଏଜେୟୁପି ପ୍ରାର୍ଥୀ ଅଛନ୍ତି । କବିର ଏହି ଆସନ ଛାଡ଼ିବା ପରେ ପୁଅକୁ ପ୍ରାର୍ଥୀ କରାଇଥିଲେ । ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ନନ୍ଦିଗ୍ରାମ ଏବଂ ରେଜିନଗରରେ ଉପନିର୍ବାଚନ ବେଳେ ପୁଲିସ ସହାୟତାରେ ବିଜେପି କର୍ମୀ ଆତଙ୍କରାଜ ଚଳାଇଚନ୍ତି । ଲୋକମାନଙ୍କୁ ଭୋଟ କେନ୍ଦ୍ର ଭିତରକୁ ଯିବାକୁ ଦେଇନଥିଲେ । ଏପରିକି ଭୋଟର ଯିବା ପୂର୍ବରୁ ସେମାନଙ୍କ ପାଇଁ ମତଦାନ ହୋଇ ସାରିଥିଲା । ଉଭୟ ଆସନରେ ସାନି ମତଦାନ କରିବାକୁ ସେମାନେ ଦାବି କରିଛନ୍ତି ।

ରୁଷ୍-ୟୁକ୍ରେନ ଯୁଦ୍ଧ ଶେଷ ପାଇଁ ଭାରତର ଶାନ୍ତି ପ୍ରସ୍ତାବ

ଜୟଶଙ୍କର ଦେଲେ ତିନି ସୂତ୍ରୀ ପ୍ରସ୍ତାବ

କିଭ୍,୭ ।୧୦(ଏଜେନ୍ସି): ଦୀର୍ଘଦିନ ଧରି ଚାଲିଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ଯୁଦ୍ଧବିରତି ଆଣିବା ପାଇଁ ଭାରତ ତିନି ସୂତ୍ରୀ ପ୍ରସ୍ତାବ ଦେଇଛି । ଶକ୍ତି ଭିତ୍ତିଭୂମି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚା ଉପରେ ଆକ୍ରମଣ ବନ୍ଦ, କଳା ସାଗର ଦେଇ ଖାଦ୍ୟଶସ୍ୟ ଓ ଶକ୍ତି ସାମଗ୍ରୀର ନିରବଚ୍ଛିନ୍ନ ପରିବହନ ଏବଂ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ରୋକିବା ଏହି ପ୍ରସ୍ତାବର ମୁଖ୍ୟ ବିଷୟ ବୋଲି କୂଟନୈତିକ ସୂତ୍ରରୁ ଜଣାପଡ଼ିଛି । ଗତ ମାସରେ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ କିଭ୍ ଗସ୍ତ ସମୟରେ ଭାରତ ଏହି ପ୍ରସ୍ତାବ ୟୁକ୍ରେନ୍‌କୁ ଜଣାଇଥିବା କୁହାଯାଇଛି । ୟୁକ୍ରେନ୍‌ର ବିଦେଶମନ୍ତ୍ରୀ ଆନ୍ଦ୍ରି ସିବିହା ମଧ୍ୟ ଭାରତରୁ ଏଭଳି ପ୍ରସ୍ତାବ ମିଳିଥିବା ସ୍ପଷ୍ଟ କରିଛନ୍ତି । ତାଙ୍କ ଅନୁଯାୟୀ, ଯୁଦ୍ଧ ଶେଷ କରିବା ନେଇ ବିଭିନ୍ନ ଦେଶରୁ ମିଳିଥିବା ଚାରିଟି ପ୍ରସ୍ତାବ ମଧ୍ୟରେ ଭାରତର ପ୍ରସ୍ତାବ ବିସ୍ତୃତ । ୟୁକ୍ରେନ୍ କହିଛି, ଯୁଦ୍ଧବିରତି କେବଳ ସାମରିକ କାର୍ଯ୍ୟକଳାପ ବନ୍ଦରେ ସୀମିତ ନ ରହି ଶକ୍ତି ଓ ବନ୍ଦର ଭିତ୍ତିଭୂମି ଉପରେ ଆକ୍ରମଣ ଏବଂ କଳା ସାଗରର ପରିସ୍ଥିତିକୁ ମଧ୍ୟ ସାମିଲ କରିବା ଆବଶ୍ୟକ । ଭାରତର ପ୍ରସ୍ତାବ ତୁର୍କୀ ଓ ଇଜିପ୍ଟର ପ୍ରସ୍ତାବଠାରୁ କିଛିଟା ଭିନ୍ନ । ସେମାନଙ୍କ ପ୍ରସ୍ତାବରେ କଳା ସାଗର ଦେଇ ଖାଦ୍ୟଶସ୍ୟ ପରିବହନ ଓ ବାଣିଜ୍ୟିକ ଜାହାଜ ଚଳାଚଳ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ମିଳିଛି । ଆମେରିକାର ପ୍ରସ୍ତାବ ମୁଖ୍ୟତଃ 'ଶକ୍ତି ଯୁଦ୍ଧବିରତି' ଉପରେ କେନ୍ଦ୍ରିତ । ବିଦେଶମନ୍ତ୍ରୀ ଜୟଶଙ୍କର କହିଛନ୍ତି, ଭାରତ କେବଳ ଶାନ୍ତି ପାଇଁ ଆହ୍ୱାନ କରୁନାହିଁ । ମସ୍କୋ ଓ କିଭ୍ ସହ ଉତ୍ତେଜନା ହ୍ରାସ ପାଇଁ ବ୍ୟବହାରିକ ଆଲୋଚନା ମଧ୍ୟ କରୁଛି । ଭାରତ ଏହି ଯୁଦ୍ଧରେ ନିରପେକ୍ଷ ଆଭିମୁଖ୍ୟ ରଖି ଯୁଦ୍ଧ ବନ୍ଦ ପାଇଁ ଆହ୍ୱାନ କରିଆସିଛି ।

୫୪ ଦିନ ଧରି ଚାଲିଲାନି ସଂସଦ: ୩୭ ବର୍ଷର ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ସଂସଦର ବର୍ଷା ଅଧିବେଶନ ଶେଷ ହେବାର ପ୍ରାୟ ଦୁଇମାସ ବିତିଯାଇଥିଲେ ମଧ୍ୟ ଏହାକୁ ଏପର୍ଯ୍ୟନ୍ତ ଔପଚାରିକ ଭାବେ ସମାପ୍ତ କରାଯାଇନାହିଁ । ଲୋକସଭା ଓ ରାଜ୍ୟସଭାକୁ ଅଗଷ୍ଟ ୧୩ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଥିଲା । କିନ୍ତୁ ଅକ୍ଟୋବର ୭ ସୁଦ୍ଧା ଅଧିବେଶନ ସମାପ୍ତି ବାବଦରେ କୌଣସି ବିଜ୍ଞପ୍ତି ଜାରି ହୋଇନାହିଁ । ଫଳରେ ଉଭୟ ସଦନ ଏକାସାଙ୍ଗରେ ଏତେ ଦୀର୍ଘ ସମୟ ଧରି ଅଧିବେଶନ ସମାପ୍ତ ନକରି ରହିବାର ନୂଆ ରେକର୍ଡ ସୃଷ୍ଟି ହୋଇଛି । ଏହା ପୂର୍ବରୁ ୧୯୮୯ରେ ଉଭୟ ସଦନ ସର୍ବାଧିକ ୫୩ ଦିନ ଧରି ଏଭଳି ସ୍ଥିତିରେ ରହିଥିଲେ । ଚଳିତଥର ଏହି ରେକର୍ଡକୁ ୫୪ ଦିନରେ ଅତିକ୍ରମ କରାଯାଇଛି । ଅଧିବେଶନ ଏପର୍ଯ୍ୟନ୍ତ ଔପଚାରିକ ଭାବେ ସମାପ୍ତ ହୋଇନଥିବାରୁ ସରକାର ଆବଶ୍ୟକ ହେଲେ ସେହି ଅଧିବେଶନକୁ ପୁଣି ଡାକିବାର ବିକଳ୍ପ ରଖିଛନ୍ତି । ଶାସକ ଶିବିର ସୂତ୍ର ଅନୁସାରେ ଆଗାମୀ ଦିନରେ ସଂସଦକୁ ପୁଣି ବସାଇବା ସମ୍ଭାବନା ନେଇ ଆଲୋଚନା ଚାଲିଛି । ତେବେ ଏନେଇ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇନାହିଁ । ଏହି ମଧ୍ୟରେ ନିର୍ବାଚନମଣ୍ଡଳୀ ପୁନଃସୀମା ନିର୍ଦ୍ଧାରଣ, ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଏବଂ ମହିଳା ସଂରକ୍ଷଣ ଲାଗୁ କରିବା ଭଳି ପ୍ରସଙ୍ଗରେ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ରାଜନୈତିକ ବିଶ୍ଳେଷକ ସଞ୍ଜୟ କୁମାରଙ୍କ ମତରେ, ଅଧିବେଶନ ସମାପ୍ତ ହୋଇନଥିବାରୁ ସରକାର ଏହାକୁ ପୁନଃ ଆହ୍ୱାନ କରିପାରିବେ ।

- **୧୧୪ ଘଣ୍ଟାରୁ ଲୋକସଭା ଚାଲିଲା ମାତ୍ର ୧୭ ଘଣ୍ଟା**
- **ରାଜ୍ୟସଭାରେ ବି ନଷ୍ଟ ହେଲା ୭୬ ଘଣ୍ଟାରୁ ଅଧିକ**

ତେବେ ଏହାର ସାମ୍ବିଧାନିକ ପ୍ରଭାବ ମଧ୍ୟ ରହିଛି । ସମ୍ବିଧାନର ଧାରା ୧୨୩ ଅନୁଯାୟୀ, ଉଭୟ ସଦନ ଅଧିବେଶନରେ ନଥିବା ସମୟରେ ହିଁ ଅଧ୍ୟାଦେଶ ଜାରି କରାଯାଇପାରେ । ତେଣୁ ଅଧିବେଶନ ବିଧିବଦ୍ଧ ଭାବେ ସମାପ୍ତ ନହେବା ପର୍ଯ୍ୟନ୍ତ ଅଧ୍ୟାଦେଶ ଜାରି କରିବାର ରାସ୍ତା ବନ୍ଦ ରହିଛି । ଚଳିତ ବର୍ଷା ଅଧିବେଶନରେ ଲୋକସଭାର ୧୯ଟି ବୈଠକ ହୋଇଥିଲା । ସାଧାରଣତଃ ସକାଳ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସଦନର କାର୍ଯ୍ୟ ଚାଲିଥାଏ । ମଧ୍ୟାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ବିରତିକୁ ବାଦ ଦେଲେ ପ୍ରତିଦିନ ପ୍ରାୟ ୬ ଘଣ୍ଟା କାର୍ଯ୍ୟ ହେବା କଥା । ଏହି ହିସାବରେ ୧୯ଟି ବୈଠକରେ ପ୍ରାୟ ୧୧୪ ଘଣ୍ଟା କାର୍ଯ୍ୟ ହେବା ଆଶା କରାଯାଇଥିଲା । କିନ୍ତୁ ବାସ୍ତବରେ ଲୋକସଭାରେ କାର୍ଯ୍ୟ ହୋଇଛି ମାତ୍ର ପ୍ରାୟ ୧୭ ଘଣ୍ଟା ୩୦ ମିନିଟ୍ । ଅର୍ଥାତ୍ ପ୍ରାୟ ୯୬ ଘଣ୍ଟା ୩୦ ମିନିଟ୍ କାର୍ଯ୍ୟ ସମୟ ନଷ୍ଟ ହୋଇଛି । ୨୦୨୫ର ବର୍ଷା ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିଥିଲା । ସେତେବେଳେ ଉଭୟ ସଦନରେ ୨୧ଟି ଲେଖାଏଁ ବୈଠକ ହୋଇଥିଲା । ଲୋକସଭାରେ ମୋଟ କାର୍ଯ୍ୟ ସମୟ ମାତ୍ର ୩୭ ଘଣ୍ଟା ଥିଲା । ରାଜ୍ୟସଭାରେ ମଧ୍ୟ ଲୋକସଭା ସହ ସମାନ ୧୯ଟି ବୈଠକ ହୋଇଥିଲା । ଏହି ହିସାବରେ ପ୍ରାୟ ୧୧୪ ଘଣ୍ଟା କାର୍ଯ୍ୟ ହେବା କଥା । କିନ୍ତୁ ବାସ୍ତବରେ ମାତ୍ର ୩୭ ଘଣ୍ଟା ୨୪ ମିନିଟ୍ କାର୍ଯ୍ୟ ହୋଇଛି । ଫଳରେ ପ୍ରାୟ ୭୬ ଘଣ୍ଟା ୩୬ ମିନିଟ୍ କାର୍ଯ୍ୟ ସମୟ ନଷ୍ଟ ହୋଇଛି । ୨୦୨୬ର ବର୍ଷା ଅଧିବେଶନରେ ମୋଟ ୧୨ଟି ନୂଆ ବିଲ୍ ଆଗତ ହୋଇଥିଲା । ସେଥିରୁ ୧୦ଟି ଲୋକସଭାରେ ଏବଂ ୨ଟି ରାଜ୍ୟସଭାରେ ଆଗତ ହୋଇଥିଲା । ଏହି ବିଲ୍‌ଗୁଡ଼ିକ ମଧ୍ୟରେ କର ବ୍ୟବସ୍ଥା, ବ୍ୟାଙ୍କିଂ, ଖଣି, ଟ୍ରିବ୍ୟୁନାଲ, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ, ପରୀକ୍ଷାରେ ଠକେଇ ରୋକିବା, କେରଳର ନାମ ପରିବର୍ତ୍ତନ ଏବଂ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ବୃଦ୍ଧି ଭଳି ପ୍ରସଙ୍ଗ ରହିଥିଲା । ମାଇନ୍ସ ଆଣ୍ଡ ମିନେରାଲ୍ସ ସଂଶୋଧନ ବିଲ୍ ରାଜ୍ୟସଭାରେ ପାରିତ ହେବା ପରେ ୧୨ଟି ବିଲ୍ ମଧ୍ୟରୁ ୧୧ଟି ଏବେ ଉଭୟ ସଦନରେ ପାରିତ ହୋଇସାରିଛି । ଦୁଇଟି ବିଲ ମଧ୍ୟ ଲୋକସଭାରେ ପାରିତ ହୋଇଛି ।

ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ନବଗଠିତ ବିଜେଡି ସୋସିଆଲ ମିଡିଆ ଏବଂ ଆଇଟି ସେଲ୍ ଷ୍ଟିୟରିଂ କମିଟିର ସଦସ୍ୟମାନେ

ଲଘୁଚାପ ଲାଗି ପାଣିପାଗ ଅନୁକୂଳ

ଭୁବନେଶ୍ୱର, ୭।୧୦ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପାଇଁ ପାଣିପାଗ ଅନୁକୂଳ ହେବାରେ ଲାଗିଛି। ଏହି ଲଘୁଚାପ ସୃଷ୍ଟି ନେଇ ପୂର୍ବରୁ ଆକଳନ କରାଯାଇଥିବା ବେଳେ ଦୁର୍ଗା ପୂଜା ସମୟରେ ଏହାର ପ୍ରଭାବ ରହିବ ବୋଲି ଆକଳନ କରାଯାଉଛି। ସମ୍ଭାବ୍ୟ ଲଘୁଚାପକୁ ନେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ନେଇ ରହିଥିବା ସଙ୍କେତ ପୂର୍ବ ଅପେକ୍ଷା ବଢ଼ିବାରେ ଲାଗିଛି। ଏହି ଲଘୁଚାପ ଅଧିକ ଘନୀଭୂତ ହେବାର ମଧ ଯଥେଷ୍ଟ ଆଶଙ୍କା ରହିଛି। ବର୍ତ୍ତମାନ ବଙ୍ଗୋପସାଗର ଉପରେ ମୌସୁମୀ ବାୟୁ ଦୁର୍ବଳ ହୋଇ ପବନର ଢାଞ୍ଚା ବଦଳୁଛି। ଭାରତ ମହାସାଗର ଉପରେ ଏମ୍‌ଜେଓ ଅଧିକ ଅନୁକୂଳ ହେବାରେ ଲାଗିଛି। ଇସିଏମ୍‌ଡବ୍ଲୁଏଫ୍ ଓ ଜିଏଫ୍‌ଏସ୍ ମଡେଲ୍ ଆଦି ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ପରିବେଶ ଅନୁକୂଳ ରହିଛି ବୋଲି ମତ ଦେଉଛନ୍ତି। ୧୨ ଅକ୍ଟୋବର ପାଖାପାଖି ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବ। ଏହା ପ୍ରଭାବରେ ସେଠାରେ ଏକ ଲଘୁଚାପ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ଶକ୍ତିଶାଳୀ ହେବ। ଏହା କେତେ ଶକ୍ତିଶାଳୀ ହେବ ଓ କେଉଁ ଦିଗକୁ ଯିବ ତାହା ଏବେ ବି ଅନିଶ୍ଚିତତା ରହିଛି। ତେଣୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ପାଇଁ ସିଧାସଳଖ ବିପଦର କୌଣସି ବିଶ୍ୱସନୀୟ ସଙ୍କେତ ନାହିଁ।

ଖୋର୍ଦ୍ଧାରୁ 'ସେବା ଜ୍ୟୋତି'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ବିକଶିତ ଓଡ଼ିଶା ଗଠନରେ ସାମିଲ ହେବାକୁ ଆହ୍ୱାନ

ଖୋର୍ଦ୍ଧା, ୭।୧୦(ସମିସ): ବିକଶିତ ଭାରତ ସହ ବିକଶିତ ଓଡ଼ିଶା ଗଠନ ପ୍ରକ୍ରିୟାରେ ସମସ୍ତ ନାଗରିକ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ରାଜନୈତିକ ଯାତ୍ରା ପୂର୍ତ୍ତି ଅବସରରେ ଖୋର୍ଦ୍ଧାର ହାବେଳୀ ପଡ଼ିଆଠାରେ ଆୟୋଜିତ ସେବା ଜ୍ୟୋତି ଯାତ୍ରାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଦେଶ ଓ ରାଜ୍ୟର ସେବା ପାଇଁ ସଂକଳ୍ପ ପାଠ କରାଯିବା ପରେ ମୁଖ୍ୟମନ୍ତ୍ରୀ ସେବା ଜ୍ୟୋତି ପ୍ରଜ୍ୱଳନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଡବଲ୍ ଇଞ୍ଜିନ ସରକାରଙ୍କ ଶାସନରେ ଓଡ଼ିଶାର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି। ୨୦୦୧ ଅକ୍ଟୋବର ୭ରେ ଗୁଜରାଟରୁ ନରେନ୍ଦ୍ର ମୋଦୀଙ୍କ ପ୍ରଶାସନିକ ଓ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କର ଏହି ସଫଳ ଯାତ୍ରାକୁ ୨୫ ବର୍ଷ ପୂରଣ ହୋଇଛି। ରାଷ୍ଟ୍ର ପ୍ରଥମ ଏବଂ ସବକା ସାଥ୍, ସବକା ବିକାଶ ମନ୍ତ୍ରକୁ ଆଧାର କରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଦେଶ ଅଗ୍ରସର ହେଉଛି।

ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି ମିଳିଛି। ରାଜ୍ୟର ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଶିଳ୍ପ ବିକାଶ ସହ ନିବେଶ ଓ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି କରାଯାଉଛି। ଶିଳ୍ପାୟନ, ନିବେଶ,

ନିଯୁକ୍ତି, ଭିତ୍ତିଭୂମି ଓ ଯୁବପିଢ଼ିର ସଶକ୍ତୀକରଣ ଉପରେ ସରକାର ଗୁରୁତ୍ୱ ଦେଉଛି। ସେହିପରି ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ସୃଷ୍ଟି, ମହିଳା ସଶକ୍ତୀକରଣ, କୃଷକଙ୍କ କଲ୍ୟାଣ ଓ ସାମାଜିକ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ସରକାର ପଦକ୍ଷେପ ନେଉଥିବା ସେ କହିଥିଲେ। ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଶିଳ୍ପ ଓ ନିଯୁକ୍ତି ସୁଯୋଗ ପହଞ୍ଚାଇ ଯୁବପିଢ଼ି ଏବଂ ସ୍ଥାନୀୟ ଅର୍ଥନୀତିକୁ ସଶକ୍ତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ ଦେଶ ଓ ରାଜ୍ୟର ସେବା ପାଇଁ ସଂକଳ୍ପ ପାଠ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବିଜେପି ମୁଖପାତ୍ର ସୁଦୀପ୍ତ ରାୟ, ଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାସ, ଜିଲ୍ଲା ସଭାପତି ବିଶ୍ୱରଂଜନ ବଡ଼ଜେନା, ବେଗୁନିଆ ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ରଶ୍ମିମୟୀ ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ପରେ ହାବେଳୀ ପଡିଆଠାରୁ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ ସେବା ଜ୍ୟୋତି ଶୋଭାଯାତ୍ରାରେ ସାମିଲ ହୋଇ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ।

ଆରମ୍ଭ ହେଲା ୩ ଦିନିଆ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ

ଯୋଡ଼ିହେବେ ବାଦ୍ ଓ ନୂଆ ଭୋଟର

ଭୁବନେଶ୍ୱର, ୭।୧୦ (ସମିସ): ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରିବାକୁ ଯୋଗ୍ୟ ଥିବା ନାଗରିକମାନଙ୍କୁ ଆବେଦନ ଓ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ବୁଧବାରଠାରୁ ରାଜ୍ୟବ୍ୟାପୀ ଏକ ୩ ଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି।

ଏସଆଇଆର ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ନାଗରିକମାନଙ୍କୁ ଆବଶ୍ୟକ ପ୍ରକ୍ରିୟା ମାଧ୍ୟମରେ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ଅଟେ। ଏଥିସହିତ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକ-ଯୁବତୀମାନଙ୍କୁ ମଧ୍ୟ ଭୋଟର ତାଲିକାରେ ସାମିଲ କରିବା ଉପରେ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଗତ ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଏବଂ ଅନ୍ୟାନ୍ୟ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରୁଥିବା ଯୁବକ-ଯୁବତୀମାନେ ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ଅଞ୍ଚଳର ବୁଥ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଅପରପକ୍ଷେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ବିଏଲଓମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି। ସଂଗୃହୀତ ତଥ୍ୟକୁ ଜିଲ୍ଲାସ୍ତରରେ ଯାଞ୍ଚ କରାଯାଉଛି।

ସମ୍ପୃକ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓ), ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଏବଂ ବିଏଲଓମାନେ ଉପଲବ୍ଧ ତଥ୍ୟର ଯାଞ୍ଚ କରିବା ସହ ଯୋଗ୍ୟ ନାଗରିକମାନଙ୍କୁ ଆବଶ୍ୟକ ଆବେଦନ ପ୍ରକ୍ରିୟାରେ ସହାୟତା କରୁଛନ୍ତି। ଆବେଦନଗୁଡ଼ିକୁ ନିର୍ବାଚନ ଆଇନ ଓ ନିୟମ ଅନୁଯାୟୀ ଯାଞ୍ଚ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ।

ରାଜନୀତିର ରଙ୍ଗରେ ଚକାଆଖି

ମହାପ୍ରଭୁଙ୍କ ରଙ୍ଗୋଲିକୁ ନେଇ ଭକ୍ତଙ୍କ ଭାବାବେଗରେ ଆଘାତ

ପୁରୀ,୭।୧୦(ସମିସ): ଭକ୍ତିରେ ଭଗବାନ। ଯେଉଁ ମହାପ୍ରଭୁଙ୍କୁ କୋଟି କୋଟି ଓଡ଼ିଆ ନିଜର ଆରାଧ୍ୟ ଭାବେ ବିଶ୍ୱାସ ଓ ଭକ୍ତିର ସହ ପୂଜା କରନ୍ତି, ତାଙ୍କ ଚକାଆଖିକୁ କ'ଣ ଏମିତି ରାସ୍ତା ଉପରେ ଗଡ଼ାଇ ଦେବା ଠିକ୍? ଏଭଳି ଏକ ପ୍ରଶ୍ନ ଏବେ ଅନେକ ଜଗନ୍ନାଥପ୍ରେମୀଙ୍କ ମନକୁ ଆନ୍ଦୋଳିତ କରିଛି। ବୁଧବାର ଶରଧାବାଲି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦେଖିବାକୁ ମିଳିଥିଲା ଏଭଳି ଏକ ଚିତ୍ର। ରଙ୍ଗମୁରୁଜରେ ଶୋଭା ପାଉଥିଲେ ଆମ କଳାସାଆନ୍ତ। ଶିଳ୍ପୀଙ୍କ ଯାଦୁକରୀ ହାତର ସ୍ପର୍ଶରେ ମହାପ୍ରଭୁଙ୍କ ଚକାଆଖି ବେଶ୍ ଆକର୍ଷଣୀୟ ହୋଇଥିଲା। କଳାର ଏହି ନିଖୁଣ ପ୍ରଦର୍ଶନକୁ ନେଇ କାହାରି ଦ୍ୱିଧା ନ ଥିଲା। ହେଲେ ପ୍ରଶ୍ନ ଉଠିଥିଲା ମହାପ୍ରଭୁଙ୍କର ଏକ ବିରାଟ ଚକାଆଖିକୁ କାହିଁକି ତଳେ, ରାସ୍ତା ଉପରେ ଚିତ୍ରିତ କରାଗଲା?

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ଜନସେବା ଓ ଦେଶସେବାକୁ ସ୍ମରଣ କରି ବୁଧବାର 'ସଂକଳ୍ପ ଜ୍ୟୋତି ଯାତ୍ରା' ପରିପ୍ରେକ୍ଷୀରେ ଏହି ରଙ୍ଗୋଲି ଅଙ୍କାଯାଇଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଯେଉଁ ସ୍ଥାନରେ ସାଧାରଣତଃ ଗାଡ଼ିମୋଟର ପାର୍କିଂ ହୁଏ, ସେହି ସ୍ଥାନକୁ ବ୍ୟାରିକେଡିଂ କରି ଏହି ଚିତ୍ର କରାଯାଇଥିଲା। ତେବେ ମହାପ୍ରଭୁଙ୍କ ଚକାଆଖିକୁ ଏଭଳି ଭାବେ ରାଜନୈତିକ କାର୍ଯ୍ୟକ୍ରମର ରଙ୍ଗୋଲିରେ ସ୍ଥାନ ଦିଆଯିବାକୁ ନେଇ ଅନେକ ଭକ୍ତ ମନଦୁଣା

କରିଛନ୍ତି। ସମସ୍ତଙ୍କ ଭାବନାରେ, ମହାପ୍ରଭୁ କେବଳ ଏକ ଚିତ୍ର ନୁହନ୍ତି, ସେ ଓଡ଼ିଆ ଜାତିର ଆତ୍ମା, କୋଟି କୋଟି ଭକ୍ତଙ୍କ ନିଃଶ୍ୱାସ ଓ ବିଶ୍ୱାସ। ତାଙ୍କ ଚକାଆଖି ଭକ୍ତଙ୍କ ହୃଦୟରେ ଶ୍ରଦ୍ଧା ଓ ଆସ୍ଥାର ପ୍ରତୀକ। ଏହି କାରଣରୁ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି। ରାଜନୈତିକ ବାର୍ତ୍ତା ପ୍ରଚାର ପାଇଁ ଆମ ଆରାଧ୍ୟଙ୍କ ପ୍ରତୀକକୁ ରାସ୍ତା ଉପରେ ଏଭଳି ଚିତ୍ରିତ କରିବା କେତେଦୂର ଯୁକ୍ତିସଙ୍ଗତ? ଯେଉଁ ଚକାଆଖିକୁ ଭକ୍ତ ମୁଣ୍ଡ ନୁଆଁଇ ଦର୍ଶନ କରେ, ସେହି ଚକାଆଖିକୁ ପାଦଚଲା ଓ ଯାନବାହନ ଚଳାଚଳ ହେଉଥିବା ସ୍ଥାନରେ ଚିତ୍ରିତ କରାଯିବା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ମହାପ୍ରଭୁଙ୍କୁ ନେଇ ଓଡ଼ିଆଙ୍କ ଭକ୍ତି ଓ ଭାବନା ଅତ୍ୟନ୍ତ ଗଭୀର। ତେଣୁ ରାଜନୀତିର ରଙ୍ଗ ଯେତେବେଳେ ମହାପ୍ରଭୁଙ୍କ ଚକାଆଖିରେ ଲାଗେ, ସେତେବେଳେ ସ୍ୱାଭାବିକ ଭାବେ ଭକ୍ତଙ୍କ ମନରେ ପ୍ରଶ୍ନ ଉଠେ, 'ସେ ପରା ଆମ ଆରାଧ୍ୟ, ତାଙ୍କୁ ଏମିତି ରାସ୍ତାରେ ଗଡ଼ାଇଦେବା କ'ଣ ଠିକ୍ ହେଲା?'

ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ଡ. ବଦ୍ରି ମିଶ୍ର କହିଛନ୍ତି, 'ଜଗନ୍ନାଥ ଏକ ବସ୍ତୁ ନୁହଁନ୍ତି। ଜଗନ୍ନାଥ ଏକ ବିକ୍ରି ସାମଗ୍ରୀ ନୁହଁନ୍ତି, ଯାହାଙ୍କୁ ରାସ୍ତାକଡ଼ରେ କି ବଡ଼ଦାଣ୍ଡରେ ପକାଇ ଦିଆଯିବ। ଠାକୁର ମନ୍ଦିରରେ ରହନ୍ତି, ନତୁବା କାନ୍ଥରେ ଏକ ଚିତ୍ରିତ ପ୍ରତିଭା ହୁଅନ୍ତି। କିନ୍ତୁ ଯେଭଳି ଭାବେ ବିଭିନ୍ନ ସମୟରେ ତାଙ୍କ ଚିତ୍ରକଳାକୁ କୁକୁର ଓ ନିଶାସକ୍ତ ମଣିଷ ପାଇଁ ଛାଡ଼ି ଦିଆଯାଉଛି, ତାହା ନିନ୍ଦନୀୟ। ଶ୍ରୀମନ୍ଦିର ପ୍ରଶାସନ ଏ ସବୁ ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ।'

ଶ୍ରୀୟା ଶିବଦର୍ଶିନୀ ଜିତିଲେ 'ପ୍ରାଇଡ୍ ମିସ୍ ଇଣ୍ଡିଆ' ମୁକୁଟ

ଭୁବନେଶ୍ୱର, ୭।୧୦(ସମିସ): ଓଡ଼ିଶାର ଭୁବନେଶ୍ୱରର ୧୮ ବର୍ଷୀୟା ଶ୍ରୀୟା ଶିବଦର୍ଶିନୀ ପଣ୍ଡା ପ୍ରାଇଡ୍ ମିସ୍ ଇଣ୍ଡିଆ ୨୦୨୬ ମୁକୁଟ ଜିତିଛନ୍ତି। ନୂଆଦିଲ୍ଲୀର ତାଜ ବିଭାନ୍ତାଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସେ ସାରା ଭାରତରୁ ଆସିଥିବା ୧୨୦ରୁ ଅଧିକ ପ୍ରତିଯୋଗୀଙ୍କ ମଧ୍ୟରୁ ବିଜୟୀ ହୋଇଛନ୍ତି। ଜାତୀୟ ପୋଷାକ, ପ୍ରତିଭା, ପ୍ରଶ୍ନୋତ୍ତର ଓ ର୍ୟାମ୍ପ ୱାକ୍ ଆଦି ପର୍ଯ୍ୟାୟରେ ସେ ସଫଳତା ଅର୍ଜନ କରିଥିଲେ। ଏହା ଡିକେ ପେଜେଣ୍ଟସ୍ ଦ୍ୱାରା ଆୟୋଜିତ ହୋଇଥିଲା। ଯାହାର ନିର୍ଦ୍ଦେଶନା ଦେଇଥିଲେ ଡ. ଜିମ୍ମି ଗରିମା ଏବଂ ଉପସ୍ଥାପନା କରିଥିଲେ ବଲିଉଡ୍ ଅଭିନେତା-ନିର୍ଦ୍ଦେଶକ ଅମନ ବର୍ମା। ଶ୍ରୀୟା କଟକର ଏସ୍‌ସିବି ମେଡିକାଲ୍ କଲେଜର ଦ୍ୱିତୀୟ ବର୍ଷ ଏମ୍‌ବିବିଏସ୍ ଛାତ୍ରୀ। ଏଥିସହିତ ଜଣେ ଓଡ଼ିଶୀ କ୍ଲାସିକାଲ୍ ନୃତ୍ୟଶିଳ୍ପୀ।

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

କୁବେର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସମେତ ୨ ଗିରଫ

ବାରିପଦା/ବାଲେଶ୍ୱର, ୭।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଆର ଆଣ୍ଡ ବି ଉପଖଣ୍ଡର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଏକ୍ସଇସିକ୍ୟୁଟିଭ୍ ଇଞ୍ଜିନିୟର) ଅରବିନ୍ଦ ମହାନ୍ତି ଏବଂ ତାଙ୍କର ଜଣେ ସହଯୋଗୀଙ୍କୁ ଗିରଫ କରାଯାଇ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ବେତନଟୀ ଆର ଆଣ୍ଡ ବି ଉପଖଣ୍ଡରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ରାୟନ ରାମଚନ୍ଦ୍ରପୁର, ଜଳେଶ୍ୱର, ବର୍ତ୍ତମାନ କଲ୍ୟାଣ ନଗର, ଅଙ୍ଗାରଗାଡିଆ, ବାଲେଶ୍ୱରର ଅରବିନ୍ଦ ମହାନ୍ତିଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବାରିପଦା ଭିଜିଲାନ୍ସ ବିଭାଗ ଗିରଫ କରିଛି। ଭିଜିଲାନ୍ସ ଇନ୍ସପେକ୍ଟର ବିକାଶ ରଞ୍ଜନ ସ୍ୱାଇଁଙ୍କ ତଦନ୍ତ ରିପୋର୍ଟ ଆଧାରରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (କେସ୍ ନଂ ୨୫/୨୦୨୬) ରୁଜୁ ହୋଇଥିଲା। ଭ୍ରଷ୍ଟାଚାର ନିବାରଣ ଆଇନ ଅଧୀନରେ ତଦନ୍ତ ଜାରି ରଖିବା ସହ ଭିଜିଲାନ୍ସ ଟିମ୍ ମୁଖ୍ୟ ଅଭିଯୁକ୍ତ ଅରବିନ୍ଦ ମହାନ୍ତିଙ୍କ ସମେତ ତାଙ୍କର ସହଯୋଗୀ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବାଳିଆ କଲୋନୀର ବିଶ୍ୱନାଥ ପାଲଙ୍କୁ ମଧ ହେପାଜତକୁ ନେଇ କୋର୍ଟରେ ହାଜର କରାଯାଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କ ଆୟ-ବ୍ୟୟ ଏବଂ ସ୍ଥାବର-ଅସ୍ଥାବର ସମ୍ପତ୍ତିର ପରିମାଣ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି। ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

ପାରିବାରିକ ଅଶାନ୍ତି ଦୂର କରିବା ଆଳରେ ଦୁଷ୍କର୍ମ; ଗୁଣିଆ ଗିରଫ

ବାରିପଦା/ବିଶୋଇ, ୭।୧୦(ସମିସ): ଅନ୍ଧବିଶ୍ୱାସର କଳା କବଳରେ ପଡ଼ି ଜଣେ ବିବାହିତା ମହିଳା ନିଜର ସର୍ବସ୍ୱ ହରାଇବା ସହ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଝାଡ଼ଫୁଙ୍କ ଓ ଗୁଣିଗାରେଡ଼ି ଜରିଆରେ ପାରିବାରିକ ସମସ୍ୟା ସମାଧାନର ପ୍ରଲୋଭନ ଦେଖାଇ ତିନି ଦିନ ଧରି ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବିଶୋଇ ଥାନା ପୁଲିସ ଅଭିଯୁକ୍ତ ଗୁଣିଆକୁ ଗିରଫ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝରର ଜିଲ୍ଲା ଯୋଡ଼ା ଅଞ୍ଚଳର ଜଣେ ୩୦ ବର୍ଷୀୟା ଯୁବତୀ ବାପା-ମା'ଙ୍କ ଦେହାନ୍ତ ପରେ ଗୋରୁମହିଷାଣୀରେ ଏକାକୀ ରହୁଥିଲେ। ଗତ ସେପ୍ଟେମ୍ବର ମାସରେ ସେ ବିଶୋଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ବିବାହର କିଛି ଦିନ ପରେ

୩ ଦିନ ଦୁଷ୍କର୍ମ ପରେ ପୀଡ଼ିତା ଡାକ୍ତରଖାନାରେ ଚିକିତ୍ସାଧୀନ

ପରିବାରରେ ଶାଶୂ (ସ୍ୱାମୀଙ୍କ ସାନ ମା')ଙ୍କ ନିର୍ଯାତନା ଏବଂ ସ୍ୱାମୀଙ୍କ ସହ ତିକ୍ତତା ଆରମ୍ଭ ହୋଇଥିଲା। ଏହା ସହିତ କ୍ରମାଗତ ଅସୁସ୍ଥତା କାରଣରୁ ମହିଳା ଜଣକ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ପାରିବାରିକ କଳହ ଦୂର କରିବା ଓ ସ୍ୱାମୀଙ୍କ ସହ ସୁସମ୍ପର୍କ ଫେରାଇ ଆଣିବା ଆଶାରେ ସେ ଗତ ଗୁରୁବାର ମଧୁପୁର ଗ୍ରାମର ପୁକ୍ରିପୁଟ ଡ୍ୟାମ୍ ଛକ ନିକଟରେ ରହୁଥିବା ଗୁଣିଆ ଲକ୍ଷ୍ମଣ ଲୋହାରଙ୍କ ଆଶ୍ରୟ ନେଇଥିଲେ। ତନ୍ତ୍ର-ମନ୍ତ୍ର ଓ ପୂଜାର୍ଚ୍ଚନା ଦ୍ୱାରା ସବୁ ସମସ୍ୟା ଠିକ୍ କରିଦେବାକୁ ପ୍ରତିଶ୍ରୁତି ଦେଇ ଗୁଣିଆ ଲକ୍ଷ୍ମଣ ମହିଳାଙ୍କୁ ନିଜ ଘରେ ଅଟକାଇ ରଖିଥିଲା। ଏହା ପରେ ମହିଳାଙ୍କ ବିଶ୍ୱାସର ସୁଯୋଗ ନେଇ କ୍ରମାଗତ ତିନି ଦିନ ଧରି ତାଙ୍କ ସହ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଅତ୍ୟଧିକ ଅସୁସ୍ଥ ହୋଇପଡ଼ିବାରୁ ସୋମବାର ମହିଳା ଜଣକ କୌଶଳକ୍ରମେ ୧୦୮ ଆମ୍ବୁଲାନ୍ସ ଡକାଇ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ଏବଂ ଘଟଣା ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ମଙ୍ଗଳବାର ବିଶୋଇ ଥାନା ପୁଲିସ ରାଇରଙ୍ଗପୁର ଡାକ୍ତରଖାନାରେ ପହଞ୍ଚି ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ତାଙ୍କର ଡାକ୍ତରୀ ମାଇନା କରାଇଛି। ଏ ନେଇ ବିଶୋଇ ଥାନାରେ କେସ୍ ନଂ ୨୧୮/୨୬ ରେ ମାମଲା ରୁଜୁ ହେବା ପରେ ପୁଲିସ ଅଭିଯୁକ୍ତ ଲକ୍ଷ୍ମଣ ଲୋହାରକୁ ଗିରଫ କରିଛି। ଅଭିଯୁକ୍ତକୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି।

ଆଇଏଏସ ସ୍ତରରେ ଛୋଟ ଅଦଳବଦଳ

ବଦଳିଲେ ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାପାଳ

ଭୁବନେଶ୍ୱର, ୭।୧୦(ସମିସ): ରାଜ୍ୟରେ ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ନବରଙ୍ଗପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ମହେଶ୍ୱର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଡେପୁଟୀ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିବା ଅନ୍ୟା ଦାସଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେହିପରି ୨୦୨୦ ବ୍ୟାଚ୍‌ର ଆଇଏଏସ୍ ମଧୁମିତାଙ୍କୁ ନୂଆପଡ଼ା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ଆଡିସ୍‌ନାଲ ରିଭିଜନାଲ କୋର୍ଟରେ ଅତିରିକ୍ତ କମିଶନର ଥିବା ପ୍ରଦୀପ କୁମାର ନାୟକଙ୍କୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗକୁ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଅନୁ ସଚିବ ଭାବେ କାର୍ଯ୍ୟ କରୁଥିବା ଅଶନୀ ଏ. ଏଲଙ୍କୁ ଭବାନୀପାଟଣାର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ଭବାନୀପାଟଣା ସବ୍-କଲେକ୍ଟର ଥିବା କସ୍ତୁରୀ ଶା'ଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଅନୁ ସଚିବ ଭାବେ ବଦଳି କରାଯାଇଛି।

ବଢୁଛି ଚାହିଦା; ସଂକୁଚିତ ହେଉଛି ବ୍ୟବସ୍ଥା!

ପୁରୀ,୭।୧୦(ସମିସ): ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ପାଳନ ପାଇଁ ହବିଷ୍ୟାଳି ମା'ମାନଙ୍କ ଆଗ୍ରହ ପ୍ରତିବର୍ଷ ବଢ଼ିବାରେ ଲାଗିଛି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରୁ ପରିଣତ ବୟସର ମହିଳାମାନେ ମାସେ ଧରି ପୁରୀରେ ରହି ହବିଷ ବ୍ରତ ପାଳନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଆର୍ଥିକ ଦୁର୍ବଳତା ଯୋଗୁଁ ଯେଉଁମାନେ ନିଜ ଖର୍ଚ୍ଚରେ ପୁରୀରେ ରହିପାରୁନାହାନ୍ତି, ସେମାନଙ୍କ ପାଇଁ ହବିଷ୍ୟାଳି ଯୋଜନା ବେଶ୍ ଉପଯୋଗୀ ହୋଇଆସିଛି। ହେଲେ ଯୋଜନା ପ୍ରତି ଚାହିଦା ବଢୁଥିବା ସତ୍ତ୍ୱେ ଗତ ଦୁଇବର୍ଷ ଧରି ହବିଷ୍ୟାଳିଙ୍କ ସଂଖ୍ୟା ବୃଦ୍ଧି ନ ହେବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଚଳିତବର୍ଷ ମଧ ପୂର୍ବବର୍ଷ ଭଳି ୨,୫୦୦ ଜଣ ଏହି ଯୋଜନାରେ ସାମିଲ୍ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଅନ୍ୟପକ୍ଷରେ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବାର ମାତ୍ର ୪୦ ମିନିଟ୍ ମଧ୍ୟରେ ପ୍ରାୟ ୨,୮୦୦ ଜଣ ଆବେଦନ କରିଥିବା ଜଣାପଡ଼ିଛି। ଫଳରେ ଚଳିତ ବର୍ଷ ମଧ ଶତାଧିକ ଆଶାୟୀ ହବିଷ୍ୟାଳି ଏହି ସୁବିଧାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି।

ପ୍ରତିବର୍ଷ କାର୍ତ୍ତିକ ମାସରେ ହବିଷ ବ୍ରତ ପାଳନ ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମା'ମାନେ ଶ୍ରୀକ୍ଷେତ୍ରକୁ ଆସିଥା'ନ୍ତି। କେହି ମାସେ ଧରି ରହି ବ୍ରତ ପାଳନ କରୁଥିବାବେଳେ ଆଉ କେହି କେବଳ ପଞ୍ଚକର ପାଞ୍ଚଦିନ ପୁରୀରେ ରହିଥା'ନ୍ତି। ପ୍ରତ୍ୟୁଷରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ, ରାଇଦାମୋଦରଙ୍କ ପୂଜା ଓ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ସେମାନେ ଦିନକୁ ଥରେ ହବିଷ୍ୟାନ୍ନ ସେବନ କରିଥା'ନ୍ତି। କେହି ନିଜ ହାତରେ ହବିଷ୍ୟାନ୍ନ ପ୍ରସ୍ତୁତ କରନ୍ତି, ଆଉ କେହି ମହାପ୍ରସାଦ ସେବନ କରି ବ୍ରତ ପାଳନ କରିଥା'ନ୍ତି। ପୁରୀରେ ରହି ହବିଷ ବ୍ରତ ପାଳନ କରିବାକୁ ଅନେକ ମହିଳାଙ୍କର ପ୍ରବଳ ଇଚ୍ଛା ଥିଲେ ମଧ

ହବିଷ୍ୟାଳିଙ୍କ ଆସ୍ଥା ପଛରେ ପ୍ରଶାସନିକ ଉଦାସିନତା

ଆର୍ଥିକ ସମସ୍ୟା ଯୋଗୁଁ ସେମାନେ ଏହାକୁ ସାକାର କରିପାରୁ ନ ଥିଲେ। ମଠ, ମନ୍ଦିର, ଧର୍ମଶାଳା କିମ୍ବା ନିଜ ସମ୍ପର୍କୀୟଙ୍କ ଘରେ ରହିବା ପାଇଁ ମଧ ଅନେକଙ୍କ ସାମର୍ଥ୍ୟ ନ ଥିଲା। ଏହି ବାସ୍ତବତାକୁ ଅନୁଭବ କରି ତତ୍କାଳୀନ ନବୀନ ସରକାର ୨୦୧୬ରେ ହବିଷ୍ୟାଳି ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ମାଧ୍ୟମରେ ହବିଷ୍ୟାଳି ମା'ମାନଙ୍କୁ ମାଗଣାରେ ରହିବା, ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଥିଲା। ଯୋଜନା ଆରମ୍ଭ ପରଠାରୁ ପ୍ରତିବର୍ଷ ଏହାର ଚାହିଦା ବୃଦ୍ଧି ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ମଧ ଧୀରେ ଧୀରେ ଭିତ୍ତିଭୂମି ବଢ଼ାଇଥିଲେ। କୋଭିଡ୍ ମହାମାରୀ ଯୋଗୁଁ ୨୦୨୦ ଓ ୨୦୨୧ରେ ଯୋଜନା ବନ୍ଦ ରହିଥିବାବେଳେ ୨୦୨୨ରୁ ପୁନର୍ବାର ଏହା ଆରମ୍ଭ ହୋଇଥିଲା। ୨୦୨୨ରେ ରାଜ୍ୟର ୨୯ଟି ଜିଲ୍ଲାରୁ ପ୍ରାୟ ୩ ହଜାର ବ୍ରତଧାରୀ ପୁରୀ ଆସି ହବିଷ ବ୍ରତ ପାଳନ କରିଥିଲେ।

ସେହିବର୍ଷ ହବିଷ୍ୟାଳି ମା'ମାନଙ୍କ ପାଇଁ ସ୍ଥାୟୀ ଶିବିର 'ବୃନ୍ଦାବତୀ ନିବାସ'ର ଉଦ୍‌ଘାଟନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଠାରେ ହବିଷ୍ୟାଳିଙ୍କ ପାଇଁ ବିଭିନ୍ନ ଆଧୁନିକ ସୁବିଧା ଉପଲବ୍ଧ କରାଯାଇଥିଲା। ଏଥିସହ ବଗଲା ଧର୍ମଶାଳା, ଅକ୍ଷୟପାତ୍ର ଫାଉଣ୍ଡେସନ, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣମଣ୍ଡପରେ ମଧ ହବିଷ୍ୟାଳିଙ୍କ ରହଣି ବ୍ୟବସ୍ଥା କରାଯାଇଥିଲା। ୨୦୨୩ରେ ମଧ ଏହି ୫ଟି ଶିବିରରେ ୩,୨୦୦ରୁ ଅଧିକ ହବିଷ୍ୟାଳି ମା'ମାନେ ରହି କାର୍ତ୍ତିକ ବ୍ରତ ପାଳନ କରିଥିଲେ। ଏହା ଯୋଜନାର ବଢୁଥିବା ଲୋକପ୍ରିୟତା ଓ ଆବଶ୍ୟକତାକୁ ସ୍ପଷ୍ଟ କରିଥିଲା। ତେବେ ୨୦୨୪ରେ ରାଜ୍ୟରେ ନୂଆ ସରକାର ଆସିବା ପରେ ହବିଷ୍ୟାଳିଙ୍କ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଇଥିଲେ ମଧ ତାହା ହୋଇ ନ ଥିଲା। ବରଂ ଯୋଜନାରେ ହବିଷ୍ୟାଳିଙ୍କ ସଂଖ୍ୟା ୩,୨୦୦ରୁ ହ୍ରାସ ପାଇ ୨,୫୦୦ରେ ସୀମିତ ହୋଇଥିଲା। ଏହାକୁ ନେଇ ସେତେବେଳେ ବିଭିନ୍ନ ମହଲରେ ଅସନ୍ତୋଷ ଓ ପ୍ରତିବାଦ ଦେଖାଦେଇଥିଲା। ହେଲେ ଗତବର୍ଷ ମଧ ୨,୫୦୦ ଜଣଙ୍କ ପାଇଁ ହିଁ ରହଣି ବ୍ୟବସ୍ଥା କରାଯାଇଥିଲା।

ଚଳିତବର୍ଷ ମଧ ସମାନ ସଂଖ୍ୟକ ୨,୫୦୦ ହବିଷ୍ୟାଳିଙ୍କୁ ଯୋଜନାରେ ସାମିଲ୍ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଅକ୍ଟୋବର ୬ ତାରିଖରୁ ଅନ୍‌ଲାଇନ୍ ପଞ୍ଜୀକରଣ ପୋର୍ଟାଲ୍ ଖୋଲାଯାଇଥିଲା। ପଞ୍ଜୀକରଣ ଆରମ୍ଭ ହେବାର ମାତ୍ର ୪୦ ମିନିଟ୍ ମଧ୍ୟରେ ପ୍ରାୟ ୨,୮୦୦ ଜଣ ଆବେଦନ କରିବା ଯୋଜନା ପ୍ରତି ହବିଷ୍ୟାଳିଙ୍କ ବଢୁଥିବା ଚାହିଦାକୁ ପୁଣିଥରେ ସାମ୍ନାକୁ ଆଣିଛି। ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି ଯେତେବେଳେ ଯୋଜନା ପ୍ରତି ଆଗ୍ରହ ଓ ଆବେଦନ ସଂଖ୍ୟା ପ୍ରତିବର୍ଷ ବଢୁଛି, ସେତେବେଳେ ହବିଷ୍ୟାଳିଙ୍କ ପାଇଁ ରହଣି ସଂଖ୍ୟା ବୃଦ୍ଧି କରାଯାଉନାହିଁ କାହିଁକି? ବିଶେଷକରି ପରିଣତ ବୟସର ଓ ଆର୍ଥିକ ଦୁର୍ବଳ ମହିଳାମାନେ ଯେପରି ଶ୍ରୀକ୍ଷେତ୍ରରେ ନିରାପଦରେ ରହି କାର୍ତ୍ତିକ ବ୍ରତ ପାଳନ କରିପାରିବେ, ସେଥିପାଇଁ ଯୋଜନାର କ୍ଷମତା ବଢ଼ାଇବାର ଆବଶ୍ୟକତା ରହିଛି।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

‘ଇଲେକ୍ସନ୍’ ନୁହେଁ ‘ସିଲେକ୍ସନ୍’ ପ୍ରକ୍ରିୟା

ସମ୍ବଲପୁର, ୭।୧୦ (ସମିସ)

ଗତ ୮ ବର୍ଷ ଧରି ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଙ୍ଗଠନ ପକ୍ଷରୁ ବାରମ୍ବାର ଛାତ୍ରସଂସଦ ନିର୍ବାଚନ କରିବାପାଇଁ ଦାବି କରାଯାଇଥିଲା। ନୂତନ ସରକାର ଆସିବାପରେ ମଧ୍ୟ ଦୁଇବର୍ଷ ଧରି ଛାତ୍ରସଂସଦ ନିର୍ବାଚନକୁ ନେଇ ନିଷ୍ପତ୍ତି ନେଇପାରି ନଥିଲେ। ତେବେ, ଗତ ୫ ତାରିଖ ରାଜ୍ୟ ସରକାର ଛାତ୍ରସଂସଦ ନିର୍ବାଚନ ସକାଶେ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ଘୋଷଣା ଛାତ୍ରଛାତ୍ରୀ ମହଲରେ ଉଷ୍ମତା ଭରି ଦେଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି। ସେହିଦିନଠାରୁ ବିଭିନ୍ନ ଛାତ୍ର ସଂଗଠନ ସେମାନଙ୍କ ପ୍ରାର୍ଥୀ ଚୟନ ଆରମ୍ଭ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିଧାସଳଖ ନିର୍ବାଚନ କରାଯାଉଛି। ତେବେ, ୧୯୯୭ରେ ଛାତ୍ର ନିର୍ବାଚନ ସମୟରେ ଏକ ହତ୍ୟାକାଣ୍ଡକୁ ନେଇ ପରେ ବହୁବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବାତିଲ ଥିବାବେଳେ ପରେ ମନୋନୟନ ପ୍ରକ୍ରିୟାକୁ ଆପଣାଯାଉଛି। ଚଳିତବର୍ଷ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ‘ଇଲେକ୍ସନ୍’ ନୁହେଁ ‘ସିଲେକ୍ସନ୍’ ପ୍ରକ୍ରିୟାରେ ଛାତ୍ର ପରିଷଦ ଗଠନ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିଅନୁଯାୟୀ, ଆଜି ବିଶ୍ୱବିଦ୍ୟାଳୟ କୁଳସଚିବ ଏକ ବିଜ୍ଞପ୍ତି ଜାରି କରିଛନ୍ତି। କୁଳସଚିବଙ୍କ ପତ୍ର ସଂଖ୍ୟା ୫୪୨୯/ଜିଏମ୍ୟୁ ତା. ୭-୧୦-୨୦୨୬ ଅନୁଯାୟୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦ ନିର୍ବାଚନ, ନିର୍ଦ୍ଧାରିତ କାର୍ଯ୍ୟସୂଚୀ, ନିୟମାବଳୀ ଏବଂ ଆଚରଣ ବିଧି ଅନୁଯାୟୀ ‘ଚୟନ ପ୍ରକ୍ରିୟା’ (ସିଲେକ୍ସନ୍ ପ୍ରୋସେସ୍) ମାଧ୍ୟମରେ ଅନୁଷ୍ଠିତ ହେବ। ସମସ୍ତ ପ୍ରାର୍ଥୀ ଏବଂ ଛାତ୍ରଛାତ୍ରୀମାନେ ଛାତ୍ର ସଂସଦ ନିର୍ବାଚନ ନିୟମାବଳୀ, ଆଚରଣ ବିଧି ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ପାଳନ କରିବେ। ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ ଓ ସହକାରୀ ସାଧାରଣ ସମ୍ପାଦକ ଆଦି ୪ଟି ମୁଖ୍ୟ ପଦ ସହିତ, ଆଥଲେଟିକ୍ କ୍ଲବ ସମ୍ପାଦକ ଓ ସହ-ସମ୍ପାଦକ, କଲଚରାଲ ଆସୋସିଏସନ୍ ସମ୍ପାଦକ ଓ ସହ-ସମ୍ପାଦକ, ସାଇନ୍ସ ସୋସାଇଟି ସମ୍ପାଦକ ଓ ସହ-ସମ୍ପାଦକ, କମର୍ସ ସୋସାଇଟି ସମ୍ପାଦକ ଓ ସହ-ସମ୍ପାଦକ, ବଏଜ୍ କମନ୍‌ରୁମ୍ ସମ୍ପାଦକ ଓ ସହ-ସମ୍ପାଦକ, ଗାର୍ଲସ କମନ୍‌ରୁମ୍ ସମ୍ପାଦକ ଓ ସହ-ସମ୍ପାଦକ, ଏସ୍ଏସ୍‌ଜି ସମ୍ପାଦକ ଓ ସହ-ସମ୍ପାଦକ ଏବଂ ସମ୍ପାଦନା ମଣ୍ଡଳୀ ପ୍ରତିନିଧି ସକାଶେ ୨ଟି ପଦ ରହିଛି। ମୋଟ ୨୧ଟି ପଦ ପାଇଁ ମନୋନୟନ କରାଯିବ। କାର୍ଯ୍ୟସୂଚୀ ଅନୁଯାୟୀ, ୯ ତାରିଖରେ ବିଭାଗୀୟ ମୁଖ୍ୟ ମାନଙ୍କ ଦ୍ୱାରା ନୋମିନେସନ୍, ଯାଞ୍ଚ ଏବଂ ବୈଧ ନୋମିନେସନ୍ ପ୍ରକାଶିତ ହେବ। ୧୦ ତାରିଖରେ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୧ଟା ନୋମିନେସନ୍ ପ୍ରତ୍ୟାହାର ପରେ ଅପରାହ୍ଣ ୩ଟାରେ ଅନ୍ତିମ ତାଲିକା ପ୍ରକାଶନ କରାଯିବ। ୧୫ ତାରିଖ ପୂର୍ବାହ୍ଣ ୮ଟାରୁ ଅପରାହ୍ଣ ୨ଟା ମଧ୍ୟରେ ଭୋଟିଂ ଏବଂ ପ୍ଲେନେରୀ ଅଧିବେଶନ ଏବଂ ଅପରାହ୍ଣ ୨ଟା ପରେ ଭୋଟଗଣତି ଏବଂ ଫଳାଫଳ ଘୋଷଣା କରାଯିବ। ୧୬ ତାରିଖ ପୂର୍ବାହ୍ଣ ୧୧ଟା ସମୟରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

ଜିଏମ୍ କଲେଜରେ ୧୯୯୮ରୁ ନିର୍ବାଚନ ବନ୍ଦ

ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ୧୯୯୭ ମସିହାରେ ଜଣେ ଛାତ୍ରଙ୍କ ହତ୍ୟାକାଣ୍ଡ ପରେ ଛାତ୍ରସଂସଦ ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ଫଳରେ କ୍ୟାମ୍ପସ୍‌ରେ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରାୟ ୧୫ ବର୍ଷ ପାଇଁ ବନ୍ଦ ହୋଇଯାଇଥିଲା। ପ୍ରଶାସନିକ ତଦାରଖ ମଧ୍ୟରେ ୧୫ ବର୍ଷ ପରେ, ଅକ୍ଟୋବର ୨୦୧୨ରେ ଗଣତାନ୍ତ୍ରିକ ଭୋଟ୍ ଗ୍ରହଣ ପ୍ରକ୍ରିୟା ପୁନର୍ବାର ଆରମ୍ଭ ହୋଇଥିଲା। ପଶ୍ଚିମ ଓଡ଼ିଶାର ଏହି ସର୍ବପୁରାତନ ତଥା ଐତିହାସିକ ମହାବିଦ୍ୟାଳୟଟି ୨୦୧୫ ମସିହାରେ ଆନୁଷ୍ଠାନିକ ଭାବେ ‘ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ’ରେ ରୂପାନ୍ତରିତ ହୋଇଥିଲା। ସମଗ୍ର ଓଡ଼ିଶାରେ ପ୍ରତ୍ୟକ୍ଷ କ୍ୟାମ୍ପସ୍ ନିର୍ବାଚନ ବାରମ୍ବାର ବାଧାପ୍ରାପ୍ତ ହେବାରୁ ୨୦୧୮ ମସିହାରୁ ରାଜ୍ୟ ସରକାର ଏହା ଉପରେ କଟକଣା ଲଗାଇଥିଲେ। ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଚଳିତବର୍ଷ ସରକାର ରାଜ୍ୟବ୍ୟାପୀ କ୍ୟାମ୍ପସ୍ ନିର୍ବାଚନ ପୁନଃସ୍ଥାପନ କରିବାକୁ ଯୋଜନା ଘୋଷଣା କରିଛନ୍ତି। ତେବେ, ଜିଏମ୍ୟୁ ପ୍ରତ୍ୟକ୍ଷ ଛାତ୍ର ସଂସଦ ଭୋଟ୍ ପରିବର୍ତ୍ତେ ଚଳିତବର୍ଷ ‘ଛାତ୍ର ପରିଷଦ’ ପ୍ରତିନିଧି ଚୟନ ପାଇଁ ପରୋକ୍ଷ ପ୍ରକ୍ରିୟା ବଜାୟ ରଖିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

ଭିସୁଟ୍‌ରେ ‘ଇଲ୍ୟୁମିନେଟ୍ ଷ୍ଟାର୍ଟଅପ୍’ କର୍ମଶାଳା

ସମ୍ବଲପୁର, ୭।୧୦ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ମେକାନିକାଲ ସେମିନାର ହଲ୍‌ରେ “ଇଲ୍ୟୁମିନେଟ୍ ଷ୍ଟାର୍ଟଅପ୍’ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଇ-ସେଲ୍ ଭିସୁଟ୍ ବୁର୍ଲା ଓ ଭିସୁଟ୍ ଆସିଷ୍ଟ ପକ୍ଷରୁ ଇ-ସେଲ୍ ଆଇଆଇଟି ବମ୍ବେ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା “ଆଇଡିଆଜ୍ ଟୁଡେ, ସଲ୍ୟୁସନ୍ସ ଟୁମରୋ’। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ, ସମସ୍ୟା ଚିହ୍ନଟ, ସମାଧାନ ବିକାଶ ଓ ଷ୍ଟାର୍ଟଅପ୍ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗେନ୍ଦ୍ର କୁମାର ଚୌଧୁରୀ ଓ ମୁସ୍କାନ୍ ଚୌଧୁରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଷ୍ଟାର୍ଟଅପ୍ ଗଠନ, ସମସ୍ୟା ଚିହ୍ନଟ ଏବଂ ଏକ ଧାରଣାକୁ ବ୍ୟବହାରଯୋଗ୍ୟ ସମାଧାନରେ ପରିଣତ କରିବା ସମ୍ପର୍କରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କର୍ମଶାଳାର ଏକ ପ୍ରମୁଖ ଆକର୍ଷଣ ଥିଲା ଉଦ୍ୟୋଗୀ ଭିତ୍ତିକ ଗ୍ରୁପ୍ ଆକ୍ଟିଭିଟି। ଚୌଧୁରୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କୁ ପାଞ୍ଚଟି ଦଳରେ ବିଭକ୍ତ କରାଯାଇ ପ୍ରତ୍ୟେକ ଦଳକୁ ଏକ ସମସ୍ୟା ଦିଆଯାଇଥିଲା। ସମସ୍ୟାକୁ ଚିହ୍ନଟ କରିବା, ତାହାର ସମାଧାନ ଆଧାରରେ ଷ୍ଟାର୍ଟଅପ୍ ଧାରଣା ବିକଶିତ କରିବା ଏବଂ ଶେଷରେ ତାହାକୁ ଉପସ୍ଥାପନ କରିବା ଦାୟିତ୍ୱ ଦିଆଯାଇଥିଲା। ପିଚିଂ ରାଉଣ୍ଡରେ ଛାତ୍ରଛାତ୍ରୀମାନେ ନିଜ ଧାରଣା, ସମସ୍ୟାର ସମାଧାନ ଏବଂ ଏହାର ସମ୍ଭାବନାକୁ ଉପସ୍ଥାପନ କରିଥିଲେ। ପିଚିଂ ପରେ ବିଜୟୀ ଦଳଗୁଡ଼ିକର ନାମ ଘୋଷଣା କରାଯାଇଥିଲା। ଏନ୍ଏଭି୨ସ୍କୁଲ୍ ପ୍ରଥମ, ସ୍କୋଲାର୍‌ମେଟ୍ ଦ୍ୱିତୀୟ ଏବଂ ଏସ୍‌ସିଆଇଜେଡ୍‌ୱାଇଏଫ୍‌ୱାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭିସୁଟ୍ ଅଧ୍ୟାପକ ଅନିଲ ମୁର୍ମୁ, ଆଦିତ୍ୟ ହୋତା, ଅରୋ କୁମାର ସାହୁ ପ୍ରମୁଖ ମାର୍ଗଦର୍ଶନ କରିଥିଲେ।

ଜିଏମ୍ୟୁ ସମାବର୍ତ୍ତନ ଖର୍ଚ୍ଚକୁ ନେଇ ରାଜ୍ୟପାଳଙ୍କ ନିକଟରେ ନିରପେକ୍ଷ ତଦନ୍ତ ଦାବି

ସମ୍ବଲପୁର, ୭।୧୦ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ରେ ଗତ ୭ ସେପ୍ଟେମ୍ବରରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ପ୍ରାୟ ୨୩ ଲକ୍ଷ ଟଙ୍କା ଖର୍ଚ୍ଚକୁ ନେଇ ପ୍ରୋଗ୍ରେସିଭ୍ ସମ୍ବଲପୁର ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ଆଜି କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କୁ ସାକ୍ଷାତ କରି କୁଳପତିଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବୀପତ୍ର ଦିଆଯାଇ ଏହି ଖର୍ଚ୍ଚ ଓ କ୍ରୟ ପ୍ରକ୍ରିୟାର ନିରପେକ୍ଷ ତଦନ୍ତ ପାଇଁ ଦାବି କରାଯାଇଛି। ପତ୍ରରେ କୁହାଯାଇଛି ଯେ, ସମାବର୍ତ୍ତନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇନଥିବାର କାରଣ ଭାବେ ବିଶ୍ୱବିଦ୍ୟାଳୟ ପକ୍ଷରୁ କାର୍ଯ୍ୟକ୍ରମରେ ତତ୍କାଳୀତା ଥିବା ଦର୍ଶାଯାଇଛି। ପ୍ରାୟ ୨୩ ଲକ୍ଷ ଟଙ୍କାର ଖର୍ଚ୍ଚ ପାଇଁ ପ୍ରକୃତରେ କେଉଁ ପରିସ୍ଥିତିରେ ଟେଣ୍ଡର କିମ୍ବା ପ୍ରତିଯୋଗିତାମୂଳକ କ୍ରୟପ୍ରକ୍ରିୟା ଅନୁସରଣ କରାଯାଇପାରିଲା ନାହିଁ, ତାହା ଯାଞ୍ଚ କରିବାକୁ ଦାବି ହୋଇଛି। ଏଥିସହ ପ୍ରାୟ ୩.୧୦ ଲକ୍ଷ ଟଙ୍କାର ଫୁଲ ସାଜସଜ୍ଜା ଏବଂ ୨୦ଟି ଭିଆଇପି ଚେୟାର ଭଡ଼ା ବାବଦରେ ପ୍ରାୟ ୪୬ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସହ ସମାବର୍ତ୍ତନ ଉତ୍ସବ ପାଇଁ ବିଭିନ୍ନ ଜିନିଷ ଓ ସେବାର ଖର୍ଚ୍ଚ ବାବଦର ତଥ୍ୟର ମଧ୍ୟ ବଜାର ଦର ସହ ତୁଳନା କରି ଯାଞ୍ଚ କରିବାକୁ କୁହାଯାଇଛି।

ପ୍ରୋଗ୍ରେସିଭ୍ ସମ୍ବଲପୁର କହିଛି ଯେ, ଏହା କୌଣସି ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ନୁହେଁ; ସମ୍ବଲପୁରର ନାଗରିକ, ଆଲୁମିନି ଓ ବୁଦ୍ଧିଜୀବୀମାନେ କେବଳ ତଥ୍ୟ ଓ ସ୍ୱଚ୍ଛତା ଚାହୁଁଛନ୍ତି। ସମ୍ପୂର୍ଣ୍ଣ ବିଲ୍, ଭାଉଚର, ଦେୟ ରେକର୍ଡ, କୋଟେସନ୍, ତୁଳନାତ୍ମକ ବିବରଣୀ ଓ ଟେଣ୍ଡର ନକରିବାର କାରଣ ଯାଞ୍ଚ ସହ ଆବଶ୍ୟକ ହେଲେ ଦାୟିତ୍ୱ ନିର୍ଦ୍ଧାରଣ ପାଇଁ ଦାବି କରାଯାଇଛି। ଆଜିର ଏହି ପ୍ରତିନିଧି ମଣ୍ଡଳରେ ପୂର୍ବତନ ଛାତ୍ର ସଂସଦ ସଭାପତି ମିଳନ ହୋତା, ପୂର୍ବତନ ସଭାପତି ଫିରୋଜ ରାଜା, ପୂର୍ବତନ ସାଧାରଣ ସମ୍ପାଦକ ସୁମିତ ପଟେଲ, ପୂର୍ବତନ ଛାତ୍ର ଦେବଜ୍ୟୋତି ପଟ୍ଟନାୟକ, ନିଖିଳ ବାବୁ ଓ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ।

୧୧କ୍ୱିଣ୍ଟାଲ କେନ୍ଦୁପତ୍ର ଜବତ; ପିକ୍‌ଅପ୍ ଜବତ

ରେଢ଼ାଖୋଲ,୭।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ରାମପୁର ରେଞ୍ଜ ଅଧୀନ ହେମାମୁରା ଗ୍ରାମ ନିକଟରୁ ଏକ ପିକଅପ୍ ଭ୍ୟାନ ସହ ୨୩୪ ବଣ୍ଡଲ ଅର୍ଥାତ ୧୧ କ୍ୱିଣ୍ଟାଲ କେନ୍ଦୁପତ୍ର ଜବତ କରିଛି ରେଢ଼ାଖୋଲ ବନବିଭାଗ। ରେଞ୍ଜର ହୃଦାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି।

ହୀରାକୁଦ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ବୈଠକ

ସମ୍ବଲପୁର,୭।୧୦(ସମିସ): ହୀରାକୁଦ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଏକସଭା ଅନୁଷ୍ଠିତ ହୋଇଛି। ସର୍ବସମ୍ମତିକ୍ରମେ ଜଗନ୍ନାଥ କମିଟି ପକ୍ଷରୁ ପବିତ୍ର ମହାପ୍ରସାଦ (ଆନନ୍ଦ ବଜାର) ଶୁଭାରମ୍ଭ ହେବାକୁ ନିଷ୍ପତ୍ତି ନିଆଯାଇଛି। ସେବାର ଶୁଭାରମ୍ଭ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ। ହୀରାକୁଦ ଅଞ୍ଚଳବାସୀ ତଥା ବାହାରୁ ଆସୁଥିବା ପର୍ଯ୍ୟଟକମାନେ ମହାପ୍ରସାଦ ପାଇବାରେ ଉପକୃତ ହେବା ଲକ୍ଷ୍ୟ ନେଇ ଏହା ଆରମ୍ଭ ହେବ।

ତମ୍ବାଖୁ ଉତ୍ପାଦ କମ୍ପାନୀ ଉପରେ ଚଢ଼ଉ

ସମ୍ବଲପୁର,୭।୧୦(ସମିସ): ସମ୍ବଲପୁର ବରେଇପାଲି ଥାନା ଅନ୍ତର୍ଗତ ଡେଙ୍ଗସର୍ଗୀରେ ଥିବା ତମ୍ବାଖୁ ଉତ୍ପାଦ ଶ୍ରୁତି ଟୋବୋକା ଉପରେ ଚଢ଼ଉ ହୋଇଛି। ଜିଲ୍ଲା ପୁଲିସ, ସିଟି ଜିଏସଟି, ଅବକାରୀ ବିଭାଗର ମିଳିତ ଭାବେ ଚଢ଼ଉ କରାଯାଇଛି। ତମ୍ବାଖୁ ଉତ୍ପାଦନ ବନ୍ଦ ନିର୍ଦ୍ଦେଶ ପରେ ବି ଉତ୍ପାଦନ ଜାରି ରହିଥିବା ଅଭିଯୋଗରେ ପଚରାଉଚରା କରାଯାଇଥିଲା। ବିଭାଗୀୟ ଟିମ୍ ପକ୍ଷରୁ ଦସ୍ତାବିଜ, ଉତ୍ପାଦନ ଏବଂ ଅନ୍ୟାନ୍ୟ ରେକର୍ଡର ଯାଞ୍ଚ କରାଯାଉଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ତମ୍ବାଖୁ ଉତ୍ପାଦନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଉତ୍ପାଦନ ଜାରି ରହିଥିବା ନେଇ ଅଭିଯୋଗ ଉଠିଥିଲା। ସେପଟେ ଅବକାରୀ ଏସପି ଅଶୋକ ସେଠ କହିଛନ୍ତି, ଅଭିଯୋଗ ଆସିବା ପରେ ଟିମ ଚଢ଼ଉ କରିଥିଲା। ସମସ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ପାର୍ବଣ ଋତୁ ପାଇଁ ପ୍ରସ୍ତୁତି ସୁଦୃଢ଼ କଲା ଟିପିଡବ୍ଲ୍ୟୁଓଡିଏଲ

ସମ୍ବଲପୁର,୭।୧୦(ସମିସ): ଆଗାମୀ ଦୁର୍ଗାପୂଜା ଓ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ଏହାର ବିତରଣ କ୍ଷେତ୍ରର ବିଦ୍ୟୁତ ଭିତ୍ତିଭୂମି ଓ ସୁରକ୍ଷା ପ୍ରସ୍ତୁତିକୁ ସୁଦୃଢ଼ କରାଯାଇଛି।

- ସୁରକ୍ଷିତ ବିଦ୍ୟୁତ ବ୍ୟବହାର ପାଇଁ ପରାମର୍ଶ
- ୨,୬୩୫ଟି ଟ୍ରାନ୍ସଫର୍ମର ରକ୍ଷଣାବେକ୍ଷଣ; ୧,୨୯୬ଟି ହଟ୍‌ସ୍ପଟ୍ ଚିହ୍ନଟ

ପୂଜା ସମୟରେ ବିଦ୍ୟୁତ ଚାହିଦା ବୃଦ୍ଧି, ବ୍ୟାପକ ଜନସମାଗମ ଏବଂ ଅସ୍ଥାୟୀ ବିଦ୍ୟୁତ ବ୍ୟବସ୍ଥା ବୃଦ୍ଧି ପାଇବାର ଆଶା ଥିବାରୁ କମ୍ପାନୀପକ୍ଷରୁ ବ୍ୟାପକ ପ୍ରତିରୋଧମୂଳକ ରକ୍ଷଣାବେକ୍ଷଣ, ବିଦ୍ୟୁତ ନେଟୱର୍କ ସୁଦୃଢ଼ୀକରଣ ଓ ମାଇଦାନସ୍ତରୀୟ ସୁରକ୍ଷା ପଦକ୍ଷେପ ନିଆଯାଇଛି। କମ୍ପାନୀ ପକ୍ଷରୁ ୧୦୦ କେଭି.ଏ. ଓ ତାଠାରୁ ଅଧିକ କ୍ଷମତାର ୨,୬୩୫ଟି ବିତରଣ ଟ୍ରାନ୍ସଫର୍ମରର ପ୍ରତିରୋଧମୂଳକ ରକ୍ଷଣାବେକ୍ଷଣ ସମାପ୍ତ

କରାଯାଇଛି। ଏହାସହିତ ବିଦ୍ୟୁତ୍ ଉପକରଣର ସୁରକ୍ଷା ଓ ତ୍ରୁଟି ହେଲେ ଶୀଘ୍ର ବିଚ୍ଛିନ୍ନ କରିବାରେ ସହାୟତା ପାଇଁ ୫୨ଟି ସୁରକ୍ଷା ବ୍ୟବସ୍ଥା ସ୍ଥାପନ କରାଯାଇଛି। ବିଦ୍ୟୁତ୍ ଯୋଗାଣରେ ବାଧା ସୃଷ୍ଟିହେବା ପୂର୍ବରୁ ସମ୍ଭାବ୍ୟ ସମସ୍ୟା ଚିହ୍ନଟ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ଥର୍ମାଲ୍ ଇନ୍ସପେକ୍ସନ୍ କ୍ୟାମେରା ବ୍ୟବହାର କରି ବିଦ୍ୟୁତ ଲାଇନ୍ ଓ ଟ୍ରାନ୍ସଫର୍ମରର ତାପମାତ୍ରା ଯାଞ୍ଚ କରିଛି। ଏହି ପ୍ରକ୍ରିୟାରେ ୧,୨୯୬ଟି ହଟସ୍ପଟ ଚିହ୍ନଟ ହୋଇ ସମାଧାନ କରାଯାଇଛି। ଏହାସହିତ ୨୪ଟି ବିତରଣ ଟ୍ରାନ୍ସଫର୍ମରର କ୍ଷମତା ବୃଦ୍ଧି କିମ୍ବା ଉନ୍ନତିକରଣ କରାଯାଇଛି, ଯାହା ବିଦ୍ୟୁତ ଯୋଗାଣର କ୍ଷମତା ଓ ନିର୍ଭରଯୋଗ୍ୟତାକୁ ବଢ଼ାଇବ। ଏହି ଅଭିଯାନରେ ୩୪,୨୫୭ଟି ଲାଇନ୍ ସ୍ପାନ୍ ଆବରଣ କରାଯାଇଥିବାବେଳେ ୨,୪୩୬ଟି ବିତରଣ ସ୍ଥାନ ଓ ୧,୮୭୬ଟି ପୋଲ୍‌ରୁ ଲତାଗୁଳ୍ମ ହଟାଯାଇଛି। ଏହି ପଦକ୍ଷେପଗୁଡ଼ିକ ବିଶେଷକରି ପ୍ରତିକୂଳ ପାଣିପାଗ ସମୟରେ ବିଦ୍ୟୁତ ବିଚ୍ଛିନ୍ନତାର ସମ୍ଭାବନା କମାଇବାରେ ସହାୟକ ହେବ। କୌଣସି ଅସୁରକ୍ଷିତ ବିଦ୍ୟୁତ ପରିସ୍ଥିତି ଦେଖିଲେ ତୁରନ୍ତ କମ୍ପାନୀର ୨୪/୭ କଷ୍ଟମର କେୟାର ନମ୍ବର ୧୯୧୨ କିମ୍ବା ୧୮୦୦-୨୦୨-୮୦୨୮ରେ ଯୋଗାଯୋଗ କରିବା କିମ୍ବା ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟରେ ଜଣାଇବାକୁ ଅନୁରୋଧ କରାଯାଇଛି।

ସମ୍ବଲପୁରରେ ‘ବିକଶିତ ଭାରତ ସଂକଳ୍ପ ସଭା’ ଓ ସେବା ଜ୍ୟୋତି ଯାତ୍ରା

ସମ୍ବଲପୁର,୭।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ମୁଖ୍ୟ ଭାବେ ସାର୍ବଜନୀନ ଜୀବନ ଓ ପ୍ରଜାସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଏବଂ ମାସବ୍ୟାପୀ “ସେବା ସଂକଳ୍ପ ଅଭିଯାନ’ ଅନ୍ତର୍ଗତ ଆଜି ସକାଳେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆଠାରେ ‘ବିକଶିତ ଭାରତ ସଂକଳ୍ପ ସଭା’ ଓ ‘ସେବା ଜ୍ୟୋତି ଯାତ୍ରା’ ସଫଳତାର ସହ ଅନୁଷ୍ଠିତ ହୋଇଛି। ବୁଧବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଆଭାସୀ ମାଧ୍ୟମରେ ଦେଶର ୭୫୦ଟି ଜିଲ୍ଲାର ଜନସମୁଦ୍ରକୁ ସିଧାସଳଖ ସମ୍ବୋଧିତ କରିଥିଲେ। ଦେଶର ପ୍ରତ୍ୟେକ ନାଗରିକ ରାଷ୍ଟ୍ର ପ୍ରଥମ ଓ ରାଷ୍ଟ୍ରହିତକୁ ସର୍ବୋପରି ଚିନ୍ତା କରି କାର୍ଯ୍ୟ ସମ୍ପାଦନ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇଥିବା ବେଳେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ, ସମ୍ବଲପୁର ଜିଲ୍ଲା ବିଜେପି ପ୍ରଭାରୀ କାଳିନ୍ଦୀ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ଭାଗିନ୍ଦ୍ର କିଷାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ସଦସ୍ୟା ସବିତା ନନ୍ଦ, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ପ୍ରମୁଖ ମଞ୍ଚାସିନ ଥିଲେ। ବରିଷ୍ଠ ସାମାଜିକ କର୍ମୀ କାର୍ତ୍ତିକ ବହିଦାର ଉପସ୍ଥିତ ବିଜେପି ପଦାଧିକାରୀ, କାର୍ଯ୍ୟକର୍ତ୍ତା, ସମର୍ଥକ ଓ ଜନସାଧାରଣଙ୍କୁ ବିକଶିତ ଭାରତ ଗଠନର ସଂକଳ୍ପକୁ ଶପଥ କରେଇଥିବା ବେଳେ ଅସୀମ ପ୍ରଧାନ କାର୍ଯ୍ୟକ୍ରମରେ ଉଦଘୋଷକ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସ୍ଥଳରୁ ନେତୃମଣ୍ଡଳୀ ଓ ଉପସ୍ଥିତ ଜନସାଧାରଣ ପଦଯାତ୍ରା କରି ସେବା ଜ୍ୟୋତି ମଶାଲକୁ ନେଇ ସେବା ଜ୍ୟୋତି ଛକରେ ପ୍ରତୀକାତ୍ମକ ସ୍ଥାପନା କରାଯାଇଥିଲା।

ବଜ୍ରାଘାତରେ ଚାଷୀ ମୃତ

ସମ୍ବଲପୁର, ୭।୧୦(ସମିସ) : ଗତକାଲି ସନ୍ଧ୍ୟାରେ ସମ୍ବଲପୁର ଉପକଣ୍ଠସ୍ଥ ତାଲବ ଗ୍ରାମର କିଶୋର ନାୟକ (୪୭) ନିଜ ଚାଷଜମିରେ ଔଷଧ ସିଞ୍ଚନ କରୁଥିବା ସମୟରେ ବ୍ରଜାଘାତରେ ଗୁରୁତର ଆହତ ହୋଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଚଳିତ ହୋଇ କିଛି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଖୋଜିବାକୁ ଯାଇଥିଲେ। ଶେଷରେ ଚାଷଜମିରୁ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିଲା। ଆଜି ସନ୍ଧ୍ୟାରେ ମୃତଦେହ ଗ୍ରାମକୁ ଆସିବା ପରେ ଶହ ଶହ ଲୋକଙ୍କ ଉପସ୍ଥିତିରେ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁଅ ପ୍ରିୟାଂଶୁ ମୁଖାଗ୍ନି ଦେଇଥିଲେ। କିଶୋର ନାୟକ ଜଣେ ଉନ୍ନତ ଚାଷୀ ତଥା ଅତ୍ୟନ୍ତ ସରଳ, ଅମାୟିକ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କର ଅକାଳ ବିୟୋଗରେ ଚାଷୀ ସମାଜ, ଗ୍ରାମବାସୀ ଓ ପରିଚିତ ବନ୍ଧୁବର୍ଗ ଗଭୀର ଭାବେ ମର୍ମାହତ। ତାଙ୍କ ପଛରେ ସହଧର୍ମିଣୀ ସୀମନ୍ତିନୀ ନାୟକ, ପୁଅ ପ୍ରିୟାଂଶୁ (୧୪), ବଡ଼ଭାଇ ତଥା ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ସଭାପତି ବ୍ୟୋମକେଶ ଠାକୁର ଓ ଅନ୍ୟମାନେ ଗଭୀର ଶୋକପ୍ରକାଶ କରିଛନ୍ତି।

ଇଣ୍ଡୋନେସିଆରେ ଭିସୁଟ୍ ବୈଷୟିକ ଟିମ୍

ସମ୍ବଲପୁର, ୭।୧୦ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରୁ ଆଇଇଇଇ ୱାଇଇଏସ୍ଆଇଏସ୍‌ଟି୧୨ ୨୦୨୬ ପାଇଁ ସାତଟି ଟିମ୍ ଚୟନ ହେବା ବିଶ୍ୱବିଦ୍ୟାଳୟ ଓ ଏହାର ଛାତ୍ର ସମୁଦାୟ ପାଇଁ ଏକ ଗର୍ବର ମୁହୂର୍ତ୍ତ। ସେମାନଙ୍କ ମଧ୍ୟରୁ ଟିମ୍ ନ୍ୟୁଟ୍ରାଲ୍ ଲିଫ୍ ଜାକର୍ତ୍ତା, ଇଣ୍ଡୋନେସିଆରେ ଆୟୋଜିତ ଆଇଇଇଇ ୱାଇଇଏସ୍ଆଇଏସ୍‌ଟି୧୨ ୨୦୨୬ ଗ୍ରାଣ୍ଡ ଫିନାଲେରେ ଭିସୁଟ୍‌କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲା। ଏହି ଟିମ୍‌ରେ ଟିମ୍ ଲିଡର ଚନ୍ଦ୍ର ପ୍ରକାଶ ମିଶ୍ର, ଶ୍ରୀଅଂଶ ବାବୁ ଏବଂ ସୂର୍ଯ୍ୟାଂଶୀ ଧଳ ଥିବାବେଳେ, ସମସ୍ତେ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂର ଦ୍ୱିତୀୟ ବର୍ଷର ବି.ଟେକ୍ ଛାତ୍ର ଏବଂ ସେମାନଙ୍କ ସହ-ମେଣ୍ଟର ଭାବେ ଲେଫ୍ଟନାଣ୍ଟ ଡଃ ବୀରେନ୍ଦ୍ର କୁମାର ବାରିକ ଯାତ୍ରା କରିଥିଲେ। ଆନ୍ତର୍ଜାତୀୟ ମଞ୍ଚରେ ଭିସୁଟ୍‌ର ପ୍ରତିନିଧିତ୍ୱ କରିବା ସହ ଟିମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାଇବ୍ରାଣ୍ଟ ପାଇଲଟ୍ ଲୋୟାଲିଟି ଆୱାର୍ଡ ଗ୍ରହଣ କରିଥିଲା। ଜାକର୍ତ୍ତା ଯାତ୍ରା କେବଳ ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ ନଥିଲା - ଏହା ଥିଲା ନବସୃଜନ, ଟିମ୍‌ୱର୍କ, ଦୃଢ଼ତା ଏବଂ ଭିସୁଟ୍‌ର ଉତ୍ସାହର ଏକ ଉତ୍ସବ। ନିଜ ବିଶ୍ୱବିଦ୍ୟାଳୟର ନାମକୁ ଏକ ଆନ୍ତର୍ଜାତୀୟ ମଞ୍ଚକୁ ନେଇଯାଇ ଅସଂଖ୍ୟ ସ୍ମୃତି ସହ ଫେରିଥିବା ଏହି ଟିମ୍‌ର ଯାତ୍ରା ଭିସୁଟ୍‌ର ଛାତ୍ର ନବସୃଜନର ଗୌରବମୟ ଯାତ୍ରା ବୋଲି କୁହାଯାଇଛି।

ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ଏସିଡିସି ସମୀକ୍ଷା ବୈଠକ

ଉଚ୍ଚ ଅଧିକାରୀଙ୍କ ଅନୁପସ୍ଥିତି ଓ ପ୍ରକଳ୍ପ ତଦାରଖରେ ବିଳମ୍ବ ନେଇ ବିଧାୟକଙ୍କ ଅସନ୍ତୋଷ

ସମ୍ବଲପୁର, ୭।୧୦(ସମିସ)

ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟକାରିତା ସମୀକ୍ଷା ପାଇଁ ଆସେମ୍ବ୍ଲି କନଷ୍ଟିଚୁଏନ୍ସି ଡେଭଲପମେଣ୍ଟ କମିଟି (ଏସିଡିସି)ର ଏକ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏସିଡିସିର ସଦସ୍ୟ-ଆବାହକ ତଥା ସମ୍ବଲପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ରେଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, କେନ୍ଦୁଲିଫ୍ ଡିଏଫ୍‌ଓ କ୍ଷୀରୋଦ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ସମୀକ୍ଷା ସମୟରେ ଦେଖାଯାଇଛି ଯେ ଅନେକ ବିଭାଗରେ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଉପଯୁକ୍ତ ସମୟରେ ୟୁଟିଲାଇଜେସନ ସାର୍ଟିଫିକେଟ୍ (ୟୁସି) ସରକାରଙ୍କ ପାଖକୁ ପଠାଯାଉନାହିଁ। ନିୟମ ଅନୁଯାୟୀ, ଡବ୍ଲୁଓଡିସି କିମ୍ବା ଏମଏଲଏ/ଏମ୍‌ପି ଲାଡ୍ ପାଣ୍ଠିର ନିର୍ଦ୍ଦିଷ୍ଟ ପରିମାଣର ୟୁସି ନଗଲେ ପରବର୍ତ୍ତୀ ଅର୍ଥ ଆବଣ୍ଟନ ହୋଇପାରିବ ନାହିଁ, ଯାହା ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାସହ ଏମଏଲଏ ଲାଡ୍ ଫଣ୍ଡ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପ୍ରସ୍ତାବଗୁଡ଼ିକର ଫିଜିବିଲିଟି ରିପୋର୍ଟ ଠିକ୍ ସମୟରେ ପ୍ରସ୍ତୁତ ନହେବା ଏବଂ କାମ ପୁରା ହୋଇଥିଲେ ବି ଛୋଟ ଛୋଟ ବିଲ୍ ପେମେଣ୍ଟରେ ବିଳମ୍ବ ହେଉଥିବା ନେଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତର୍କ କରାଯାଇଛି।

ବୈଠକରେ ବିଧାୟକ ପାଣ୍ଠି (ଏମ୍ଏଲ୍ଏ-ଲାଡ୍) ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧୀନରେ ଚାଲୁଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି ନେଇ ବିଭାଗୱାରୀ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ, ପ୍ରାଣୀସେବା, ପୂର୍ତ୍ତ, ବିଦ୍ୟୁତ୍ ସେବା ଓ ପାନୀୟ ଜଳଯୋଗାଣ ଭଳି ଜନସାଧାରଣଙ୍କ ସହ ସିଧାସଳଖ ଜଡ଼ିତ କ୍ଷେତ୍ରର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ଏହା ସହ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ, ସାର୍ବଜନୀନ ସ୍ଥାନରେ ଶୌଚାଳୟ ନିର୍ମାଣ ଏବଂ ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ମଧ୍ୟ ଆଲୋଚନା ହୋଇଥିଲା। ବିଧାୟକ ଶ୍ରୀ ଆଚାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ସହ ପ୍ରକଳ୍ପଗୁଡ଼ିକର ଭୌତିକ ଓ ଆର୍ଥିକ ସ୍ଥିତି ସମୀକ୍ଷା କରିଥିଲେ। ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ଗୁଣାତ୍ମକ ମାନ ବଜାୟ ରଖିବାକୁ ସେ ବିଭାଗୀୟ ପ୍ରତିନିଧିମାନଙ୍କୁ କହିଥିଲେ। ପ୍ରକଳ୍ପଗୁଡ଼ିକର ନିୟମିତ ତଦାରଖ ଓ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରହିଲେ କାର୍ଯ୍ୟ ଠିକ୍ ଭାବେ ଆଗେଇବ ବୋଲି ସେ ମତ ଦେଇଥିଲେ। ତେବେ ବୈଠକରେ କେତେକ ବିଭାଗୀୟ ଉଚ୍ଚ ଅଧିକାରୀ ଅନୁପସ୍ଥିତ ଥିବାରୁ ବିଧାୟକ ଶ୍ରୀ ଆଚାର୍ଯ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ରେଢ଼ାଖୋଲ ଉପଜିଲ୍ଲାପାଳ ଓ ସଦର ଉପଜିଲ୍ଲାପାଳ ମଧ୍ୟ ବୈଠକରେ ଯୋଗ ଦେଇ ନ ଥିଲେ। ପ୍ରକଳ୍ପଗୁଡ଼ିକର ତଦାରଖ ଠିକ୍ ସମୟରେ ହେଉନଥିବା ଏବଂ କେତେକ କ୍ଷେତ୍ରରେ ଫିଜିବିଲିଟି ରିପୋର୍ଟ ଦାଖଲ ହେଉନଥିବା ନେଇ ଅଭିଯୋଗ ଉଠିଥିଲା। ଏହି ପ୍ରସଙ୍ଗଗୁଡ଼ିକରେ ଅଧିକାରୀମାନେ ଦାୟିତ୍ୱର ସହ କାମ କରିବା ସହ ନିୟମିତ ଅଗ୍ରଗତି ସୂଚନା ଦେବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ହୀରାଲାଲ ବେହେରା, ଅରୁଣ ପ୍ରଧାନ, ପିଣ୍ଟୁ ପ୍ରଧାନ, ମନୋଜ ମହାପାତ୍ର ଓ ବିନୋଦ ବଡ଼ପଣ୍ଡା, ରାଜକିଶୋର ପ୍ରଧାନ ମଞ୍ଚାସୀନ ଥିଲେ। ଶେଷରେ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଓ ନିୟମିତ ତଦାରଖ ମାଧ୍ୟମରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଏବଂ ସାଧାରଣ ଜନତାଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ଅଗ୍ରାଧିକାର ଦେବାକୁ ବିଧାୟକ ଶ୍ରୀ ଆଚାର୍ଯ୍ୟ ଆହ୍ୱାନ ଦେଇଥିଲେ।

ଦୁଇ ମହଲା ଛାତରୁ ପଡ଼ି ମିସ୍ତ୍ରି ମୃତ

କେସିଙ୍ଗା, ୭ ।୧୦(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧୀନସ୍ଥ ଉକ୍କେଲା ପଞ୍ଚାୟତର ବଙ୍ଗଳାପଡ଼ା ଅଞ୍ଚଳରେ ଘରକାମ କରୁଥିବା ବେଳେ ଦୁଇ ମହଲା ଛାତରୁ ଖସି ଜଣେ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତ ମିସ୍ତ୍ରୀ ଜଣକ କେସିଙ୍ଗା ବ୍ଲକ ଉକ୍କେଲା ପାଖ ମାଲପଡ଼ା ଗ୍ରାମର ଡୋଳା ପୋଢ଼ (୩୨) ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ଉକ୍କେଲା ବଙ୍ଗଳାପଡ଼ା ଅଞ୍ଚଳର ଏୟାରପୋର୍ଟ ଯିବା ରାସ୍ତା ସମ୍ମୁଖରେ ଏକ ଦୁଇ ମହଲା କୋଠାର ପାରାପିଟ କାମ କରୁଥିବା ସମୟରେ ଗୋଡ଼ ଖସି ଯିବାରୁ ଡୋଳା ହଠାତ୍ ତଳକୁ ଖସି ପଡ଼ିଥିଲେ । ପରେ ଘର ମାଲିକ ସନ୍ତୋଷ ପ୍ରଧାନ ତାଙ୍କୁ କେସିଙ୍ଗା ଡାକ୍ତରଖାନାକୁ ନେଇଥିଲେ । ସେଠାରୁ ପୁଣି ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

ଅନ୍ୟା ଦାସ ନୂଆପଡ଼ା ଜିଲ୍ଲାପାଳ

ନୂଆପଡ଼ା, ୭ ।୧୦(ସମିସ): ସରକାର ଆଇଏଏସ୍ ସ୍ତରରେ ଅଦଳବଦଳ ପରେ ନୂଆପଡ଼ା ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ଅନ୍ୟା ଦାସଙ୍କୁ ନିଯୁକ୍ତି ଦେଇଛନ୍ତି । ଏଠାରେ ଥିବା ଜିଲ୍ଲାପାଳ ମଧୁସୂଦନ ଦାସ ଅତିରିକ୍ତ ଶାସନ ସଚିବ, ସାଧାରଣ ପ୍ରଶାସନ ଅଭିଯୋଗ ବିଭାଗକୁ ବଦଳି ହୋଇଛନ୍ତି । ନୂତନ ନିଯୁକ୍ତ ଜିଲ୍ଲାପାଳ ଅନ୍ୟା ଦାସ ଆଇଏଏସ (ଆର୍‌ଆର -୨୦୧୯) ପୂର୍ବରୁ ରାଜ୍ୟ ସରକାରଙ୍କ ଉପସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ କାର୍ଯ୍ୟରତ ଥିଲେ ।

ଓଡ଼ିଶା ରଣଜୀ ଦଳରେ କଳାହାଣ୍ଡିର ଦିନେଶ

ଭବାନୀପାଟଣା, ୭ ।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ୨୦୨୬-୨୭ ସିଜନ ଡୋମେଷ୍ଟିକ୍ ବିସିସିଆଇ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଓଡ଼ିଶା ରଣଜୀ ଦଳର ୧୭ ଜଣିଆ ଚୂଡ଼ାନ୍ତ ଖେଳାଳି ତାଲିକା ଘୋଷଣା ହୋଇଛି । ଏଥିରେ କଳାହାଣ୍ଡିର ଯୁବ କ୍ରିକେଟ ଖେଳାଳି ଦିନେଶ କୁମାର ମାଝୀ ଅଛନ୍ତି । ଓଡ଼ିଶା ରଣଜୀ ଦଳରେ ସ୍ଥାନ ପାଇଥିବାରୁ ଦିନେଶଙ୍କୁ ଜିଲ୍ଲା କ୍ରୀଡା ସଂସ୍ଥା ସମେତ ଜିଲ୍ଲାର ବହୁ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ କଳାହାଣ୍ଡି ଜିଲ୍ଲା ମାଣିଙ୍ଗପଦର ଗ୍ରାମର ଜଗୁରାମ ମାଝୀ ଓ ନଳିନୀ ମାଝୀଙ୍କ ପୁଅ ଦିନେଶ ବର୍ତ୍ତମାନ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ଯୁକ୍ତ ତିନି କଳା ଶେଷ ବର୍ଷ ଛାତ୍ର । ସେ ୨୦୧୮-୧୯ ରେ ବିଜୟ ମାର୍ଚ୍ଚେଣ୍ଟ ଟ୍ରଫି, ୨୦୨୧-୨୨ କୋଚ୍ ବିହାର ଟ୍ରଫି ଓ ବିନୁ ମଙ୍କଡ ଟ୍ରଫି, ୨୦୨୪-୨୫ ଓ ୨୦୨୬ ଅଣ୍ଡର ୨୩ ରାଜ୍ୟ ଟ୍ରଫି, ୨୦୨୫-୨୬ ସି କେ ନାଇଡୁ ଓ ବିଜୟ ହଜାରେ ଟ୍ରଫି ରେ ଓଡ଼ିଶା କୁ ପ୍ରତିନିଧିତ୍ୱ କରିବା ସହ ୨୦୨୬ ମୁଖ୍ୟମନ୍ତ୍ରୀ ଟ୍ରଫି ଓଡ଼ିଶାରେ ସ୍ଥାନ ପାଇଛନ୍ତି । କଳାହାଣ୍ଡି ର ପ୍ରଥମ ଖେଳାଳି ଭାବରେ ଦିନେଶ ଚଳିତ ରଣଜୀ ସିଜନ୍ ରେ ଓଡ଼ିଶା ପାଇଁ ପ୍ଲେଇଙ୍ଗ ଏକାଦଶରେ ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି ।

ସର୍ପାଘାତରେ ବୃଦ୍ଧଙ୍କ ମୃତ୍ୟୁ

ଗୋଲାମୁଣ୍ଡା, ୭ ।୧୦(ସମିସ): ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ପଞ୍ଚାୟତ କୋଦୋଭଟା ଗ୍ରାମରେ ସାପ କାମୁଡ଼ାରେ ମାଧବ ସିଂ(୬୨)ଙ୍କ ମୃତ୍ୟୁ ଘଟିଛି । ମାଧବ ସିଂଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଥିଲା । ସାପ କାମୁଡ଼ିବା ପରେ ତାଙ୍କ ଶରୀରରେ ଅସୁସ୍ଥତା ଦେଖାଦେଇଥିଲା । ଘଟଣା ଜଣାପଡ଼ିବା ପରେ ପରିବାରଲୋକେ ଓ ସ୍ଥାନୀୟଲୋକେ ତାଙ୍କୁ ତୁରନ୍ତ ଚପ୍ରରିଆ ଚିକିତ୍ସାଳୟକୁ ନେଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଅନ୍ତ୍ୟୋଦୟ ନଗର ପାଇଁ ୧୩ ପରିବାରକୁ କାର୍ଯ୍ୟାଦେଶ ବଣ୍ଟନ

ଗୋଲାମୁଣ୍ଡା, ୭ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ତୁର୍ଲାପଡ଼ାରେ ୧୩ଟି ପରିବାରକୁ ଆବାସର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ପ୍ରଧାନ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଏବିଡିଓ ବିଜୟ କୁମାର ନାଏକ, ଏପିଡି ଆରଏଚ୍ ଅମୁଲ୍ୟ ବେହେରା, ଏପିଡି ସ୍କିମ୍ ବିଭାଗର ବିଦ୍ୟାଧର ସାହୁ, ଭିବିଜିରାମ ଜୀ ଏମସି ପାର୍ବତୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଡ. ମାନସ ରଞ୍ଜନ ତ୍ରିପାଠୀ, ଆରଏଚ୍ ବିପିସି ମଧୁ ସାହୁ, ଚିତ୍ତରଞ୍ଜନ ଜେନା, ନିକୁଞ୍ଜ ନାଏକ, ଅଲେଖ ସା, ରାଜମୋହନ ଶବର, ଦିନେଶ ପାନକା, ଜୟରାମ ସାହୁ, ଲଳିତ ମଙ୍ଗରାଜ, ସଞ୍ଜୀବ ନିଆଲ, ଜୟନ୍ତ ସିଂ, ଜୟକୃଷ୍ଣ ସାହୁ, ତାପସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ନାଗାବଳୀ ନଦୀ ଆରପାରିରେ ଅଟକିଛି ବିକାଶ

ପୋଲ ଅଭାବରୁ ବର୍ଷର ୮ ମାସ ବିଚ୍ଛିନ୍ନ ଜୀବନ

- ତିନିବର୍ଷରୁ ଅଧିକ ସମୟଧରି ଅଧାପନ୍ତରିଆ ପୋଲ
- ଶିକ୍ଷା-ସ୍ୱାସ୍ଥ୍ୟ-ଗମନାଗମନ ସମେତ ମୌଳିକ ସୁବିଧାରୁ ବଞ୍ଚିତ ଅନେକ ଗାଁ

ଥୁଆମୂଳ ରାମପୁର, ୭ ।୧୦(ସମିସ)

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳରାମପୁରବ୍ଲକସଦରମହକୁମାଠାରୁ ପ୍ରାୟ ୬୦ କିଲୋମିଟର ଦୂରରେ ଥିବା ସିଲେଟ ପଞ୍ଚାୟତର ଅନେକ ଗାଁ ଆଜି ବି ଦୁର୍ଗମ ଓ ବିଚ୍ଛିନ୍ନାଞ୍ଚଳ ଭାବେ ରହିଛି । ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂପୁର ବ୍ଲକ ସୀମାନ୍ତରେ ଥିବା ଏହି ପଞ୍ଚାୟତ ୨୦୧୭ରେ ନୂତନ ପଞ୍ଚାୟତ ଭାବେ ଗଠିତ ହୋଇଥିଲା । ପଞ୍ଚାୟତ ଗଠନ ପରେ ଅଞ୍ଚଳରେ ବିକାଶର ନୂଆ ଆଶା ସଞ୍ଚାର ହୋଇଥିଲା । କିନ୍ତୁ ବର୍ଷ ପରେ ବର୍ଷ ବିତିଗଲେ ମଧ ଅନେକ ସମସ୍ୟାର ସମାଧାନ ହୋଇପାରିନି । ସିଲେଟ ପଞ୍ଚାୟତ ଅଞ୍ଚଳକୁ ଉତ୍ତମ ଗମନାଗମନ ବ୍ୟବସ୍ଥା ସହ ଯୋଡ଼ିବା ପାଇଁ ୨୯ ଡିସେମ୍ବର ୨୦୨୧ରେ ପ୍ରଧାନମନ୍ତ୍ରୀ/ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସଡ଼କ ନିର୍ମାଣ ଆରମ୍ଭ ହୋଇଥିଲା । ହେଲେ ସେମିଖାଲ ଓ ରୁପେଣ ମଧ୍ୟରେ ପ୍ରବାହିତ ଡୁଡୁଙ୍ଗପେଟା ନଦୀଉପରେ ପୋଲ ନିର୍ମାଣ ନହେବାରୁ ପକ୍କା ରାସ୍ତା ଥାଇ ମଧ ତାହାର ପୂର୍ଣ୍ଣ ସୁଫଳ ଲୋକେ ପାଇପାରୁନାହାନ୍ତି । ବର୍ଷାଦିନେ ନଦୀ ଫୁଲିଲେ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡୁଛି । ଦୁର୍ବେଳଗୁଡା, ଝାଞ୍ଜି, ମାଳତୀପଦର, ମାରଗୁମା, ପାଜିଖାଲ, କୁଟଖାଲ, କାରବାଲିପଡ଼ା ଏବଂ ନାକୁରୁଣ୍ଡି ପଞ୍ଚାୟତର କେଲୁଆ ଭଳି ଗାଁଗୁଡ଼ିକର ଯାତାୟାତରେ ମୁଖ୍ୟ ବାଧକ ସାଜିଛି ନାଗାବଳୀ ନଦୀ । ତେବେ ଏହି ସମସ୍ୟାର ସମାଧାନ ଆଶାରେ ମାଳତୀପଦର ଓ କାନ୍ଦୁଲଗୁଡ଼ା ମଧ୍ୟରେ ପ୍ରବାହିତ ନାଗାବଳୀ ନଦୀ ଉପରେ ଏକ ପୋଲ ନିର୍ମାଣ କାମ ଆଜକୁ ତିନି ବର୍ଷରୁ ଅଧିକ ସମୟ ପୂର୍ବରୁ ଆରମ୍ଭ ହୋଇଥିଲା । ହେଲେ ଦୀର୍ଘ ସମୟ ବିତିଯାଇଥିଲେ ମଧ ପୋଲ ନିର୍ମାଣ କାମ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଫଳରେ ପୋଲ ନିର୍ମାଣ ଆରମ୍ଭ ହୋଇଥିଲେ ମଧ ଏହାର ସୁଫଳ ପାଇବାରୁ ଅଞ୍ଚଳବାସୀ ବଞ୍ଚିତ । ତେଣୁ ଅଧାପନ୍ତରିଆ ପୋଲ କାମ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । କେଲୁଆରେ ପ୍ରାୟ ୬୦ ଆଦିବାସୀ ପରିବାର, ଦୁର୍ବେଳଗୁଡାରେ ୪୦, ଝାଞ୍ଜିରେ ୩୨, ମାଳତୀପଦରରେ ୫୦, ମାରଗୁମାରେ ୪୫, ପାଜିଖାଲରେ ୩୨, କୁଟଖାଲରେ ୧୩ ଏବଂ କାରବାଲିପଡ଼ାରେ ପ୍ରାୟ ୨୦ ପରିବାର ବସବାସ କରୁଛନ୍ତି । ବର୍ଷର କେବଳ ପ୍ରାୟ ଚାରି ମାସ ନଦୀ ପାର ହୋଇ ଯାତାୟାତ କରିପାରୁଥିବା ବେଳେ ବାକି ପ୍ରାୟ ୮ ମାସ ଖରସ୍ରୋତା ନାଗାବଳୀ ଏହି ଅଞ୍ଚଳବାସୀଙ୍କ ପାଇଁ ବିପଦ ସାଜିଥାଏ । ନଦୀ ଯୋଗୁଁ ଗାଁଗୁଡ଼ିକ ଏକପ୍ରକାର ବିଚ୍ଛିନ୍ନ ଦ୍ୱୀପରେ ପରିଣତ ହୋଇଯାଏ । ଦୁର୍ବେଳଗୁଡା ଓ ଝାଞ୍ଜି ଗାଁରେ ଆଜି ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ନାହିଁ । ଦୁଇଟି ଗାଁ ପାଇଁ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ରହିଥିଲେ ମଧ ଏହାର ଗୃହ ଦୀର୍ଘଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି । ମାରଗୁମା ଓ ମାଳତୀପଦରରେ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ଥିଲେ ମଧ ଦୁର୍ଗମତା ଓ ଯାତାୟାତ ସମସ୍ୟା ଯୋଗୁଁ ଶିକ୍ଷା ବ୍ୟବସ୍ଥାର ସୁଫଳ କେତେଦୂର ପହଞ୍ଚୁଛି, ତାହା ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି । ପାନୀୟଜଳ ସମସ୍ୟା ଦୂର ପାଇଁ ଓଟିଇଏଲପି ପକ୍ଷରୁ ଗ୍ରାଭିଟି ମାଧ୍ୟମରେ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା ହୋଇଛି । ହେଲେ ବର୍ଷା ବିପ୍ରାତରେ ପ୍ରାୟତଃ ପାଇପ ଓ ପ୍ରକଳ୍ପ ନଷ୍ଟ ହୋଇଯାଉଥିବାବେଳେ ପରବର୍ତ୍ତୀ ସମୟରେ ଏହାର ମରାମତି ପ୍ରତି ପ୍ରଶାସନର ଆବଶ୍ୟକ ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି । ସ୍ୱାସ୍ଥ୍ୟସେବାର ଅବସ୍ଥା ମଧ ଦୟନୀୟ । ଗର୍ଭବତୀ ମହିଳା କିମ୍ବା ଗୁରୁତର ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଦେବା ପାଇଁ ନିକଟରେ ସୁବିଧା ନଥିବାରୁ ଅନେକ ସମୟରେ ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାର କରାଇ କଲ୍ୟାଣସିଂପୁର ଅଞ୍ଚଳକୁ ନେବାକୁ ପଡୁଥିବା ଅଭିଯୋଗ ରହିଛି । ପିଡିଏସ୍ ଚାଉଳ ଓ ଭତ୍ତା ପାଇଁ ମଧ ବୃଦ୍ଧବୃଦ୍ଧାଙ୍କୁ ନଦୀ ପାର ହୋଇ ଯିବାକୁ ପଡୁଛି । ମୋବାଇଲ ନେଟୱର୍କ ଓ ଇଣ୍ଟରନେଟ ସେବାର ଅବସ୍ଥା ମଧ ଅତ୍ୟନ୍ତ ଦୁର୍ବଳ ବୋଲି ଅଞ୍ଚଳବାସୀଙ୍କ ଅଭିଯୋଗ । ନାଗାବଳୀ ନଦୀ ଉପରେ ଅଧାପନ୍ତରିଆ ପୋଲ ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ ହେବା ସହ ଅନ୍ୟ ଆବଶ୍ୟକ ସ୍ଥାନରେ ପୋଲ ନିର୍ମାଣ କରାଗଲେ ସିଲେଟ ପଞ୍ଚାୟତର ଅନେକ ଦୁର୍ଗମ ଗାଁର ଚିତ୍ର ବଦଳିପାରିବ । ଶିକ୍ଷା, ସ୍ୱାସ୍ଥ୍ୟ, ଯାତାୟାତ, ପାନୀୟଜଳ, ସରକାରୀ ଯୋଜନା ଓ ବଜାର ସହ ଯୋଗାଯୋଗସବୁ କ୍ଷେତ୍ରରେ ଏହାର ସୁଫଳ ମିଳିପାରିବ । ତେଣୁ ନାଗାବଳୀ ନଦୀ ଉପରେ ଚାଲିଥିବା ଅଧାପନ୍ତରିଆ ପୋଲ କାମ ତୁରନ୍ତ ସାରିବା ସହ ଆବଶ୍ୟକ ସ୍ଥାନରେ ନୂତନ ପୋଲ ନିର୍ମାଣ ଏବଂ ଦୁର୍ଗମ ଗାଁଗୁଡ଼ିକରେ ମୌଳିକ ସୁବିଧା ପହଞ୍ଚାଇବାକୁ ସିଲେଟ ପଞ୍ଚାୟତବାସୀ ଦାବି କରିଛନ୍ତି ।

● ନୂଆପଡ଼ାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଭୂମିହୀନ ପରିବାରଙ୍କୁ ଡିସେମ୍ବର ସୁଦ୍ଧା ଘରଡିହ ପଟ୍ଟା ଦେବାକୁ ନିର୍ଦ୍ଦେଶ

ନୂଆପଡ଼ା, ୭ ।୧୦(ସମିସ): ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ରାଜସ୍ୱ ପ୍ରଶାସନକୁ ଅଧିକ ଜନମୁଖୀ, ସ୍ୱଚ୍ଛ ଓ ଦକ୍ଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ବାସୁନ୍ଧରା ଯୋଜନା ଅଧୀନ ଯୋଗ୍ୟ ଭୂମିହୀନ ପରିବାରଙ୍କୁ ଘରବାରି ଜମି ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଡିସେମ୍ବର ସୁଦ୍ଧା ଜିଲ୍ଲାର ସମସ୍ତ ଯୋଗ୍ୟ ପରିବାରଙ୍କୁ ଘରବାରି ପଟ୍ଟା ପ୍ରଦାନ କରିବାକୁ ସେ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ନିୟମାନୁଯାୟୀ ପୂର୍ବରୁ ୩୦ ଦିନର ନୋଟିସ୍ ପ୍ରଦାନ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । 'ଗୋଚର ବଞ୍ଚାଅ ଅଭିଯାନ'କୁ ଅଧିକ ସକ୍ରିୟ କରି ଗୋଚର ଜମିରେ ଥିବା ଅନଧିକୃତ ନିର୍ମାଣ ଓ ଅନ୍ୟାନ୍ୟ ଜବରଦଖଲ ଚିହ୍ନଟ କରି ନିୟମାନୁଯାୟୀ ଦୃଢ଼ ପଦକ୍ଷେପ ନେବାକୁ ସେ ତହସିଲଦାରମାନଙ୍କୁ କହିଥିଲେ । ବୈଠକ ଅବସରରେ ରାଜସ୍ୱ ପ୍ରଶାସନରେ ଉଲ୍ଲେଖନୀୟ ସହଯୋଗ, ସକ୍ରିୟ ଭୂମିକା, ଉତ୍ତମ ସମନ୍ୱୟ, ସଚ୍ଚୋଟତା ଓ ଜନସ୍ୱାର୍ଥମୂଳକ କାର୍ଯ୍ୟପାଇଁ କୋମନା ତହସିଲର ଯୁଗେ ମାଝୀଙ୍କୁ 'ରାଜସ୍ୱ ମିତ୍ର ପୁରସ୍କାର' ପ୍ରଦାନ କରାଯାଇଥିଲା । ବୈଠକରେ ଉପଜିଲ୍ଲାପାଳ ସୁର୍ମି ସୋରେନ, ଡିଏଫ୍ଓ ଅଜିଜ୍ ଖାନ୍, ଡେପୁଟି ଜିଲ୍ଲାପାଳ ସୁଚିସ୍ମିତା ମହାନ୍ତି, ଡେପୁଟି ଜିଲ୍ଲାପାଳ ଶେଖ୍ ନସିମ୍, ସମସ୍ତ ତହସିଲଦାର, ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

ବରିଷ୍ଠ ସାମ୍ବାଦିକ ରବିକାନ୍ତ ଠେଲାଙ୍କ ପରଲୋକ

ଖଡ଼ିଆଳ, ୭ ।୧୦(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ନିବାସୀ ବରିଷ୍ଠ ସାମ୍ବାଦିକ ରବିକାନ୍ତ ଠେଲାଙ୍କ ୫୧ ବର୍ଷ ବୟସରେ ମଙ୍ଗଳବାର ମଧ୍ୟରାତ୍ରିରେ ପରଲୋକ ଘଟିଛି । ସେ ଏକବର୍ଷ ଧରି କିଡ୍‌ନୀ ଓ ଫୁସଫୁସ୍‌ଜନିତ ସମସ୍ୟାରେ ପୀଡ଼ିତ ଥିଲେ । ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଚିକିତ୍ସାଳୟରେ ତାଙ୍କ ଚିକିତ୍ସା ଚାଲିଥିଲା । ବୁଧବାର ଖଡ଼ିଆଳ ପୁଟୁପଡ଼ାଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁତ୍ର କୃଷ୍ଣକାନ୍ତ ଠେଲା ମୁଖାଗ୍ନି ଦେଇଥିଲେ । ସେ ପତ୍ନୀ ଗୋମତୀ ଠେଲା, ଝିଅ ସାଗରିକା ଠେଲା ଓ ପୁତ୍ର କୃଷ୍ଣକାନ୍ତ ପରିବାରର ଅନ୍ୟ ସଦସ୍ୟଙ୍କୁ ଛାଡ଼ି ଯାଇଛନ୍ତି । ସ୍ୱର୍ଗତ ଠେଲା କିଛି ବର୍ଷ ଧରି 'ଖଡ଼ିଆଳ ସକାଳ'ର ପ୍ରତିନିଧି ଭାବେ କାର୍ଯ୍ୟ କରି ସାମ୍ବାଦିକତା କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିଥିଲେ । ସେ ଜଣେ ଭଦ୍ର, ମିଷ୍ଟଭାଷୀ ଓ ଅମାୟିକ ବ୍ୟକ୍ତିତ୍ୱ ଭାବେ ସମସ୍ତଙ୍କ ପ୍ରିୟ ଥିଲେ । ତାଙ୍କ ବିୟୋଗରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ରାଜାସାହେବ ଦେବ ଦେବପ୍ରସାଦ ସିଂହ ଦେଓ, ଏନ୍ଏସି ଅଧ୍ୟକ୍ଷ ଉଜ୍ୱଳ ଗୁପ୍ତା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ବରିଷ୍ଠ କଂଗ୍ରେସ ନେତା କମଳ ଚରଣ ତାଣ୍ଡି, ବରିଷ୍ଠ ବିଜେପି ନେତା ଅଜିତ କିଶୋର ଚଲାନ, ସଞ୍ଜୟ ତିୱାରୀ, ବରିଷ୍ଠ ସାମ୍ବାଦିକ ଅଜିତ ପଣ୍ଡା, କୁନୁ କରୁଆଁ, ତପନ ଦାସ, ଘନଶ୍ୟାମ ଭୋଇ, ବିଜୟ ସହିସ, ମୋତିଲାଲ ବାଗ, ପରମେଶ୍ୱର ବାରିକ, ଯୋଗେଶ୍ୱର ସଗରିଆ, ସନ୍ତୋଷ ଦଣ୍ଡସେନା, ସୁଜିତ ପ୍ରଧାନ ଦେବନନ୍ଦ ତାଣ୍ଡି ଓ ହେମନ୍ତ ବେହେରାଙ୍କ ସମେତ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି ।

ନୂଆପଡ଼ା ଆଦିବାସୀ କଲ୍ୟାଣ ସଙ୍ଘର ନୂଆଁଖାଇ ଭେଟ୍‌ଘାଟ୍

ମୌଳିକ ସମସ୍ୟାର ସମାଧାନ ଓ ଆଦିବାସୀଙ୍କ ଅଧିକାର ସୁରକ୍ଷା ପାଇଁ ଦାବିପତ୍ର

ନୂଆପଡ଼ା/ସିନାପାଲି, ୭ ।୧୦(ସମିସ): ନୂଆପଡ଼ା ଜିଲ୍ଲା ଆମାନାରା ଗ୍ରାମରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଓ ଅଞ୍ଚଳର ବିଭିନ୍ନ ଆଦିବାସୀ ସମାଜ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝୀଙ୍କ ସଭାପତିତ୍ୱରେ ଏକତ୍ରିତ ହୋଇ ଗ୍ରାମ ପରିକ୍ରମା କରି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହିତ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ନିକଟକୁ ଦାବିପତ୍ର ପଠାଯାଉଛି । ଆମାନାରା ସମେତ କେନ୍ଦୁବାହାର, ମୋଟା ନୂଆପଡ଼ା, ସାରାବଙ୍ଗ, ଖୁଟବନଭେରା, ଧରମବନ୍ଧା, ଭରୁଆମୁଣ୍ଡା, ତୁଲଭାଟ ଓ ଆମାନାରା ଆଦି ଆଦିବାସୀ ଅଞ୍ଚଳରେ ବିଭିନ୍ନ ସରକାରୀ ବିଭାଗ ଅଧୀନରେ ଉନ୍ନୟନମୂଳକ କାର୍ଯ୍ୟ ହେଉଥିଲେ ମଧ ସାଧାରଣ ଆଦିବାସୀ ପରିବାରଙ୍କ ଜୀବନଜୀବିକାରେ ପରିବର୍ତ୍ତନ ଆସିପାରିନାହିଁ ବୋଲି ଆଦିବାସୀ କଲ୍ୟାଣ ସଂଘ କ୍ଷୋଭ ପ୍ରକାଶ କରିଛି । ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଦିଆଯାଇଥିବା ଦାବି ଅନୁସାରେ ଆୟୁର୍ବେଦିକ ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ଆବଶ୍ୟକ ଓ ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତି, ଖାଲି ପଦଗୁଡ଼ିକ ଶୀଘ୍ର ପୂରଣ କରିବା, ଜଳ, ଜଙ୍ଗଲ ଓ ଜମି ଅଧିକାର ପ୍ରଦାନ ସାଙ୍ଗକୁ ଆଦିବାସୀମାନଙ୍କୁ ପଟ୍ଟାରେ ଥିବା ତ୍ରୁଟି ତୁରନ୍ତ ସଂଶୋଧନ କରି ଯୋଗ୍ୟ ହିତାଧିକାରୀଙ୍କ ବାକି ରହିଥିବା ଜମି ପଟ୍ଟା ପ୍ରଦାନ କରିବା, ଉତ୍ପାଦିତ ଧାନ ସରକାରୀ ବ୍ୟବସ୍ଥାରେ ବିକ୍ରି କରିବା, ଆଦିବାସୀ ଅଞ୍ଚଳରେ ବେକାର ଯୁବକ-ଯୁବତୀଙ୍କ ପାଇଁ ରୋଜଗାର ସୃଷ୍ଟି ସହ ଅନ୍ୟାନ୍ୟ ଦାବି ରହିଛି । ଏହି ଅବସରରେ ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ଭକ୍ତବନ୍ଧୁ ଧରୁଆ, ବିଜୟଶଙ୍କର ମାଝୀ, ରୂପ ସିଂ ଭୁଞ୍ଜିଆ, ପୂର୍ଣ୍ଣଚନ୍ଦ୍ର ମାଝୀ, ଲାଲେଶ୍ୱର ମାଝୀ, ଭୂତ ମିର୍ଦ୍ଧା, କପୁରଚନ ମାଝୀ, ନାରାୟଣ ମିର୍ଦ୍ଧା, ଛକନ ମାଝୀ, କେୱାନ ମାଝୀ, ରତନୁ ମାଝୀ, ବିଭୀଷଣ ଶବର, ଚୈତରାମ ମିର୍ଦ୍ଧା, ଲାଲ ସିଂ ଧରୁଆ ବେଦବର ମାଝୀ ସମେତ ଶତାଧିକ ଆଦିବାସୀ ସାମିଲ ହୋଇଥିଲେ ।

କଳାହାଣ୍ଡିରେ କଲେଜ ନିର୍ବାଚନ ପ୍ରସଙ୍ଗ

ପୋଷ୍ଟରଚିରାକୁ ନେଇ ଉତ୍ତେଜନା; ଏବିଭିପି ପକ୍ଷରୁ ଟାଉନ ଥାନାରେ ଅଭିଯୋଗ

ଭବାନୀପାଟଣା, ୭ ।୧୦(ସମିସ)

କଳାହାଣ୍ଡିରେ କଲେଜ ନିର୍ବାଚନକୁ ନେଇ ସ୍ଥିତି ସରଗରମ ହେଉଛି । ବୁଧବାର ସନ୍ଧ୍ୟାରେ ଭବାନୀପାଟଣା କଲେଜ୍ ଛକ ନିକଟରେ ଏବିଭିପିର ବ୍ୟାନର ଚିରା ଘଟଣାକୁ ନେଇ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା । ଜଣେ କାଉନସିଲରଙ୍କ ଇଙ୍ଗିତରେ ବ୍ୟାନର ଚିରା ଯାଇଥିବା ଅଭିଯୋଗ ଆଣି ଏବିଭିପିର ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥ ୨୬ରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଚିରା ଯାଇଥିବା ଏହି ବ୍ୟାନରରେ କୌଣସି ପାର୍ଥିଙ୍କ ନାମ ନ ଥିବାବେଳେ କେବଳ ଏବିଭିପିରେ ଯୋଗଦାନ କରନ୍ତୁ ବୋଲି ଲେଖା ହୋଇଥିବା ସହିତ ମା' ସ୍ୱରସତୀ ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ରହିଥିଲା । କୌଣସି ପ୍ରାର୍ଥୀଙ୍କ ଫୋଟୋ ମଧ ନଥିଲା । ତେବେ ଉଦ୍ଦେଶ୍ୟମୂଳକ ଏହାକୁ ଚିରିଥିବା ଅଭିଯୋଗ ଆଣିଛନ୍ତି ଏବିଭିପିର ଛାତ୍ରୀଛାତ୍ର । ଏହି ଘଟଣାକୁ ନେଇ ଏବିଭିପି ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯିବା ସହ ଘଟଣାର ତଦନ୍ତ କରି ଶୀଘ୍ର ପଦକ୍ଷେପ ନେବାକୁ ଏବିଭିପିର ହିତେଶ କୁମାର ସାହୁ, ନିତେଶ ଜାନୀ, ଚଣ୍ଡୀ ଚରଣ ବେହେରା, ଦେବାଶିଷ ପଟ୍ଟନାୟକ, ଆର୍ଯ୍ୟା ନାୟକ ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ କହିଛନ୍ତି ଯେ 'ମୋ ଅଜାଣତରେ ଚିରାଯାଇଛି । ପୁନର୍ବାର ସେହି ବ୍ୟାନର ସେହି ସ୍ଥାନରେ ଲଗାଯିବ' । ସୂଚନାଯୋଗ୍ୟ ଯେ ଦୀର୍ଘ ୮ ବର୍ଷ ପରେ ମାଁ' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆଧିକାରିକ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ନିର୍ବାଚନ ସୂଚନା ଜାରି କରାଯାଇଛି ।

ସେବା ଜ୍ୟୋତି କଳସ ଯାତ୍ରା

ଭବାନୀପାଟଣା, ୭ ।୧୦(ସମିସ): ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ ଅବସରରେ ବୁଧବାର ମା' ମାଣିକେଶ୍ୱରୀ ମନ୍ଦିର ନିକଟରୁ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ସେବା ଜ୍ୟୋତି କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ଏହି ପରିପେକ୍ଷୀରେ ଆଜି ସକାଳ ୮.୩୦ ମି ସମୟରେ ସେବା ଜ୍ୟୋତି କଳସ ଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ବିଡିଓ ଚନ୍ଦନ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଅଂଶୁମାନ ବାବୁ ଙ୍କ ସହ ଶତାଧିକ ମହିଳା ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ, ପୂର୍ବତନ ବିଧାୟକ ଅନାମ ନାଏକ, ଜିଲ୍ଲା ଉପସଭାପତି ମୁକେଶ ଅଗ୍ରୱାଲ, ସଂତୋଷିନି ଦାସ, ରୁପେଶ୍ ଜୈନ, ଭାରତ ଦେଓ, ଅଜୟ ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, ମନୋଜ ମେହେର, ରମେଶ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ହିମାଂଶୁ ପଣ୍ଡା, ଲୋକନାଥ ଦୁର୍ଗା, ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ବିଶି, ଶୋଭାଗିନି ପାତ୍ର, ଯୁବ ନେତା ଦିବ୍ୟ ଜ୍ୟୋତି ମୁଣ୍ଡ, ନଗର ସଭାପତି ଚିତ୍ତରଞ୍ଜନ ପାତ୍ରଙ୍କ ସମେତ ଜିଲ୍ଲା ମିଡ଼ିଆ ସଂଯୋଜକ ନରହରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

ପାୱାରଟେକ୍ ସୋଲାର କମ୍ପାନୀର କାର୍ଯ୍ୟାଳୟ ଉଦ୍‌ଘାଟନ

କେସିଙ୍ଗା, ୭ ।୧୦(ସମିସ): କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ପାୱାରଟେକ୍ ସୋଲାର ନାମକ ଏକ କମ୍ପାନୀର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । କେସିଙ୍ଗା ଅଞ୍ଚଳକୁ ଅତି ସହଜରେ ସୋଲାର ବିଦ୍ୟୁତ୍ ଯୋଗାଇ ଦେବାକୁ କମ୍ପାନୀର କଳାହାଣ୍ଡି ଜିଲ୍ଲା ମୁଖ୍ୟ ଅର୍ପଣ କୁମାର ଦାସ କହିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏରିଆ ମ୍ୟାନେଜର ରିତିକ ପ୍ରସନ୍ନ ବାଗ, କମ୍ପାନୀର ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ଅଞ୍ଚଳର ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଧର୍ମଗଡ଼, ୭ ।୧୦(ସମିସ): ଆଗାମୀ ଦୁର୍ଗା ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ଭାଇଚାରାର ପରିବେଶରେ ସୁରୁଖୁରୁରେ ପାଳନ କରିବା ନେଇ ଧର୍ମଗଡ଼ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।

ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଧର୍ମଗଡ଼ ଏସଡିପିଓ ଭର୍ଷିତା ଆଡେପୁ, ବିଡିଓ ସଦାଶିବ ନାୟକ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ଓ ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଧର୍ମଗଡ଼ ଗୋରୁବଜାର ପଡ଼ା ପୂଜା କମିଟି, ଚାରିଛକ ପୂଜା କମିଟି, ଶକ୍ତି ମଣ୍ଡପ ପୂଜା କମିଟି, ଧର୍ମଗଡ଼ ବସ୍ତିପଡ଼ା ପୂଜା କମିଟି ଓ କାସିବାହାଲ ପୂଜା କମିଟି ସମେତ ୫ଟି ପୂଜା କମିଟିର କର୍ମକର୍ତ୍ତାମାନେ ନିଜ ନିଜ ଅଞ୍ଚଳର ପୂଜା ପ୍ରସ୍ତୁତି ସମ୍ପର୍କରେ ପ୍ରଶାସନକୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ଏସଡିଆଇପିଆରଓ ରମେଶ ସିଂ ପରିଚାଳନା କରିଥିବା ବେଳେ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ସକାଳ
THE SAKALA

ସମ୍ପାଦକୀୟ



କ୍ଷଣିକ ନିରାପତ୍ତା ପାଇଁ ଯେଉଁମାନେ ବ୍ୟକ୍ତି ସ୍ୱାଧୀନତାକୁ ଉତ୍ସର୍ଗ କରନ୍ତି, ସେମାନେ ସ୍ୱାଧୀନତା ଓ ନିରାପତ୍ତା ମଧ୍ୟରୁ କୌଣସିଟିକୁ ନ୍ୟାୟ ଦେଇପାରନ୍ତି ନାହିଁ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ବଢ଼ିଲା ସୁଧ ହାର

ପ୍ରାୟ ଦୁଇବର୍ଷ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ରିପୋ ରେଟ୍ ବା ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆରବିଆଇର ମୁଦ୍ରାନୀତି କମିଟି ଉପରୋକ୍ତ ନିଷ୍ପତ୍ତି ନେଇଥିଲେ ହେଁ ଏହାର ପରୋକ୍ଷ ଓ ଚକ୍ରିକ ପ୍ରଭାବରେ ନିବେଶ ସଂକୁଚିତ ହୋଇ ଅଭିବୃଦ୍ଧି ବ୍ୟାହତ ଏବଂ ନିଯୁକ୍ତି ବଜାର ସଂକୁଚିତ ହେବାର ଆଶଙ୍କା ଦେଖାଦେଇଛି। ମୁଦ୍ରାନୀତିର ପ୍ରତ୍ୟକ୍ଷ ପ୍ରଭାବ ଋଣଗ୍ରହୀତାଙ୍କ ଉପରେ ପଡ଼ିବ ଏବଂ ଗୃହ, ଗାଡ଼ି ଓ ଅନ୍ୟାନ୍ୟ ଋଣ ଉପରେ ସୁଧ ଅଧିକ ହେବ।

ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଅଭିବୃଦ୍ଧି ହାର ମଧ୍ୟରେ ସମତୁଲତା ରକ୍ଷା କରିବା ପାଇଁ ଆରବିଆଇ ସୁଧ ହାରରେ ହ୍ରାସ/ବୃଦ୍ଧି କରେ। ମୁଦ୍ରାସ୍ଫୀତି ବଢ଼ିଲେ ସୁଧ ହାର ବୃଦ୍ଧି କରି ବଜାରକୁ ଅର୍ଥ ପ୍ରବାହ ଉପରେ କଟକଣା ଜାରି କରେ। ଦରଦାମ ସହନଶୀଳ ଥିଲେ ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବା ପାଇଁ ସୁଧ ହାର ହ୍ରାସ କରେ। କିନ୍ତୁ ବର୍ତ୍ତମାନ ଦେଶର ଅର୍ଥନୈତିକ ସ୍ଥିତି ଭିନ୍ନ। ଖାଦ୍ୟ, ଇନ୍ଧନର ଦରଦାମ ବୃଦ୍ଧି ସହିତ ଚାହିଦା ତୁଳନାରେ ଯୋଗାଣ ହ୍ରାସ ପାଇଥିବାରୁ ଦରଦାମ ବଢ଼ି ମୁଦ୍ରାସ୍ଫୀତିକୁ ଉପରମୁହାଁ କରିଛି। ତେଣୁ କେବଳ ସୁଧ ହାର ବଢ଼ାଇବା ଦ୍ୱାରା ସେହି ସମସ୍ୟାର ସମାଧାନ ହେବା ପରି ଲାଗୁନାହିଁ। ଉତ୍ପାଦନ, ଯୋଗାଣ ଶୃଙ୍ଖଳା, ଖାଦ୍ୟ ସଂରକ୍ଷଣ ଓ ବଜାର ପରିଚାଳନା ଏ କ୍ଷେତ୍ରରେ ଅଧିକ ଉପଯୋଗୀ ମନେ ହୁଏ।

ଅପରପକ୍ଷରେ ସୁଧ ହାର ବଢ଼ିବା ଦ୍ୱାରା ଋଣଗ୍ରହୀତାଙ୍କ ଉପରେ ଅଧିକ ଚାପ ସୃଷ୍ଟି ହେବ ଏବଂ ପରିବାରର ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ବଜେଟ୍ କମିବ। ଏହାର ପ୍ରତିଫଳନ କିରାଣା ଦୋକାନ ଜରିଆରେ ବଜାରରେ ଦେଖାଦେବ। ଚାହିଦା ହ୍ରାସ ପାଇଲେ ଅର୍ଥନୀତିର ଗତି ମନ୍ଥର ହେବ। ସେହିପରି କମ୍ପାନୀମାନଙ୍କ ପାଇଁ କାର୍ଯ୍ୟକାରୀ ପୁଞ୍ଜି ଓ ବ୍ୟବସାୟିକ ଋଣ ମହଙ୍ଗା ହେଲେ ଉତ୍ପାଦନ ଖର୍ଚ୍ଚ ବଢ଼ିବ ଏବଂ ତାହାର ବୋଝ ଖାଉଟି ମୁଣ୍ଡରେ ପଡ଼ିବ। ଅପରପକ୍ଷରେ ବ୍ୟାଙ୍କଗୁଡ଼ିକ ମିଆଦୀ ଜମା ଉପରେ ଅଧିକ ସୁଧ ଦେବାର ସମ୍ଭାବନା ଥିବାରୁ ଜମାପୁଞ୍ଜି ଅନୁପାତ ସକାରାତ୍ମକ ହେବ।

ବର୍ତ୍ତମାନ ଦେଶର ଅର୍ଥନୀତି ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସହିତ ଅଭିବୃଦ୍ଧିର ସମାନ୍ତରାଳ ଯାତ୍ରାକୁ ଅଧିକ ଗତିଶୀଳ କରିବା ଆବଶ୍ୟକ। ଏହି ଲକ୍ଷ୍ୟକୁ କେବଳ ମୁଦ୍ରାନୀତି ଦ୍ୱାରା ହାସଲ କରାଯାଇପାରିବ ନାହିଁ। ଆରବିଆଇର ମୁଦ୍ରାନୀତି ସହିତ ଅର୍ଥନୀତିର ପ୍ରତ୍ୟକ୍ଷ ଓ ପରୋକ୍ଷ ଜଡ଼ିତ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଜରୁରୀ। ●

ମୃଦୁ-ମୁହୂର୍ତ୍ତ

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସାମୟିକ ରିହାତି ଲାଭ କରିଥିବା ଏକ ବହୁଦେଶୀୟ କମ୍ପାନୀ ପ୍ରସ୍ତୁତ ନିର୍ଦ୍ଦିଷ୍ଟ ମୃଦୁପାନୀୟ(ଶକ୍ତିବର୍ଦ୍ଧକ ପାନୀୟ) ହଠାତ୍ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ନ ଥା'ନ୍ତା ଯଦି ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ହଟାଇବା ଦାବିରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ବିରୋଧୀ ଦଳର ନେତା ରାହୁଲ୍ ଗାନ୍ଧୀଙ୍କ ହାତରେ ତାହା ସ୍ଥାନ ପାଇ ନଥା'ନ୍ତା। ବେଳେ ବେଳେ ଏଭଳି କେତେକ ଛୋଟିଆ ଘଟଣା ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ କମ୍ପନ ସୃଷ୍ଟି କରେ। ଗ୍ରୀଷ୍ମର ତାତିରେ ଧାରଣାରେ ବସିଥିବା ରାହୁଲ୍ ଗାନ୍ଧୀ ଉକ୍ତ ପାନୀୟରୁ କିଛି ପିଇବା ପରେ ଭଉଣୀ ପ୍ରିୟଙ୍କାଙ୍କୁ ଦେଇଥିଲେ। କିଛି ମୁହୂର୍ତ୍ତର ଦ୍ୱନ୍ଦ୍ୱ ପରେ ପ୍ରିୟଙ୍କା ମଧ୍ୟ ସେଥିରୁ କିଛି କଣ୍ଠସ୍ଥ କରିଥିଲେ। ଏହି ଘଟଣାର ଭିଡିଓ ଚିତ୍ର ପ୍ରଚାର ପ୍ରସାର ହେବା ପରେ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ ହୋଇଛି ଏବଂ ଅପ୍ରତ୍ୟାଶିତ ଭାବେ ରାଜନୀତିର ରୂପ ନେଇଛି।

ଯେଉଁ ସମୟରେ ଦିଲ୍ଲୀରେ ଏହି ଶକ୍ତିବର୍ଦ୍ଧକ ମୃଦୁପାନୀୟନ ଚର୍ଚ୍ଚାରେ ଥିଲା, ସେହି ସମୟରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଏହାର ବ୍ୟବସାୟିକ ପରିଚୟକୁ ନେଇ ଆଇନଗତ ଲଢ଼େଇ ଚାଲିଥିଲା। 'ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ' ଶକ୍ତିବର୍ଦ୍ଧକ ପାନୀୟ(ଏନର୍ଜି ଡ୍ରିଙ୍କ୍) ଶବ୍ଦ ବ୍ୟବହାରକୁ ନେଇ ଏକ ବହୁପରିଚିତ ବହୁଦେଶୀୟ କମ୍ପାନୀ ବିରୋଧରେ କଟକଣା ଜାରି କରିଥିବା ବେଳେ ଏହି କଟକଣା ବିରୋଧରେ ସମ୍ପୃକ୍ତ କମ୍ପାନୀ ଅଦାଲତରେ ଆବେଦନ କରିଥିଲା। ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ସମ୍ପୃକ୍ତ ବହୁଦେଶୀୟ କମ୍ପାନୀକୁ ଅନ୍ତରୀଣ ରିହାତି ଦେଇଛନ୍ତି। ଅର୍ଥାତ୍ ମହଜୁଦ୍ ଥିବା ଉକ୍ତ ଉତ୍ପାଦକୁ କମ୍ପାନୀ ପୂର୍ବଭଳି 'ଏନର୍ଜି ଡ୍ରିଙ୍କ୍' ଭାବରେ ବିକ୍ରି କରିବାରେ ତତ୍କାଳ କୌଣସି ନିଷେଧାଦେଶ ଜାରି କରାଯାଇନାହିଁ। କିନ୍ତୁ ମାମଲାର ଚୂଡ଼ାନ୍ତ ରାୟ ନ ଆସିବା ପର୍ଯ୍ୟନ୍ତ ବିବାଦୀୟ 'ଏନର୍ଜି ଡ୍ରିଙ୍କ' ନାମରେ କମ୍ପାନୀ ନୂଆ ଉତ୍ପାଦ କରିପାରିବ ନାହିଁ କି ବିକ୍ରି କରିପାରିବ ନାହିଁ। ଅଦାଲତରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଉକ୍ତ ବିବାଦୀୟ ଉତ୍ପାଦକୁ ଗ୍ରହଣ କରିବାର ଔଚିତ୍ୟ ବିଷୟରେ ବିରୋଧୀ ଦଳର ନେତାଙ୍କ ବିରୋଧୀମାନେ ପ୍ରଶ୍ନ ଉଠାଇଛନ୍ତି।

'ଏନର୍ଜି ଡ୍ରିଙ୍କ'କୁ ନେଇ ବିବାଦ ଓ ବିତର୍କ ନୂଆ ନୁହେଁ। ମୃଦୁପାନୀୟକୁ 'ଏନର୍ଜି ଡ୍ରିଙ୍କ' ନାମରେ ବିକ୍ରି କରିବାର ଯୌକ୍ତିକତା, ଏହାର ଗୁଣାତ୍ମକ ମାନ ଆଦିକୁ ନେଇ ଅତୀତରେ ଏକାଧିକ ଆପତ୍ତି/ଅଭିଯୋଗ ଆସିଛି। ମାମଲା ଅଦାଲତ ପର୍ଯ୍ୟନ୍ତ ଯାଇଛି। କିନ୍ତୁ ଆଇନର ଗଳାବାଟ ଦେଇ କମ୍ପାନୀମାନେ ନୂଆ ନାମ ଓ କୌଶଳରେ ବଜାରରେ ତିଷ୍ଠି ରହିଛନ୍ତି। ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ତାରକାମାନଙ୍କ ହାତରେ ସେମାନଙ୍କ ଉତ୍ପାଦକୁ ଧରାଇ ଦେଉଛନ୍ତି ଏବଂ ଏହି କୌଶଳରେ ସେମାନେ ସଫଳ ମଧ୍ୟ ହେଉଛନ୍ତି। ତେଣୁ ଉକ୍ତ ମୃଦୁପାନୀୟର ଲୋକପ୍ରିୟତା ଓ ଆଦୃତିକୁ ଏବେ ରାହୁଲ୍ ଓ ପ୍ରିୟଙ୍କ ମୃଦୁପାନୀୟ ଗ୍ରହଣ ଦୃଶ୍ୟ ସକାରାତ୍ମକ ପ୍ରଭାବ ପକାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ସମଗ୍ର ଘଟଣା ପଛରେ ବ୍ୟବସାୟିକ ସ୍ୱାର୍ଥ ବନାମ ଜନସ୍ୱାସ୍ଥ୍ୟ ପରି ସମ୍ବେଦନଶୀଳନ ପ୍ରସଙ୍ଗ ଲୁଚି ରହିଛି। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଏଭଳି 'ଏନର୍ଜି ଡ୍ରିଙ୍କ'ମାନଙ୍କର ଆଦୃତି ବଢ଼ିଚାଲିଥିବାରୁ ଏହି ପ୍ରସଙ୍ଗକୁ ଅଣଦେଖା କରାଯାଇପାରିବ ନାହିଁ। ●

ଭାରତୀୟ କ୍ରୀଡ଼ା ଆଇନାରେ ନାଗୋୟା

ରଞ୍ଜନ କୁମାର ରାୟ

ପଦକ ତାଲିକାରେ ଚତୁର୍ଥ ସ୍ଥାନ। ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି କାଂସ୍ୟ। ମୋଟ ୮୫ଟି ପଦକ। ସଂଖ୍ୟାଗୁଡ଼ିକୁ ଦେଖିଲେ ଭାରତର ଏସୀୟ କ୍ରୀଡ଼ା ଅଭିଯାନ ଗର୍ବ କରିବାର ଅବସର ଦେଉଛି। କିନ୍ତୁ ପଦକ ତାଲିକାର ଏହି ଚମକ ପଛରେ ଆଉ ଏକ ଚିତ୍ର ରହିଛି। ଚାରିବର୍ଷ ତଳେ ହାଙ୍ଗଝୋଉରେ ଯେଉଁ ଭାରତ ୨୮ଟି ସ୍ୱର୍ଣ୍ଣ ସହ ୧୦୭ଟି ପଦକ ଜିତି ନିଜ ପାଇଁ ଏକ ନୂଆ ମାନଦଣ୍ଡ ତିଆରି କରିଥିଲା, ନାଗୋୟାରେ ସେହି ଭାରତ ୨୨ଟି ପଦକ ପଛକୁ ଫେରିଛି। ସ୍ୱର୍ଣ୍ଣ ମଧ୍ୟ ୭ଟି କମିଛି। ତେଣୁ ଏହି ପରିସଂଖ୍ୟାନ ନିଶ୍ଚିତ ଭାବେ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଥିବ।

ତେବେ ଏହା କ'ଣ ଅବନତିର ଚିହ୍ନ? ନା ଏକ ବଡ଼ ଯାତ୍ରାରେ ଆସିଥିବା ଏକ ଛୋଟ ଝଟକା? ନାଗୋୟା ଭାରତୀୟ କ୍ରୀଡ଼ାକୁ ଏକାସାଙ୍ଗରେ ଦୁଇଟି ମୁହଁ ଦେଖାଇଛି- ଗୋଟିଏରେ ସଫଳତାର ଦୀପ୍ତି, ଅନ୍ୟଟିରେ ଆତ୍ମସମୀକ୍ଷାର ଛାୟା। ହାଙ୍ଗଝୋଉର ୧୦୭ ପଦକ ପରେ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ଆଶା ସ୍ୱାଭାବିକ ଭାବେ ଆହୁରି ବଢ଼ିଥିଲା। ନାଗୋୟାରେ ସେହି ସଫଳତାକୁ ଛୁଇଁବା କିମ୍ବା ତାହାକୁ ଅତିକ୍ରମ କରିବାର ସ୍ୱପ୍ନ ଥିଲା। ବିଶେଷକରି ପୂର୍ବ ସଂସ୍କରଣରେ ଯେଉଁ ଖେଳଗୁଡ଼ିକ ଭାରତର ପଦକ ଭଣ୍ଡାରକୁ ପୂରଣ କରିଥିଲା, ସେଠାରେ ପୁଣି ସେହି ଧାରା ଜାରି ରହିବ ବୋଲି ଆଶା ଥିଲା। କିନ୍ତୁ କ୍ରୀଡ଼ାର ମଞ୍ଚରେ ପୂର୍ବ ସଫଳତା କେବେ ଭବିଷ୍ୟତର ନିଶ୍ଚିତତା ନୁହେଁ। ପ୍ରତ୍ୟେକ ମୁକାବିଲା ନୂଆ, ପ୍ରତ୍ୟେକ ପଦକ ପାଇଁ ଲଢ଼େଇ ନୂଆ।

ଏହି ନୂଆ ଲଢ଼େଇରେ ଭାରତକୁ ସବୁଠାରୁ ବଡ଼ ଝଟକା ଲାଗିଛି ଶୁଟିଂରେ। ହାଙ୍ଗଝୋଉରେ ୨୨ଟି ପଦକ ଓ ୭ଟି ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଶୁଟରମାନେ ଏଥର ୧୫ଟି ପଦକ ଓ ୩ଟି ସ୍ୱର୍ଣ୍ଣରେ ସୀମିତ ରହିଛନ୍ତି। ଏକ କ୍ରୀଡ଼ାରେ ୭ଟି ପଦକ କମିଯିବା କେବଳ ଏକ ସଂଖ୍ୟା ନୁହେଁ; ସମଗ୍ର ପଦକ ତାଲିକାର ଚିତ୍ରକୁ ବଦଳାଇଦେବା ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଛି। ନୀରୁ ଧାଣ୍ଡାଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ ନିଶ୍ଚିତ ଭାବେ ଆଶା ଦେଇଛି, କିନ୍ତୁ ଏକାଧିକ ଅସ୍ତ୍ରରେ ସଜ୍ଜିତ ଏହି ଦଳର ସାମଗ୍ରିକ ପ୍ରଦର୍ଶନ ପୂର୍ବ ମାନକୁ ଛୁଇଁପାରିନାହିଁ। ଆଥଲେଟିକ୍ସର କାହାଣୀ ମଧ୍ୟ କିଛିଟା ସମାନ। ଛଅଟି ସ୍ୱର୍ଣ୍ଣରୁ ଗୋଟିଏ ସ୍ୱର୍ଣ୍ଣକୁ ଖସିବା ନିଶ୍ଚିତ ଭାବେ ଏକ ଚିନ୍ତାର କାରଣ। ତଥାପି ଏଠାରେ ଏକ ଆଶାର ରେଖା ମଧ୍ୟ ରହିଛି। କେତେକ ଭାରତୀୟ ଖେଳାଳି ବ୍ୟକ୍ତିଗତ ଶ୍ରେଷ୍ଠତା ହାସଲ କରିଛନ୍ତି, ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଅର୍ଥାତ୍ ପ୍ରତିଭାର ଅଭାବ ନାହିଁ; ଅଭାବ ରହିଛି ସେହି ପ୍ରତିଭାକୁ ବଡ଼ ମଞ୍ଚରେ ସ୍ୱର୍ଣ୍ଣରେ ପରିଣତ କରିବାର ସାମର୍ଥ୍ୟରେ।

ବ୍ୟାଡମିଣ୍ଟନ ଓ ଟେନିସ୍ ମଧ୍ୟ ଭାରତକୁ କିଛି ପ୍ରଶ୍ନ କରିଛି। ବ୍ୟାଡମିଣ୍ଟନରେ କେବଳ ଗୋଟିଏ କାଂସ୍ୟ ପଦକ! ଦୀର୍ଘ ସମୟ ପରେ କୌଣସି ବ୍ୟକ୍ତିଗତ ପଦକ ନାହିଁ। ଟେନିସ୍‌ରେ ତ ଚାରିଦଶନ୍ଧି ପରେ ପଦକଶୂନ୍ୟ ରହିଛି ଭାରତ। ଯେଉଁ ଦେଶ ଗତ କିଛିବର୍ଷରେ ବ୍ୟାଡମିଣ୍ଟନ ଓ ଟେନିସ୍‌ରେ ନିଜର ଉପସ୍ଥିତିକୁ ଦୃଢ଼ କରିଥିଲା, ତାହା ପାଇଁ ଏହା ନିଶ୍ଚିତ ଭାବେ ଏକ ସତର୍କ ଘଣ୍ଟି। କିନ୍ତୁ ନାଗୋୟାର କାହାଣୀ କେବଳ ହତାଶାର ନୁହେଁ; ବରଂ କେତେକ ମଞ୍ଚରେ ଭାରତ ନୂଆ ଆଲୋକ ଦେଖିଛି। ବକ୍ସିଂରେ ତିନିଟି ସ୍ୱର୍ଣ୍ଣ ଭାରତୀୟ ମୁଷ୍ଟିଯୋଦ୍ଧାଙ୍କ ଫେରୁଥିବା ଶକ୍ତିର ସଙ୍କେତ। ଲୋଭଲିନା ବୋର୍ଗହେନ୍, ପରଭିନ ହୁଡା ଓ ଅଙ୍କୁଶ ପାଙ୍ଘାଲଙ୍କ ସଫଳତା ଭାରତର ପଦକ ତାଲିକାରେ ସୁନାର ନୂଆ ରେଖା ଟାଣିଛି।

କୁସ୍ତିରେ ମୋଟ ପଦକ ସଂଖ୍ୟା ବଦଳି ନ ଥିଲେ ମଧ୍ୟ ଦୁଇଟି ସ୍ୱର୍ଣ୍ଣ ଯୋଡ଼ାଯିବା ଅର୍ଥପୂର୍ଣ୍ଣ। ସୁଜିତ କଲକଲ ଓ ଅମନ ସେହରାୱତଙ୍କ ସଫଳତା ଦର୍ଶାଇଛି ଯେ ଭାରତୀୟ କୁସ୍ତିରେ ପରବର୍ତ୍ତୀ ପିଢ଼ିର ଚାରାଗଛ ଏବେ ମଧ୍ୟ ସବୁଜ ଅଛି। ତୀରନ୍ଦାଜୀ ତ ଏଥର ଭାରତ ପାଇଁ ଏକ ସୁନ୍ଦର ଅଧ୍ୟାୟ ଲେଖିଛି। ୧୭ ବର୍ଷୀୟା କୁମକୁମ ମୋହଡ଼ଙ୍କ ପ୍ରଦର୍ଶନ ବିଶେଷ ଉଲ୍ଲେଖନୀୟ। ଦକ୍ଷିଣ କୋରିଆ ଭଳି ଶକ୍ତିଶାଳୀ ଦଳକୁ ପଛରେ ପକାଇ ଭାରତୀୟ ତୀରନ୍ଦାଜମାନେ ଯେଉଁ ସଫଳତା ହାସଲ କରିଛନ୍ତି, ତାହା କେବଳ ପଦକ ନୁହେଁ; ଏହା ଆତ୍ମବିଶ୍ୱାସର ଏକ ନୂଆ ଅଧ୍ୟାୟ। କବାଡ଼ିରେ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ବଜାୟ ରଖିଛନ୍ତି। ଏହା ଦର୍ଶାଏ ଯେ କେତେକ କ୍ରୀଡ଼ାରେ ଭାରତ ନିଜର ପ୍ରଭୁତ୍ୱକୁ କେବଳ ରକ୍ଷା କରୁନାହିଁ, ତାହାକୁ ନିରନ୍ତରତା ମଧ୍ୟ ଦେଉଛି।

ଏସୀୟ କ୍ରୀଡ଼ାର ଭାରତୀୟ କାହାଣୀର ସବୁଠାରୁ ଉଜ୍ଜ୍ୱଳ ପୃଷ୍ଠାଟି ଲେଖିଛି ହକି। ପୁରୁଷ ଦଳ ସ୍ୱର୍ଣ୍ଣ ବଜାୟ ରଖିଛି। ତା'ଠାରୁ ବଡ଼ କଥା, ମହିଳା ଦଳ ୪୪ ବର୍ଷ ପରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଛି। ଚୀନ୍‌କୁ ହରାଇ ମିଳିଥିବା ଏହି ବିଜୟ ଭାରତୀୟ ମହିଳା ହକି ପାଇଁ କେବଳ ଏକ ପଦକ ନୁହେଁ, ଦୀର୍ଘ ପ୍ରତୀକ୍ଷା ପରେ ଫେରିଥିବା ଏକ ସୁବର୍ଣ୍ଣ ସକାଳ। ପ୍ରଣବୀ ଉର୍ସଙ୍କ ଗଲ୍ଫ ସ୍ୱର୍ଣ୍ଣ ମଧ୍ୟ ଏହି କାହାଣୀର ଆଉ ଏକ ଆଲୋକିତ ପୃଷ୍ଠା। ୨୦୦୨ ପରେ ଭାରତୀୟ ଗଲ୍ଫରେ ପୁଣି ସ୍ୱର୍ଣ୍ଣର ଫେରା ଏବଂ ମହିଳା ଖେଳାଳି ଭାବେ ତାଙ୍କର ଐତିହାସିକ ସଫଳତା ଏହା ପ୍ରମାଣ କରେ ଯେ ଭାରତୀୟ କ୍ରୀଡ଼ାର ପରିଧି ଧୀରେ ଧୀରେ ବିସ୍ତାରିତ ହେଉଛି। ମିଶ୍ରିତ ମାର୍ଶାଲ ଆର୍ଟ୍ସରେ ଭାରତର ପ୍ରଥମ ଏସୀୟ କ୍ରୀଡ଼ା ପଦକ ମଧ୍ୟ ନୂଆ ଦ୍ୱାର ଖୋଲିଛି।

ତେବେ ଏହି ସଫଳତା ଓ ବିଫଳତାକୁ ଏକାଠି ରଖି ଦେଖିଲେ ଯେଉଁ ଚିତ୍ର ଦେଖାଯାଏ, ତାହା ହେଉଛି ଭାରତ ଆଗକୁ ବଢୁଛି, କିନ୍ତୁ ଯାତ୍ରା ଏଯାଏଁ ସମାନ ଗତିରେ ବଢ଼ିନାହିଁ। କେଉଁଠି ଭିତ୍ତିଭୂମି ଅଛି, କିନ୍ତୁ ପଦକ ନାହିଁ। କେଉଁଠି ପ୍ରତିଭା ଅଛି, କିନ୍ତୁ ନିରନ୍ତରତା ନାହିଁ। ଆଉ କେଉଁଠି ସଠିକ୍ ପ୍ରଶିକ୍ଷଣ, ପ୍ରସ୍ତୁତି ଓ ପ୍ରତିଭା ଏକାଠି ହୋଇ ସଫଳତାର ଦ୍ୱାର ଖୋଲିଛି। ଏହିଠାରୁ ଭାରତୀୟ କ୍ରୀଡ଼ା ପ୍ରଶାସନକୁ ଶିକ୍ଷା ନେବାକୁ ହେବ। ଗୋଟିଏ ବଡ଼ ପ୍ରତିଯୋଗିତା ପୂର୍ବରୁ କେବଳ ଅଭ୍ୟାସ ଶିବିର କରିବା କିମ୍ବା ବିଦେଶରେ ପ୍ରଶିକ୍ଷଣ ଦେବା ଯଥେଷ୍ଟ ନୁହେଁ। ଶିଶୁ ଓ କିଶୋର ସ୍ତରରୁ ପ୍ରତିଭା ଖୋଜିବା, ଉଚ୍ଚମାନର ପ୍ରଶିକ୍ଷଣ, ପୋଷଣ, କ୍ରୀଡ଼ା ବିଜ୍ଞାନ, ମାନସିକ ପ୍ରସ୍ତୁତି ଓ ଆଘାତ ପରିଚାଳନା- ସବୁକୁ ଏକ ସୂତ୍ରରେ ବାନ୍ଧିବାକୁ ହେବ।

କାରଣ ପଦକ କେବଳ ପ୍ରତିଯୋଗିତା ଦିନ ତିଆରି ହୁଏ ନୁହେଁ; ପଦକ ତିଆରି ହୁଏ ବର୍ଷ ବର୍ଷର ନିରବ ଅଭ୍ୟାସରେ। ଜଣେ ଖେଳାଳିଙ୍କ ଗଳାରେ ଯେଉଁ ପଦକ ଝୁଲେ, ତାହା ପଛରେ ଥାଏ ପରିବାରର ତ୍ୟାଗ, ପ୍ରଶିକ୍ଷକଙ୍କ ପରିଶ୍ରମ, ବୈଜ୍ଞାନିକଙ୍କ ଯୋଜନା ଏବଂ ଏକ ସୁଦୃଢ଼ କ୍ରୀଡ଼ା ବ୍ୟବସ୍ଥାର ଅବଦାନ। ତେଣୁ ୨୦୨୬ର ୮୫ ପଦକକୁ ନା ଅତ୍ୟଧିକ ଉତ୍ସାହ ସହିତ ଗ୍ରହଣ କରିବା ଉଚିତ ନା ହାଙ୍ଗଝୋଉର ୧୦୭ ପଦକ ସହ ତୁଳନା କରି ନିରାଶ ହୋଇଯିବା ଉଚିତ। ଏହି ଫଳାଫଳକୁ ଦେଖିବାକୁ ହେବ ଏକ ଆଇନା ଭଳି, ଯେଉଁଠି ସଫଳତାର ମୁହଁ ସହିତ ଦୁର୍ବଳତାର ଛବି ମଧ୍ୟ ଦେଖାଯାଏ।

ଚତୁର୍ଥ ସ୍ଥାନ ଭାରତ ପାଇଁ ଖରାପ ନୁହେଁ। ୮୫ଟି ପଦକ ମଧ୍ୟ ଛୋଟ ସଫଳତା ନୁହେଁ। କିନ୍ତୁ ଯେଉଁ ଭାରତ ବିଶ୍ୱ କ୍ରୀଡ଼ାର ମହାଶକ୍ତି ହେବାର ସ୍ୱପ୍ନ ଦେଖୁଛି, ସେହି ଭାରତ ପାଇଁ ଆତ୍ମସନ୍ତୋଷର ସ୍ଥାନ ନାହିଁ। ନାଗୋୟା ଏହି ବାର୍ତ୍ତା ଦେଇଛି ଯେ ପଦକର ଚମକକୁ ଦେଖି ଖୁସି ହୁଅ, କିନ୍ତୁ ସେହି ଚମକ ପଛରେ ଥିବା ଅନ୍ଧାରକୁ ମଧ୍ୟ ଚିହ୍ନଟ କର। ୨୦୨୬ର ଏସୀୟ କ୍ରୀଡ଼ା ଶେଷ ହୋଇଛି। ପଦକଗୁଡ଼ିକ ଘରକୁ ଫେରିଛି। କିନ୍ତୁ ଏବେ ଆରମ୍ଭ ହେବା ଉଚିତ ଆଉ ଏକ ଯାତ୍ରା। ତାହା ହେଉଛି ଆତ୍ମସମୀକ୍ଷାର ଯାତ୍ରା। ଭାରତୀୟ କ୍ରୀଡ଼ାର ଭିତ୍ତିକୁ ଏତେ ଦୃଢ଼ କରିବା, ଯେପରି ଗୋଟିଏ ପ୍ରତିଯୋଗିତାରେ ପଦକ କମିଗଲେ ମଧ୍ୟ ଭବିଷ୍ୟତର ଆଶା କେବେ କମିବ ନାହିଁ। ନାଗୋୟାର ଗଣିତରେ ସାତଟି ସ୍ୱର୍ଣ୍ଣ କମିଛି। କିନ୍ତୁ ଭାରତୀୟ କ୍ରୀଡ଼ାର ସ୍ୱପ୍ନରେ ଗୋଟିଏ ସ୍ୱର୍ଣ୍ଣିମ ସମ୍ଭାବନା ଏବେ ମଧ୍ୟ ଜୀବନ୍ତ ରହିଛି। ସେହି ସମ୍ଭାବନାକୁ ସଫଳତାରେ ପରିଣତ କରିବା ହିଁ ଏବେ ସବୁଠାରୁ ବଡ଼ ଦାୟିତ୍ୱ। ତେବେ ଏଥିପାଇଁ କ୍ରୀଡ଼ା ସହିତ ଜଡ଼ିତ ସବୁ ବ୍ୟକ୍ତି, ସଂସ୍ଥା ଓ ପ୍ରତିଷ୍ଠାନକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ। ଦୋଷ ଓ ଦୁର୍ବଳତାକୁ ଚିହ୍ନଟ କରାଯିବା ସହ ତାହାକୁ ଦୂର କରିବା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। କ୍ରୀଡ଼ାର ଉନ୍ନତି ପାଇଁ ପ୍ରତ୍ୟେକଙ୍କୁ ହୃଦୟର ସହ କାର୍ଯ୍ୟ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି କୁହାଯାଇପାରେ। ●

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

ଆଉ ଲାଭ କ'ଣ?

ପ୍ରକାଶ ଚନ୍ଦ୍ର ମିଶ୍ର

'ଆଉ ଲାଭ କ'ଣ?' ଏହି ତିନୋଟି ଶବ୍ଦ ଆଜିର ସମାଜରେ ବହୁତ ସାଧାରଣ ହୋଇଯାଇଛି। କୌଣସି କାମ କରିବା ପୂର୍ବରୁ ଆମେ ପ୍ରାୟତଃ ପଚାରୁ 'ଏଥିରୁ ମୋର କ'ଣ ଲାଭ?' ବ୍ୟବସାୟ ଓ ଅର୍ଥନୈତିକ କ୍ଷେତ୍ରରେ ଏହି ପ୍ରଶ୍ନ ଯୁକ୍ତିସଙ୍ଗତ ହୋଇପାରେ। କିନ୍ତୁ ଯେତେବେଳେ ଜୀବନର ପ୍ରତିଟି ସମ୍ପର୍କ, ସେବା, ତ୍ୟାଗ ଓ ମାନବିକ କାର୍ଯ୍ୟକୁ ଲାଭର ତରାଜୁରେ ମପାଯାଏ, ସେତେବେଳେ ମଣିଷ ଧୀରେ ଧୀରେ ମାନବିକତାରୁ ଦୂରେଇଯାଏ।

ଜଣେ ମା' ରାତିସାରା ଅସୁସ୍ଥ ଶିଶୁର ଶଯ୍ୟା ପାଖରେ ଜାଗି ରହନ୍ତି। ନିଜର ସବୁ କ୍ଲାନ୍ତି ଭୁଲି ତା'ର ଯତ୍ନ ନିଅନ୍ତି। ସେ କେବେ ଭାବନ୍ତି ନାହିଁ 'ଏଥିରୁ ମୋର ଲାଭ କଣ?' ମା'ର ଭଲପାଇବା ନିଃସ୍ୱାର୍ଥ, ନିଷ୍କାମ ଓ ଅପାର। ଜଣେ ବୃଦ୍ଧ ବାପା ଅସୁସ୍ଥ ହୋଇ ଶଯ୍ୟାଶାୟୀ ଅଛନ୍ତି। ପୁଅ ଯଦି ଭାବେ 'ଏତେ ଟଙ୍କା ଖର୍ଚ୍ଚ କରି ଆଉ ଲାଭ କଣ?' ତେବେ ସେ ଭୁଲିଯାଏ ଯେ ଏହି ବାପା ନିଜର ସୁଖ, ଆରାମ, ଇଚ୍ଛା ଓ ଅନେକ ସ୍ୱପ୍ନକୁ ତ୍ୟାଗ କରି ତା'କୁ ମଣିଷ କରିଥିଲେ। ସେତେବେଳେ ବାପା କେବେ ପଚାରିନଥିଲେ 'ଏତେ ଖର୍ଚ୍ଚ କରି ଲାଭ କ'ଣ?' ଜଣେ ଶିକ୍ଷକ ଜଣେ ଗରିବ ମେଧାବୀ ଛାତ୍ରକୁ ଅତିରିକ୍ତ ସମୟ ଦେଇ ପଢ଼ାନ୍ତି, ତା'କୁ ସାହସ ଦିଅନ୍ତି ଏବଂ ତା'ର ସ୍ୱପ୍ନକୁ ଡେଣା ଲଗାନ୍ତି। ଅନ୍ୟମାନେ ପଚାରିପାରନ୍ତି 'ଏଥିରୁ ଆପଣଙ୍କର ଲାଭ କ'ଣ?' ଜ୍ଞାନ ବାଣ୍ଟିବାର ଆନନ୍ଦ, ଜଣେ ମଣିଷର ଜୀବନକୁ ଆଲୋକିତ କରିବାର ତୃପ୍ତି ଓ ସମାଜକୁ ଜଣେ ଭଲ ନାଗରିକ ଦେବାର ଗର୍ବ - ଏସବୁ କୌଣସି ଅର୍ଥ କିମ୍ବା ଲାଭର ମାପକାଠିରେ ମାପାଯାଇ ପାରେନାହିଁ। ଜଣେ ଅବସରପ୍ରାପ୍ତ ଶିକ୍ଷକ ପେନସନ ପାଇବା ପରେ ମଧ୍ୟ ପ୍ରତିଦିନ ସ୍କୁଲକୁ ଯାଇ ପିଲାମାନଙ୍କୁ ପଢ଼ାନ୍ତି। ଲୋକେ ପଚାରନ୍ତି 'ଆଉ ଲାଭ କ'ଣ?' ଶିକ୍ଷକଙ୍କ ପାଇଁ ଶିକ୍ଷାଦାନ କେବଳ ଏକ ପେସା ନୁହେଁ; ଏହା ତାଙ୍କର ଜୀବନଧର୍ମ। ଗଛ ଲଗାଇବା ବେଳେ ଅନେକେ କହନ୍ତି 'ମୁଁ ତ ଏହାର ଫଳ ଖାଇପାରିବି ନାହିଁ, ଆଉ ଲାଭ କ'ଣ?' କିନ୍ତୁ ସଭ୍ୟତା ଆଗକୁ ବଢ଼ିଛି କେବଳ ସେହି ଲୋକମାନଙ୍କ ପାଇଁ, ଯେଉଁମାନେ ନିଜ ସମୟର ସୀମା ଟପି ଭବିଷ୍ୟତ ପିଢ଼ିର କଥା ଭାବିଥିଲେ।

ଜଣେ କର୍କଟ ରୋଗୀଙ୍କ ଚିକିତ୍ସା ବର୍ଷ ବର୍ଷ ଧରି ଚାଲିଛି। କେହି କହନ୍ତି 'ଆଉ ଚିକିତ୍ସା କରି ଲାଭ କ'ଣ?' କିନ୍ତୁ ଚିକିତ୍ସାର ଉଦ୍ଦେଶ୍ୟ କେବଳ ରୋଗ ନିରାକରଣ ନୁହେଁ; ଆଶାକୁ ବଞ୍ଚାଇ ରଖିବା। ଯେପର୍ଯ୍ୟନ୍ତ ଜୀବନ ଅଛି, ସେପର୍ଯ୍ୟନ୍ତ ସମ୍ଭାବନା ଅଛି। ଜଣେ ଭକ୍ତ କିମ୍ବା ସଙ୍ଗୀତପ୍ରେମୀ ସାରା ଜୀବନ ଗୀତ ଗାଉଛନ୍ତି। କୌଣସି ବଡ଼ ପୁରସ୍କାର, ସମ୍ବର୍ଦ୍ଧନା କିମ୍ବା ଖ୍ୟାତି ମିଳିନାହିଁ। ସେତେବେଳେ କେହି କହନ୍ତି 'ଏତେ ଗୀତ ଗାଇ ଲାଭ କ'ଣ?' କିନ୍ତୁ ସଙ୍ଗୀତ ତାଙ୍କ ପାଇଁ କେବଳ ଏକ କଳା ନୁହେଁ; ତାଙ୍କର ଆନ୍ତରିକ ଜଗତ, ଆନନ୍ଦ, ପ୍ରାର୍ଥନା। ଜଣେ ସଚ୍ଚୋଟ ସରକାରୀ କର୍ମଚାରୀ ସାରାଜୀବନ ଲାଞ୍ଚ ନ ନେଇ, ପଦବୀର ଦୁରୁପଯୋଗ ନ କରି ସାଧାରଣ ଜୀବନଯାପନ କରନ୍ତି। କେହି କେହି କହନ୍ତି 'ଏତେ ବଡ଼ ଚାକିରି କରି ମଧ୍ୟ ବଡ଼ ଘର କି ଗାଡ଼ିଟିଏ ନାହିଁ, ଲାଭ କ'ଣ?' ଧନସମ୍ପତ୍ତି ଦିନେ ନା ଦିନେ ନଷ୍ଟ ହୋଇଯାଇପାରେ, କିନ୍ତୁ ସତ୍ୟନିଷ୍ଠାର ଗୌରବ ଓ ଚରିତ୍ରର ମର୍ଯ୍ୟାଦା ମଣିଷକୁ ମୃତ୍ୟୁ ପରେ ମଧ୍ୟ ଅମର କରି ରଖେ। ଜଣେ ବିଦ୍ୱାନ ବ୍ୟକ୍ତି ଆଇଏଏସ୍, ଆଇପିଏସ୍ ଭଳି ଚାକିରି ପାଇଲେ ନାହିଁ କିମ୍ବା ବହୁତ ଅର୍ଥ ଉପାର୍ଜନ ମଧ୍ୟ କରିପାରିଲେ ନାହିଁ। ସେତେବେଳେ କେହି କେହି କହନ୍ତି 'ଏତେ ପାଠ ପଢ଼ି ଲାଭ କ'ଣ?' କିନ୍ତୁ ଜଣେ ବିଦ୍ୱାନଙ୍କ ପ୍ରଭାବ ତାଙ୍କ ବ୍ୟାଙ୍କ ଖାତାରେ ନୁହେଁ, ବରଂ ତାଙ୍କ ଚିନ୍ତାଧାରା, ଲେଖନୀ, ଶିକ୍ଷାଦାନ ଓ ସମାଜ ପାଇଁ ଅବଦାନରେ ଦେଖାଯାଏ। ଧନ ସମୟ ସହିତ କ୍ଷୟ ହୋଇପାରେ, କିନ୍ତୁ ଜ୍ଞାନର ଆଲୋକ ପିଢ଼ି ପରେ ପିଢ଼ିକୁ ପଥ ଦେଖାଇ ଚାଲିଥାଏ।

ଜଣେ ବ୍ୟକ୍ତି ୭୦ ବର୍ଷ ବୟସରେ ନିୟମିତ ବ୍ୟାୟାମ କରନ୍ତି ଏବଂ ଛୋଟ ପିଲାମାନଙ୍କୁ ଖେଳ ଓ ଶାରୀରିକ ଅଭ୍ୟାସ ପାଇଁ ପ୍ରୋତ୍ସାହିତ କରନ୍ତି। ଲୋକେ କିମ୍ବା ପରିବାରର କେହି କହିପାରନ୍ତି 'ନିଜେ ତ ଖେଳାଳି ହୋଇପାରିଲେ ନାହିଁ, ଏହି ବୟସରେ ଏସବୁ କରି ଲାଭ କ'ଣ? କିନ୍ତୁ ତାଙ୍କର ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ଜୀବନ ପ୍ରତି ଉତ୍ସାହ ଓ ଜୀବନଶକ୍ତିକୁ ବଞ୍ଚାଇ ରଖିବା, ଶରୀର ଓ ମନକୁ ସକ୍ରିୟ ରଖିବା ଏବଂ ନୂଆ ପିଢ଼ିକୁ ସୁସ୍ଥ ଜୀବନଯାପନ ପାଇଁ ପ୍ରେରଣା ଦେବା। ଜଣେ ମିତ୍ର ନିଜ ବନ୍ଧୁର ଦୁଃଖ, ବିପଦ ଓ ସଙ୍କଟ ସମୟରେ ତା'ର ପାଖରେ ଦୃଢ଼ ଭାବେ ଠିଆ ହୁଏ। ସେଥିରୁ ତା'ର କୌଣସି ଆର୍ଥିକ ଲାଭ ହୁଏନାହିଁ, କୌଣସି ପୁରସ୍କାର ମଧ୍ୟ ମିଳେ ନାହିଁ। ତଥାପି ସେ ସାଥି ଛାଡ଼େ ନାହିଁ। କାରଣ ପ୍ରକୃତ ବନ୍ଧୁତ୍ୱ ସ୍ୱାର୍ଥ ଉପରେ ନୁହେଁ, ବିଶ୍ୱାସ ଓ ଆତ୍ମୀୟତା ଉପରେ ଗଢ଼ିଉଠେ। ସେଥିପାଇଁ ବନ୍ଧୁତ୍ୱର ମୂଲ୍ୟ ଲାଭ-କ୍ଷତିରେ ନୁହେଁ; ଦୁଃଖ ସମୟରେ ନିଃସ୍ୱାର୍ଥ ଭାବେ ପାଖରେ ରହିବାରେ ଥାଏ। ଜଣେ ମହିଳା ନିଜ ପଡ଼ୋଶୀଙ୍କ ଅସୁସ୍ଥତା ସମୟରେ ଖାଦ୍ୟ ପଠାନ୍ତି। ଜଣେ ଛାତ୍ର ରକ୍ତଦାନ କରନ୍ତି। ଜଣେ ବ୍ୟକ୍ତି ବୃଦ୍ଧାଶ୍ରମକୁ ଯାଇ ବୃଦ୍ଧମାନଙ୍କ ସହ ସମୟ କାଟନ୍ତି। ଏସବୁ କାମରେ ଲାଭ ନଥାଏ, କିନ୍ତୁ ମାନବିକତା ଥାଏ।

ପ୍ରକୃତି ଆମକୁ ଏକ ବଡ଼ ଶିକ୍ଷା ଦିଏ। ସୂର୍ଯ୍ୟ ପ୍ରତିଦିନ ଆଲୋକ ଦିଏ। ନଦୀ ଅବିରତ ବହେ। ଗଛ ଫଳ ଓ ଛାଇ ଦିଏ। ସେମାନେ କେବେ ପଚାରନ୍ତି ନାହିଁ 'ଲାଭ କ'ଣ?' କିଛି କାମ କର୍ତ୍ତବ୍ୟ ପାଇଁ କରାଯାଏ, କିଛି ପ୍ରେମ ପାଇଁ, କିଛି ମାନବିକତା ପାଇଁ, କିଛି କୃତଜ୍ଞତା ପାଇଁ, ଆଉ କିଛି କେବଳ ଆଶାକୁ ବଞ୍ଚାଇ ରଖିବା ପାଇଁ। ଜୀବନର ସବୁଠାରୁ ବଡ଼ ଲାଭ ହେଉଛି ଆମେ କେତେ ହୃଦୟ ଜିତିଲୁ, କେତେ ଲୋକଙ୍କ ମୁହଁରେ ହସ ଫୁଟାଇଲୁ, କେତେ ଭଲପାଇବା ବାଣ୍ଟିଲୁ ଏବଂ କେତେ ମାନବିକତା ଛାଡ଼ି ଯାଇପାରିଲୁ। ସେହି ଲାଭ ହିଁ ଚିରସ୍ଥାୟୀ; ବାକି ସବୁ କ୍ଷଣସ୍ଥାୟୀ। ●

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୮୦୭୪୮ ୯୩୭୭୮

ମହାପାତ୍ର ନୀଳମଣି: ଧ୍ୱନି ଓ ପ୍ରତିଧ୍ୱନି

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମଣିଷ-ହୃଦୟର ନିଭୃତତମ ନିଳୟ ମଧ୍ୟକୁ ପ୍ରବେଶ କରିବାର ଅପୂର୍ବ ସମ୍ବେଦନା ଯାହାଙ୍କ ଅନ୍ତରାତ୍ମାରେ ହୋଇପାରିଥିଲା ସୁବିକଶିତ ସେ ହେଉଛନ୍ତି ଓଡ଼ିଆ କଥା-ସାହିତ୍ୟଜଗତର ଅସାଧାରଣ ପ୍ରତିଭା ମହାପାତ୍ର ନୀଳମଣି ସାହୁ। ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହି ଯେଉଁ ଚରିତ୍ରମାନେ ଲୋତକାପ୍ଲୁତ ସେମାନଙ୍କୁ ବାହ୍ୟ ପରଦା ଅପସୃତ କରି ଦେଖିପାରିବାର ସୂକ୍ଷ୍ମଦୃଷ୍ଟି ଉନ୍ମୋଚିତ ହୋଇଯାଇଥିଲା ତାଙ୍କ ଅନ୍ତଃସ୍ଥଳରେ। ଚରିତ୍ରମାନଙ୍କ ସହ ଏକାତ୍ମ ହୋଇ ସେ ହସିଛନ୍ତି, କାନ୍ଦିଛନ୍ତି ମଧ୍ୟ। ତାଙ୍କ ରଚିତ ଉପନ୍ୟାସ 'ଧରା ଓ ଧାରା', 'ତାମସୀ ରାଧା', ଗଳ୍ପ ସଂକଳନ 'ସୁମିତ୍ରାର ହସ', 'ଆକାଶ ପାତାଳ', 'ବୃନ୍ଦାବନର ଶେଷଧୂପ', 'ପିଙ୍ଗଳା ସେ ଅନ୍ୟଜଣେ' ଆଦିରେ ତାଙ୍କର ଏହି ସମଦରଦୀ ଭାବର ବ୍ୟାପକତା ପାଠକ ପାଇଁ ଶାନ୍ତି ଓ ସାନ୍ତ୍ୱନାର ସୁଶୀତଳ ନିର୍ଝର। 'ଅଭିଶପ୍ତ ଗନ୍ଧର୍ବ'ତାଙ୍କ ବହୁଚର୍ଚ୍ଚିତ ଗଳ୍ପ ଗ୍ରନ୍ଥ।

ତାଙ୍କର ସ୍ୱକୀୟ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ, ଜୀବନବୋଧ, ସୁକୋମଳ ଭାଷାଶୈଳୀ ଓ ଅପୂର୍ବ ରସସୃଷ୍ଟି ପାଠକମାନସକୁ କରିଆସିଛି ସୁଗଭୀର ତଥା ତୀବ୍ର ଭାବରେ ଆଲୋଡ଼ିତ। ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା ଆଦି ବିଭିନ୍ନ ବିଭାଗରେ ତାଙ୍କ ସୃଜନଶୀଳ ପ୍ରତିଭା ହୋଇଛି ପରିସ୍ଫୁଟିତ। ସେ ମଣିଷକୁ କୌଣସି ଆଦର୍ଶର ପ୍ରତିମୂର୍ତ୍ତି ଭାବରେ ଚିତ୍ରଣ କରନ୍ତି ନାହିଁ; ବରଂ ତା'ର ଦୁର୍ବଳତା, ସ୍ୱପ୍ନ, ଆଶା, ହତାଶା, ପ୍ରେମ, ଈର୍ଷା, ଅହଂକାର, ଅସହାୟତା ଓ ଅନ୍ତର୍ଦ୍ୱନ୍ଦ୍ୱକୁ ସହାନୁଭୂତିର ସହିତ ଅନୁଧ୍ୟାନ କରନ୍ତି। ସାଧାରଣ ମଣିଷ ମଧ୍ୟରେ ଅସାଧାରଣ ଜୀବନସତ୍ୟକୁ ଆବିଷ୍କାର କରିବାର କ୍ଷମତା ତାଙ୍କ ସାହିତ୍ୟକୁ ବିଶେଷ ମର୍ଯ୍ୟାଦାମଣ୍ଡିତ କରି ଦେଇଛି। ଚରିତ୍ରର ଅବଚେତନ ଇଚ୍ଛା, ଦ୍ୱିଧା, ଆତ୍ମପ୍ରବଞ୍ଚନା, ମାନସିକ ସଂଘର୍ଷ ଓ ନିଃସଙ୍ଗତାକୁ ସେ ସୂକ୍ଷ୍ମ ସୌହାର୍ଦ୍ଦର ସହିତ ଧରିପାରିଛନ୍ତି।

ହାସ୍ୟ ଓ ବ୍ୟଙ୍ଗର ଅନ୍ତଃରୂପ ତାଙ୍କ ସାହିତ୍ୟରେ ଉଦ୍ଭାସିତ। ସେହି ହାସ୍ୟ କେବଳ ପାଠକଙ୍କୁ ହସାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତାହାର ଅନ୍ତରାଳରେ ବିଦ୍ୟମାନ ଏକ ବିଦଗ୍ଧ ଉପଲବ୍ଧି। ମଧ୍ୟବିତ୍ତ ମଣିଷର ଆତ୍ମପ୍ରବଞ୍ଚନା, ସାମାଜିକ ପ୍ରତିଷ୍ଠାର ଲାଳସା, ମିଥ୍ୟା ଅହଂକାର, ଆଡ଼ମ୍ବର ଓ କଥା-କାମ ମଧ୍ୟରେ ଥିବା ବିରୋଧାଭାସ ତାଙ୍କ ବ୍ୟଙ୍ଗର ବିଷୟ। ସେ ମଣିଷର ଦୁର୍ବଳତାକୁ ଦେଖି ହସନ୍ତି, କିନ୍ତୁ ମଣିଷକୁ ଘୃଣା କରନ୍ତି ନାହିଁ। ଏହି ମାନବିକତା-ଆପ୍ଲୁତ ବ୍ୟଙ୍ଗ ତାଙ୍କ ସାହିତ୍ୟର ଏକ ବିଶେଷ ସ୍ୱାକ୍ଷର। ପରିବାର, ଚାକିରି, ସାମାଜିକ ସମ୍ମାନ, ଆର୍ଥିକ ଅନିଶ୍ଚିତତା, ଦାମ୍ପତ୍ୟ ସମ୍ପର୍କ, ଆତ୍ମୀୟତା, ମାନ-ଅଭିମାନ ଓ ସାମାଜିକ ଛଳନା - ଏସବୁ ତାଙ୍କ ସାହିତ୍ୟର ଅତି ପରିଚିତ ଉପାଦାନ। 'ସ୍ୱପ୍ନ ସ୍ୱପ୍ନ ଅନେକ ସ୍ୱପ୍ନ', 'ଧ୍ୱନି ଧ୍ୱନି ପ୍ରତିଧ୍ୱନି' ପରି ପୁସ୍ତକରେ ବିନ୍ୟସ୍ତ ହୋଇ ରହିଛି ରମ୍ୟ ରଚନାର ଅସାମାନ୍ୟ ଲାଳିତ୍ୟ।

ସ୍ୱାଧୀନତା-ପରବର୍ତ୍ତୀ ଓଡ଼ିଆ ସମାଜରେ ଦ୍ରୁତ ପରିବର୍ତ୍ତିତ ମୂଲ୍ୟବୋଧ ନୀଳମଣି ସାହୁଙ୍କ ସାହିତ୍ୟରେ ସୁସ୍ପଷ୍ଟ। ଏକପଟେ ପାରମ୍ପରିକ ସଂସ୍କାର, ପାରିବାରିକ ବନ୍ଧନ ଓ ନୈତିକ ମୂଲ୍ୟବୋଧ; ଅନ୍ୟପଟେ ଆଧୁନିକ ଶିକ୍ଷା, ସହରୀ ସଭ୍ୟତା, ବ୍ୟକ୍ତିସ୍ୱାତନ୍ତ୍ର୍ୟ ଓ ନବୀନ ଜୀବନଦୃଷ୍ଟି - ଏହି ଦୁଇର ସଂଘାତ ତାଙ୍କ ରଚନାକୁ ଏକ ଭିନ୍ନ ବୈଚିତ୍ର୍ୟରେ ବିଭୂଷିତ କରି ଦେଇପାରିଛି। ସେ ପରମ୍ପରାକୁ ନିର୍ବିଚାର ଭାବରେ ସମର୍ଥନ କରନ୍ତି ନାହିଁ କିମ୍ବା ଆଧୁନିକତାକୁ ନିଃସର୍ତ୍ତ ଭାବରେ ଗ୍ରହଣ କରନ୍ତି ନାହିଁ। ଉଭୟକୁ ମାନବିକ ମୂଲ୍ୟବୋଧର କଷଟିପଥରରେ ପରୀକ୍ଷା କରିବା ତାଙ୍କ ସାହିତ୍ୟ-ଦୃଷ୍ଟିର ଦୁର୍ଲଭ ଉପାଦାନ। କରୁଣା ଓ କୌତୁକର ସହାବସ୍ଥାନ ଘଟାଇ ପାରନ୍ତି ସେ କଳାତ୍ମକ ରୀତିରେ। ଜୀବନ ତାଙ୍କ ପାଖରେ କେବଳ ହାସ୍ୟମୟ ନୁହେଁ, ପୁଣି କେବଳ ଦୁଃଖମୟ ମଧ୍ୟ ନୁହେଁ। ମଣିଷ ଦୁଃଖ ମଧ୍ୟରେ ହସେ, ହାସ୍ୟକର ପରିସ୍ଥିତି ମଧ୍ୟରେ କାରୁଣ୍ୟ ଜର୍ଜରିତ ହୋଇ ବଞ୍ଚେ। ଏହି ଦ୍ୱୈତ ଅନୁଭବକୁ ସେ ଦେଇଛନ୍ତି ଶୈଳ୍ପିକ ସୌନ୍ଦର୍ଯ୍ୟ। ଧର୍ମ, ଆଧ୍ୟାତିକତା, ଜୀବନ-ଦର୍ଶନ, ସାହିତ୍ୟ ସମାଲୋଚନା ପ୍ରଭୃତିରେ ତାଙ୍କ ଅନୁଭବ ଓ ଚିନ୍ତନର ମହନୀୟତା ପାଠକକୁ ବିସ୍ମିତ କରିଦିଏ। 'ସନାତନ ଧର୍ମର ସାରକଥା', 'ଉଦ୍ଧବ କେତେ ତୁ ପଚାରୁ', 'ଉହରାନନ୍ଦଙ୍କ ଅଭିନ୍ନ ପ୍ରବଚନମାଳା', 'କଳିଯୁଗର ଶେଷ ବେଳାରେ', 'ସାହିତ୍ୟର ପାରାପାର', 'ଆମ କଥା ସାହିତ୍ୟର କଥା ଓ ରମ୍ୟ ରଚନା' ଆଦି ଧ୍ୟାନସ୍ଥ ଚିତ୍ତରେ ପାଠ କଲେ ଆତ୍ମା ଉତ୍ତରଣମୁଖୀ ହେବାର ସମ୍ଭାବନା ଉନ୍ମୁକ୍ତ। ଯେଉଁମାନେ ବିଷାଦ ଜର୍ଜରିତ, ଏ ପୃଥିବୀରେ ଜ୍ଞାନ କରନ୍ତି ନିଜକୁ ନିଃସଙ୍ଗ ସେମାନଙ୍କର ନିଜ ଚିରଈପ୍ସିତ ମଣିଷ ବା ଈଶ୍ୱରଙ୍କ ସହିତ ବି ସାକ୍ଷାତ ହୋଇଯିବା ଆଦୌ ଅସମ୍ଭବ ନୁହେଁ। ଏ ଦୁନିଆରେ ଆଶା-ଦୀପ୍ତ କିଛି ବି ଘଟି ଯାଇପାରେ। 'ନିବେଦିତାର ନୈଶାଭିସାର' ଦୀର୍ଘ ଗଳ୍ପଟିରେ ଏହି ଅନ୍ତର୍ସତ୍ୟ ଚମତ୍କୃତ କରିଦେବ ଆମକୁ ସୁନିଶ୍ଚିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ନିର୍ବାଚନ କମିସନ ନିଯୁକ୍ତି ଆଇନ ବିବାଦ

ବିଭାଜିତ ରାୟ ଉପରେ ଶୁଣାଣି କରିବେ ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ,୭ ।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଓ ନିର୍ବାଚନ କମିସନରଙ୍କ ନିଯୁକ୍ତି ସମ୍ପର୍କିତ ଆଇନକୁ ନେଇ ବିବାଦ ଲାଗି ରହିଛି । ସୁପ୍ରିମ କୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଗତ ସେପ୍ଟେମ୍ବର ୨୩ ତାରିଖରେ ଦେଇଥିବା ଦୁଇ ପ୍ରକାର ମତ ଉପରେ ଅଧିକ ବିଚାର ପାଇଁ ବଡ଼ ବେଞ୍ଚକୁ ପଠାଇବା ଲାଗି କେନ୍ଦ୍ର ସରକାର ମତ ଦେଇଥିଲେ । ଏହି ମାମଲା ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ପାଖରେ ପଡ଼ିରହିଥିବା ବେଳେ ଏହା ଉପରେ ତୁରନ୍ତ ନିଷ୍ପତ୍ତି ନେବାଲାଗି ପିଟିସନ ଦାଖଲ ହୋଇଛି । ଏହି ପିଟିସନ ଉପରେ ଯାଞ୍ଚ କରିବାକୁ ରାଜି ହୋଇଛନ୍ତି ପ୍ରଧାନ ବିଚାରପତି ।

ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ଆଜି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ ସମ୍ମୁଖରେ ଉପରୋକ୍ତ ପିଟିସନ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ସେପ୍ଟେମ୍ବର ୨୩ର ବିଭାଜିତ ରାୟ ଉପରେ କୋର୍ଟ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ । ଏହାକୁ ଯାଞ୍ଚ କରି ନିଷ୍ପତ୍ତି ନେବେ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ । ସେପ୍ଟେମ୍ବର ୨୩ରେ ଜଷ୍ଟିସ ଦୀପଙ୍କର ଦତ୍ତ ଓ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ଦୁଇଜଣିଆ ଖଣ୍ଡପୀଠରେ ଏହି ମାମଲାରେ ଭିନ୍ନମତ ପ୍ରକାଶ ପାଇଥିଲା । ୨୦୨୩ରେ ପ୍ରଣୀତ ଆଇନର ସାମ୍ବିଧାନିକ ବୈଧତାକୁ ନେଇ ଦାଖଲ ଆବେଦନଗୁଡ଼ିକୁ ବୃହତ୍ତର ସମ୍ବିଧାନ ଖଣ୍ଡପୀଠକୁ ପଠାଯିବ କି ନାହିଁ, ତାହାକୁ ନେଇ ଦୁଇ ବିଚାରପତିଙ୍କ ମଧ୍ୟରେ ମତଭେଦ ହୋଇଥିଲା । ଜଷ୍ଟିସ ଦତ୍ତ ମାମଲାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇବାର ଆବଶ୍ୟକତା ନଥିବା ମତ ଦେଇଥିବା ବେଳେ ଜଷ୍ଟିସ ଶର୍ମା ଏହାକୁ ପାଞ୍ଚଜଣିଆ ସମ୍ବିଧାନ ଖଣ୍ଡପୀଠରେ ବିଚାର କରିବା ସପକ୍ଷରେ ମତ ଦେଇଥିଲେ । ଜଷ୍ଟିସ ଦତ୍ତ ନିର୍ବାଚନ କମିସନ ନିଯୁକ୍ତି ଆଇନରେ ସଂଶୋଧନକୁ ବେଆଇନ ଦର୍ଶାଇ କହିଥିଲେ ଯେ କମିସନ ନିଯୁକ୍ତି ପାଇଁ ଗଠିତ ତିନି ଜଣିଆ ମନୋନୟନ କମିଟିରେ କେନ୍ଦ୍ର ମନ୍ତ୍ରୀଙ୍କ ବଦଳରେ ପ୍ରଧାନ ବିଚାରପତି ରହିଲେ ନିଯୁକ୍ତି ସ୍ୱଚ୍ଛ ହୋଇପାରିବ । କାରଣ କମିଟିରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ ଥିବାରୁ ସରକାର ଯାହାକୁ ଚାହିଁବେ କମିସନ କରିପାରିବେ । କିନ୍ତୁ ତାଙ୍କ ସହିତ ସହମତ ହୋଇନଥିଲେ ଜଷ୍ଟିସ ଶର୍ମା । ଏହି ମାମଲାକୁ ବୃହତ୍ତର ବେଞ୍ଚକୁ ପଠାଇବା ଲାଗି ମତ ଦେଇଥିଲେ । ତାଙ୍କୁ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ମଧ୍ୟ ସମର୍ଥନ କରିଥିଲେ । ଏହି ମାମଲାଟିକୁ ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଯାଇଥିଲା । ଆଜି ଦାଖଲ ହୋଇଥିବା ପିଟିସନରେ ଜଷ୍ଟିସ ଶର୍ମାଙ୍କୁ ନେଇ ପ୍ରଶ୍ନ ଉଠାଯାଇଛି । ଏଥିରେ କୁହାଯାଇଛି ଯେ ନିର୍ବାଚନ କମିସନ ଆଇନ ଉପରେ ବିଚାର ପାଇଁ ଗଠିତ ଖଣ୍ଡପୀଠରେ ଜଷ୍ଟିସ ଶର୍ମା ରହିଛନ୍ତି ଏବଂ ତାଙ୍କ ମତାମତ ପକ୍ଷପାତପୂର୍ଣ୍ଣ ହୋଇପାରେ ବୋଲି ଆବେଦନକାରୀ ଆଶଙ୍କା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଜଷ୍ଟିସ ଶର୍ମାଙ୍କ ପୁଅ ମଧ୍ୟପ୍ରଦେଶ ହାଇକୋର୍ଟରେ ଭାରତୀୟ ନିର୍ବାଚନ କମିସନଙ୍କ ପକ୍ଷରୁ ମାମଲା ଲଢୁଛନ୍ତି । ଏହି କଥା ଜଷ୍ଟିସ ଶର୍ମା ଲୁଚାଇଛନ୍ତି । ପୁଅ କମିସନ ପକ୍ଷରୁ ମାମଲା ଲଢୁଥିବାରୁ ଜଷ୍ଟିସ ଶର୍ମାଙ୍କ ଠାରୁ ନ୍ୟାୟ ମିଳିବାକୁ ନେଇ ସନ୍ଦେହ ରହିଛି । ଏହି ମାମଲାର ବିଚାରରୁ ଜଷ୍ଟିସ ଶର୍ମା ଓହରିଯିବା ଉଚିତ ବୋଲି ଆବେଦନକାରୀ ଯୁକ୍ତି କରିଥିଲେ ।

ଜଷ୍ଟିସ ଶର୍ମାଙ୍କୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ

ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣା

ତତ୍କାଳୀନ ଡିଏଫଓଙ୍କ ଜାମିନ ଶୁଣାଣି

କଟକ,୭।୧୦(ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଗିରଫ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍ଓ ସଂଗ୍ରାମ କେଶରୀ ବେହେରାଙ୍କ ଜାମିନ ଆବେଦନର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ଘଟଣାରେ କେସ ଡାଏରୀ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ଶ୍ରୀ ବେହେରାଙ୍କ ଜାମିନ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପୂଜା ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି । ମାମଲାରୁ ପ୍ରକାଶ ଯେ ୨୦୨୧, ଜୁଲାଇରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ସନ୍ଦେହଜନକ ଅବସ୍ଥାରେ ପୋଡ଼ି ହୋଇ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫଓ ସଂଗ୍ରାମ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା ।

କେସ୍ ଡାଏରୀ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଟେଣ୍ଡର ପ୍ରକ୍ରିୟାରେ ଗୁପ୍ତ ବୁଝାମଣା ରୋକିବା ସମ୍ପର୍କିତ ଚିଠିକୁ ଚାଲେଞ୍ଜ

ହାଇକୋର୍ଟରେ ମାମଲା ଖାରଜ, ୫୦ ହଜାର ଦଣ୍ଡ ଗଣିବେ ଆବେଦନକାରୀ

କଟକ,୭ ।୧୦(ସମିସ): ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ସହିତ ବେଆଇନ ଭାବେ ଗୁପ୍ତ ବୁଝାମଣା ତଥା ବିଡ୍-ରିଗିଂ ଭଳି ଘଟଣା ରୋକିବା ପାଇଁ ପୂର୍ତ୍ତ ବିଭାଗର ଏକ ଆଭ୍ୟନ୍ତରୀଣ ଚିଠିକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି । ଏଭଳି ଆବେଦନକୁ ଖାରଜ କରିବା ସହିତ ଆବେଦନକାରୀଙ୍କୁ ୫୦ ହଜାର ଟଙ୍କା ଦଣ୍ଡ ଆକାରରେ ୨ ସପ୍ତାହ ଭିତରେ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜୁଭେନାଇଲ (ବାଳ ଅପରାଧୀ)ଙ୍କ କଲ୍ୟାଣ ପାଇଁ ଏହି ଅର୍ଥ ବ୍ୟବହାର ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଏକ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଟେଣ୍ଡର ଆହ୍ୱାନ କରୁଥିବା ତଥା ଏନେଇ ନିଷ୍ପତ୍ତି ନେଉଥିବା କର୍ତ୍ତୃପକ୍ଷଙ୍କୁ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସଠିକ ଭାବେ ସମ୍ପାଦନ କରିବା ପାଇଁ ୨୦୨୬, ଅଗଷ୍ଟ ୫ର ଏହି ଅଭ୍ୟନ୍ତରୀଣ ଚିଠି ଥିଲା । ପୂର୍ତ୍ତ ବିଭାଗ ଏଫଏ ତଥା ସ୍ୱତନ୍ତ୍ର ସଚିବ ଓ ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ ତଥା ରାସ୍ତା)ଙ୍କ ଭିତରର ଏହି ଚିଠିକୁ ଚାଲେଞ୍ଜ କରାଯାଇଥିଲା । ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ନ୍ୟାୟସଙ୍ଗତ, ସ୍ୱଚ୍ଛ ଏବଂ ନିରପେକ୍ଷ ଅଂଶଗ୍ରହଣ ସୁନିଶ୍ଚିତ କରିବା ପ୍ରସଂଗରେ ଏଥିରେ ଉଲ୍ଲେଖ କରାଯାଇଥିଲା । ଏଥିସହିତ ଟେଣ୍ଡର ପ୍ରକ୍ରିୟାରେ କୌଣସି ପ୍ରକାର ମେଣ୍ଟ ଗଠନ, ଗୁପ୍ତ ବୁଝାମଣା, ବିଡ୍-ରିଗିଂ ଦୂର କରିବାକୁ ମଧ୍ୟ କୁହାଯାଇଥିଲା । ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ)ଙ୍କ ତରଫରୁ ସମସ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ପୂର୍ବର ନିର୍ଦ୍ଦେଶନାମା ପାଳନ ପାଇଁ କୁହାଯାଇଥିଲା । ଆବେଦନକାରୀଙ୍କ ନାମ ମଧ୍ୟ ଏହି ଚିଠିରେ ଉଲ୍ଲେଖ ନଥିଲା ବେଳେ ଅଗଷ୍ଟ ୫ର ଚିଠି କଂପିଟେସନ ଆଇନର ମଧ୍ୟ ଉଲ୍ଲଂଘନ କରୁ ନଥିବା ସ୍ପଷ୍ଟ ହୋଇଥିଲା । କର୍ତ୍ତୃପକ୍ଷ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସୁନିଶ୍ଚିତ କରି ଏକ ନିରପେକ୍ଷ ଆଭିମୁଖ୍ୟ ଆପଣାଇଥିବା ବେଳେ ଏହି ନିଷ୍ପତ୍ତିକୁ ବିରୋଧ କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି ।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି

ସ୍ୱାସ୍ଥ୍ୟ ଉପକରଣ କିଣାରେ ବାହାର ଲୋକଙ୍କ ହସ୍ତକ୍ଷେପକୁ ନା

ଭୁବନେଶ୍ୱର,୭।୧୦ (ସମିସ): ଜିଲ୍ଲାସ୍ତରରେ ଉପକରଣ କିଣା ପ୍ରକ୍ରିୟାରେ ବାହ୍ୟ ବ୍ୟକ୍ତି ବା ଭେଣ୍ଡରଙ୍କ ହସ୍ତକ୍ଷେପକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ସ୍ୱାସ୍ଥ୍ୟ ବିଭାଗ । କେତେକ ଜିଲ୍ଲାରେ ବାହାର ଲୋକ ସିଧାସଳଖ ଜିଲ୍ଲା ଅଧିକାରୀଙ୍କୁ ଯୋଗାଯୋଗ କରି ଉପକରଣ କିଣା ପ୍ରକ୍ରିୟାକୁ ପ୍ରଭାବିତ କରିବା ଏବଂ ରାଜ୍ୟ ସରକାର ଅନୁମୋଦିତ ଟେକ୍ନିକାଲ୍ ସ୍ପେସିଫିକେସନ୍(ବୈଷୟିକ ନିର୍ଦ୍ଦିଷ୍ଟତା) ଅଥବା ଧାର୍ଯ୍ୟ ହୋଇଥିବା ମାନଦଣ୍ଡରେ ପରିବର୍ତ୍ତନ ପାଇଁ ଚାପ ପକାଉଥିବା ବିଭାଗ ଜାଣିବାକୁ ପାଇଛି । ଏହି ସମ୍ପର୍କରେ ବିଭାଗୀୟ କମିଶନର-ତଥା-ଶାସନ ସଚିବ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ।

ଚିଠି ଅନୁଯାୟୀ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଉପକରଣ କ୍ରୟ ପ୍ରକ୍ରିୟାରେ ଓଡ଼ିଶା ରାଜ୍ୟ ଔଷଧ ନିଗମ, ଜାତୀୟ ସ୍ୱାସ୍ଥ୍ୟ ନିଗମ ପକ୍ଷରୁ ଯେଉଁ ଟେକ୍ନିକାଲ୍ ସ୍ପେସିଫିକେସନ୍ ଅନୁମୋଦନ କରାଯାଇଛି, ତାହାକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି । କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଏଥିରେ କୌଣସି ପରିବର୍ତ୍ତନ ନକରିବାକୁ ନିର୍ଦ୍ଦେଶ ରହିଛି । ଏଥିସହ କିଣା ପ୍ରକ୍ରିୟା ସମ୍ପର୍କିତ ଆଭ୍ୟନ୍ତରୀଣ ଫାଇଲ୍ ନୋଟିଂ, ତୁଳନାତ୍ମକ ବିବରଣୀ ଓ ସ୍ପେସିଫିକେସନ୍ ସମ୍ପର୍କିତ ଦସ୍ତାବିଜ ଅଧିକୃତ ପ୍ରକ୍ରିୟା ବ୍ୟତୀତ କାହାକୁ ଦିଆଯିବନାହିଁ । ଅଧିକୃତ ଟେଣ୍ଡର ପୋର୍ଟାଲ୍ କିମ୍ବା ପ୍ରକାଶିତ ଟେଣ୍ଡର ଦସ୍ତାବିଜରେ ଥିବା ସୂଚନା ହିଁ ବ୍ୟବହାର କରାଯିବ । ସେହିପରି ବିଡର୍‌ମାନଙ୍କ ସହ ଯୋଗାଯୋଗ ମଧ୍ୟ ଲିଖିତ ଭାବେ ଅଫିସିଆଲ୍ ଇ-ମେଲ୍ କିମ୍ବା ଟେଣ୍ଡର ପୋର୍ଟାଲ୍ ମାଧ୍ୟମରେ କରିବାକୁ ବିଭାଗ କହିଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର 13001/2103/2627
HOUSING & URBAN DEVELOPMENT DEPARTMENT, GOVT. OF ODISHA
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICPALITY, PARADEEP
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା- ଜଗତସିଂହପୁର - ୭୫୪୧୪୨
At/Po- Paradeep, Dist.- Jagatsingpur (odisha), Pin-754142
ଉଦ୍ଧୃତି ସଂଖ୍ୟା ୫୧୨୦ , ତା. ୦୫.୧୦.୨୦୨୬

ଏତଦ୍ୱାରା ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ପରିଚାଳନା କରାଯାଉଥିବା ହେଲଥ୍ କେନ୍ଦ୍ରକୁ ଗୃହ ଅଳିଆ, କାର୍ଯ୍ୟାଳୟ, ଦୋକାନ, ମାର୍କେଟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରୁ ଅଳିଆ ସଂଗ୍ରହ, ସ୍ଥାନାନ୍ତର ଓ ପରିବହନ ପାଇଁ ସ୍ଥାନୀୟ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ନିକଟରୁ ପ୍ରସ୍ତାବ ପତ୍ର ଗ୍ରହଣ କରାଯାଉଛି । ଇଚ୍ଛୁକ ଏବଂ ଦକ୍ଷ ଗୋଷ୍ଠୀମାନେ ତା.୦୭.୧୦.୨୦୨୬ ରିଖ ଠାରୁ ତା ୨୬.୧୦.୨୦୨୬ ରିଖ (ଅପରାହ୍ନ ଘ୫.୦୦ଟିକା) ଉଦ୍ଧୃତି ପତ୍ର କ୍ରୟ କରିପାରିବେ ଏବଂ ତା୨୭.୧୦.୨୦୨୬ରିଖ ଦିନ ଘ୧.୦୦ଟିକା ସୁଦ୍ଧା ପ୍ରସ୍ତାବ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ / ମୁଦା ଲଫାପାରେ ପୌର ପରିଷଦ କାର୍ଯ୍ୟାଳୟର ଟେଣ୍ଡର ବକ୍ସରେ ଦାଖଲ କରିବାକୁ ଅବଗତ କରାଗଲା । ଏହି ପ୍ରସ୍ତାବ ପତ୍ରଟି ତା ୨୭.୧୦.୨୦୨୬ ରିଖ ଅପରାହ୍ନ ଘ୩.୦୦ଟିକା ସମୟରେ ଉପସ୍ଥିତ ଆବେଦନକାରୀଙ୍କ ସମ୍ମୁଖରେ ଖୋଲାଯିବ । ପ୍ରସ୍ତାବ ପତ୍ର ପାରାଦ୍ୱୀପ ପୌର ପରିଷଦର ୱେବ୍ ସାଇଟ୍- ଯଥା: www.paradeepmuninicipality.in ରୁ ତା୦୭.୧୦.୨୦୨୬ ରିଖ ଠାରୁ ତା ୨୬.୧୦.୨୦୨୬ ରିଖ ଅପରାହ୍ନ ଘ୫.୦୦ଟିକା ପର୍ଯ୍ୟନ୍ତ ତଥା ପୌର କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇ ପାରିବ । ଏହି ପ୍ରସ୍ତାବ ପତ୍ରର ମୂଲ୍ୟ ଟ. ୫,୦୦୦,୦୦ଙ୍କା (ପାଞ୍ଚ ହଜାର) ଟଙ୍କା (ଅଫେରସ୍ତ) ଓ ଇ.ଏମ.ଡି ଟ.୩୦,୦୦୦ଙ୍କା (ତିରିଶି ହଜାର ଟଙ୍କା ମାତ୍ର) ରଖାଯାଇ ଅଛି । ଏହାକୁ ଏମ୍.ଆର/ଡି.ଡି/ବ୍ୟାଙ୍କ ଡ୍ରାଫଟ୍/ବ୍ୟାଙ୍କରସ୍ ଚେକ ମାଧ୍ୟମରେ ପ୍ରଦାନ କରିବେ ଯାହାକି– ନିର୍ବାହୀ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦଙ୍କ ନାମରେ ହୋଇଥିବ ଏବଂ ଏହା ପାରାଦ୍ୱୀପର ଯେକୌଣସି ବ୍ୟାଙ୍କରେ ଏହା ସଂଗ୍ରହ ହୋଇ ପାରୁଥିବା ନିତ୍ୟାନ୍ତ ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଆବଶ୍ୟକୀୟ କାଗଜ ପତ୍ର ସହିତ ପ୍ରସ୍ତାବ ପତ୍ରକୁ ପୂରଣ କରି ପାରାଦ୍ୱୀପ ପୌର ପରିଷଦର ଟେଣ୍ଡର ବକ୍ସରେ ଦାଖଲ କରିବେ ।

ନିର୍ବାହୀ ଅଧିକାରୀ,
ପାରାଦ୍ୱୀପ ପୌର ପରିଷଦ

OIPR-13001/13120/1/26-27/0017

Zilla Swasthya Samiti, RAYAGADA 10001/619/2627
O/o. The CDM&PHO, Rayagada

TENDER CALL NOTICE FOR Selection of Agency/Bidder for Supply and Serving of Food/Catering Services of this district

Sealed bids are invited from agencies/firms/service providers for supply, transportation and serving of cooked food/catering services for official Trainings, Workshops, Meetings, Conferences, Camps and other institutional programmes of this district. Details regarding eligibility criteria, terms & conditions and the formats of submission of tender are mentioned in the tender document which will be downloaded from the website: http://Rayagada.odisha.gov.in. Interested bidder may submit their tenders in a sealed envelope super-scribing on the top of the sealed envelope as **"Tender for Selection of Agency/Bidder for Supply and Serving of Food/Catering Services of this district in reference to Advertisement No. 8815 dtd. 06.10.2026"**. Address to the CDM&PHO, Rayagada, at/Po:- Barjhola Dist:- Rayagada pin -765002 through speed post/ Regd post only by 28.10.2026 till 5 PM. Which will be opened on 29.10.26 at 11 AM.

The undersigned reserves the right to cancel/reject any or all the tenders without assigning any reason thereof.

CDM&PHO-cum-DMD
Dist:Rayagada

OIPR-10001/10282/1/26-27/0005

Government of Odisha "e" procurement Notice 34001/962/2627
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E (R&B) KPT- 11/2026-27

1. Name of the work : Building works
2. Total No. of works : 02 Nos.
3. Estimated cost : Rs. 3.35 to 8.64 Lakhs
4. Period of completion : 02 (Two) Month
5. Date & Time of availability of bid document in the portal : From 05.10.2026 at 11.00 hours to 15.10.2026 upto 17.00 hours
6. Last date/ Time for receipt of bids in the portal : 15.10.2026 upto 17.00 hours
7. Date of opening of Tender : 16.10.2026 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in

Superintending Engineer
Koraput (R&B) Division

OIPR-34001/34096/1/26-27/0010

LOST

I, Balia Samal, S/o Gobinda Samal, aged about 48 years, resident of Village Gotamata, Angul, Odisha, PIN-759128, am the lawful owner of the property under Khata No. 1104/1583.I state that the original sale deed has been lost and an FIR has been lodged regarding the same.I undertake that, if the original document is found in future, I shall submit the Mutation ROR to ICICI Bank Ltd.

Balia Samal

LOST

I, HIMANSHU SEKHAR MOHAPATRA, At- Flat No. 103, Block-H, Subhashree Vihar, Kusa, Sundarpada, P.S. Air Field, Bhubaneswar, Dist. Khordha, hereby declare that on 14.08.2026, while attending the funeral ceremony of my mother-in-law at Baruni Padia, Jajpur, my hand bag containing certain original documents was lost. The lost documents include Cheque Books bearing Nos. 276936 to 276960, 611676 to 611700 and 567836 to 567885, Bank Passbook A/c No. 31743332805 of SBI, KIIT Branch, Bhubaneswar, Aadhaar Card, PAN Card and Driving Licence No. OD3420240013117. Despite my best efforts, the said documents could not be recovered.

Himanshu Sekhar Mohapatra

LOST

I, Sri Debansu Sekhar Panigrahi, At-Near Police Line, Padhuanpada, Balasore Sadar, P.S. Sahadevkhunta, Dist. Balasore, Odisha, PIN-756001, hereby inform the general public that on 02.10.2026 at about 11:15 A.M. at Rambag Chhak, Jajpur, while I was busy in marketing, my hand bag was lost somewhere and the bag contained my original PAN Card, Aadhaar Card, SBI Bank Account documents relating to S.B. A/C No. 20080638201 of SBI Nayapalli Branch, two cheque books bearing Serial Nos. 721151 to 721200 and 260433 to 260442, along with other documents and cash. Despite my search, I could not find the said documents and cash.

Sd/- Debansu Sekhar Panigrahi

LOST

I, Smt. Usharani Pradhan, At/P.O. Kerandatangi, Dist. Nayagarh, Odisha, hereby inform the general public that I have purchased land situated at Mouza-Madenpur, P.S./Tahasil-Jatni, District-Khurda, under Khata No. 300/666, Plot No. 679/2661, measuring Ac. 0.002 dec., and Plot No. 677/2662, measuring Ac. 0.050 dec., from Aron Prasad Sahu, vide Regd. Sale Deed No. 11122601100, ID No. 1122601146, dated 27.02.2026. The original Sale Deed executed by Aroon Prasad Sahu in my favour has been lost and not traceable. Any person having any objection, claim or interest in respect of the said document may bring the same to the notice of the undersigned authority within the prescribed period.

Sd/- Usharani Pradhan

13001/2084/2627
e-Mail : binikan.hud@nic.in
Phone: 06654-241113

OFFICE OF THE NOTIFIED AREA COUNCIL, BINIKA
AT/PO.-BINIKA, DIST.-SONPUR, PIN-767019

Letter No. **2056** Date: **03-10-2026**

EXPRESSION OF INTREST

Binika NAC invites EOI from experienced, competent and eligible Agencies/ Suppliers/ Bidders for **renovation of Town Hall cum Auditorium at Binika under Binika** NAC as per the specifications given below.

1) Providing and Fixing Acoustic Polyester Fiber (Ecoustic) Sound Absorption Wall Panels for Echo Reduction, complete with approved adhesive and accessories as per manufacturer's specification.
2) Supplying, fitting and fixing of openable UPVC doors with door frame of approved make with 6mm thick glass of approved quality complete with frame, shutters and all fitting and fixtures.
3) Supplying and laying of floor mats as per the direction of Engineer in Charge.

The Quotation Paper will be available at Development Section of Binika NAC @ **Rs.6000.00** (Rupees six thousand) only per each schedule from Dt.05.10.2026 10.00A.M to 1.00 P.M of Dt.12.10.2026 (within working days & Office hours). The Quotation Paper will be received up to **3.00** P.M of Dt.12.10.2026. The Quotation Paper will be opened on **Dt.12.10.2026** at **3.30 P.M** in presence of the Quotationers or their Authorized representatives. The Quotation documents can be seen in our Office Website www.binikanac.in.

Any other clarifications regarding EOI may contact Development Section of Binika NAC.

The Authority reserves the right to accept, reject or cancel any or all the Quotations without assigning any reason thereof.

Executive Officer
Binika NAC

OIPR-13001/13198/1/26-27/0002

OFFICE OF THE MUNICIPAL COUNCIL, BOUDHAGADA.
13001/2076/2627 **Boudh, Pin : 762014**
e-mail: boudhgarhnac@yahoo.co.in, Ph. No-06841-223024

BID IDENTIFICATION No- MCBDH/ 04 /2026-27.
Tender call Notice No: **3093** / **dtd. 01.10.2026.**

1. Name of work :- Civil works as mentioned
2. No. of works : 28 No. of Civil works.
3. Bid value : **Rs 85,774.00 to Rs 1,69,859.00**
4. Date and time of availability, received of the bid documents from the office of the Boudhagada Municipality : **From 10.00 A.M of dt 06.10.2026 to dt 15.10.2026 up to 3.30 P.M. only.**
5. Bids received offline shall be opened on **Dt 15.10.2026 at 4.00 AM**
6. Name & Address of the Officer inviting Bid :- **EXECUTIVE OFFICER, BOUDHAGADA MUNICIPALITY.**

For further details can be seen from the DTCN.

Executive Officer
Boudhagada Municipality

OIPR-13001/13155/1/26-27/0004

GOVERNMENT OF ODISHA 32001/996/2627
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
RENGALI DAM DIVISION, RENGALI
INVITATION FOR BIDS (IFB)
Email ID- rengalidam@gmail.com
'e'-Procurement Notice No. SE-RDD-04/2026-27

The Superintending Engineer, Rengali Dam Division, Rengali Dam site, Dist: Angul, on behalf of Governor of Odisha invites percentage rate tenders to be received in online mode for the works drawn in P.W.D. P1 contract from the intending and eligible contractors of class mentioned against the work registered in W.R R&B / CPWD / PWD for execution of work.

1	Name of the works	:	Building repair work
2	No of works	:	02(two) Nos of works
3	Estimated Cost	:	Varies from 5.06 lakh to 5.36 lakh
4	Cost of tender paper	:	Rs. 4000.00 (Non-refundable) online
5	EMD/ Bid Security	:	Varies from Rs. 5400.00 to Rs. 5100.00 (Refundable) online
6	Class of contractor	:	D or C class
7	Period of Completion of work	:	03(Three) Calendar month
8	Date and time of availability of bid Document in the website	:	From 11.00 AM of Dt. 13.10.2026 to 5.00 P.M. of Dt. 26.10.2026 in the website (www.tendersodisha.gov.in)
09	Date, time and place of opening of online tender	:	Dt. 27.10.2026 at 11.00 A.M in O/o the Superintending Engineer, Rengali Dam Division, Rengali
10	Date, time and place for finalization of tender through transparent lottery System (If required)	:	Dt. 29.10.2026 at 11.00 A.M in O/o the Superintending Engineer, Rengali Dam Division, Rengali
11	Last Date of Seeking Clarification	:	From Dt. 13.10.2026 to Dt. 21.10.2026 up to 3.00 PM
12	Name and Address of Officer inviting Tender	:	Superintending Engineer, Rengali Dam Division, Rengali, AT/P.O. Rengali Dam Site Dist: Angul, Odisha, PIN-759105 Email ID- rengalidam@gmail.com

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer
Rengali Dam Division, Rengali

OIPR-32001/32028/1/26-27/0003

34001/968/2627
GOVERNMENT OF ODISHA
Office of the Superintending Engineer
N.H. Division, Bhubaneswar Email-eenh_bbsr@yahoo.co.in
Ph No-0674-2972908

INVITATION FOR BIDS
BID IDENTIFICATION NO. 10 SE NH, BBSR of 2026-27

The Superintending Engineer, National Highways Division, Bhubaneswar on behalf of Governor of Orissa invites percentage rate bids in Single Cover system on online mode for the work as detailed in the table below from eligible contractors as mentioned in Col. 7 registered with the State Govt. and Contractors of equivalent Grade or Class registered with Central Government / Other State Government / MES / Railways for execution of Civil Works, on production of definite proof from the appropriate authority.

Sl. No.	Name of work	Approximate Estimated cost put to Tender	Concerned Sub-Division	Bid security EMD (online)	Cost of Bid documents (online)	Class of Bidder	Period of completion
1	2	3	4	5	6	7	8
1	"Development of residential area in World Bank Colony such as laying of Paver Block, Plastering of Compound Wall etc., Bhubaneswar"	Rs. 10,55,384/ (Excluding GST)	NH Sub Division, Bhubaneswar	Rs.10554/-	Rs.6000/-	"C/D" Class Contractor	01 (One Month)

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.

1. Bid documents will be available in above website from **dt.12.10.2026 to dt.22.10.2026** up to **17.30 Hours.** The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at **12.30 hours on dt.23.10.2026.** The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in.
2. Subsequent corrigendum / addendum if required shall be available in the website as indicated above.
3. The authority reserves the right to cancel any/all bids without assigning any reason.

Superintending Engineer
N.H. Division, Bhubaneswar

OIPR-34001/34010/1/26-27/0002

AFFIDAVIT

By virtue of an affidavit sworn before The Executive Magistrate, Bargarh vide no. 816 dtd. 07.10.2026, I, Sri Chaitanya Padhan, S/o- Tikelal Padhan resident of Vill.- Launsara, Po.- Kumbhari, Ps./Dist.- Bargarh state that, my daughter's actual name and Date of Birth is **Srishti Padhan** DOB- **06/02/2021** but in her bank account no. 010010115882 her name has been wrongly mentioned as Sruty Padhan. That, **Srishti Padhan** and **Sruty Padhan** is one and same person.

Sd/- Chaitanya Padhan

AFFIDAVIT

I, **KABITA DEI**, aged about 63 years, W/o: Late Prafulla Kumar Mohanty, Affidavit No.: 1001, Dated: 06.04.2019, residing at Plot No. 2F/1005, CDA, Sector-11, P.O.: Markat Nagar, P.S.: Markat Nagar (Phase-II), Dist.: Cuttack, Odisha-753014, do hereby solemnly affirm that "KABITA DEI" and "PUSPA MOHANTY" are one and the same person. My actual name is KABITA DEI, as mentioned in my Aadhaar Card and other documents, whereas PUSPA MOHANTY is my nickname mentioned in the application submitted before the Cuttack Development Authority (CDA), Arunodaya Market Link Road, Cuttack.

Deponent
KABITA DEI

AFFIDAVIT

By virtue of an affidavit no. 25 before the Executive Magistrate, Bhubaneswar, dtd.07.10.2026, I, ANUSUYA NAYAK, permanent resident of At-Tatamaha, P.O. Mandakia, P.S. Raikia, Dist. Kandhamal, PIN-762101, presently residing at Ekram Vihar, Jayadev Vihar, Bhubaneswar- 751013 hereby declare that I have changed my name from ANUSAYA NAYAK to ANUSUYA NAYAK. That ANUSAYA NAYAK and ANUSUYA NAYAK are one and the same person. Henceforth, I shall be known as **ANUSUYA NAYAK** for all purposes.

ANUSUYA NAYAK

AFFIDAVIT

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, DANAGADI, SL NO - 2550, DATE-7/10/2026, I SANTOSH KUMAR SETHY,S/O-BRAHMANANDA SETHY, AT/PO-SOBARA, PS-JAJPUR ROAD, DIST-JAJPUR, ODISHA-755019, DECLARED THAT I HAVE CHANGED MY NAME FROM SANTOSH SETHY TO SANTOSH KUMAR SETHY AND MY WIFES NAME FROM SUSILA SETHY TO SHUSILA SETHI, HENCEFORTH WE SHALL BE KNOWN AS **SANTOSH KUMAR SETHY AND SHUSILA SETHI** FOR ALL PURPOSES WITH DAUGHTER SUBHASMITA PRIYADARSHINEE SETHY,S KVS, VYASANAGAR SCHOOL RECORD CORRECTION.

SANTOSH KUMAR SETHY

ସତ୍ୟପାଠ

ମୁଁ, ରୁଚି କୁମାରୀ, ଶ୍ରୀ ରାଜେନ୍ଦ୍ର ପ୍ରସାଦ ଯାଦବଙ୍କ କନ୍ୟା, ବୟସ ୩୧ ବର୍ଷ, ଗ୍ରାମ: ସାମଦା, ପୋଷ୍ଟ: ସାହେବନ, ଥାନା: ରତନପୁର, ଜିଲ୍ଲା: ସୁପୌଲ, ବିହାର, ପିନ୍-୮୫୪୩୩୮, UID ନଂ.: ୭୬୬୨-୨୦୧୬-୬୭୭୬, ଏତଦ୍ୱାରା ଶପଥପୂର୍ବକ ଘୋଷଣା କରୁଛି ଯେ, ମୁଁ ମହାରାଜା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର (ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି, ଓଡ଼ିଶା, ରାଉରକେଲା)ରୁ ସ୍ନାତକ ଶିକ୍ଷା ହାସଲ କରିଛି, ରେଜିଷ୍ଟ୍ରେସନ୍ ନଂ.: ୧୨୦୧୩୦୮୧୮୮, ମୋର ମୂଳ ଗ୍ରେଡ୍ ସିଟ୍ ଓ ଡିଗ୍ରୀ ସାର୍ଟିଫିକେଟ୍ ହଜିଯାଇଥିବାରୁ ବହୁ ଖୋଜାଖୋଜି ସତ୍ତ୍ୱେ ମିଳିପାରିନାହିଁ । ଉକ୍ତ ଦଲିଲଗୁଡିକ କୌଣସି ବ୍ୟକ୍ତି/ଅନୁଷ୍ଠାନ ନିକଟରେ ଜମା କିମ୍ବା ହସ୍ତାନ୍ତର କରାଯାଇନାହିଁ ଏବଂ ଏହାର ଅପବ୍ୟବହାର ହୋଇନାହିଁ । ତେଣୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଡୁପ୍ଲିକେଟ୍/ପୁନଃଜାରି ଗ୍ରେଡ୍ ସିଟ୍ ଓ ସାର୍ଟିଫିକେଟ୍ ପାଇବା ଉଦ୍ଦେଶ୍ୟରେ ଏହି ଶପଥପତ୍ର କରାଯାଉଛି ।

ସ୍ୱା/- ରୁଚି କୁମାରୀ

AVAILABLE FOR SALE

We have 1 no's repossessed MAHINDRA/BOLERO MAXX PIK-UP HD for sale (1). MAHINDRA/BOLERO MAXX PIK-UP HD (OD-16-L-4980) in it's as is where is condition. Contact: Sundaram Finance Limited, Sundargarh Branch , Mob no : 9437356106 within 3 days .

AVAILABLE FOR SALE

We have 1 no's repossessed HONDA AMAZE CAR for sale (1). HONDA AMAZE (OD-23-Q-9202) in it's as is where is condition. Contact: Sundaram Finance Limited, Sundargarh Branch , Mob no : 9437356106 within 3 days .

AFFIDAVIT

I, Sri Banamali Bissoi, S/o- Sri Drona Bisoi, resident of Vill.: Churuchunda, Po.: Rajoda, Ps.: Kosagumuda, Dist.: Nabarangpur, Odisha, PIN: 764061, Odisha declare by this affidavit No. 1195 dated- 06/10/2026, that now onwards I shall be known as **BANAMALI BISOI** for all future purposes.

AFFIDAVIT

By Virtue of an affidavit sworn before Executive Magistrate Bhograi , no- 6081, dated 06.10.2026, I Sri Dhar Chandra Das S/O, Karttik Chandra Das,At-Kusuti ,Po-Madhupur, PS- Kamarda District-Balasore, Odisha, pin-756035 declare that, I have changed my name from Sridhara Chandra Shee to Sri Dhara Chandra Das. Henceforth, I shall be known as **Sri Dhara Chandra Das** for all purpose.

AFFIDAVIT

By virtue of an affidavit no-878 sworn before the Executive Magistrate, Jeypore, Koraput, dtd. 08/09/2026. **I, Smt U.Gayatri,** D/o- Sri U. Rajsekhar, W/o-Sri Trinath Choudhury, R/o-vill- Tankua, Po-Tankua, Ps- Jeypore Sadar, Dist-Koraput hereby declare that, Before marriage, my maiden name was U.Gayatri, after marriage, my name has been renamed sa Gayatri Choudhury w/o-Sri Trinath Choudhury. In my voter I card, my name recorded as U.Gayatri, But in my Aadhar card & Postal R.D account, my name has been mentioned as Gayatri Choudhury. So both names **U.Gayatri** and **Gayatri Choudhury** belongs to one and same person i.e myself.

AFFIDAVIT

By virtue of an affidavit sworn before The Executive Magistrate, Bhatli vide no. 1048 dtd. 07.10.2026, I, Mohita Meher, S/o- Sukadev Meher resident of Baulsingha, Po.- Tejagola, Ps./Tah- Bhatli, Dist.- Bargarh, Odisha, PIN- 768030 state that, I have changed my name from **Mohit Meher** to **Mohita Meher**. Henceforth I shall be known as **Mohita Meher** for all future purposes.

AFFIDAVIT

By virtue of an affidavit sworn before The Notary Public, Titilagarh, on dated- 06/10/2026. I, **Hansamita Bagarty** (new name), D/o Bidya Bagarty, permanent & current resident of AT: Kumuda, PO: Sihini, PS: Titilagarh, Dist: Balangir, State: Odisha, PIN: 767066 declare that I have changed my name from **Hasmita Bagarty** (old name) to **Hansamita Bagarty** (new name). Henceforth, I shall be known as **Hansamita Bagarty** (new name) for all future purposes.

Hansamita Bagarty

AFFIDAVIT

By virtue of an affidavit no.327 before the Executive Magistrate, Tentulikhunti, Nabarangpur, dtd. 06.10.2026, I, Somnath Sethi, Village/PO Khatiguda, P.S. Khatiguda, Dist. Nabarangpur, hereby declare that I am the father of my minor daughter Tejaswini Sethi. I have changed her name from "Tejaswini Sethi" to "Tejeshwari Sethi". Henceforth, she shall be known as **Tejeshwari Sethi** for all purposes.

Sd/- Somnath Sethi

AFFIDAVIT

By virtue of an affidavit sworn before The Notary Public, Titilagarh, on dated- 06/10/2026. I, **Sobhagini Patel** (new name), D/o Trinatha Patel, permanent & current resident of AT: Kortipadar, PO: Bhojpur, PS: Khariar, Dist: Nuapada, State: Odisha, PIN: 766107 declare that I have changed my name from **Sukanti Patel** (old name) to **Sobhagini Patel** (new name). Henceforth, I shall be known as **Sobhagini Patel** (new name) for all future purposes.

Sobhagini Patel

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡା, ୭ ।୧୦(ସମିସ): ଝାରସୁଗୁଡାର ବିଧାୟକ ଟଙ୍କଧର ତ୍ରିପାଠୀ କିର୍ମିରା ବ୍ଲକ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ କାର୍ଯର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜି. ପାନପାଲି ପଞ୍ଚାୟତ କାଦୋ ବାହାଲ ଖେଳପଡ଼ିଆ ମଞ୍ଚ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିର୍ମିରା ସରସ୍ୱତୀ ଶିଶୁ ମନ୍ଦିରର ଅତିରିକ୍ତ ଶ୍ରେଣୀ ଗୃହ, ପାଚେରୀ ଓ ଶୌଚାଳୟ ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ଧବ ସିଂ ନାୟକ, ବିଜୟ ଶର୍ମା, ଯାମିନୀକାନ୍ତ ନାୟକ, ଝସକେତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ବିଇଓଙ୍କୁ ସ୍ୱାଗତ ଜଣାଇଲା ପ୍ରାଥମିକ ଶିକ୍ଷକ ସଂଘ

ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଯୋଗ ଦେଇଥିବା କେଶବ ମଲ୍ଲିକଙ୍କୁ ବୌଦ୍ଧ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଯୋଜନା ଭୁକ୍ତ) ସ୍ୱାଗତ କରିଛି। ସଙ୍ଘର ସଭାପତି ରାଜକୁମାର ପ୍ରଧାନ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶମ୍ଭୁଗିରି, ଉପଦେଷ୍ଟା ହୃଦାନନ୍ଦ ପ୍ରଧାନ, ସକ୍ରିୟ ସଦସ୍ୟ ନିରଞ୍ଜନ ମେହେର, ସୁଶାନ୍ତ ସାହୁ, ସନତ ବାରିକ, ତୋଷଣ ମହାକୁଡ଼, ଅନାଦି ବେହେରା, ପ୍ରକାଶ ଚନ୍ଦ୍ର ମଲ୍ଲିକ, ରାଜେଶ ପାତ୍ର, ସ୍ୱରଜିତ ପ୍ରଧାନ, ରତିକାନ୍ତ ଜଟି ପ୍ରମୁଖ ଉପସ୍ଥିତ ଥିଲେ।

'ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ'

ଝାରସୁଗୁଡ଼ା, ୭ ।୧୦(ସମିସ): ପୋଷଣ ହେଉଛି ଏକ ସୁସ୍ଥ ଓ ସମୃଦ୍ଧ ସମାଜର ମୂଳଦୁଆ। ମା' ଓ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହିତ ପ୍ରତ୍ୟେକ ପରିବାରରେ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଆମ ସମସ୍ତଙ୍କ ଏକାନ୍ତ ଦାୟିତ୍ୱ। ଏହି ଉଦ୍ଦେଶ୍ୟରେ ଲଇକେରାଠାରେ ୯ ତମ ରାଷ୍ଟ୍ରୀୟ ପୋଷଣ ମାସ ଅଧୀନ "ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' (ଆଙ୍ଗନ କା ଉତ୍ସବ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ନାଏକ, ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗ ଡୁଙ୍ଗ, ସମିତି ସଭ୍ୟ ରାମୁ ରଞ୍ଜନ ମିଶ୍ର, କାର୍ତ୍ତିକ ବେହେରା ଏବଂ ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

କିର୍ମିରାରେ ବ୍ଲକସ୍ତରୀୟ ସେବା ସେତୁ କ୍ୟାମ୍ପ ଉଦ୍‌ଘାଟିତ

ଝାରସୁଗୁଡା, ୭ ।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଜି. ପାନପାଲି ପଞ୍ଚାୟତ କାଦୋବାହାଲରେ ବ୍ଲକସ୍ତରୀୟ ସେବା ସେତୁ କ୍ୟାମ୍ପ ଆରମ୍ଭ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କିର୍ମିରା ବିଡ଼ିଓ ଅବିନାଶ ଲାକ୍ରା, ତହସିଲଦାର ସଂଜୀବ କୁଲୁ, ସାଂସଦ ନୋମିନି ଉଦ୍ଧବ ସିଂ ନାୟକ, କିର୍ମିରା ବ୍ଲକ ଉପାଧକ୍ଷା ସାବିତ୍ରୀ ମାଝୀ, କିର୍ମିରା ସରପଞ୍ଚ ସନ୍ତୋଷିନୀ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ହିତାଧିକାରୀ ମାନଙ୍କୁ ରାସନକାର୍ଡ, ଶ୍ରମିକ କାର୍ଡ, ଅନ୍ତୋଦୟ ଗୃହ ପ୍ରଦାନ କରାଯାଇଥିଲା। ଏହାସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଋଣ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଶର୍ମା, ଯାମିନୀକାନ୍ତ ନାୟକ, ଝସକେତନ ପ୍ରଧାନ, ବାବୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବତନ ପୁଲିସ ଏସ୍‌ଆଇଙ୍କୁ ୩ ବର୍ଷ ଜେଲ୍

ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନାର ପୂର୍ବତନ ସବ୍ ଇନ୍ସପେକ୍ଟର ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିକ୍ରମ କିଶୋର ଦେହୁରୀଙ୍କୁ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଏକ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରାଯାଇଛି। ଜବତ ହୋଇଥିବା ଏକ ମୋଟରସାଇକେଲ୍‌କୁ ଅଦାଲତଙ୍କ ଆଦେଶ ସତ୍ତ୍ୱେ ସେ ନ ଛାଡି ୧୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଏହି ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର ଡିଏସ୍‌ପି ଜଗବନ୍ଧୁ ଅଙ୍ଗାରିଆ ଏହି ମାମଲାର ତଦନ୍ତ କରିଥିବା ବେଳେ ଭିଜିଲାନ୍ସ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରୋସିକ୍ୟୁଟର ଭି.ଭି. ରାମଦାସ ମାମଲା ପରିଚାଳନା କରିଥିଲେ।

ବିଜେପିର ମାସିକ ସାଙ୍ଗଠନିକ ବୈଠକ

ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ଜିଲ୍ଲା ଭାରତୀୟ ଜନତା ପାର୍ଟିର ମାସିକ ସାଙ୍ଗଠନିକ ବୈଠକ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଯୁକ୍ତା ନାଏକ, ବରିଷ୍ଠ କାର୍ଯ୍ୟକର୍ତ୍ତା ଶେଷଦେବ ମେହେର ଏବଂ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁ କହଁର ଉପସ୍ଥିତ ଥିଲେ।

୭୭୦ ବର୍ଷର ପରମ୍ପରା
ଚଳଚଞ୍ଚଳ ଜରାସିଂହାର ଐତିହାସିକ ପାଟଖଣ୍ଡା ପୀଠ

ବଲାଙ୍ଗିର/ଦେଓଗାଁ, ୭।୧୦(ସମିସ):

ବଲାଙ୍ଗିର ଜିଲ୍ଲାର ପ୍ରସିଦ୍ଧ ପୁରାତନ ଶକ୍ତିପୀଠ ଦେଓଗାଁ ବ୍ଲକ ଅନ୍ତର୍ଗତ ଜରସିଂହାର ପାଟଖଣ୍ଡା ପୀଠ ଚଳିତ ବର୍ଷର ଶାରଦୀୟ ଦଶହରା ଉତ୍ସବ ଲାଗି ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇପଡ଼ିଛି। ଅନ୍ୟାନ୍ୟ ଶକ୍ତିପୀଠ ଭଳି ଏଠାରେ ମଧ୍ୟ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ମାଁ ପାଟଖଣ୍ଡାଙ୍କ ଷୋଡଶ ପୂଜା ଅନୁଷ୍ଠିତ ହେଉଛି। ୭୭୦ ବର୍ଷର ପୁରାତନ ଏହି ଯାତ୍ରାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

ପରମ୍ପରା ଅନୁଯାୟୀ, ଚତୁର୍ଦ୍ଦଶୀ ତିଥିରେ ଗାଁର ମଧ୍ୟଭାଗରେ ଥିବା ମା'ଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ପରେ ମା' ବୁଢ଼ୀଆଇ ମନ୍ଦିରରେ ମଧ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥାଏ। ଏହାପରେ ମା' ପାଟଖଣ୍ଡା ଓ ବିରୁପାଣୀ ପାରମ୍ପାରିକ ବାଦ୍ୟର ତାଳେ ତାଳେ ନୃତ୍ୟ କରି ଭକ୍ତମାନଙ୍କୁ ଅଲୌକିକ ଦର୍ଶନ ଦେଇଥାନ୍ତି। ପରେ ପାଟଖଣ୍ଡା ମନ୍ଦିରରୁ ଦେବତା ବାହାରି ପାରମ୍ପରିକ ରୀତିରେ 'ରାଜ ବଖରୀ'କୁ ଆଗମନ କରନ୍ତି। ସେଠାରେ ପୂର୍ବରୁ ଅପେକ୍ଷା କରିଥିବା ସ୍ଥାନୀୟ ଜମିଦାରଙ୍କୁ ଦେବତା 'ଫୁଙ୍କାଝରା' କରିବା ସହ ଉପସ୍ଥିତ ସହସ୍ରାଧିକ ଭକ୍ତଙ୍କ ଗୁହାରି ଶୁଣି ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥାନ୍ତି।

ଗବେଷକଙ୍କ ମତରେ ଏହି ଯାତ୍ରାର ଏକ ସୁଦୀର୍ଘ ଐତିହାସିକ ପୃଷ୍ଠଭୂମି ରହିଛି। ପାଟଖଣ୍ଡା ଦେବତା ପ୍ରଥମେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ସାନଖେମୁଣ୍ଡି ନୁଆଁଗାଁ ନିକଟସ୍ଥ ଏକ ଗୁମ୍ଫାରେ କନ୍ଧ ସମ୍ପ୍ରଦାୟ ଦ୍ୱାରା ପୂଜା ପାଉଥିଲେ।

ଦଶହରାରେ ମା'ଙ୍କ ଷୋଡ଼ଶ ପୂଜା ଓ ଅଲୌକିକ 'ବସ୍ତର ଯୁଦ୍ଧ'ର ଗାଥା

ପରେ କୌଣସି କାରଣରୁ ସେଠାରେ ପୂଜା ବିଧିରେ ଅଶାନ୍ତି ଦେଖାଯିବାରୁ ସେ କୋଶଳର ରାଜଧାନୀ ପାଟଣାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀଙ୍କ ଶରଣାପନ୍ନ ହୋଇଥିଲେ। ଚୌହାନ ବଂଶର ରାଜା ବତ୍ସରାଜ ସିଂଦେଓଙ୍କ ସମୟରେ ପାଟଣା ଓ ବସ୍ତର ରାଜପରିବାର ମଧ୍ୟରେ ବୈବାହିକ ସମ୍ବନ୍ଧ ଥିଲା। ମାତ୍ର ବସ୍ତର ରାଜାଙ୍କ ଲୋଲୁପ ଦୃଷ୍ଟି ପାଟଣା ରାଜାଙ୍କ ପାଖରେ ଥିବା ଏକ ଅଲୌକିକ 'ରମାଇ ଖଣ୍ଡା' ଉପରେ ପଡ଼ିଥିଲା, ଯାହାକୁ ନେଇ ଐତିହାସିକ 'ବସ୍ତର ଯୁଦ୍ଧ' ଆରମ୍ଭ ହୋଇଥିଲା। ଯୁଦ୍ଧ ସମୟରେ ମା' ପାଟଣେଶ୍ୱରୀ ପାଟଖଣ୍ଡାଙ୍କ ସହାୟତା ଲୋଡିଥିଲେ ଏବଂ ତାଙ୍କରି ପ୍ରଚ୍ଛନ୍ନ ସହାୟତାରେ ପାଟଣା ମହାରାଜ ଯୁଦ୍ଧରେ ବିଜୟୀ ହୋଇଥିଲେ। ଏଥିରେ ସନ୍ତୁଷ୍ଟ ହୋଇ ପାଟଣେଶ୍ୱରୀ ବର ଯାଚିବାରୁ ପାଟଖଣ୍ଡା ଏକ ବସତି ସ୍ଥାନ ମାଗିଥିଲେ। ମା'ଙ୍କ ଆଦେଶକ୍ରମେ ତତ୍କାଳୀନ ଜରାଗଡ଼ (ବର୍ତ୍ତମାନର ଜରାସିଂହା) ସ୍ଥିତ ଦେଝାର ଜଙ୍ଗଲରେ ପାଟଖଣ୍ଡା ପ୍ରଥମେ ଅବସ୍ଥାନ କରିଥିଲେ। ଏହି ପୀଠ ପ୍ରତିଷ୍ଠା ନେଇ ଏକ ସର୍ତ୍ତ ଥିଲା ଯେ, ପାଟଣେଶ୍ୱରୀ ଯାତ୍ରାର ଆଗ ପାଟ (ଆଞ୍ଚଲ) ଓ ଆଗ ସିନ୍ଦୁର ଜରାସିଂହାରେ ପହଞ୍ଚିବା ପରେ ହିଁ ପାଟଖଣ୍ଡା ଯାତ୍ରା ଆରମ୍ଭ ହେବ। ଅନ୍ୟ ଏକ ଲୋକକଥା ଅନୁସାରେ, ପାଟଖଣ୍ଡା ଏକ ମନୁଷ୍ୟ ରୂପି ଦେବତା ଓ ତାଙ୍କ ସ୍ତ୍ରୀ ହିଞ୍ଜଲ ରାଣୀ ହେଉଛନ୍ତି ବାରଘରିଆ ଡମ ସମ୍ପ୍ରଦାୟର ଝିଅ। ତେଣୁ ଆଜି ବି ଏହି ସମ୍ପ୍ରଦାୟର ଲୋକଙ୍କ ଆଗମନ ଏହି ଯାତ୍ରାର ଏକ ପ୍ରମୁଖ ଅଙ୍ଗ ହୋଇ ରହିଛି। ଦଶହରା ମାସରେ ପାଟଣାଗଡରୁ ଦେହୁରିମାନେ ପଦଯାତ୍ରାରେ ପାଟସିନ୍ଦୁର ଆଣିବା ପରେ ବିଜୟା ଦଶମୀ ଦିନ ଦେଝାରରୁ ଦେବତାଙ୍କ ଆବାହନ କରାଯାଏ। ଏକ ମହୁଲ ଗଛ କୋରଡ଼ରେ ରଖାଯାଇଥିବା ପୁରାତନ କାଳର ଅଷ୍ଟଧାତୁ ପାତ୍ର ଓ ପାଟସିନ୍ଦୁର ସ୍ପର୍ଶ ମାତ୍ରକେ ମୁଖ୍ୟ 'ବରୁଆ'ଙ୍କ ଦେହରେ ଦେବତା ପ୍ରବେଶ କରିଥାନ୍ତି। ଏହାପରେ ଜରାସିଂହା ଜମିଦାର ତାଙ୍କ ଗିଣ୍ଡୁଲବାହାଲ ଖଳାରେ ଦେବତାଙ୍କୁ ବରଣ କରନ୍ତି ଏବଂ ଦେବତା ସୋନଗଡ଼ ନଦୀରେ ଡୋଲ ଉପରେ ବସି ନଦୀ ପାର ହୋଇ ପୀଠସ୍ଥଳୀକୁ ବିଜେ କରିଥାନ୍ତି। ଏହି ଅଲୌକିକ ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି।

କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ତରଭା, ୭।୧୦(ସମିସ): ଅକ୍ଟୋବର-୮ ରେ ଓଡିଶା ବନ୍ଦ ଡାକରା ଦେଇଛି କଂଗ୍ରେସ ଦଳ। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ତରଭା ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ଶ୍ରୀ ନାଗ ଏମ୍‌ଏମ୍‌ଡିଆର ଆଇନକୁ ରଦ୍ଦ କରିବା, ଓଡିଶାର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଭାରତର ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ବନ୍ୟା ବିପନ୍ନନଙ୍କୁ ତୁରନ୍ତ ସହାୟତା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ଝାଙ୍କର ଏହି ଚାରୋଟି ଦାବିର ଯଥାର୍ଥତା ପ୍ରତିପାଦନ କରିଥିଲେ। ଏଥିରେ ଜିଲ୍ଲା ସମ୍ପାଦକ ମୁକୁନ୍ଦ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ଶିବ କୁମାର ଅଗ୍ରୱାଲ, ରାମକୃଷ୍ଣ ସାହୁ, ଇନ୍ଦ୍ରଜିତ ନାଗ, ସୁରୁସିଂ ସୁନା, କିଙ୍ଗକଙ୍ଗ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ନାଗ ଧନ୍ୟବାଦ ଦେଇଥିଲେ।

ସୁବର୍ଣ୍ଣପୁରରେ ସେବା ଜ୍ୟୋତି ଯାତ୍ରା

ତରଭା, ୭।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ସେବା ଜ୍ୟୋତି ଯାତ୍ରା ଓ ସେବା ସଂକଳ୍ପ ଅଭିଯାନ ଅବସରରେ ରାମେଶ୍ୱର ଷ୍ଟାଡିୟମଠାରେ ଏକ ସମାବେଶ ସହ ସହରରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷ ହେବା ପରେ ରାମେଶ୍ୱର ଷ୍ଟାଡିୟମଠାରୁ ଏକ ଜନସଚେତନତା ରାଲି ବାହାରି ସୁରେଶ୍ୱରୀ ମନ୍ଦିର ରୋଡ୍ ଦେଇ ନଳିନୀ ଛକ ଏବଂ ସେଠାରୁ ଆର୍‌ଟିଓ ଛକ ପର୍ଯ୍ୟନ୍ତ ଯାଇଥିଲା। ଆର୍‌ଟିଓ ଛକଠାରେ ସେବାର ପ୍ରତୀକ ଭାବେ ମଶାଲ ଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା। ବୀରମହାରାଜପୁର ବିଧାୟକ ଇଞ୍ଜିନିୟର ରଘୁନାଥ ଜଗଦଲା କହିଥିଲେ ଯେ, ସରକାରଙ୍କ ପ୍ରତ୍ୟେକ ନିଷ୍ପତ୍ତିକୁ ଜନକୈନ୍ଦ୍ରିକ କରିବା ଏବଂ ସରକାରଙ୍କ ଯୋଜନା ଓ ସେବାର ସୁଫଳ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦେବାଶିଷ ସିଂହ, ସଂସ୍କୃତି ବିକାଶ ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ସାମାଜିକକର୍ମୀ ବେଣୁଧର ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ରୋଜଗାର ହରାଇ ଜିଲ୍ଲାପାଳଙ୍କୁ ଭେଟିଲେ ଗାଁସାଥୀ

ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ମ୍ୟୁନିସିପାଲିଟିରେ ମୁର୍ଷୁଣ୍ଡି ପଞ୍ଚାୟତ ସାମିଲ ହେବା ପରେ ମନରେଗା ଯୋଜନାରେ କାର୍ଯ୍ୟ କରିବାର ସୁଯୋଗ ହରାଇଥିବା ଗାଁସାଥୀ ଓ ମେଟ୍‌ମାନେ ଏବେ ବିକଳ୍ପ କର୍ମସଂସ୍ଥାନ ଦାବି କରିଛନ୍ତି। ବିଭିନ୍ନ ରାଜସ୍ୱ ଗ୍ରାମର ଗାଁ ସାଥୀମାନେ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ଏମାନଙ୍କ କହିବାନୁଯାୟୀ, ମୁର୍ଷୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସେମାନେ ଦୀର୍ଘ ୧୮ ବର୍ଷ ଧରି ମନରେଗା ଯୋଜନାରେ ଗାଁସାଥୀ ଓ ମେଟ୍ ଭାବେ କାର୍ଯ୍ୟ କରି ଆସୁଥିଲେ। ଗ୍ରାମର ବନ୍ଧ, ରାସ୍ତା, ବନୀକରଣ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସେମାନେ ନିୟୋଜିତ ହୋଇ ରୋଜଗାର କରୁଥିଲେ। ତେବେ ପଞ୍ଚାୟତଟି ବୌଦ୍ଧ ମ୍ୟୁନିସିପାଲିଟିରେ ବିଲୀନ ହେବାପରେ ମନରେଗା ଯୋଜନାରେ ପୂର୍ବଭଳି କାର୍ଯ୍ୟ ସୁଯୋଗ ନ ଥିବାରୁ ସେମାନଙ୍କ କର୍ମସଂସ୍ଥାନ ହରାଇଥିବା ଅଭିଯୋଗ କରିଛନ୍ତି। ଦୀର୍ଘବର୍ଷ ଧରି ଏହି କାମ ଉପରେ ନିର୍ଭର କରି ଆସୁଥିବାରୁ ହଠାତ୍ ରୋଜଗାର ବନ୍ଦ ହୋଇଯିବା ଫଳରେ ସେମାନଙ୍କ ପରିବାର ଆର୍ଥିକ ସମସ୍ୟାରେ ପଡ଼ିଥିବା ସେମାନେ କହିଛନ୍ତି। ମୁର୍ଷୁଣ୍ଡି ପଞ୍ଚାୟତ ମ୍ୟୁନିସିପାଲିଟିରେ ସାମିଲ ହେବା ଫଳରେ ଗ୍ରାମାଞ୍ଚଳରେ ମିଳୁଥିବା ମନରେଗା କାର୍ଯ୍ୟ ସୁଯୋଗ ଆଉ ନ ଥିବାରୁ ଦୀର୍ଘ ୧୮ ବର୍ଷର ଅଭିଜ୍ଞତା ସତ୍ତ୍ୱେ ସେମାନେ ବେକାର ହୋଇପଡ଼ିଛନ୍ତି। ନୂଆ ପରିସ୍ଥିତିରେ ସେମାନଙ୍କ ଜୀବିକାକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିବା ସେମାନେ ଦାବି କରିଛନ୍ତି। ତେଣୁ ମ୍ୟୁନିସିପାଲିଟି ଅଞ୍ଚଳରେ ସେମାନଙ୍କ ଅଭିଜ୍ଞତାକୁ ଉପଯୋଗ କରିବା ସହ ବିକଳ୍ପ କର୍ମ ସଂସ୍ଥାନ, ଆମ୍ ନିଯୁକ୍ତି କିମ୍ବା ଅନ୍ୟ କୌଣସି ସରକାରୀ ଯୋଜନାରେ ସୁଯୋଗ ଯୋଗାଇ ଦେବାକୁ ଗାଁସାଥୀମାନେ ଦାବି କରିଛନ୍ତି। ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଗାଁସାଥୀମାନଙ୍କ ଜୀବିକା ସୁରକ୍ଷାକୁ ଗୁରୁତ୍ୱ ଦେଇ ସରକାରୀ ସ୍ତରରେ ଶୀଘ୍ର ଉପଯୁକ୍ତ ବ୍ୟବସ୍ଥା କରିବାକୁ ସେମାନେ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି।

ଜଙ୍ଗଲରୁ ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର

ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ବନଖଣ୍ଡ ସଦର ରେଞ୍ଜ ଅଧୀନ ଘିଆପଡା ସେକ୍ସନର ଜାମୁଖୋଲ ବିଟ୍ ଅଧୀନ କମ୍ପାର୍ଟମେଣ୍ଟ ନଂ-୭ ଜଙ୍ଗଲରୁ ଏକ ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି। ହାତୀଟିର ବୟସ ପ୍ରାୟ ୮ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ପ୍ରାଥମିକ ସୂଚନା ଦିଆଯାଇଛି। ତେବେ ହାତୀଟିର ମୃତ୍ୟୁ କିପରି ଓ କେଉଁ କାରଣରୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଜାମୁଖୋଲ ଜଙ୍ଗଲ ଅଞ୍ଚଳକୁ ଯାଇଥିବା କିଛି ସ୍ଥାନୀୟ ଲୋକ ହାତୀଟି ମରି ପଡ଼ିଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ସେମାନେ ବନ ବିଭାଗକୁ ଅବଗତ କରିଥିଲେ। ଖବର ପାଇ ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ସଦର ରେଞ୍ଜ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ, ଘିଆପଡା ସେକ୍ସନ ବନପାଳ ମାଳତୀ ମାଝୀ ପ୍ରମୁଖ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ମୃତ ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ହାତୀଟିର ମୃତ୍ୟୁ କିଛି ଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି। ମୃତଦେହ ପଚି ଯାଇଥିବାରୁ ଘଟଣାସ୍ଥଳରେ ପ୍ରବଳ ଦୁର୍ଗନ୍ଧ ହେଉଥିଲା। ଏହାକୁ ନେଇ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ସହ ମୃତ୍ୟୁ ସମ୍ପର୍କରେ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରାଯାଇଛି।

ବୌଦ୍ଧ, ଝାରସୁଗୁଡ଼ାରେ ପଥପ୍ରାନ୍ତ ନାଟକ ପରିବେଷିତ

ବୌଦ୍ଧ, ୭ ।୧୦(ସମିସ): ବୌଦ୍ଧ ସହରର ଭିକାରୀ କଳାମଣ୍ଡପରେ ନମୋ ସେବା ଗାଥା ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଛି। ଏଥିରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ ଓ ହରଭଙ୍ଗା ବିଡିଓ କର୍ଣ୍ଣସୁନା ପ୍ରମୁଖ ଉପସ୍ଥିତ ଥିଲେ। କୈଳାଶ କର ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ। ଟେକ୍ନିକାଲ୍ ଡାଇରେକ୍ଟର ଭାବେ ଆଶିଷ ନାୟକ ସହଯୋଗ କରିଥିଲେ। ଯୋଗେଶ ଆଚାର୍ଯ୍ୟ ଅଭିନୟ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଝାରସୁଗୁଡା: ଝାରସୁଗୁଡ଼ାରେ ପଥପ୍ରାନ୍ତ ନାଟକ ସେବା ନମୋ ଗାଥା ପରିବେଷିତ ହୋଇଯାଇଛି। ଝାରସୁଗୁଡା ଇଞ୍ଜିନିଂ ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ନବଲ ଅଗ୍ରୱାଲ, ଶ୍ଲୋକ ସର୍ଦ୍ଧା, ରାଜେନ୍ଦ୍ର ସିଂ, ପ୍ରଚଣ୍ଡ ଯଶୱାଲ, ତହସିଲଦାର ସଦାକର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ବିବେକାନନ୍ଦ ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ। କିଶୋର ଓଝା ବୈଷୟିକ ନିର୍ଦ୍ଦେଶକ ଥିଲେ। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ କାର୍ଯ୍ୟକ୍ରମର ଆୟୋଜନ କରିଥିବାବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାର ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ରାଜେଶ ସେଠ ସୁନ୍ଦର ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ କୁମାର ମହାରଣା ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଆଲିସ ପଟେଲ, ମୌସୁମ ପଟେଲ, ଧୀରଜ ରୋଶନ ପଧାନ, କିଙ୍କନ ନାଏକ ଏବଂ ରବୀନ୍ଦ୍ର ନିଆଲ ପ୍ରମୁଖ ସହଯୋଗ କରିଥିଲେ।

ଜିଲ୍ଲାରେ ସୀମା ଟପିଲାଣି ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା

ଶୀଘ୍ର ସମାଧାନ କର ନଚେତ୍ ଆନ୍ଦୋଳନ-ନରସିଂହ

ବଲାଙ୍ଗିର, ୭।୧୦(ସମିସ):

ଜାନକୀ ବଲ୍ଲଭଙ୍କ ନେତୃତ୍ୱାଧିନ କଂଗ୍ରେସ ସରକାର ଅମଳରେ ଖଣିଜ ସଂପଦକୁ ନେଇ ଓଡିଶା ସେସ୍ ଆକ୍ଟ ଅଣାଯାଇଥିଲା। କିନ୍ତୁ ସେ ସମୟରେ ଖଣି ସଂପଦକୁ ନେଇ ରାଜ୍ୟ ସରକାରଙ୍କ ଅଧିକାର ନାହିଁ ବୋଲି ସୁପ୍ରିମ କୋର୍ଟ ଏହାକୁ ଖାରଜ କରିଥିଲେ। ପରବର୍ତ୍ତି ସମସୟରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମୁଁ ନିଜେ ଆଇନ ମନ୍ତ୍ରୀ ଭାବରେ ଖଣିଜ ସଂପଦ ଭୟ ଜମି ଉପରେ ଟ୍ୟାକ୍ସ ଆଦାୟକୁ ନେଇ ଏକ ବିଲ ଆଣିଥିଲି। ଯଦିଓ ଖଣିଜ ସଂପଦ ବିଷୟ କେନ୍ଦ୍ର ସରକାରଙ୍କ ଅଧିନ, କିନ୍ତୁ ଖଣିଜ ସଂପଦ ଉପରେ ଥିବା ଜମି ରାଜ୍ୟ ସରକାରଙ୍କ ଅଧିନ ଅଟେ, ତେଣୁ ଏହି ବିଲରେ ବ୍ୟବସ୍ଥା ଥିଲା ଯେ, ଜମି ଉପରେ ରାଜ୍ୟ ସରକାର ଟ୍ୟାକ୍ସ ପକାଇ ପାରିବେ। କିନ୍ତୁ ସେ ସମୟରେ ଏହି ବିଲକୁ ମଧ୍ୟ ସୁପ୍ରିମ କୋର୍ଟ ଖାରଜ କରିଥିଲେ। ପରେ ୧୫ ଜାନୁଆରୀ ୨୦୦୪ରେ ପଶ୍ଚିମବଙ୍ଗ ସରକାର ଏପରି ଏକ ସମାନ ବିଲ ଆଣିଥିଲେ। ଯେଉଁ ବିଲକୁ ସୁପ୍ରିମକୋର୍ଟ ମାନିଥିଲେ ଯେ, ଖଣିଜ ସଂପଦ ବହନ କରୁଥିବା ଜମି ଉପରେ ରାଜ୍ୟ ସରକାର ଟ୍ୟାକ୍ସ ଲଗାଇ ପାରିବେ। ତା ସହ ଏହା ମଧ୍ୟ କହିଥିଲେ ଯେ, ଏପରି ଏକ ବିଲ ଓଡିଶା ସରକାର ମଧ୍ୟ ପୂର୍ବରୁ ଆଣିଥିଲେ। ଏହି ବିଲ ଦ୍ୱାରା ରାଜ୍ୟ ସରକାର ଅନେକ ରାଜସ୍ୱ ପାଇ ପାରିଥାନ୍ତା। ତେଣୁ କେନ୍ଦ୍ର ସରକାର ଖଣିଜ ସଂପଦ ଥିବା ରାଜ୍ୟ ମାନଙ୍କୁ ଯେଉଁ ସମୟରୁ ସେହି ରାଜ୍ୟମାନେ ଏହି ବିଲ ଆଣିଥିଲେ ସେହି ସମସୟରୁ ସେମାନଙ୍କର ବକେୟା ପାଉଣା ପ୍ରଦାନ କରନ୍ତୁ। ଯଦି ଏହା ଦେବାକୁ କେନ୍ଦ୍ର ସରକାର ଅସମର୍ଥ ହୁଏ ତେବେ ଏହି ପାଉଣାକୁ କିସ୍ତି ମାଧ୍ୟମରେ ରାଜ୍ୟ ସରକାରମାନଙ୍କୁ ପ୍ରଦାନ କରନ୍ତୁ ବୋଲି ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଝାଡ଼ଖଣ୍ଡ ସରକାରଙ୍କ ଦାବି ମୁତାବକ ଗୋଟିଏ କିସ୍ତିର ଭରଣା ପାଇସାରିଛି କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ସେହି ଭରଣା ପାଇଁ ଦାବି କରିନାହାନ୍ତି। ଓଲଟା ଏବେ ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ଏମଏମଡିଆର ୨୬ ସଂଶୋଧନ ମଧ୍ୟମରେ ରାଜ୍ୟ ସରକାରଙ୍କ ଖଣି ଓ ଜମି ଉପରେ ସମସ୍ତ ପ୍ରକାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ତେଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ, ଏମଏମଡିଆର ସଂଶୋଧନ ମାଧ୍ୟମରେ କ୍ଷତି ହେଉଥିବା ଲକ୍ଷ ଲକ୍ଷ ହଜାର କୋଟି ଟଙ୍କା ରାଜସ୍ୱ ସରକାରଙ୍କ ଅବହେଳା ଓ ଅପରାଗତା ଯୋଗୁଁ ହରାଉଛି ବୋଲି ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ସ୍ଥାନୀୟ ସେଲିବ୍ରେସନ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭର ସହ କହିଛନ୍ତି।

ତା ସହ ଏହା ମଧ୍ୟ ଶ୍ରୀ ମିଶ୍ର କହିଛନ୍ତି ଯେ, ଯଦି ଉଭୟ ସରକାର ଖଣି ରାଜସ୍ୱ ଦାବି ଦେୟ ଆଣିପାରିଥାନ୍ତେ ତେବେ ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମାନାଗମନ କ୍ଷେତ୍ରର ବିକାଶ ସାରା ଦେଶରେ ଶିଖର ଛୁଇଁଥାନ୍ତା। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ତାଙ୍କ ସମସୟରେ ମହିଳା କଲେଜରେ ଖୋଲା ଯାଇଥିବା ବିଜ୍ଞାନ ବିଭାଗରେ ଆଜି ପର୍ଯ୍ୟନ୍ତ ଅଧ୍ୟାପକ ନାହାନ୍ତି। କିଛିଦିନ ଭିତରେ ସହର ତଥା ଜିଲ୍ଲାର ଅନେକ ସ୍କୁଲ କଲେଜ ପରିଦର୍ଶନ କଲା ବେଳେ ଜଣା ଯାଇଥିଲା ଯେ, ଗ୍ରାମୀଣ ସ୍କୁଲ ଗୁଡିକରେ ବିଜୁଳିର ଅବ୍ୟବସ୍ଥା ଯୋଗୁଁ ସ୍ମାର୍ଟ ବୋର୍ଡ ଶିକ୍ଷା ଅସମ୍ଭବ ହୋଇପଡୁଛି। ସ୍କୁଲ ଗୁଡିକରେ ପର୍ଯ୍ୟାପ୍ତ ଛତ୍ରଛାତ୍ରୀ ଥିଲେ ହେଁ କେଉଁଠି ଶିକ୍ଷକ ଅଭାବ ତ କେଉଁଠି ଶ୍ରେଣୀଗୃହ ନାହିଁ। ସହର ଭିତର ହାଇସ୍କୁଲ ଭିତରେ ପାଣି ଗଳୁଛି। ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟ ନାହିଁ। ସର୍ବ ପୁରାତନ ସରକାରୀ ବାଳିକା ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀ ନାହାନ୍ତି। ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟାପକ ଅଭାବରୁ ଏବର୍ଷ ନାମଲେଖା ହୋଇପାରିନାହିଁ। ବିଭାଗୀୟ ଅଧିକାରୀ କିମ୍ବା ସରକାରଙ୍କୁ ଯେତେ କହିଲେବି ଶୁଣୁ ନାହାନ୍ତି। ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ଅବସ୍ଥା ମଧ୍ୟ ଅସୁସ୍ଥ। ଭୀମ ଭୋଇ ମେଡିକାଲ କଲେଜରେ ସିଟିସ୍କାନ, ଏମଆରଆଇ ମେସିନ, ନିଜସ୍ୱ ବ୍ଲଡ ବ୍ୟାଙ୍କ ଯେତେ ଦାବି କଲେ ମଧ୍ୟ ସ୍ଥାପନ ହୋଇପାରୁନାହିଁ। ଅତି ବିଶେଷଜ୍ଞ ଚିକିତ୍ସା ଯଥା ୟୁରୋଲୋଜି, ନେଫ୍ରୋଲୋଜି, ନ୍ୟୁରୋଲୋଜି ତଥା କାର୍ଡିଓଲୋଜି ବିଭାଗରେ ଚିକିତ୍ସା ହୋଇପାରୁନାହିଁ। ଜିଲ୍ଲାର ସ୍ୱାସ୍ଥ୍ୟମନ୍ତ୍ରୀ ଥାଇ ସୁଦ୍ଧା ଏସବୁ ସମସ୍ୟାର ସମାଧାନ ଦିଗରେ ମନ୍ତ୍ରୀ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ସରକାର ଯଦି ଏସବୁ ସମସ୍ୟାକୁ ସମାଧାନ ଶୀର୍ଘ ନକରିବେ ତେବେ ବଲାଙ୍ଗିରବାସୀ ଛାତ୍ର ଓ ଯୁବଶକ୍ତିକୁ ନେଇ ଭୟାବହ ଆନ୍ଦୋଳନ କରିବେ ବୋଲି ପୂର୍ବତନ ଆଇନ ମନ୍ତ୍ରୀ ଶ୍ରୀ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ଚେତାଇ ଦେଇଛନ୍ତି।

● ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା

ମୁଖ୍ୟ ଆକର୍ଷଣ ହେବ ଚାନ୍ଦମାରୀ ଶୋଭାଯାତ୍ରା

ପଦ୍ମପୁର, ୭।୧୦(ସମିସ): ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜାକୁ ନେଇ ଚଳିତ ବର୍ଷ ବ୍ୟାପକ ପ୍ରସ୍ତୁତି ହୋଇଛି। ଏନେଇ ମଙ୍ଗଳବାର ଦୁର୍ଗାପୂଜା କମିଟି ସଭାଗୃହରେ ସଭାପତି ପ୍ରତାପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅଜିତ ଶତପଥୀ ସାମ୍ବାଦିକମାନଙ୍କୁ ପୂଜାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ୧୭ ତାରିଖ ଅପରାହ୍ନ ୪ଟାରେ ଖଣ୍ଡାଧୁଆ ଏବଂ ସନ୍ଧ୍ୟାରେ ରାବଣ ଦରବାର ଅନୁଷ୍ଠିତ ହେବ। ୧୮ ତାରିଖରେ ରାମଲୀଳା ସହ ଉମାକାନ୍ତ ବାରିକ ଓ ଗ୍ରୁପ୍‌ର ଅର୍କେଷ୍ଟ୍ରା ପଦ୍ମପୁର ହାଇସ୍କୁଲ ପଡ଼ିଆରେ ପରିବେଷିତ ହେବ। ୧୯ ତାରିଖରେ ଅର୍କେଷ୍ଟ୍ରା ସହ ଜଗତସିଂହପୁରର ସାବିତ୍ରୀ ଗଣନାଟ୍ୟ ପକ୍ଷରୁ ନାଟକ ପରିବେଷଣ କରାଯିବ। ସେହିପରି ୨୦ ତାରିଖରେ ପଦ୍ମଶ୍ରୀ ଖଟେଇଙ୍କ ଅର୍କେଷ୍ଟ୍ରା, ରାବଣ ଦରବାର ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨୧ ତାରିଖର ଚାନ୍ଦମାରୀ ଶୋଭାଯାତ୍ରା ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇ ଶୋଭାଯାତ୍ରାକୁ ଭବ୍ୟ କରିବେ। ସନ୍ଧ୍ୟା ୭ଟା୩୦ରୁ ହାଇସ୍କୁଲ ପଡ଼ିଆରେ ରାବଣପୋଡ଼ି, ଆଶିଷ କୁମ୍ଭାରଙ୍କ ଅର୍କେଷ୍ଟ୍ରା, ଦଣ୍ଡ ଅପେରା ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨୨ ତାରିଖରେ ବିଭିନ୍ନ ସାଂସ୍କୃତିକ ଦଳଙ୍କ ଅଂଶଗ୍ରହଣରେ ଭବ୍ୟ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ସମ୍ପାଦକ ଯୁଗଳ କିଶୋର ସାହୁ, ଯୋଗେଶ ସାହୁ, ଶ୍ୟାମଳ ଦାଶ, ଜିତେନ ଦାଶ, ଉମେଶ ସାହୁ, ସଦାର ପୁରୋହିତଙ୍କ ସମେତ ପୂଜା କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

୬ ବର୍ଷ ହେଲା ନଳକୂପ ଖୋଳା ସରିଛି, ବିଦ୍ୟୁତ୍ ସଂଯୋଗ ହୋଇନି

ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ଚାଷୀଙ୍କୁ ମିଳୁନି ସୁଫଳ

ବରଗଡ଼, ୭।୧୦(ସମିସ)

ଶ୍ରୀଗୀଡା, ଭାତବିଡା ଏବଂ ଛେପ୍ତିବାହାଲ ଗ୍ରାମରେ ୨୦୨୦ ମସିହାରୁ ଶହଶହ ଚାଷୀ ଜଳସେଚନ ଉଦ୍ଦେଶ୍ୟରେ ଆବଶ୍ୟକ କାଗଜପତ୍ର ସହିତ ଟଙ୍କା ଡିପୋଜିଟ କରିଥିଲେ। ପାଳି ଅନୁସାରେ ନଳକୂପ ଖନନ ହେବ କହି ୨୦୨୨ ମସିହାରେ ବୋରିଂ ଖୋଳା ହେଲା। ପରେ ବିଦ୍ୟୁତ୍ ଖୁଣ୍ଟ ପୋତା ହୋଇ ତାର ଟଣା ହେଲା। ହେଲେ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଲାଇନ ସଂଯୋଗ ହୋଇପାରୁନାହିଁ। ଚଳିତ ବର୍ଷ ଆରମ୍ଭରୁ ବର୍ଷାର ଅଭାବ, ମଝିରେ ବର୍ଷା ଠିକ ଏବେ ପୁଣି ବର୍ଷାର ଅଭାବ ପରିଲକ୍ଷିତ ହେଉଛି। ଯଦି ଆଗକୁ ବର୍ଷା ନ ହେବ ତାହାହେଲେ ଧାନ ଚାଷ ମରୁଡ଼ିର ଶିକାର ହେବ। ଏଣୁ ଏହି ତିନି ଗ୍ରାମର ବୋରିଂ ଖୋଳିଥିବା ଚାଷୀମାନେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଦୁଃଖ ଜଣାଇବାକୁ ଆସିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ସହ-ଜିଲ୍ଲାପାଳ ସୁବ୍ରତ କୁମାର ସିଂଦେଓଙ୍କୁ ଦାବିପତ୍ର ଦେଇଛନ୍ତି। ପରେ ବିଭାଗୀୟ ଯନ୍ତ୍ରୀ ଦିଲୀପ କୁମାର ସାହୁଙ୍କୁ ଭେଟି ଏହି ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ସେ ସମସ୍ୟା ବୁଝି ତୁରନ୍ତ ବିଦ୍ୟୁତ୍ ବିଭାଗ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ସହିତ କଥା ହୋଇଥିଲେ ଏବଂ ୭ ଦିନ ମଧ୍ୟରେ ଲାଇନ୍ ସଂଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ପ୍ରକାଶ ଥାଉକି, ୬ ବର୍ଷ ହେବ ବୋରିଂ ଟିଏ ପାଇଁ ଚାଷୀଙ୍କୁ ଅପେକ୍ଷା କରିବାକୁ ପଡୁଥିବାବେଳେ ସଂଯୁକ୍ତ କୃଷକ ସଙ୍ଗଠନ କ୍ଷୋଭ ପ୍ରକାଶ କରି ଯଦି ପ୍ରତିଶ୍ରୁତି ପୂରଣ ନ ହେଉଛି ତାହାହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରବିଶଙ୍କର ପଧାନ, କିଶୋର ସାହୁ, ସୁରେଶ ନିକେଣ୍ଟି, ରମେଶ ମହାପାତ୍ର ଏବଂ ଶ୍ରୀଗୀଡା, ଭାତବିଡା ଓ ଛେପ୍ତିବାହାଲ ଗ୍ରାମର ବିକାଶ ବାରିକ, ରୋହିତ ମିଶ୍ର, ଦିଗପଲ ସାହୁ, ସୁବଳ ପଧାନ, କୈରୁ ଯୋଶୀ, ଗୋବିନ୍ଦ ସା, ସମ୍ପଦ ବେହେରା, ଜଗାନନ୍ଦ ଦୀପ, ଗଣନାଥ ସାହୁ, ନୀଳାଞ୍ଚଳ ସାହୁ ସହିତ ଅନେକ ହିତାଧିକାରୀ ଆସିଥିଲେ।

ସମଲେଶ୍ୱରୀ ଶିକ୍ଷା ଓ ଧର୍ମାର୍ଥ ଟ୍ରଷ୍ଟର ବାର୍ଷିକ ବୃତ୍ତି ପ୍ରଦାନ

ସୋହେଲା, ୭।୧୦(ସମିସ): ସୋହେଲା ବ୍ଲକ କନଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମଲେଶ୍ୱରୀ ଶିକ୍ଷା ଓ ଧର୍ମାର୍ଥ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ ମୁଖ୍ୟ ଅତିଥି, ସୋହେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ କୁମାର ସେଟୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ସ୍ୱାଗତ ଭାଷଣ, ପ୍ରଧାନ ଶିକ୍ଷକ ଭୂବନେଶ୍ୱର ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ଜଗଦୀଶ ଆଚାର୍ଯ୍ୟ, ପ୍ରକୃତି ବନ୍ଧୁ ରାମଚନ୍ଦ୍ର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି କେଦାରନାଥ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ୧୮ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହ ବୃତ୍ତିରାଶି ପ୍ରଦାନ କରାଯାଇଥିଲା।

ମାସେ ବିତିଲା; ମିଳୁନି ନିଖୋଜ ବୃଦ୍ଧଙ୍କ ପତ୍ତା

ବରଗଡ଼, ୭ ।୧୦(ସମିସ): ବରଗଡ଼ ସହର ଶକ୍ତିନଗର ୱାର୍ଡ ନଂ-୧୧ର ଲୁକୁ କୁମ୍ଭାର ଓରଫ ଚିନ୍ତାମଣି (୭୦) ଗତ ସେପ୍ଟେମ୍ବର ୨ରୁ ନିଖୋଜ ହୋଇଥିବା ବରଗଡ଼ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତଦିନ ରାତି ପ୍ରାୟ ୩ଟାରେ ଶୌଚ ପାଇଁ ସେ ବାହାରକୁ ଯାଇ ନିଖୋଜ ହୋଇଯାଇଥିଲେ। ମାସେ ବିତିଥିଲେ ବି ତାଙ୍କ ପତ୍ତା ମିଳୁନାହିଁ। ତାଙ୍କ ଝିଅ ଯାମିନୀ ଭୋଇ ନିଖୋଜ ନେଇ ବରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ ମଧ୍ୟ ତାଙ୍କ ପତ୍ତା ମିଳୁନାହିଁ। ପରିବାର ଲୋକେ ଆଶା ଆଶଙ୍କାରେ ଦିନ ବିତାଉଛନ୍ତି।

ମୁରଲୀ କ୍ରିଷ୍ଣା ଫାଉଣ୍ଡେସନକୁ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ବରଗଡ଼, ୭।୧୦(ସମିସ): ସେବା ସଂକଳ୍ପ ଅଭିଯାନ ଅବସରରେ ମୁରଲିକ୍ରିଷ୍ଣା ଫାଉଣ୍ଡେସନ୍, କ୍ରିଷ୍ଣାବିକାଶ ହସ୍ପିଟାଲ୍ସ, ବିଜେପି ସାଇପାଲି ମଣ୍ଡଳର ମିଳିତ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ମଣ୍ଡଳର କର୍ମକର୍ତ୍ତା ଓ ସଭ୍ୟମାନେ ଶିବିର ପରିଚାଳନାରେ ସହାୟକ ହୋଇଥିଲେ। ଶିବିରରେ କ୍ରିଷ୍ଣା ବିକାଶ ହସ୍ପିଟାଲ୍ସର ଔଷଧ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ଦନ୍ତରୋଗ ବିଭାଗ, ଛାତି ଓ ଫୁସ୍‌ଫୁସ୍ ବିଭାଗ ଭୌତିକ ଶରୀର ଚିକିତ୍ସା ବିଭାଗ ଏବଂ ଆହାର ଓ ପଥ୍ୟ ବିଭାଗର ଅନୁଭବୀ ଡାକ୍ତରମାନେ ସେବା ପ୍ରଦାନ କରିଥିଲେ। ୬୬୦ରୁ ଅଧିକ ବ୍ୟକ୍ତିଙ୍କୁ ରୋଗ ନିରୂପଣ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଜେପି ସାଇପାଲି ମଣ୍ଡଳର ସଭାପତି ବୀର ସୁରେନ୍ଦ୍ର ସାହୁ ଆଗାମୀ ଦିନରେ ମଧ୍ୟ ଏଭଳି ଜନକଲ୍ୟାଣମୂଳକ ସେବା କାର୍ଯ୍ୟ ଜାରି ରହିବ ବୋଲି କହିଥିଲେ। କ୍ରିଷ୍ଣା ବିକାଶ ହସ୍ପିଟାଲର ମୁଖ୍ୟ ସହାୟକ ଅଜିତ କୁମାର ବାରିକ, ମୁରଲିକ୍ରିଷ୍ଣା ଫାଉଣ୍ଡେ ଣ୍ଡେସନ୍‌ର ପ୍ରତିଷ୍ଠାତା ଡି. ମୁରଲି କ୍ରିଷ୍ଣାଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଗନ୍ଧମାର୍ଦ୍ଦନ ସୁରକ୍ଷା ଆକ୍ସନ କମିଟିର ପାଇକମାଲ ବ୍ଲକ କମିଟି ଗଠିତ

ପାଇକମାଲ, ୭ ।୧୦(ସମିସ): ନୃସିଂହନାଥ ଗନ୍ଧମାର୍ଦ୍ଦନର ଜୈବ ବିବିଧତା, ଔଷଧୀୟ ଉଦ୍ଭିଦ ସମ୍ପଦ ଓ ପରିବେଶର ସୁରକ୍ଷା ପାଇଁ ଆନ୍ଦୋଳନକୁ ତୃଣମୂଳସ୍ତରରେ ତୀବ୍ର କରିବାକୁ ନୃସିଂହନାଥରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ କମିଟିର ପାଇକମାଲ ବ୍ଲକ କମିଟି ଗଠିତ ହୋଇଛି। ନୃସିଂହନାଥ ସ୍ଥିତ ଯାତ୍ରୀ ନିବାସରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ କମିଟିର ଜିଲ୍ଲା ଆବାହକ ରାଜୁ ଘିବେଲାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଶତାଧିକ କର୍ମୀ ଯୋଗଦେଇଥିଲେ। ବରଗଡ଼ ଜିଲ୍ଲାର ଗାଇସିଲେଟ, ଭେଡେନ, ବିଜେପୁର, ବରପାଲି ସମେତ ବଲାଙ୍ଗୀର

ଜିଲ୍ଲାର ଖପ୍ରାଖୋଲ ଓ ପାଟଣାଗଡ଼ ଅଞ୍ଚଳରୁ ମଧ୍ୟ ବହୁ କର୍ମୀ ଯୋଗ ଦେଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ମହେନ୍ଦ୍ର ଖୁଣ୍ଟିଆଙ୍କୁ ପାଇକମାଲ ବ୍ଲକ ଆବାହକ ଏବଂ କେଶବ ଷାଣ୍ଡଙ୍କୁ ଯୁଗ୍ମ ଆବାହକ ଭାବେ ମନୋନୀତ କରାଯାଇଥିଲା। ସେହିପରି ସବିତା ଭୋଇ ଓ ଝରଣା ସାହୁଙ୍କୁ ସଙ୍ଗଠିକା ଭାବେ ମନୋନୀତ କରାଯାଇଛି। ବୈଠକରେ ଗନ୍ଧମାର୍ଦ୍ଦନକୁ ନେଇ ବର୍ତ୍ତମାନ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୁମିନା ପ୍ରକଳ୍ପ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହ କମ୍ପାନୀର ହୋଇଥିବା ବୁଝାମଣାପତ୍ର ସ୍ୱାକ୍ଷରକୁ କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଆସନ୍ତା ୧୧ ତାରିଖରେ ସୋହେଲାଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ କମିଟିର ଜିଲ୍ଲା କମିଟି ବୈଠକ ହେବ। ଏଥିରେ ବରଗଡ଼ ଜିଲ୍ଲାର ସମସ୍ତ ୧୨ଟି ବ୍ଲକର କର୍ମକର୍ତ୍ତା ଯୋଗଦେବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଶୁଶିଲ ନାୟକ, ଗୌରହରି ମିଶ୍ର, ଅରବିନ୍ଦ ପଣ୍ଡା, ଟଙ୍କଧର ସାହୁ, କ୍ଷେତ୍ରୀ ଲୁହାର, ହରିଶଙ୍କର ବେହେରା, ଧବଳେଶ୍ୱର ସାହୁ, ସୁବୋଧ ପଣ୍ଡା, ପବିତ୍ର ବାଗ, କବିତା ସୁନା, ଅଲତାବ ମହମ୍ମଦ, ହୃଦାନନ୍ଦ ବାରିକ, ଶଶିକାନ୍ତ ଧରୁଆ, ରଘୁନାଥ ସିଂ ବରିହା, ସରୋଜ ସାହୁ, ମୁନିକାନ୍ତ ସୁନା ଓ ଦୀପ୍ତିକାନ୍ତ ମୁଖି ପ୍ରମୁଖ ମତ ରଖିଥିଲେ। ରାଜକୁମାର ସେଠ ସଭା ସଞ୍ଚାଳନ କରିଥିବା ବେଳେ ମୋହନ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।

ନୂଆଁଖାଇ ଭେଟଘାଟ୍

ଗୌରୀଶଙ୍କର ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ ସମାରୋହ

ବରଗଡ଼, ୭।୧୦(ସମିସ): ବରଗଡ଼ର ରାଣୀବନ୍ଧପଡ଼ାସ୍ଥିତ ଗୌରୀଶଙ୍କର ମନ୍ଦିର ପ୍ରାଙ୍ଗଣରେ ଦୁଇଦିନ ବ୍ୟାପୀ ଅତ୍ୟନ୍ତ ଉତ୍ସାହ ଓ ଉଲ୍ଲାସର ସହିତ 'ନୂଆଁଖାଇ ଭେଟଘାଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ଉତ୍ସବର ପ୍ରଥମ ଦିନରେ ଗୌରୀଶଙ୍କର ମନ୍ଦିର, ରାଣୀବନ୍ଧ ପଡ଼ାଠାରେ ଏକ ଭବ୍ୟ

ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବହୁ ପ୍ରତିଭାବାନ କଳାକାର ଅଂଶଗ୍ରହଣ କରିଥିଲେ ଏବଂ ଦ୍ୱିତୀୟ ଦିନରେ କବି ସମ୍ମିଳନୀ ଓ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ବରିଷ୍ଠ ଚିକିତ୍ସକ ସୁବଳ କିଶୋର କର, ଓକିଲ ସଂଘ ସଭାପତି ଭିଷ୍ଣୁଦେବ ସରାଫ୍, ଏବଂ ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ନିଧୁ ବନ ବିହାରୀ ପ୍ରସାଦ ପଣ୍ଡା, ପଞ୍ଚାନନ ମିଶ୍ର, ଉମା ଚରଣ ରାଉତ୍ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବରଗଡ଼, ୭।୧୦(ସମିସ): ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସଂଯୋଜିକା ରେବତୀ ରାଉତିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବନା ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସାଧନକେନ୍ଦ୍ରସ୍ତରୀୟ ୧୩ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁନଶ୍ଚ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଚିତ୍ରାଙ୍କନ ଓ ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତା ମାନଙ୍କରେ ନାଟ୍ୟଗୁରୁ ନକୁଳ ବାଦି, ସୁଗ୍ରୀବର ବିଶି, ସଙ୍ଗୀତଜ୍ଞ ଗୋପାଳ ମିଶ୍ର, କୁମୁଦିନୀ ପାଣିଗ୍ରାହୀ, ବୀରେନ୍ଦ୍ର କୁମାର ମହାପାତ୍ର, ପ୍ରଦୀପ ପଣ୍ଡା, ତେଜରାଜ ହୋତା, ସୁପ୍ରଭା ସାମଲ, ଅରୁଣା ସାହୁ, ନୀଳାମ୍ବର ମେହେର, ରମେଶ ପାଣ୍ଡେ, ମନୋଜ ଜେନା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ସଭାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅକ୍ଷୟ କୁମାର ସାହୁ, ସେହିପରି ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ସୁନା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଂଣ କରିବେ ବୋଲି ସିଆରସିସି ସୂଚନା ଦେଇଥିଲେ।

ସଂଯୁକ୍ତ କୃଷକ ସଙ୍ଗଠନ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବରଗଡ଼, ୭।୧୦(ସମିସ): ଅଜଣା ରୋଗପୋକ କାରଣରୁ ଓଡ଼ିଶାର ଭାତ ହାଣ୍ଡି ବରଗଡ଼ ଜିଲ୍ଲାରେ ଧାନ ଫସଲ ନଷ୍ଟ ହେବାକୁ ବସିଲାଣି। ଗତ ଜନଶୁଣାଣି ସମୟରେ ସଂଯୁକ୍ତ କୃଷକ ସଙ୍ଗଠନ ତରଫରୁ ଏହି ପ୍ରସଙ୍ଗ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ

ନେଇନାହାନ୍ତି ବୋଲି ଅଭିଯୋଗ ହୋଇଛି। ଯାହାଦ୍ୱାରା ଜିଲ୍ଲାର ଅନେକାଂଶରେ ଫସଲ ନଷ୍ଟ ଚିତ୍ର ଦେଖିବାକୁ ମିଳୁଛି। ଏହାର ସମାଧାନ ପାଇଁ ପାଞ୍ଚ ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ଦେଇଛନ୍ତି। ଦାବି ମଧ୍ୟରେ ଧାନ ଚାଷରେ ଲାଗିଥିବା ଅଜଣା ରୋଗପୋକ ବିଷୟରେ ସନ୍ଧାନ କରାଯାଉ। ଏବଂ ୩୩%ରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ବୀମା ଓ ଇନପୁଟ ସବ୍‌ସିଡି ତୁରନ୍ତ ଯୋଗାଇ ଦିଆଯାଉ। ଅଜଣା ରୋଗପୋକ ଦ୍ୱାରା ପ୍ରଭାବିତ ଚାଷକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ। ଆବଶ୍ୟକ କୃଷି ବିଭାଗରେ କର୍ମଚାରୀ ଅଭାବରୁ ବିଭିନ୍ନ ସମୟରେ ଚାଷ ଏବଂ ଚାଷୀ ଅବହେଳିତ ହେଉଛନ୍ତି। ଏଣୁ ଆବଶ୍ୟକ ମୁତାବକ କର୍ମଚାରୀ ଦିଆଯାଉ ଏବଂ ଯେଉଁ କର୍ମଚାରୀ ଦାୟିତ୍ୱରେ ଅବହେଳା କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରି ଡେପୁଟି କଲେକ୍ଟର ସୁମତି ପଣ୍ଡାକୁ ଦାବିପତ୍ର ଦେଇଛନ୍ତି। ପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଲୋଚନା ମୁତାବକ ପ୍ରଭାବିତ ଚାଷୀଙ୍କୁ ଆଇନ ଅନୁସାରେ କ୍ଷତିପୂରଣ ଦିଆଯିବ ଏବଂ ଯେଉଁ ଚାଷୀମାନଙ୍କ ଏହିପରି ଫସଲରେ ରୋଗପୋକ ଲାଗିଛନ୍ତି ସ୍ଥାନୀୟ ଗ୍ରାମସେବକ ମାନଙ୍କ ଅବଗତ କରି ତାଙ୍କର ପରାମର୍ଶ ଅନୁସାରେ ଔଷଧ ପ୍ରୟୋଗ କରନ୍ତୁ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ତପନ ମିଶ୍ର, କାରଣ ସାହୁ, ଟେକରାଜ ପଧାନ, ବିଶ୍ୱନାଥ ନାୟକ, ନିରଞ୍ଜନ ପଧାନ, ସୁରେଶ ନିକେଣ୍ଟି, କିଶୋର ସାହୁ, ରବିଶଙ୍କର ପଧାନ, ଭିଜନ ପାଢ଼ୀ, କଳାକାର ଦେହେରୀ, ମୋତିଲାଲ ମହାକୁଡ଼, ସୁଦାମ ପାତ୍ର ଏବଂ ରମେଶ ମହାପାତ୍ର ନେତୃତ୍ୱ ନେଇଥିଲେ।

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଭଟଲି, ୭।୧୦(ସମିସ): ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସରୋଜ କୁମାର ଦାଶଙ୍କ ତତ୍ତ୍ୱାବଧାନ ଓ ପ୍ରାଧ୍ୟାପକ ଡ. ବିରଞ୍ଚି ନାରାୟଣ ସାହୁଙ୍କ ସଭାପତିତ୍ୱରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟାପକ ଅଧ୍ୟାପିକା ଏବଂ ସମସ୍ତ ଛାତ୍ରଛାତ୍ରୀ ସ୍ୱଚ୍ଛତା ଶପଥ ଗ୍ରହଣ କରିଥିଲେ। ମଞ୍ଚାସୀନ ଡ. ରବିନାରାୟଣ ପଣ୍ଡା ଓ ଅଧ୍ୟାପକ ଆଶିଷ ମହାନ୍ତି ସ୍ୱଚ୍ଛତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସର ସଫେଇ କରିଥିଲେ। ଏନ ଏସ ଏସ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଗ୍ରାମ ସାହୁ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ. ଦୁର୍ଗାଶିଷ ପଟନାୟକ ସ୍ୱଚ୍ଛତା ଶପଥ ଗ୍ରହଣ କରାଇଥିଲେ। ପରିଶେଷରେ ଅଧ୍ୟାପକ ଶମ୍ଭୁନାଥ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

'ସେବା ନମୋ ଗାଥା' ନାଟକ ପରିବେଷିତ

ପଦ୍ମପୁର, ୭।୧୦(ସମିସ): ବରଗଡ଼ ଜିଲ୍ଲା ଅନ୍ତର୍ଗତ ପଦ୍ମପୁର ବ୍ଲକ ଢୋଲବନ୍ଧର ସଚେତନ ହେମା ଅନୁଷ୍ଠାନଦ୍ୱାରା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ବରଗଡ଼ ତରଫରୁ ସେବା ସଂକଳ୍ପ ଅଭିଯାନରେ 'ସେବା ନମୋ ଗାଥା ' ପଥପ୍ରାନ୍ତ ନାଟକ ପରିବେଷତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମହେନ୍ଦ୍ର ସାହୁ, କାର୍ତ୍ତିକ ମହାନନ୍ଦ, ସନ୍ଧ୍ୟା ସୁନା, ମୁକେଶ ସାହୁ, ରାଜେନ୍ଦ୍ର ମହାନ୍ତି, ଅଭିଜିତ ସେଠ, ଗୁରୁଦେବ ସାହୁ, ସୁମନ୍ତ ବରିହା, ରାଜେଶ ସାହୁ, ଅକ୍ରୁର ସାହୁ ଓ ଆଲଫା ସାହୁ ଅଭିନୟ କରିଥିବା ବେଳେ ରାଜକୁମାର ସାହୁ ସଂଯୋଜନା କରିଥିଲେ। ଜୟନ୍ତ ସାହୁ ଓ ଘନଶ୍ୟାମ ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଜମଲା ଡିଗ୍ରୀ କଲେଜରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର, ୭।୧୦(ସମିସ): ପଦ୍ମପୁର ବ୍ଲକ ଅନ୍ତର୍ଗତ ଜମଲା ଡିଗ୍ରୀ କଲେଜରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭାରେ କଲେଜର ପରିଚାଳନା କମିଟି ସଭାପତି କଳାକହ୍ନାଇ ପଧାନ, ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶିବପ୍ରସାଦ ବେହେରା ଓ ସ୍ୱାସ୍ଥ୍ୟ ପରିଦର୍ଶକ ରବୀନ୍ଦ୍ର ମୋହନ ଦାଶ, ବ୍ଲକ ପ୍ରୋଗ୍ରାମ ମେନେଜର ଦୀପକ ମିଶ୍ର ପ୍ରମୁଖ ଯୋଗଦାନ କରି ନିଶା କବଳରେ ଆଜିର ଯୁବସମାଜ କିପରି ବିପଥଗାମୀ ହୋଇପଡ଼ିଛନ୍ତି, ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ଅଧ୍ୟାପକ ଅଞ୍ଜନ ସାଗର ପରିଚାଳନା କରିଥିଲାବେଳେ ଜାତୀୟ ସେବା ଯୋଜନାର ଅଧିକାରୀ ରମିତା ବରିହା ଧନ୍ୟବାଦ ଦେଇଥିଲେ।

ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳିତ

ପାଇକମାଲ, ୭।୧୦(ସମିସ): ନୃସିଂହନାଥ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିସରରେ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଜର୍ଜଗଡ଼ ଗ୍ରାମରେ ଶୋଭାଯାତ୍ରା କରି ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଏନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ପ୍ରକୃତିବନ୍ଧୁ ବଡ଼ ଶତପଥୀ, ବିଭୂତି ଭୂଷଣ ମୁଣ୍ଡ, ନନ୍ଦଲାଲ ନାୟକ ଓ ଗୋକୁଳାନନ୍ଦ ଦଣ୍ଡସେନା ସମ୍ମାନିତ ଅତିଥି ଏବଂ ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରକୃତିବନ୍ଧୁ ବିଭୂତି ଭୂଷଣ ମୁଣ୍ଡ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ ବନ୍ୟଜନ୍ତୁ ସଂରକ୍ଷଣର ଆବଶ୍ୟକତା ଓ ଏ ଦିଗରେ ସମସ୍ତଙ୍କ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏନେଇ ଅନୁଷ୍ଠଇତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲ୍ଲା ସାମ୍ବାଦିକ ୟୁନିଅନ୍‌ର କାର୍ଯ୍ୟକାରିଣୀ ବୈଠକ

ଜାବ୍ ଭବନ ନିର୍ମାଣ ପାଇଁ ଜମି ଚୂଡ଼ାନ୍ତକୁ ଗୁରୁତ୍ୱ

ସୋହେଲା, ୭।୧୦(ସମିସ)

ସୋହେଲା ଭବନରେ ଜିଲ୍ଲା ସାମ୍ବାଦିକ ୟୁନିଅନ (ଜାବ୍) ବରଗଡ଼ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରବି ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ବଦ୍ରିପ୍ରସାଦ ସାହୁ ବୈଠକକୁ ପରିଚାଳନା କରିଥିଲେ। ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୧୫ ତାରିଖ ସୁଦ୍ଧା ସଦସ୍ୟତା ଅଭିଯାନ ବନ୍ଦ କରିବା, ନଭେମ୍ବର ୧ ତାରିଖରେ ପଦ୍ମପୁର ଠାରେ ପରବର୍ତ୍ତୀ ନିର୍ବାଚନ କରିବା, ଓଡ଼ିଶା ସାମ୍ବାଦିକ ୟୁନିଅନ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭଟଲି ଠାରେ ଆୟୋଜନ କରିବା ଏବଂ ଜାବ୍ ଭବନ ନିର୍ମାଣ ପାଇଁ ଜମି ଅତି ଶୀଘ୍ର ଚୂଡ଼ାନ୍ତ କରିବାକୁ ନିଷ୍ପତ୍ତି ହୋଇଛି। ଭଟଲିରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ତାରିଖ ପରେ

ଘୋଷଣା କରାଯିବ।

ଦ୍ୱିତୀୟ ପର୍ଯ୍ୟାୟରେ ସୋହେଲା ଦୁର୍ଗାପୂଜା କମିଟିର କାର୍ଯ୍ୟକାରୀ ସଭାପତି ତଥା ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଦେବତା, ଉପ-ସଭାପତି ବଳବୀର ସିଂ ଠାକୁର ଓ ଗିରିଜେଶ ଖଡଙ୍ଗା ଅତିଥି ଭାବେ ଯୋଗଦେଇ ଦୁର୍ଗାପୂଜାର ନିମନ୍ତ୍ରଣ ପତ୍ର ଜାବ୍ ସଦସ୍ୟଙ୍କୁ ପ୍ରଦାନ କରି ପୂଜା କାର୍ଯ୍ୟକ୍ରମରେ ଯୋଗଦେଇ କଭରେଜ୍ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଆଚାର୍ଯ୍ୟ ଭଟଲିରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପାଇଁ ଆୟୋଜକ ଭାବେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଆସନ୍ତା ବିଧାନସଭା ଅଧିବେଶନରେ ସାମ୍ବାଦିକ ସୁରକ୍ଷା ଆଇନ, ଅବସର ପରେ ସାମ୍ବାଦିକ ମାନଙ୍କୁ ପେନସନ, ସାମ୍ବାଦିକ ବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି ଏବଂ ବୀମା ଯୋଜନାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ କରିବା ଭଳି ଦାବି ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଶ୍ୱିନୀ ପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଉପ-ସଭାପତି ପ୍ରଭୁ ଚରଣ ମହାନ୍ତି, ଜାତୀୟ ପରିଷଦ ସଦସ୍ୟ ହେମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ମିଶ୍ର, ଜିଲ୍ଲା ସଂଯୋଜକ ରଞ୍ଜନ ଦେବତା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ଦୀପ, ରଞ୍ଜିତ ଦାସ, ଯୋହନ କୁମ୍ଭାର, ମେଘନାଦ ସାହୁ, ସତ୍ୟଜିତ ପ୍ରଧାନ, କ୍ଷମାନିଧି ନାୟକ, ସୁଦାମ ପ୍ରଧାନ, ନେପାଳ ପ୍ରଧାନ, ଜିତେନ୍ଦ୍ର ମେହେର, ପାଣ୍ଡବ ପ୍ରଧାନ, ଶିବାଶିଷ ପଟ୍ଟନାୟକ, ଅତିନ୍ଦ୍ରନାଥ ସେନ ପ୍ରମୁଖ ଉପସ୍ଥିତ ଥିଲେ।

ବିକଶିତ ଭାରତ ସଂକଳ୍ପ ସଭା ଓ ସେବା ଜ୍ୟୋତି ଯାତ୍ରା

ବରଗଡ଼, ୭।୧୦(ସମିସ): ବରଗଡ଼ଠାରେ ବିକଶିତ ଭାରତ ସଂକଳ୍ପ ସଭା ଏବଂ ସେବା ଜ୍ୟୋତି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ପ୍ରାୟ ୧୦ ହଜାରରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ଗାନ୍ଧୀ ଛକରୁ ଏକ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ହୋଇଥିଲା। ସଭାସ୍ଥଳରେ ଶୋଭାଯାତ୍ରା ପହଞ୍ଚିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାପରେ ସେବା ଜ୍ୟୋତି ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ,

୧୦ ହଜାରରୁ ଅଧିକ ଲୋକ ସାମିଲ

ଆମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଏବଂ ବନ୍ଦେ ମାତରମ ଗାନ ସହ ଆନୁଷ୍ଠାନିକ ସଭା ଆରମ୍ଭ ହୋଇଥିଲା।

ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ ଏବଂ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଜିଲ୍ଲା ସଭାପତି ଅରୂପାନନ୍ଦ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡି.ମୁରଲୀ କ୍ରିଷ୍ଣା, ଜିଲ୍ଲା ପ୍ରଭାରୀ ବାସୁଦେବ ବାରିକ ମଧ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ (ଭର୍ଚୁଆଲ୍) ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ।

ପୋଖରୀରେ ବୁଡ଼ିଯାଇ ୨ ନାବାଳିକା ମୃତ

କଲ୍ୟାଣସିଂହପୁର,୭।୧୦(ସମିସ): ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ପୂଜାରୀଗୁଡା ପଞ୍ଚାୟତର ବଡ଼ନାୟକ ଗୁଡା ଗ୍ରାମରେ ପାଣିରେ ବୁଡ଼ିଯାଇ ଦୁଇ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଆଜି ବିଦ୍ୟାଳୟରେ ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ ରହିଥିବାରୁ ଗ୍ରାମର ଦୁଇ ଛାତ୍ରୀ ଶିରି ଟିଆକାର ଝିଅ କାମି ଟିଆକା (୧୨)ବର୍ଷ ଓ ମିଶ୍ର କାଡ୍ରାକାର ଝିଅ ନିଲୁ କାଡ୍ରାକା(୧୪) ବର୍ଷ ଘରେ ଥିଲେ। ସେମାନେ ଗ୍ରାମର ଉପର ମୁଣ୍ଡରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଗଭୀର ପାଣିରେ ପଡି ଯାଇଥିଲେ। ଜଣେ ଜଣଙ୍କୁ ଉଦ୍ଧାର କରିବାକୁ ଯାଇ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ଗ୍ରାମବାସୀ ଦେଖି ପାଣିରୁ ଉଭୟଙ୍କୁ ବାହାର କରିଥିଲେ। ଘଟଣା ସମ୍ପର୍କରେ ପୁଲିସ ଓ ରାଜସ୍ୱ ବିଭାଗକୁ ଜଣାଇଥିବାରୁ ଦୁଇ ବିଭାଗର ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ଉଭୟ ନାବାଳିକା ଝିଅମାନେ ଜଣେ ମାଷ୍ଟିଗୁଡା ଓ ଅନ୍ୟଜଣେ ବଡ଼ନାୟକଗୁଡା ବିଦ୍ୟାଳୟରେ ପଢୁଥିଲେ। ଘଟଣା ଘଟିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତଦନ୍ତ ପରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ଜଣାପଡିଛି।

ନକ୍ସଲ ଡମ୍ପ ଠାବ, ବିପୁଳ ଅସ୍ତ୍ର ଜବତ

ମାଲକାନଗିରି,୭।୧୦(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନ ବେଳେ ସୁରକ୍ଷାବାହିନୀ ଏକ ବଡ଼ ନକ୍ସଲ ଡମ୍ପ ଠାବ କରିଛନ୍ତି। ବାରସୁର ଥାନା ଅଞ୍ଚଳର ମଙ୍ଗନାର, ବୁରଗୁମ, ତୋଡ଼ମା ଓ କୋହକାବେଡ଼ା ଜଙ୍ଗଲରେ ତଲାସି ବେଳେ ଏହି ସଫଳତା ମିଳିଛି। ଦନ୍ତେୱାଡ଼ା ଏସ୍ପି ଚନ୍ଦ୍ରମୋହନ ସିଂହଙ୍କ ସୂଚନା ଅନୁସାରେ, ଆତ୍ମସମର୍ପଣ କରିଥିବା ନକ୍ସଲଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ମିଳିତ ଟିମ୍ ତଲାସି ଅଭିଯାନ ଚଳାଇଥିଲା। କୋହକାବେଡ଼ା ବୁରଗୁମ ମଧ୍ୟରେ ଘଞ୍ଚ ଜଙ୍ଗଲରେ ମାଟି ତଳେ ଲୁଚାଇ ରଖାଯାଇଥିବା ଡମ୍ପ ଠାବ ହୋଇଥିଲା। ଡମ୍ପରୁ ଏକେ ୪୭, ଇନସାସ ରାଇଫଲ, ବିଜିଏଲ୍, ପଏଣ୍ଟ ୩୧୫ ବୋର ବନ୍ଧୁକ, ୬ଟି ଭରମାର ବନ୍ଧୁକ, ବିଜିଏଲ୍ ସେଲ୍ ଓ ଗୁଳି ସହ ପ୍ରାୟ ୨୦ ମିଟର କୋଡେକ୍ସ ତାର, ବିଭିନ୍ନ ବୋମା, ୱାକି-ଟକି, ନକ୍ସଲ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ବିସ୍ଫୋରକ ଗୁଡ଼ିକୁ ବୋମା ନିଷ୍କ୍ରିୟକାରୀ ଦଳ ସୁରକ୍ଷିତ ଭାବେ ନିଷ୍କ୍ରିୟ କରିଛନ୍ତି।

ଓଡ଼ିଶା ବନ୍ଦ ପୂର୍ବରୁ ଡିଜିଙ୍କ ସମୀକ୍ଷା

କଟକ,୭।୧୦(ସମିସ): ୮ ଅକ୍ଟୋବର ଗୁରୁବାର କଂଗ୍ରେସ ସମେତ କେତେକ ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡକାଯାଇଛି। ଏହାକୁ ନଜରରେ ରଖି ରାଜ୍ୟରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ବୁଧବାର ସନ୍ଧ୍ୟାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ

ରାଜପଥ, ଷ୍ଟେସନରେ କଡ଼ା ସୁରକ୍ଷା

ହୋଇଛି। ସମସ୍ତ ଥାନାଞ୍ଚଳରୁ ସୂଚନା ସଂଗ୍ରହ କରି ସ୍ଥାନୀୟ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ସମସ୍ତ ଜିଲ୍ଲା ଏସ୍ପିମାନଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ରାଜପଥ, ଜାତୀୟ ରାଜପଥ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ପୁଲିସ ମୁତୟନ ସହ ପାଟ୍ରୋଲିଂ ଓ ନାକା ଚେକିଂ ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ ଏବଂ ଗୁଜବ ସୂଚନାକୁ ଯୁଦ୍ଧସ୍ତରରେ ଯାଞ୍ଚ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ବନ୍ଦ ସମୟରେ କୌଣସି ପ୍ରକାର ହିଂସା, ଭଙ୍ଗାରୁଜା, ବଳପୂର୍ବକ ଦୋକାନ ବଜାର ବନ୍ଦ କିମ୍ବା ସାଧାରଣ ଯାତାୟାତରେ ବାଧା ସୃଷ୍ଟି ଯେପରି ନହୁଏ, ସେଥିପ୍ରତି ସତର୍କ ରହିବାକୁ ସମସ୍ତ ଜିଲ୍ଲା ଏସ୍ପି ଓ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନ ହାତକୁ ନେଉଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଓ ଦୃଢ଼ ଆଇନଗତ ପଦକ୍ଷେପ ନେବା ଦିଗରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ

ରାଜେଶ କୁମାର, ଡିଆଇଜିପି ଯୁଗଳ କିଶୋର କୁମାର ବନୋଥ, ମଡକର ସନ୍ଦୀପ ସମ୍ପଦ, କ୍ରାଇମବ୍ରାଞ୍ଚ ଏସ୍ପି ବିବେକାନନ୍ଦ ଶର୍ମା, ଏଆଇଜିପି ପ୍ରଭାଂଶୁ ଶେଖର ନାୟକ ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ସମସ୍ତ ରେଞ୍ଜର ଆଇଜି, ଡିଆଇଜି, ସମସ୍ତ ଜିଲ୍ଲାର ଏସ୍ପି, ଡିସିପି ଭୁବନେଶ୍ୱର, ଡିସିପି କଟକ ଏବଂ ଏସ୍ଆରପି କଟକ ଓ ରାଉରକେଲା ଯୋଗ ଦେଇଥିଲେ।

କାନ୍ଥ ପଡ଼ି ଶିଶୁପୁତ୍ର ମୃତ; ମା' ଗୁରୁତର

ବାରିପଦା/ରାଇରଙ୍ଗପୁର,୭।୧୦ (ସମିସ): କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଦୁଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ରାଇରଙ୍ଗପୁର ଥାନା ଅନ୍ତର୍ଗତ ହାଟବଡ଼ଡା ନିକଟ ଚିଲିଙ୍ଗୁଡିପୋଖରୀ ଗ୍ରାମର ମଦନ ଟୁଡୁଙ୍କ ପରିବାର ଉପରେ ଏହି ଦୁର୍ଘଟଣା ଘଟିଛି। ଘରର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିବାରୁ ମଦନଙ୍କ ଦୁଇ ବର୍ଷର ପୁଅ ଅନୁଜ ଟୁଡୁ ଓ ତାଙ୍କ ମା' ବାସନ୍ତୀ ଟୁଡୁ(୫୧) ଗୁରୁତର ଭାବେ ଆହତ ହୋଇଥିଲେ।

ପ୍ରତିଶ୍ରୁତି ପରେ ଯୋଗାଣ ସହାୟକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୭।୧୦(ସମିସ): ୭ ତାରିଖରୁ ଭୁବନେଶ୍ୱର ରାଜ୍ୟରେ ୨୦ ଜିଲ୍ଲାରେ ମାସେ ଧରି ଯୋଗାଣ ସେବା ଠପ୍ ହେବାପରେ ସରକାରଙ୍କ ଚେତା ପଶିଛି। ଦୀର୍ଘ ଦିନ ହେବ ଗାନ୍ଧୀ ମାର୍ଗରେ ଆନ୍ଦୋଳନରତ ରାଜ୍ୟ ଯୋଗାଣ ସହାୟକ ସଂଘକୁ ଡାକି ସରକାର ଆଲୋଚନା କରିଛନ୍ତି। ଏହି ଆଲୋଚନା ସକାରାତ୍ମକ ରହିଥିବା ଯୋଗୁଁ ସଂଘ ପକ୍ଷରୁ ଏହି ଆନ୍ଦୋଳନକୁ ସ୍ଥଗିତ କରାଯାଇଛି। ୧୧ ଦଫା ଦାବି ମଧ୍ୟରୁ ୪ ଦଫା ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ଏହି ଆନ୍ଦୋଳନକୁ ସ୍ଥଗିତ କରାଯାଇଛି। ଦୀର୍ଘ ୩୧ ଦିନର ଆନ୍ଦୋଳନ ପରେ ସ୍ଥାୟୀ ନିଯୁକ୍ତି ସହ ଦରମା ବୃଦ୍ଧି ଓ ଅନ୍ୟାନ୍ୟ ଦାବି ନେଇ ସଂଘ ସହ ଆଲୋଚନା କରାଯାଇଥିଲା। ଏଥିରେ ଯୋଗାଣ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ଯୋଗାଣ ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ସୂଚନା ଥାଉ କି ଗତ ସେପ୍ଟେମ୍ବର ଲୋୟର ପିଏମଜିରେ ଯୋଗାଣ ସହାୟକମାନେ ଧାରଣାରେ ବସି ପ୍ରତିବାଦ ଚଳାଇ ଆସିଥିଲେ। ଏହା ପ୍ରଭାବରେ ପାଖାପାଖି ୨୦ ଜିଲ୍ଲାର ୩୫ ଶହ ପଞ୍ଚାୟତରେ ପ୍ରାୟ ମାସେ ହେବ ଯୋଗାଣ ସେବା ବନ୍ଦ ହୋଇଥିଲା। ଏହି ଆନ୍ଦୋଳନ ଯୋଗୁଁ ୩ ମାସ ହେବ ଯୋଗାଣ ସାମଗ୍ରୀ ପାଉନଥିବା ଖାଉଟି ବଞ୍ଚିତ ହୋଇଥିଲେ। ଆଗକୁ ଦୁର୍ଗା ପୂଜା ଥିବାରୁ ଯୋଗାଣ ସାମଗ୍ରୀ ବଣ୍ଟନ ନେଇ ଆଜି ସଂଘ ସହ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକୁ ଅସ୍ଥାୟୀ ଭାବେ ସ୍ଥଗିତ ରହିଲା ବୋଲି ରାଜ୍ୟ ଯୋଗାଣ ସଂଘ ସଭାପତି ସଞ୍ଜୀବ ଦାସ କହିଛନ୍ତି। ତେବେ ସରକାର ଯଦି କଥାରେ ପରେ ଦାବି ପୂରଣ ନ କରନ୍ତି ଓ ପ୍ରତିଶ୍ରୁତିକୁ ପ୍ରତାରଣାରେ ପରିଣତ କରନ୍ତି ତେବେ ପୁଣି ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବୋଲି ସେ ଚେତାବନୀ ଦେଇଛନ୍ତି।

ବିଭାଗର ନିର୍ଦ୍ଦେଶନାମା ବଦଳାଇଦେଲା ବନ ନିଗମ

୩୦୦ କିମି ଦୂରରୁ ଅଧିକାରୀଙ୍କୁ ଆଣି ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୭।୧୦(ସମିସ): ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାକୁ ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ୍ (ଓଏଫ୍ଡିସି) ପରିବର୍ତ୍ତନ କରି ଦେଉଛି। ଯାହାକୁ ନେଇ ଓଡ଼ିଶା ବନ ସେବା ସଂଘ ତୀବ୍ର ଆପତ୍ତି ଉଠାଇଛି। ଏମିତିକି ଓଏଫ୍ଡିସିର ନିଷ୍ପତ୍ତି ଦ୍ୱାରା ଜଣେ ଏସିଏଫ୍ଙ୍କ ପ୍ରତି ପାତରଅନ୍ତର କରାଯାଇଥିବା ନେଇ ଅଭିଯୋଗ କରାଯାଇଛି।

ସଂଘ ପକ୍ଷରୁ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ ଏସିଏଫ୍ ଯଶୋବନ୍ତ କରାଲୀଙ୍କୁ ଭୁବନେଶ୍ୱର (ପିଏଲ୍) ଡିଭିଜନର ଇନ୍-ଚାର୍ଜ ଡିଭିଜନାଲ୍ ମ୍ୟାନେଜର ଭାବେ ଜୁନ୍ ୩୦ରେ ବନ ବିଭାଗ ନିଯୁକ୍ତି ଦେଇଥିଲା।

ନିଷ୍ପତ୍ତି ବିରୋଧରେ ମେଳି ବାନ୍ଧିଲା ବନ ସେବା ସଂଘ

ମାତ୍ର ଏହି ଦାୟିତ୍ୱରେ ଯୋଗ ଦେବା ପରେ ତାଙ୍କୁ ଏହି ପଦରୁ ହଟାଇ ଡେପୁଟି ଡିଭିଜନାଲ୍ ମ୍ୟାନେଜର ଭାବେ ଅନ୍ୟ ଜଣେ ଅଧିକାରୀଙ୍କ ଅଧୀନରେ ରଖାଯାଇଛି। ଏନେଇ ଓଏଫ୍ଡିସି ପକ୍ଷରୁ ଅକ୍ଟୋବର ୩ ତାରିଖରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଶ୍ରୀ କରାଲୀଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ପ୍ରତିକୂଳ ଟିପ୍ପଣୀ କିମ୍ବା ଭିଜିଲାନ୍ସ ମାମଲା ନାହିଁ। ହେଲେ ତିନି ମାସ ପରେ ତାଙ୍କର ପଦ ପରିବର୍ତ୍ତନକୁ ନେଇ ସଂଘ ପ୍ରଶ୍ନ ଉଠାଇଛି। ଅପରପକ୍ଷେ ତାଙ୍କ ସ୍ଥାନରେ ବାରିପଦା (ସି) ଡିଭିଜନର ଡିଭିଜନାଲ୍ ମ୍ୟାନେଜର ଜଗନ୍ନାଥ ସ୍ୱାଇଁଙ୍କୁ ଭୁବନେଶ୍ୱର (ପିଏଲ୍) ଡିଭିଜନର ଡିଭିଜନାଲ୍ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଛି। ଏହା ସହିତ ଶ୍ରୀ ସ୍ୱାଇଁଙ୍କୁ ବାରିପଦା (ସି) ଡିଭିଜନର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଭୁବନେଶ୍ୱରଠାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଥିବା ଦୁଇଟି ଡିଭିଜନର ଦାୟିତ୍ୱ ଜଣେ ଅଧିକାରୀଙ୍କୁ ଦିଆଯିବା ଘଟଣାକୁ ନେଇ ସଂଘ ଘୋର ଆପତ୍ତି ଉଠାଇଛି।

ଏହାକୁ ବଦଳି ନୀତି ଉଲ୍ଲଂଘନ ବୋଲି କହିବା ସହ ଅକ୍ଟୋବର ମାସରେ ଏପରି ଆଦେଶ ଜାରି ହେବାକୁ ନେଇ ମଧ୍ୟ ସଂଘ ପ୍ରଶ୍ନ ଉଠାଇଛି। ସରକାରଙ୍କ ବଦଳି ନିର୍ଦ୍ଦେଶାବଳୀ ଅନୁସାରେ ସାଧାରଣତଃ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି କରାଯିବା କଥା। ଏହି ସମୟସୀମା ବାହାରେ ବଦଳି କରାଗଲେ ଉଚ୍ଚତର କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ। ଅକ୍ଟୋବର ୩ର ଆଦେଶରେ ଏପରି ଅନୁମୋଦନ ନିଆଯାଇଥିବା ଦର୍ଶାଯାଇନଥିବା ସଂଘ କହିଛି। ସେହିପରି ସାଧାରଣ କାର୍ଯ୍ୟକାଳ ତିନି ବର୍ଷ ଥିବାବେଳେ ତାହା ପୂର୍ବରୁ ଅଧିକାରୀଙ୍କୁ ପରିବର୍ତ୍ତନ କରାଗଲେ ଲିଖିତ ଭାବେ କାରଣ ରେକର୍ଡ କରାଯିବା ଆବଶ୍ୟକ ବୋଲି ସଂଘ ଦର୍ଶାଇଛି। ପରି ବ୍ୟବସ୍ଥା ପଛରେ ପ୍ରଶାସନିକ ଆବଶ୍ୟକତା କ'ଣ ଥିଲା, ତାହା ସ୍ପଷ୍ଟ କରିବାକୁ ସଂଘ ଦାବି କରିଛି। ଆଦେଶ ପ୍ରତ୍ୟାହାର ସହ ଏହି ଘଟଣାର ତଦନ୍ତ ପାଇଁ ବନ ସେବା ସଂଘ ଦାବି କରିଛି।

ପାରାଦୀପ ବନ୍ଦରରେ ଫସିଥିବା ଜାହାଜର କ୍ରିୟୁ ସଦସ୍ୟଙ୍କୁ ସ୍ୱଦେଶ ଫେରାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୭ ।୧୦(ସମିସ): ପାରାଦୀପ ବନ୍ଦରରେ ଦୀର୍ଘ ଦିନ ଧରି ଅଟକି ରହିଥିବା ଏମଟି ୟୁନିଟି ନାମକ ବିଦେଶୀ ଜାହାଜର କ୍ରିୟୁ ସଦସ୍ୟଙ୍କୁ ହାଇକୋର୍ଟରୁ ମିଳିଛି ଆଶ୍ୱସ୍ତି। ଜାହାଜର କ୍ୟାପଟେନ୍ ଏବଂ ସମସ୍ତ ୨୨ ଜଣ କ୍ରିୟୁ ସଦସ୍ୟଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ଓହ୍ଲାଇବା ଏବଂ ନିଜ ନିଜ ଦେଶକୁ ଫେରାଇ ନେବା ପାଇଁ କେନ୍ଦ୍ର ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ସପ୍ତାହ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବାକୁ କୋର୍ଟ କହିଛନ୍ତି। ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ସମ୍ପୃକ୍ତ ଜାହାଜର କ୍ୟାପଟେନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୬ ମେ' ୧୧ରୁ ଜାହାଜଟି ପ୍ରାପ୍ୟ ସଂକ୍ରାନ୍ତ ଆଇନଗତ ବିବାଦ ଯୋଗୁଁ ପାରାଦୀପ ବନ୍ଦରରେ ଅଟକି ରହିଥିଲା। ଜାହାଜର ମାଲିକ କ୍ରିୟୁ ସଦସ୍ୟଙ୍କ ଦରମା ବାକି ରଖିବା ସହ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସାମଗ୍ରୀ ଯୋଗାଣ ବନ୍ଦ କରି ଦେଇଥିଲେ। ମାସ ମାସ ଧରି ବନ୍ଦର ଆଙ୍କରେଜ୍‌ରେ ଫସି ରହିବା ଯୋଗୁଁ ଜାହାଜରେ ଥିବା ରୁଷୀୟ ନାଗରିକଙ୍କ ସମେତ ୨୩ ଜଣ ସଦସ୍ୟଙ୍କ ମାନସିକ ଓ ଶାରୀରିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିଲା। ଏହାପରେ ଜାହାଜର କ୍ୟାପଟେନ୍ ଇଷ୍ଟ୍ୟାଗିନ୍ ଇଭଜେନି ନିକୋଲେଭିଚ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଦେଶୀ ନାଗରିକ ହୋଇଥିଲେ ମଧ୍ୟ ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ କ୍ରିୟୁ ସଦସ୍ୟମାନଙ୍କର ସମ୍ମାନର ସହ ବଞ୍ଚିବାର ମୌଳିକ ଅଧିକାର ରହିଛି ବୋଲି ହାଇକୋର୍ଟ କହିଛନ୍ତି।

ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରହିଛି: ବିଜେଡି

ଭୁବନେଶ୍ୱର,୭।୧୦(ସମିସ): ଏକ ଦାୟିତ୍ୱବାନ ଆଞ୍ଚଳିକ ରାଜନୈତିକ ଦଳ ଭାବେ ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ସ୍ୱାର୍ଥ, ଅଧିକାର ଓ ହକ୍ ପାଇଁ ଦୃଢ଼ ଭାବେ ଠିଆ ହୋଇଆସିଛି। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଯେତେବେଳେ ପ୍ରଭାବିତ ହୋଇଛି, ସେତେବେଳେ ବିଜେଡି ରାଜ୍ୟର ସ୍ୱାର୍ଥ ପାଇଁ ନିରନ୍ତର ଭାବେ ସ୍ୱର ଉତ୍ତୋଳନ କରିବା ସହ ଲୋକମାନଙ୍କ ପାଇଁ ରାଜରାସ୍ତାରେ ଲଢେଇ କରିଛି। ବିଜେଡି ଉଭୟ ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖିଛି ବୋଲି ବୁଧବାର ଆଉଥରେ ସ୍ପଷ୍ଟ କରିଛି ବିଜେଡି। ବିଜେଡି ଆସନ୍ତାକାଲି ଡକାଯାଇଥିବା ବନ୍ଦକୁ ନା ସମର୍ଥନ କରୁଛି, ନା ବିରୋଧ କରୁଛି। ଆମେ ଏକ ସ୍ୱାଧୀନ ଓ ନୀତିନିଷ୍ଠ ଆଭିମୁଖ୍ୟ ବଜାୟ ରଖିଛୁ। ଆମର ଫୋକସ୍ ଓଡ଼ିଶାବାସୀଙ୍କ ଅଧିକାର ଓ ସ୍ୱାର୍ଥ ଉପରେ ବୋଲି ବିଜେଡି ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଏକ ପ୍ରେସ ବିବୃତି ଦ୍ୱାରା ମତବ୍ୟକ୍ତ କରିଛନ୍ତି।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ଏମ୍ଏମଡିଆର ସଂଶୋଧନ ଆଇନ୨୦୨୬କୁ ବିଜେଡି ଦୃଢ଼ ଭାବେ ବିରୋଧ କରିଛି। ଦଳର ମତରେ ଏହି ଆଇନ ଓଡ଼ିଶାର ମାଟି ଉପରେ ଥିବା ଅଧିକାର ଓ ଆର୍ଥିକ ସ୍ୱାର୍ଥକୁ ପ୍ରତିକୂଳ ଭାବେ ପ୍ରଭାବିତ କରୁଛି। ଏହି ଆଇନ ଦ୍ୱାରା ରାଜ୍ୟର ସ୍ୱାର୍ଥ କ୍ଷୁର୍ଣ୍ଣ ବୋଲି ବିଜେଡି ସାରା ରାଜ୍ୟରେ ପ୍ରତିବାଦ ଆୟୋଜନ କରିବା ସହ ଜନମତ ସୃଷ୍ଟି ପାଇଁ ନିରନ୍ତର ଆନ୍ଦୋଳନ କରିଆସିଛି। ଡ. ମହାନ୍ତି ଆହୁରି ମଧ୍ୟ କହିଥିଲେ ଯେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ବିଜେଡି ଏକ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଥିଲା। ୧,୮୦୦ରୁ ଅଧିକ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ ବିରୋଧରେ ଏହି ଆନ୍ଦୋଳନ କରାଯାଇଥିଲା। ଏହି ପ୍ରସଙ୍ଗକୁ ସାରା ଓଡ଼ିଶାରେ ଉଠାଯାଇଥିଲା, କାରଣ ସ୍କୁଲ ଶିକ୍ଷାର ଗୁଣବତ୍ତା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ ବୋଲି ବିଜେଡି ବାରମ୍ବାର କହିଆସୁଛି। ସେହିପରି ଏସ୍ଆଇଆର୍ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଦ୍ୱାରା ଆୟୋଜିତ ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କାର୍ଯ୍ୟାଳୟ ଅଭିମୁଖେ ରାଲିରେ ବିଜେଡି ରାଜ୍ୟସଭା ସାଂସଦମାନେ ଅଂଶଗ୍ରହଣ କରିଥିଲେ। ଏହି ରାଲିରେ ବିରୋଧୀ ଦଳଗୁଡ଼ିକ ଭୋଟର ତାଲିକାର ଏସ୍ଆଇଆର ପ୍ରକ୍ରିୟାକୁ ନେଇ ନିଜର ଚିନ୍ତା ପ୍ରକାଶ କରିବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ବିରୋଧୀ ଦଳଗୁଡ଼ିକର ବ୍ୟାପକ ଅଭିଯାନର ଅଂଶ ଭାବେ ଏହି ରାଲି ପ୍ରତିବାଦ ଆୟୋଜିତ ହୋଇଥିଲା। ଏସ୍ଆଇଆର ପ୍ରକ୍ରିୟାକୁ ନେଇ ଗୁରୁତର ଚିନ୍ତା ପ୍ରକାଶ ପାଇଛି। ବିରୋଧୀ ଦଳଗୁଡ଼ିକର ଅଭିଯୋଗ ଅନୁଯାୟୀ ବହୁ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଛି। ଏଥିରେ ଓଡ଼ିଶାର ୨୭.୫୦ ଲକ୍ଷ ଲୋକ ମଧ୍ୟ ବାଦ୍ ପଡିଛନ୍ତି। ନାଗରିକମାନଙ୍କ ମତଦାନ ଅଧିକାରର ସୁରକ୍ଷା ପ୍ରସଙ୍ଗରେ ନିଜର ଆଭିମୁଖ୍ୟର ଅଂଶ ଭାବେ ବିଜେଡି ନୂଆଦିଲ୍ଲୀର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲା। ସେ ଆହୁରି କହିଥିଲେ ଯେ ଆଜି ମଧ୍ୟ ବିଜେଡି ସୁନ୍ଦରଗଡ଼ରେ ଏମ୍ଏମଡିଆର ଆଇନ ବିରୋଧରେ ଅର୍ଥନୈତିକ ଅବରୋଧ ଆନ୍‌ଦୋଳନ କରିଛି। ସେଠାରେ ଦଳ ପକ୍ଷରୁ ସଂଶୋଧିତ ଆଇନ ବିରୋଧରେ ପ୍ରତିବାଦ ଓ ଆର୍ଥିକ ଅବରୋଧ ଆୟୋଜନ କରାଯାଇଛି। ଏହା ଦ୍ୱାରା ପୁଣିଥରେ ପ୍ରମାଣିତ ହୋଇଛି ଯେ ବିଜେଡି ଓଡ଼ିଶାବାସୀଙ୍କ ସହ ଠିଆ ହୋଇ ରାଜ୍ୟର ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପାଇଁ ନିରନ୍ତର ଲଢ଼େଇ ଜାରି ରଖିବ। ବିଜେଡି ଓଡ଼ିଶାବାସୀଙ୍କ ସହ ସମ୍ପୃକ୍ତ ବିଭିନ୍ନ ପ୍ରସଙ୍ଗରେ ନିରନ୍ତର ଭାବେ କାର୍ଯ୍ୟ କରୁଛି। ବିଜେପି ଓ କଂଗ୍ରେସ ଉଭୟଙ୍କଠାରୁ ବିଜେଡି ସମଦୂରତା ବଜାୟ ରଖିଛି ଏବଂ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଆଧାର କରି ନିଜର ନିଷ୍ପତ୍ତି ନେଇ ଚାଲିବ। ଏକ ଦାୟିତ୍ୱବାନ ଆଞ୍ଚଳିକ ଦଳ ଭାବେ ବିଜେଡି ଓଡ଼ିଶା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ନିରନ୍ତର ଉଠାଇବ, ରାଜ୍ୟର ସ୍ୱାର୍ଥ ପାଇଁ କ୍ଷତିକାରକ ନୀତିଗୁଡ଼ିକୁ ପ୍ରଶ୍ନ କରିବ ଏବଂ ଲୋକଙ୍କ ସହ ଦୃଢ଼ ଭାବେ ଠିଆ ହୋଇ ନିଜର ସ୍ୱାଧୀନ ରାଜନୈତିକ ପରିଚୟ ଓ ବିଜେପି ଏବଂ କଂଗ୍ରେସଠାରୁ ସମଦୂରତା ବଜାୟ ରଖିବ ବୋଲି ଡ. ମହାନ୍ତି କହିଛନ୍ତି।

- ଓଡ଼ିଶାବାସୀଙ୍କ ଅଧିକାର ଓ ସ୍ୱାର୍ଥ ଉପରେ ବିଜେଡିର ସଦାବେଳେ ଗୁରୁତ୍ୱ
- ଆସନ୍ତାକାଲିର ବନ୍ଦ ଡକରାକୁ ସମର୍ଥନ କିମ୍ବା ବିରୋଧ ନାହିଁ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୪ ବର୍ଷ ପରେ...

ସୁବିଧା (ଏସ୍ଡିଏଫ୍) ହାର ମଧ୍ୟ ବୃଦ୍ଧି କରିଛି। ଏସ୍ଡିଏଫ୍ ହାର ବର୍ତ୍ତମାନ ୫.୨୫ ପ୍ରତିଶତ ଏବଂ ମାର୍ଜିନାଲ୍ ସ୍ଥାୟୀ ସୁବିଧା (ଏମ୍ଏସ୍ଏଫ୍) ହାର ବର୍ତ୍ତମାନ ୫.୭୫% ରହିଛି। ଏହାବ୍ୟତୀତ, ଆର୍ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଭୂ-ରାଜନୈତିକ ଘଟଣାକ୍ରମ ଯୋଗୁଁ ବିଶ୍ୱ ଅର୍ଥନୈତିକ ପରିସ୍ଥିତି ବର୍ତ୍ତମାନ ଆହ୍ୱାନପୂର୍ଣ୍ଣ। ଏହା ସତ୍ତ୍ୱେ, ଭାରତୀୟ ଅର୍ଥନୀତି ସୁଦୃଢ଼ ରହିଛି ଏବଂ ଅନେକ କ୍ଷେତ୍ରରେ ଅଭିବୃଦ୍ଧି ଜାରି ରହିଛି। ରେପୋ ହାରରେ କୌଣସି ପରିବର୍ତ୍ତନ ବ୍ୟାଙ୍କର ସ୍ଥାୟୀ ଜମା (ଏଫ୍ଡି) ଯୋଜନା ପ୍ରଭାବିତ କରେ। ରେପୋ ହାରରେ ବୃଦ୍ଧି ପରେ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଏଫ୍ଡି ସୁଧ ହାର ମଧ୍ୟ ବୃଦ୍ଧି କରିପାରନ୍ତି, ଯାହା ସିଧାସଳଖ ଏଫ୍ଡି ନିବେଶକଙ୍କୁ ଲାଭ ଦେବ।

ସବୁଠୁ ଦୁର୍ବଳ...

ଅଶୋଧିତ ତୈଳର ଉଚ୍ଚ ମୂଲ୍ୟ ଏବଂ ବିଦେଶୀ ପାଣ୍ଠି ପ୍ରବାହ ଜନିତ ଚାପ ଯୋଗୁଁ ଚଳିତବର୍ଷ ଟଙ୍କା ମୂଲ୍ୟରେ ୮% ହ୍ରାସ ଘଟିଛି। ଫଳରେ ଏସିଆ ମହାଦେଶରେ ଟଙ୍କା ଚଳିତ ବର୍ଷ ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଭାରତର ମୁଖ୍ୟ ଆମଦାନୀ ସାମଗ୍ରୀ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଡଲାରର ଚାହିଦା ବଢ଼ାଇଛି, ଯାହା ଭାରତର ଆମଦାନୀ ବିଲ୍ ବୃଦ୍ଧି କରିବା ସହ ଆଗକୁ ଘରୋଇ ମୁଦ୍ରା ଉପରେ ଚାପ ପକାଇପାରେ। ବିଶ୍ୱ ବଜାରରେ ତେଲ ଦର ବୃଦ୍ଧି ପରେ, ଏବେ ତୈଳ କମ୍ପାନୀଗୁଡ଼ିକ ଅଧିକ ଡଲାର କିଣିବେ। ବଜାରରେ ଡଲାରର ଚାହିଦା ବୃଦ୍ଧି ପାଇବ। ଯଦି ଉପଲବ୍ଧତା ସମାନ ଗତିରେ ବୃଦ୍ଧି ନ ପାଏ, ତେବେ ମୂଲ୍ୟ ମଧ୍ୟ ବଢ଼ିପାରେ। ଏହା ବ୍ୟତୀତ, ଯଦି ଘରୋଇ ମୁଦ୍ରା ଦୁର୍ବଳ ହୁଏ ତେବେ ପ୍ରତ୍ୟେକ ଡଲାର ପାଇଁ ଭାରତକୁ ଅଧିକ ଟଙ୍କା ଦେବାକୁ ପଡିବ। ଏହାର ଅର୍ଥ ହେଉଛି ତୈଳ ମୂଲ୍ୟ ବୃଦ୍ଧି ଏବଂ ଟଙ୍କା ଦୁର୍ବଳ ରହିବା ଉଭୟ ଯୋଗୁଁ ଖର୍ଚ୍ଚ ବୃଦ୍ଧି ପାଉଛି। ସମ୍ପ୍ରତି ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ୫ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି।

ରସାୟନରେ କାଗାନ...

ଅର୍ଗାନିକ୍ ଫ୍ରେମୱାର୍କ ବା ଧାତୁ-ଜୈବିକ ଢାଞ୍ଚାର ବିକାଶ ପାଇଁ ସେମାନେ ଏହି ସମ୍ମାନ ପାଇଥିଲେ। ଏହି ଆଣବିକ ଗଠନ ଜଳବାୟୁ ପରିବର୍ତ୍ତନ ଓ ମଧୁର ଜଳର ଅଭାବ ଭଳି ସମସ୍ୟାର ମୁକାବିଲାରେ ଉପଯୋଗୀ ହୋଇପାରେ। କାଗାନ ଓ ସୋଆଇଙ୍କୁ ଡିସେମ୍ବର ୧୦ରେ ଷ୍ଟକହୋମରେ ଏକ ସ୍ୱତନ୍ତ୍ର ସମାରୋହରେ ସ୍ୱିଡେନର ରାଜା କାର୍ଲ ଷୋଡ଼ଶ ଗୁସ୍ତାଫ ନୋବେଲ ପଦକ ପ୍ରଦାନ କରିବେ। ଆଲଫ୍ରେଡ ନୋବେଲଙ୍କ ମୃତ୍ୟୁବାର୍ଷିକୀ ଅବସରରେ ଏହି ସମାରୋହ ଆୟୋଜିତ ହୁଏ। ପୁରସ୍କାର ସହ ଉଭୟ ବୈଜ୍ଞାନିକ ୧୨ ନିୟୁତ ସ୍ୱିଡିଶ୍ କ୍ରୋନା ପୁରସ୍କାର ରାଶି ମଧ୍ୟ ବାଣ୍ଟିନେବେ। ଶାନ୍ତି ନୋବେଲ ପୁରସ୍କାର ଅନ୍ୟ ନୋବେଲ ପୁରସ୍କାରଠାରୁ ଭିନ୍ନ ଭାବେ ସ୍ୱିଡେନରେ ନୁହେଁ, ନରୱେର ଓସ୍‌ଲୋରେ ପ୍ରଦାନ କରାଯାଏ।

ବିସ୍ଫୋରକ ହେଉଛି...

କହିଥିଲେ। ସେ କହିଥିଲେ ଯେ ଏସଆଇଆର ବିରୋଧୀ ଆନ୍ଦୋଳନ ପରେ ପୁଲିସ ତାଙ୍କ ବିରୋଧରେ ୪୫ଟି ଏଫ୍ଆଇଆର ଦାଖଲ କଲାଣି। କିନ୍ତୁ ସେ ଡରିବେ ନାହିଁ। ପ୍ରତିଟି ଏଫ୍ଆଇଆର ତାଙ୍କ ପାଇଁ ପଦକ ସଦୃଶ।

ଏହାପରେ ତିନିଟି ବସରେ ମେଣ୍ଟର ସାଂସଦମାନେ ଆଜି ସନ୍ଧ୍ୟା ବେଳେ ଯନ୍ତରମନ୍ତର ଆଡ଼କୁ ଅଗ୍ରସର ହୋଇଥିଲେ। ତେବେ ସେମାନଙ୍କୁ ଅଟକାଇବା ଲାଗି ଦିଲ୍ଲୀ ପୁଲିସ ପକ୍ଷରୁ ବହୁ ସ୍ତରୀୟ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ବସ ଯନ୍ତରମନ୍ତର ଆଡ଼କୁ ଯାଉଥିବା ବେଳେ ଜନପଥ ।।ରେ ସେମାନଙ୍କୁ ଅଟକାଇଥିଲା ପୁଲିସ। ବସକୁ ଅଟକାଇ ସାଂସଦମାନଙ୍କୁ ଅଟକ ରଖିବାରୁ ଏହାର ପ୍ରତିବାଦ ଜଣାଇ ଅନେକ ନେତା ଜନପଥ ଉପରେ ଧାରଣାରେ ବସିଯାଇଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ବଳପ୍ରୟୋଗ କରି ଉଠାଇନେଇଥିଲା। ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ମଧ୍ୟ ଜୋରଜବରଦସ୍ତ ଉଠାଇନେଇଥିଲା। ରାସ୍ତା ଉପରେ ବସିଥିବା ପ୍ରିୟଙ୍କା ଓ ଅନ୍ୟ ମହିଳା ସାଂସଦଙ୍କୁ ହଟାଇବା ଲାଗି ବହୁସଂଖ୍ୟକ ମହିଳା ପୁଲିସକୁ ନିୟୋଜିତ କରାଯାଇଥିଲା। ସେମାନେ ପ୍ରିୟଙ୍କାଙ୍କୁ ରାସ୍ତା ଉପରୁ ଘୋଷାଡ଼ି ବସ ଭିତରକୁ ନେଇଯାଇଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ପ୍ରିୟଙ୍କା। ସେ କହିଥିଲେ ଯେ ନିର୍ବାଚନ କମିସନରଙ୍କୁ ଭେଟିବା ଲାଗି ଚାହୁଁଥିବା ସାଂସଦମାନଙ୍କ ପ୍ରତି ପୁଲିସ ବର୍ବରତା ଗ୍ରହଣଯୋଗ୍ୟ ନୁହେଁ।

ଆଜିର ଏହି ଆନ୍ଦୋଳନରେ କଂଗ୍ରେସ ସମେତ ଟିଏମସି, ଆରଜେଡି, ଉଦ୍ଧବ ସେନା, ଶରଦ ପାୱାରଙ୍କ ଏନସିପି, ସିପିଆଇ, ସିପିଏମ, ମୁସଲିମ ଲିଗ୍, ନେସନାଲ କନଫେରେନ୍ସ, ଜେଏମଏମ ଭଳି ଦଳର ସାଂସଦ ସାମିଲ ହୋଇଥିଲେ। ତେବେ ଗତକାଲି ପଦଯାତ୍ରାରେ ସାମିଲ ହୋଇଥିବା ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟିର ସାଂସଦମାନେ ଆଜିର ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇନଥିଲେ। ଏସ୍‌ପି ସୂତ୍ରଙ୍କ ଅନୁସାରେ, ବୈଠକ ସମ୍ପର୍କରେ ଠିକ୍ ସମୟରେ ସୂଚନା ମିଳିନଥିଲା। କଂଗ୍ରେସ କହିଛି, ସମସ୍ତ ସହଯୋଗୀ ଦଳକୁ ନିମନ୍ତ୍ରଣ କରାଯାଇଥିଲା, କିନ୍ତୁ ବୈଠକର ନିଷ୍ପତ୍ତି ବିଳମ୍ବରେ ନିଆଯାଇଥିବାରୁ କେତେକ ଦଳ ଯୋଗ ଦେଇପାରିନଥିଲେ। ତେବେ ଆସନ୍ତାକାଲିର ପ୍ରତିବାଦ କାର୍ଯ୍ୟକ୍ରମରେ ସେମାନେ ସାମିଲ ହେବେ ବୋଲି ସମାଜବାଦୀ ପାର୍ଟିର ନେତା ଘୋଷଣା କରିଛନ୍ତି। ସମାଜବାଦୀ ପାର୍ଟିର ୩୭ ଜଣ ସାଂସଦ ଅଛନ୍ତି। ଅନ୍ୟପକ୍ଷରେ ଗତକାଲି ରାହୁଲଙ୍କୁ ସମାଲୋଚନା କରିଥିବା ଡିଏମକେ ଆଜି ଏହାର ସ୍ୱର ବଦଳାଇବା ସହିତ ଜ୍ଞାନେଶ କୁମାର-ବିରୋଧୀ ଆନ୍ଦୋଳନକୁ ସମର୍ଥନ ଜଣାଇଛି। ଡିଏମ।।କେ ମୁଖପାତ୍ର ଟିକେଏସ୍ ଏଲଙ୍ଗୋଭନ କହିଛନ୍ତି, ଯଦି ଜ୍ଞାନେଶ କୁମାର ଗଣତନ୍ତ୍ର ବିରୋଧୀ ଭୂମିକା ନେଉଛନ୍ତି, ତେବେ ତାଙ୍କୁ ପଦରୁ ହଟାଇବା ଆବଶ୍ୟକ। ନିର୍ବାଚନରେ ନିରପେକ୍ଷତା ରହିବା ଦରକାର ଏବଂ ସରକାରଙ୍କ ଅନ୍ୟାୟ ବିରୋଧରେ ନାଗରିକଙ୍କ ପ୍ରତିବାଦ କରିବାର ଅଧିକାର ରହିଛି ବୋଲି ସେ କହିଛନ୍ତି।

ଆଜି ଇଣ୍ଡିଆ ମେଣ୍ଟର...

ଦିଆଯିବ। ଛାତ୍ର-ଛାତ୍ରୀ ମାନଙ୍କର ସମସ୍ତ ପ୍ରକାରର ପରୀକ୍ଷା ପାଇଁ କୌଣସି ବାଧା ରହିବ ନାହିଁ। ୧୦୮, ୧୦୨ ଓ ସମସ୍ତ ପ୍ରକାରର ଆମ୍ବୁଲାନ୍ସକୁ କୌଣସି ପରିସ୍ଥିତିରେ ଅଟକାଯିବ ନାହିଁ। ରୋଗୀଙ୍କୁ ହସ୍ପିଟାଲ୍ ନେଉଥିବା ଯେକୌଣସି ଗାଡ଼ିକୁ ତୁରନ୍ତ ରାସ୍ତା ଦିଆଯିବ। ଅଗ୍ନିଶମ ବାହିନୀ, ଉଦ୍ଧାରକାରୀ ଦଳ ଓ ଜରୁରୀ ସେବାର ଯାନବାହନକୁ ସମ୍ପୂର୍ଣ୍ଣ ମୁକ୍ତ ରାସ୍ତା ଦିଆଯିବ। ଔଷଧ ଦୋକାନ, ଜନ ଔଷଧି କେନ୍ଦ୍ର ଓ ଜରୁରୀ ଚିକିତ୍ସା ସାମଗ୍ରୀର ଯୋଗାଣକୁ ବନ୍ଦରେ ସାମିଲ କରାଯିବ ନାହିଁ। ଦୁଗ୍ଧ ବିତରଣ କେନ୍ଦ୍ର, ଦୁଗ୍ଧ ଗାଡ଼ି ଓ ଆବଶ୍ୟକ ଦୁଗ୍ଧ ଯୋଗାଣ ବନ୍ଦରୁ ବାହାରେ ରହିବ। ସେହିପରି ଅନ୍ୟାନ୍ୟ ଜରୁରୀ ସେବା ଯଥା ବିଦ୍ୟୁତ/ଜଳ ସେବା ପୁନରୁଦ୍ଧାର କାର୍ଯ୍ୟ, ଗଣମାଧ୍ୟମ ପ୍ରତିନିଧି, ସାମ୍ବାଦିକ ଓ ଖବର ସଂଗ୍ରହ କରୁଥିବା ବ୍ୟକ୍ତିଙ୍କୁ କାର୍ଯ୍ୟ କରିବାରେ ବାଧା ଦିଆଯିବ ନାହିଁ।

ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି ଯେ ଗଣତାନ୍ତ୍ରିକ ପ୍ରତିବାଦ ମାଧ୍ୟମରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଏହି ବନ୍ଦର ଉଦ୍ଦେଶ୍ୟ। ଜ୍ଞାନେଶ କୁମାରଙ୍କ ଇସ୍ତଫା ସହ ଏସ୍ଆଇଆର୍ ପ୍ରତ୍ୟାହାର, ଏମ୍ଏମ୍ଡିଆର୍ (ସଂଶୋଧନ) ଆଇନ, ରଦ୍ଦ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଓ ବନ୍ୟାଞ୍ଚଳରେ ତୁରନ୍ତ ଓ ପର୍ଯ୍ୟାପ୍ତ ସହାୟତା ପ୍ରଦାନ ଦିବାରେ ଏହି ବନ୍ଦ ଡାକରା ଦିଆଯାଇଛି। ଆଜି ସକାଳେ ଭୁବନେଶ୍ୱରରେ ଆୟୋଜିତ ପଟୁଆରରେ ବହୁ ସଂଖ୍ୟାରେ ଲୋକ ଅଂଶଗ୍ରହଣ କରି ଗଣତନ୍ତ୍ର ଓ ଭୋଟ ଅଧିକାରର ସୁରକ୍ଷା ପାଇଁ ନିଜର ଦୃଢ଼ ସଂକଳ୍ପ ପ୍ରକାଶ କରିଥିଲେ। ସନ୍ଧ୍ୟାରେ ମାଷ୍ଟର କ୍ୟାଣ୍ଟିନ ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଶାଲ ଶୋଭାଯାତ୍ରାରେ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକର ନେତା ଓ କର୍ମୀମାନେ ଏକତ୍ରିତ ହୋଇ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ନିଜର ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ଅକ୍ଟୋବର ୮ ତାରିଖରେ ଓଡ଼ିଶା ବନ୍ଦ ଡାକରାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ସମୟରେ ରାସ୍ତା ଅବରୋଧ, ରାଲି, ପ୍ରଦର୍ଶନ, ପିକେଟିଂ, ରେଳ ରୋକୋ ଏବଂ ଖଣି ବନ୍ଦ ଭଳି କାର୍ଯ୍ୟକ୍ରମ ହେବାର ସମ୍ଭାବନା ରହିଛି। ଏଥିସହ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବଜାର ଓ ବାଣିଜ୍ୟିକ ପ୍ରତିଷ୍ଠାନ ମଧ୍ୟ ପ୍ରଭାବିତ ହୋଇପାରେ। ଏହି ଆଇନଶୃଙ୍ଖଳା ପରିସ୍ଥିତି ଯେପରି ଅବନତି ନ ହୁଏ, ସେଥିପାଇଁ ପ୍ରତିଷେଧକ ଓ ସତର୍କତାମୂଳକ ସୁରକ୍ଷା ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ଏସ୍ଇବିସି କମିଶନ...

ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ଏହି କମିଶନର ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଯାଇଛି। ଏଥିସହିତ ଅବସରପ୍ରାପ୍ତ ଆଇଏଏସ ବିଜୟ କୁମାର ପୃଷ୍ଟି ଏହି କମିଶନର ସଦସ୍ୟ ଭାବେ କାର୍ଯ କରିବେ। ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମିଶ୍ର କମିଶନ'ର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ। ଏହି କମିଶନ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ସେ ଅଞ୍ଚଳର ସମୁଦାୟ ଲୋକସଂଖ୍ୟା ତୁଳନାରେ ଏସଇବିସି ମାନଙ୍କର ସଂଖ୍ୟାର ଅନୁପାତ ସମ୍ପର୍କରେ ଅନୁଧାନ କରିବ। ଏହା ସହିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ତୁଳନାରେ ସେମାନେ ରାଜନୈତିକ ଦୃଷ୍ଟିକୋଣରୁ କେତେ ପଛୁଆ ଅଛନ୍ତି, ତା'ର ସ୍ୱରୂପ ଓ ତାହାର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧାନ କରାଯିବ। ଏହାଦ୍ୱାରା ରାଜ୍ୟରେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଜନସାଧାରଣଙ୍କର ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ଉପଯୁକ୍ତ ପ୍ରତିନିଧିତ୍ୱ ଓ ସେମାନଙ୍କ ଅଧିକାର ସମ୍ପର୍କରେ ଉପଯୁକ୍ତ ବ୍ୟବସ୍ଥା କରାଯାଇପାରିବ।

କାଠଯୋଡ଼ି ନଦୀକୂଳରେ...

ଖାଇବା ପ୍ଲେଟ୍ ଏବଂ ଏକ ପଲିଥିନ୍ ବ୍ୟାଗ୍ ମିଳିଛି। ଏହାର କିଛି ଦୂରରେ ଜଣେ ମହିଳାଙ୍କ ବାମ ପଟର ଚପଲ ପଡ଼ିଥିବା ଦେଖାଯାଇଛି। ଉକ୍ତ ଚପଲଟି ମୃତ ଯୁବତୀଙ୍କର ହୋଇଥିବା ପୁଲିସ ଅନୁମାନ କରୁଛି। ଘଟଣାସ୍ଥଳରେ ମସିଣା ଓ ଆମିଷ କଢେଇ ପଡ଼ିଥିବାରୁ ହତ୍ୟା ପୂର୍ବରୁ ସେଠାରେ ଭୋଜିଭାତ ହୋଇଥିବା ପୁଲିସ ଆଶଙ୍କା କରୁଛି। ପ୍ରାଥମିକ ତଦନ୍ତରୁ ସନ୍ଧ୍ୟା ୫ଟାରୁ ସାଢେ ୬ଟା ମଧ୍ୟରେ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ଦୁଷ୍କର୍ମ ପରେ ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏହି ହତ୍ୟାକାଣ୍ଡ ସହ ଦୁଷ୍କର୍ମର କୌଣସି ସ୍ପଷ୍ଟ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ ବୋଲି ପୁଲିସ କହିଛି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରୁ ବିଭିନ୍ନ ନମୁନା ଓ ତଥ୍ୟ ସଂଗ୍ରହ କରିଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ମଧ୍ୟ ଯାଞ୍ଚ କରିଥିଲା। ସମସ୍ତ ଯାଞ୍ଚ ପ୍ରକ୍ରିୟା ପରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ୍‌କୁ ପଠାଇଛି। ପ୍ରଥମେ ମୃତଦେହ ଦେଖିଥିବା ଯୁବକମାନଙ୍କୁ ପୁଲିସ ପଚରାଉଚରା କରିବା ସହ ସେମାନଙ୍କ ତଥ୍ୟ ଓ ପ୍ରମାଣପତ୍ର ରଖି ଛାଡ଼ିଛି। ମୃତ ଯୁବତୀଙ୍କ ପରିଚୟ ଓ ହତ୍ୟାକାରୀଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରାଯାଇଛି। ସୂଚନା ଥାଉକି ଏହି ଅଞ୍ଚଳରେ ଏକାଧିକ ହତ୍ୟାକାଣ୍ଡ ଘଟିଥିଲେ ବି ହତ୍ୟାକାରୀଙ୍କୁ ପୁଲିସ ଏ ପର୍ଯ୍ୟନ୍ତ ଚିହ୍ନଟ କରିପାରି ନ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ବିଜେଡି-ବିଜେପି...

ତାଙ୍କୁ ସରକାରୀ ଦଳର ନେତାଙ୍କ ଚାପ ରେ ଅଟକ ରଖିବା ଘଟଣାକୁ ନେଇ ବିଜେଡ଼ି ନେତା ଓ ଛାତ୍ରମାନେ ଥାନାରେ ଅସନ୍ତୋଷ ପ୍ରକାଶ କରଥିଲେ। ପରେ ତାଙ୍କୁ ପୁଲିସ ଛାଡ଼ି ଦେଇଥିଲା। ନିର୍ବାଚନ ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ କରିବା ସହ କ୍ୟାମ୍ପସରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ପୁଲିସ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ଏବେ ବଡ଼ ଚ୍ୟାଲେଞ୍ଜ ହୋଇଛି।

ମୁଖ୍ୟ ସଚିବ...

ଏନଜିଓ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଶଙ୍କର ପ୍ରସାଦ ପାଣି ଏବଂ ଆଶୁତୋଷ ପାଢ଼ୀ ଏହି ମାମଲା ପରିଚାଳନା କରୁଛନ୍ତି। ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସରକାରୀ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତି ଯୋଗୁଁ ମାମଲାର ବିଚାରରେ ଅଯଥା ବିଳମ୍ବ ହେଉଛି, ଯାହା ପରିବେଶ ସୁରକ୍ଷା ଭଳି ଗମ୍ଭୀର ବିଷୟକୁ ବାଧାପ୍ରାପ୍ତ କରୁଛି। ତେବେ ଅନୁଗୁଳ ଜିଲ୍ଲାପାଳଙ୍କ ପକ୍ଷରୁ ସମ୍ପୃକ୍ତ ତହସିଲଦାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଜର ହୋଇଥିବାରୁ ଜିଲ୍ଲାପାଳଙ୍କ ଉପରେ କୌଣସି ଜରିମାନା କରାଯାଇ ନାହିଁ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ସରକାର ଏବଂ ତାଙ୍କର ବିଭିନ୍ନ ବିଭାଗ ସାମ୍ବିଧାନିକ ଭାବେ ପରିବେଶ ନିୟମାବଳୀ ଅନୁପାଳନ କରିବାକୁ ବାଧ୍ୟ। ଏହା କୌଣସି ସାଧାରଣ ଦେୱାନୀ ମାମଲା ନୁହେଁ ଯେଉଁଠି ପ୍ରତିପକ୍ଷ ନିଜ ଇଚ୍ଛା ଅନୁସାରେ ଅନୁପସ୍ଥିତ ରହିପାରିବେ। ଏହି ସମସ୍ତ ଅଧିକାରୀଙ୍କୁ ନିଜର ଜବାବ ଦାଖଲ କରିବା ପାଇଁ ଶେଷ ସୁଯୋଗ ଦିଆଯିବା ସହ ଆସନ୍ତା ଏକ ମାସ ମଧ୍ୟରେ କୋଲକାତା ସ୍ଥିତ ରେଜିଷ୍ଟ୍ରାରଙ୍କ ନିକଟରେ ଜରିମାନା ଅର୍ଥ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୪ ତାରିଖକୁ ଧାର୍ଯ୍ୟ କରାଯାଇଛି।

ଆଜିର ରାଶିଫଳ

ମେଷ: ଆୟ ଅନୁସାରେ ବ୍ୟୟ ହେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଯାନବାହନ କିଣିବା ଯୋଗ ଅଛି।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶ ପାଇଁ ଉପଯୁକ୍ତ ସମୟ। ମହିଳାମାନେ ଦାନ ଧର୍ମ କରନ୍ତୁ।

ମିଥୁନ: ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଉଧାର ଟଙ୍କା ଫେରିପାଇବେ।

କର୍କଟ: ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

ସିଂହ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅଫିସ୍ ସହକର୍ମୀଙ୍କ ସହଯୋଗ ପାଇବେ।

କନ୍ୟା: ଆୟ ଓ ବ୍ୟୟ ସମାନ ହେବ। ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। ଲୋକସମ୍ପର୍କ ବୃଦ୍ଧି ପାଇବ।

ତୁଳା: ଦିନଟି ଶୁଭଫଳ ପ୍ରଦାନ କରିବ। ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

ବିଛା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଧନୁ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

ମୀନ: ବିଦ୍ୟାର୍ଥୀ ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଆଜିର ଦିନରେ

- ୧୯୩୬- ହିନ୍ଦୀ ସାହିତ୍ୟ ଜଗତର କିମ୍ବଦନ୍ତୀ ଲେଖକ ମୁନ୍‌ସୀ ପ୍ରେମଚନ୍ଦଙ୍କ ଦେହାନ୍ତ।
- ୧୯୬୨ : ଆଲଜେରିଆ ଜାତିସଂଘରେ ଯୋଗଦେଲା।
- ୧୯୮୦ : ରୁଷ୍-ସିରିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୯୮୨ : ପୋଲାଣ୍ଡ ୬ଟି ରାଷ୍ଟ୍ର ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ କଲା।
- ୧୯୯୮- ଭାରତ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା।

ଭାରତୀୟ ବାୟୁସେନା ଦିବସ

ପ୍ରତିବର୍ଷ ୮ ଅକ୍ଟୋବରକୁ ଭାରତରେ ବାୟୁସେନା ଦିବସ ଭାବେ ବେଶ୍ ଗର୍ବ ଓ ଉତ୍ସାହର ସହ ପାଳନ କରାଯାଏ। ଦେଶର ଆକାଶ ମାର୍ଗକୁ ସୁରକ୍ଷିତ ରଖିବାରେ ଏବଂ ଯୁଦ୍ଧ ସମୟରେ ଅତୁଳନୀୟ ସାହସିକତା ପ୍ରଦର୍ଶନ କରୁଥିବା ବାୟୁସେନାର ବୀର ଯବାନମାନଙ୍କୁ ସମ୍ମାନ ଜଣାଇବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଭାରତୀୟ ବାୟୁସେନା ହେଉଛି ଭାରତୀୟ ସଶସ୍ତ୍ର ବାହିନୀର ଏକ ପ୍ରମୁଖ ଅଙ୍ଗ, ଯାହାର ମୁଖ୍ୟ ଦାୟିତ୍ୱ ହେଉଛି ଭାରତର ଆକାଶ ମାର୍ଗକୁ ସୁରକ୍ଷିତ ରଖିବା ଏବଂ ଯୁଦ୍ଧ ସମୟରେ ଆକାଶ ପଥରୁ ଶତ୍ରୁର ମୁକାବିଲା କରିବା। ବ୍ରିଟିଶ ଶାସନ ସମୟରେ ୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ଏହାର ବିଧିବଦ୍ଧ ପ୍ରତିଷ୍ଠା ହୋଇଥିଲା। ସେହିଦିନଠାରୁ ପ୍ରତିବର୍ଷ ଅକ୍ଟୋବର ୮ କୁ ବାୟୁସେନା ଦିବସ ଭାବେ ପାଳନ କରାଯାଉଛି। ପ୍ରାରମ୍ଭରେ ଏହାକୁ 'ରୟାଲ୍ ଇଣ୍ଡିଆନ୍ ଏୟାରଫୋର୍ସ' କୁହାଯାଉଥିଲା। ୧୯୫୦ ମସିହାରେ ଏଥିରୁ 'ରୟାଲ୍' ଶବ୍ଦ ହଟାଇ କେବଳ ଭାରତୀୟ ବାୟୁସେନା ନାମ ଦିଆଗଲା। ୧୯୪୭, ୧୯୬୫, ୧୯୭୧ ର ପାକିସ୍ତାନ ଯୁଦ୍ଧ ହେଉ କିମ୍ବା ଚୀନ୍ ସହ ସଂଘର୍ଷ, ବାୟୁସେନା ସବୁବେଳେ ଶତ୍ରୁ ପକ୍ଷର ମେରୁଦଣ୍ଡ ଭାଙ୍ଗିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶେଷ କରି ୧୯୯୯ ର କାର୍ଗିଲ ଯୁଦ୍ଧରେ ଅପରେସନ ସଫେଦ ସାଗର ମାଧ୍ୟମରେ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଲୁଚି ରହିଥିବା ଅନୁପ୍ରବେଶକାରୀଙ୍କୁ ଧୂଳି ଚଟାଇ ବାୟୁସେନା ଯେଉଁ ପରାକ୍ରମ ଦେଖାଇଥିଲା, ତାହା ସାମରିକ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। କେବଳ ଯୁଦ୍ଧ ନୁହେଁ, ବନ୍ୟା, ବାତ୍ୟା କିମ୍ବା ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାୟୁସେନା ସବୁବେଳେ ଲୋକଙ୍କୁ ଉଦ୍ଧାର କରିବା ଓ ସହାୟତା ଯୋଗାଇବାରେ ଆଗଧାଡ଼ିରେ ରହିଥାଏ। ୧୯୩୨ ମସିହାରେ ମାତ୍ର ୪ଟି ଛୋଟ ବିମାନରୁ ଆରମ୍ଭ ହୋଇଥିବା ଏହି ବାୟୁସେନା ଆଜି ରାଫେଲ୍, ସୁଖୋଇ-୩୦ ଏବଂ ସ୍ୱଦେଶୀ ତେଜସ୍ ଭଳି ସୁପରସୋନିକ୍ ଲଢ଼ୁଆ ବିମାନରେ ସମୃଦ୍ଧ। ଦେଶ ମାତୃକାର ସୁରକ୍ଷା ପାଇଁ ଆକାଶ ମାର୍ଗରେ ନିଜ ଜୀବନକୁ ବାଜି ଲଗାଉଥିବା ବୀର ସୈନିକ ଓ ଶହୀଦମାନଙ୍କ ଅସୀମ ସାହସ, ତ୍ୟାଗ ଓ ନିଷ୍ଠାକୁ ସମ୍ମାନ ଜଣାଇବା ସହ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରି ସେମାନଙ୍କୁ ବାୟୁସେନାରେ ଯୋଗଦେବା ପାଇଁ ଅନୁପ୍ରାଣିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

୧୪ ବର୍ଷ ପରେ ଅକ୍ଷୟ-ସାଜିଦ୍ ଯୋଡ଼ି

ବଲିଉଡ୍ ସୁପରଷ୍ଟାର୍ ଅକ୍ଷୟ କୁମାର ଯଦିଓ ନିଜର ଦମଦାର୍ ଆକ୍ସନ୍ ପାଇଁ ସିନେମା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ତାଙ୍କ ଅଭିନୀତ କମେଡି ଫିଲ୍ମଗୁଡ଼ିକ ମଧ୍ୟ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ଏବେ 'ଖିଲାଡି କୁମାର'ଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସେ ତାଙ୍କର ଆଗାମୀ ପ୍ରୋଜେକ୍ଟରେ ପୁଣିଥରେ କମେଡି ଅବତାରକୁ ଫେରୁଛନ୍ତି। ନିକଟରେ ମୁକ୍ତିଲାଭ କରିଥିବା ଅକ୍ଷୟଙ୍କ ଅଭିନୀତ ଫିଲ୍ମ 'ହୈୱାନ' ବକ୍ସ ଅଫିସ୍‌ରେ ସେଭଳି କିଛି ଖାସ୍ କମାଲ କରିପାରିନାହିଁ। ଏହି ଫିଲ୍ମର ନିରାଶାଜନକ ପ୍ରଦର୍ଶନ ପରେ ଅକ୍ଷୟ ଏବେ ପୁଣିଥରେ କମେଡି ଫିଲ୍ମକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି। ଅକ୍ଷୟଙ୍କର ସବୁଠାରୁ ଭଲ ବନ୍ଧୁ ତଥା ନିର୍ଦ୍ଦେଶକ ସାଜିଦ୍ ଖାନ୍‌ଙ୍କ ଆଗାମୀ କମେଡି ଫିଲ୍ମରେ ସେ ନଜର ଆସିବେ। ଶେଷ ଥର ପାଇଁ ଏହି ଯୋଡ଼ି ୨୦୧୨ରେ ଆସିଥିବା ସୁପରହିଟ୍ କମେଡି ଫିଲ୍ମ 'ହାଉସଫୁଲ୍ ୨'ରେ ଏକାଠି କାମ କରିଥିଲେ। ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ଏହି ସୁପରହିଟ୍ ଯୋଡ଼ି ପୁଣିଥରେ ବଡ଼ ପରଦାରେ ଧମାକା କରିବାକୁ ଯାଉଛନ୍ତି। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଏକତା କପୁର ଅଛନ୍ତି। ଯଦିଓ ଫିଲ୍ମର ନାମ ଏପର୍ଯ୍ୟନ୍ତ ଫାଇନାଲ ହୋଇନାହିଁ କିନ୍ତୁ ଏହା ଏକ ଜବରଦସ୍ତ କମେଡି ଫିଲ୍ମ ହେବ ବୋଲି ଚର୍ଚ୍ଚା ହେଉଛି। ଏହି ଫିଲ୍ମର ସବୁଠାରୁ ବଡ଼ ଆକର୍ଷଣ ହେବ ଏହାର ଷ୍ଟାରକାଷ୍ଟ। ଏଥିରେ ଅକ୍ଷୟଙ୍କ ସହ ଆର୍. ମାଧବନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ନିକଟରେ ଉଭୟ କଳାକାର ଫିଲ୍ମ 'କେସରୀ ଚାପ୍ଟର ୨: ଦ ଅନଟୋଲ୍ଡ ଷ୍ଟୋରୀ ଅଫ୍ ଜାଲିଆନୱାଲା ବାଗ୍'ରେ ପରସ୍ପରର ଶତ୍ରୁ ଭୂମିକାରେ ଅଭିନୟ କରିଥିଲେ। ସେହି ଫିଲ୍ମରେ ପରସ୍ପର ବିରୋଧରେ ଲଢ଼ିବା ପରେ, ଏବେ ଏହି ଦୁଇ କଳାକାର କମେଡି ଜରିଆରେ ଦର୍ଶକଙ୍କୁ କେତେ ହସାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

ଆମାଜନ ଜଙ୍ଗଲରେ ୩୮ ବର୍ଷ

ଆଜିର ୪ଜି, ୫ଜି ଦୁନିଆ ଠାରୁ ହଜାର ହଜାର କିଲୋମିଟର ଦୂରରେ ଏମିତି ଏକ ଜଗତ ଅଛି, ଯେଉଁଠି ପ୍ରତି ସେକେଣ୍ଡରେ ମୃତ୍ୟୁ ଓ ଜୀବନ ମଧ୍ୟରେ ଲଢ଼େଇ ଚାଲେ। ଏହି ସ୍ଥାନଟି ହେଉଛି ଆମାଜନ ଜଙ୍ଗଲ। ସେହି ଭୟଙ୍କର ସବୁଜ ସାମ୍ରାଜ୍ୟ ଭିତରେ ଜଣେ ମଣିଷ ଦୀର୍ଘ ୩୮ ବର୍ଷ ବିତାଇ ଦେଇଛନ୍ତି। ଚିକୋ ନାମକ ଏହି ବ୍ୟକ୍ତିଙ୍କୁ ନିକଟରେ ବିଶ୍ୱପ୍ରସିଦ୍ଧ ୟୁଟ୍ୟୁବ୍ ଚ୍ୟାନେଲ 'ୟେସ୍ ଥିଓରି' ଲୋକଲୋଚନକୁ ଆଣିଛି। ୩୮ ବର୍ଷ ପୂର୍ବେ ଯେତେବେଳେ ଚିକୋ ଏହି ଦୁର୍ଗମ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲେ, ସେତେବେଳେ ତାଙ୍କ ପାଖରେ କେବଳ ଏକ ଛୁରୀ ଏବଂ ବଞ୍ଚି ରହିବାର ଦୃଢ଼ ଇଚ୍ଛାଶକ୍ତି ଥିଲା। ଆମାଜନ ଜଙ୍ଗଲରେ ସାଧାରଣ ମଣିଷଟିଏ ମଧ୍ୟ କିଛି ଦିନ ରହିବା ଅସମ୍ଭବ। କାରଣ ଏହି ଜଙ୍ଗଲରେ ଅନେକ ବିଷଧର ସାପ ସହ ଜଙ୍ଗଲୀ ଜୀବଜନ୍ତୁ ଓ ଅତି ବିଷାକ୍ତ ପୋକଜୋକ ରହିଛନ୍ତି। ଚିକୋ ଏହି ସମସ୍ତ ବିପଦକୁ ନିଜର ଦୈନନ୍ଦିନ ଜୀବନର ଅଂଶ ଭାବେ ଗ୍ରହଣ କରିଛନ୍ତି। ସେ ବର୍ଷା ଜଳ ସଂଗ୍ରହ କରି ପିଅନ୍ତି, ଅରଣ୍ୟର ଫଳମୂଳ ଏବଂ ବାରହା ଶିକାର କରି ଖାଇଥାନ୍ତି। ଚିକୋଙ୍କ କାହାଣୀରେ ସବୁଠାରୁ ପ୍ରେରଣାଦାୟୀ ଅଧ୍ୟାୟ ହେଉଛି ତାଙ୍କର ଧୈର୍ଯ୍ୟ। ପ୍ରାୟ ୩୮ ବର୍ଷ ପୂର୍ବେ ସେ ନିଜ ହାତରେ ଜଙ୍ଗଲ ମଧ୍ୟରେ ୧,୫୦୦ଟି 'ବ୍ରାଜିଲ୍ ନଟ୍' ଗଛ ଲଗାଇଥିଲେ। ଏହି ଗଛଗୁଡ଼ିକ ବଡ଼ ହୋଇ ଫଳ ଦେବା ପାଇଁ ଦଶନ୍ଧି ଦଶନ୍ଧି ସମୟ ଲାଗିଥାଏ। ସମୟର ସ୍ରୋତ ବହିଗଲା, ଦୁନିଆ ବଦଳିଗଲା, ହେଲେ ଚିକୋ ସେହି ଗଛଗୁଡ଼ିକର ଯତ୍ନ ନେବା ଛାଡ଼ି ନ ଥିଲେ। ଚଳିତ ବର୍ଷ, ଅର୍ଥାତ୍ ଦୀର୍ଘ ୩୮ ବର୍ଷର ଅପେକ୍ଷା ପରେ, ଚିକୋ ପ୍ରଥମ ଥର ପାଇଁ ତାଙ୍କ ନିଜ ହାତରେ ଲଗାଇଥିବା ଗଛରୁ ଫଳ ଅମଳ କରିଛନ୍ତି ! ଏହା ପ୍ରକୃତି ଏବଂ ମଣିଷ ମଧ୍ୟରେ ଥିବା ଏକ ଅତି ନିବିଡ଼ ସମ୍ପର୍କର ପ୍ରମାଣ। ପ୍ରାୟ ୨ ମାସ ଧରି 'ୟେସ୍ ଥିଓରି' ଦଳ ଆମାଜନ ଜଙ୍ଗଲରେ ଏକାକି ରହୁଥିବା ଚିକୋଙ୍କୁ ଖୋଜୁଥିଲେ। ସେମାନେ ଜଙ୍ଗଲର ବିଭିନ୍ନ ଅଞ୍ଚଳକୁ ୬ ଜଣ ଗାଇଡ୍ ପଠାଇଥିଲେ। ଶେଷରେ ସେମାନେ ଜଣେ ସାମ୍ବାଦିକଙ୍କ ସହ ଯୋଗାଯୋଗ କରି ଦୀର୍ଘ ଦିନର ବିପଜ୍ଜନକ ଯାତ୍ରା ପରେ ଚିକୋଙ୍କ ନିକଟରେ ପହଞ୍ଚିଥିଲେ। ଏହାପରେ ଚିକୋଙ୍କ କାହାଣୀ ସାରା ଦୁନିଆ ଜାଣିପାରିଲା। ଯେତେବେଳେ ଅନୁସନ୍ଧାନକାରୀ ଦଳ ଚିକୋଙ୍କୁ ପଚାରିଥିଲେ ଯେ, ସେ ଏତେ ବର୍ଷ ଏହି ଜଙ୍ଗଲରେ ଏକାକି କେମିତି ରହିଲେ? ଚିକୋ ଉତ୍ତର ଦେଇଥିଲେ-"ଏହି ନିଛାଟିଆ ମହାଅରଣ୍ୟରେ ଟଙ୍କା କିମ୍ବା ସମ୍ପତ୍ତିର କୌଣସି ମୂଲ୍ୟ ନାହିଁ। ଏଠାରେ ମଣିଷକୁ ନିଜ ଆବଶ୍ୟକତା ନିଜେ ହିଁ ଉତ୍ପନ୍ନ କରିବାକୁ ପଡ଼େ। ପ୍ରକୃତି ହିଁ ମୋର ଘର, ମୋର ପରିବାର ଏବଂ ସେ ହିଁ ମୋତେ ବଞ୍ଚାଇ ରଖିଛି।"

ସୁଶ୍ରୀ

ବେଙ୍ଗଲି ଆଉଟ୍‌ଫିଟ୍

ପାଖେଇ ଆସୁଛି ଶାରଦୀୟ ନବରାତ୍ରୀ। ଏଥିରେ ମହିଳାମାନେ ପୂଜାପାଠ ସହ ଧଳା ନାଲି ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ପାରମ୍ପରିକ ବେଙ୍ଗଲି ଲୁକ୍ ଚାହୁଁଥିଲେ ଏହି ଶାଢ଼ି ପିନ୍ଧିପାରିବେ।

ବାଲୁଚରି ଶାଢ଼ି

ରାଜକୀୟ ଲୁକ୍ ପସନ୍ଦ ଥିଲେ ବାଲୁଚରି ଶାଢ଼ି ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ।

ଗରଦ

ସିମ୍ପଲ ଡିଜାଇନ ପାଇଁ ଏହି ଶାଢ଼ି ବେଶ୍ ପରିଚିତ। ଉଜ୍ଜ୍ୱଳ ନାଲି ଧଡ଼ିକୁ ଅଫ୍ ହ୍ୱାଇଟ୍ ରଙ୍ଗ ଖୁବ୍ ଆକର୍ଷଣୀୟ ଦିଶିଥାଏ।

ମହୁ, ବିଟ୍‌ରୁ କଳାଦାଗ ଦୂର

ନିଦ୍ରାଭାବ, ଅବସାଦ ଯୋଗୁ ଆଖି ତଳେ କଳା ଦାଗ ପଡ଼ିଯାଏ। ଏଥିପାଇଁ ଚେହେରା ଶୁଷ୍କ ଏବଂ ରୋଗୀଣା ଦେଖାଯାଏ। ସେହିପରି ଏହି ସମସ୍ୟା ଅଧିକ ବଢ଼ିଗଲେ ବ୍ୟକ୍ତିତ୍ୱ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ। ଏଥିଯୋଗୁ ଅନେକ ମହିଳା ଆତ୍ମବିଶ୍ୱାସ ହାରିଯାଆନ୍ତି। ତେବେ ବିଟ୍‌ରୁଟ୍ ପାଉଡର, ମହୁ ଏବଂ ମିଲ୍କ ପାଉଡର ମିଶାଇ ଏହାକୁ ଲଗାଇ ଦାଗ ଦୂର କରିପାରିବେ।

- ଏଥିପାଇଁ ଗୋଟିଏ ପାତ୍ରରେ ଅଧା ଚାମଚ ମହୁ, ଦୁଇ ଚାମଚ ବିଟ୍‌ରୁଟ୍ ପାଉଡର, ବାଦାମ ତେଲ ସମେତ ମିଲ୍କ ପାଉଡର୍ ମିଶାଇ ଭଲରେ ଘାଣ୍ଟି ଦିଅନ୍ତୁ। ଏହାର ଏକ ଗାଢ଼ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆଖିତଳେ ଲଗାଇ ୧୦-୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ।
- ସେହିପରି ସ୍କ୍ରିନ୍ ଟାଇମ୍ ଅଧିକ ହେଲେ ଆଖି ଥକିଯିବା ସହ ଶୁଷ୍କତା ଆସିଯାଏ। ଏପରି ସ୍ଥଳେ ଆଖି ଉପରେ କୁଲିଂ ମାସ୍କ ଲଗାଇଲେ ଆଖି ସତେଜ ରହିଥାଏ। ଏହି ପ୍ୟାକ୍ ଆଖପାଖ ସ୍ଥାନରେ ସହଜରେ ଉପଲବ୍ଧ ଥାଏ।
- ତେବେ ଆଖି ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ଏହାକୁ ଲଗାଇବା ପୂର୍ବରୁ ସାବଧାନତା ଅବଲମ୍ବନ କରିବା ଜରୁରି। ଏହା ଯେପରି ଆଖି ଭିତରକୁ ନଯାଏ ସେଥିପ୍ରତି ସତର୍କ ରୁହନ୍ତୁ।

ଦାଣ୍ଡିଆ ନାଇଟ୍ ପାଇଁ ଲାଠି କିଣୁଥିଲେ

ନବରାତ୍ରୀକୁ ନେଇ ମହିଳାମାନେ ଉତ୍ସାହିତ ଥାନ୍ତି। ଏଥିପାଇଁ ପାରମ୍ପରିକ ଲେହେଙ୍ଗା ସହ ଦାଣ୍ଡିଆ କିଣନ୍ତି। ହେଲେ ଅନେକ ସମୟରେ ଭୁଲ୍ ଦାଣ୍ଡିଆ ଚୟନ ଦ୍ୱାରା ଖେଳିବା ସମୟରେ ଏହା ଭାଙ୍ଗିଯାଏ। ତେଣୁ ଲାଠି କିଣୁଥିଲେ କିଛିଟା ସତର୍କତା ଆପଣାନ୍ତୁ।

କାଠର ଗୁଣବତ୍ତା ପରୀକ୍ଷା

ଦାଣ୍ଡିଆ କିଣୁଥିଲେ ସାମାନ୍ୟ ମୋଟା ଦେଖି କିଣନ୍ତୁ। କାରଣ ହାଲୁକା ଦାଣ୍ଡିଆ ଶୀଘ୍ର ଭାଙ୍ଗିଯାଏ। ଏଥିପାଇଁ ଦାଣ୍ଡିଆକୁ ହାତରେ ନେଇ ସାମାନ୍ୟ ମୋଡ଼ି ପରୀକ୍ଷା କରନ୍ତୁ। କାଠ ନରମ ଥିଲେ ଏହାକୁ ନ କିଣିବା ଭଲ।

ହାତର ସାଇଜ୍ ଅନୁଯାୟୀ ଦାଣ୍ଡିଆ

ସର୍ବଦା ନିଜ ହାତର ସାଇଜ୍ ଅନୁସାରେ ଦାଣ୍ଡିଆ କିଣିବା ଭଲ। ଅଧିକ ବଡ଼ ଦାଣ୍ଡିଆ ଥିଲେ ଖେଳିବାରେ ଅସୁବିଧା ହୋଇଥାଏ। ଏଥିସହ ଛୋଟ ଦାଣ୍ଡିଆ ମଧ୍ୟ ହାତରୁ ଖସିଯାଏ। ତେଣୁ ହାତ ଅନୁଯାୟୀ ଦାଣ୍ଡିଆ ଚୟନ କରି ଆଣିବା ଭଲ। ୧୪ ରୁ ୧୬ ଇଞ୍ଚ ଭିତରେ ଦାଣ୍ଡିଆ ଭଲ ହୋଇଥାଏ।

ଟାୟାର୍ ଡାକ୍ତରାଣୀ

ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି। କଠିନ ପରିଶ୍ରମ, ସଂଘର୍ଷ କରି ନିଜ ପରିଚୟ ନିଜେ ସୃଷ୍ଟି କରୁଛନ୍ତି। ସେମିତି ଜଣେ ସାହସୀ ମହିଳା ହେଲେ ଉତ୍ତରାଖଣ୍ଡ ନୈନିତାଲର କମଳା ନେଗି। ଷାଠିଏ ବର୍ଷ ବୟସରେ ସେ ସାଇକଲଠୁ ନେଇ ଜେସିବି, ଡମ୍ପର ଭଳି ଭାରିଯାନଗୁଡ଼ିକର ଟାୟାର ପଞ୍ଚର ମରାମତି କାର୍ଯ୍ୟ କରୁଛନ୍ତି। ଏକ ଛୋଟ ଦୋକାନରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ସ୍ଥାନୀୟ ଅଞ୍ଚଳରେ ସେ ଟାୟାର୍ ଡାକ୍ତରାଣୀ ଏବଂ ମହିଳା ମେକାନିକ୍ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି।

ରାମଗଡ଼ ଓଡ଼ାଖାନ ଅଞ୍ଚଳରେ କମଳା ଏହି ଦୋକାନଟିକୁ ଚଳାନ୍ତି। ଏଠାରେ ସାଇକଲ୍, ବାଇକ୍ କାରଠୁ ଆରମ୍ଭ କରି ଜେସିବି, ବସ୍, ଟ୍ରକ୍ ଭଳି ଭାରିଯାନର ଟାୟାର୍ ମରାମତି କରିଥାନ୍ତି। ୨୦୦୪ ମସିହାରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଏଥିପାଇଁ ଗ୍ୟାରେଜ୍ କିମ୍ବା ଦୋକାନରୁ କୌଣସି ପ୍ରଶିକ୍ଷଣ ନେଇ ନଥିଲେ। ପ୍ରଥମେ ସେ ସାଇକଲ ପଞ୍ଚର କରୁଥିଲେ। ଧୀରେ ଧୀରେ ନିଷ୍ଠା, କଠିନ ପରିଶ୍ରମ ଦ୍ୱାରା ବଡ଼ ବଡ଼ ଗାଡ଼ିର ମେକାନିକାଲ କାମ ଶିଖିଥିଲେ। ଯେ କୌଣସି ଗାଡ଼ିର ଟାୟାରଜନିତ ସମସ୍ୟାକୁ ସେ ଖୁବ୍ ସହଜରେ ସଠିକ୍ ଭାବେ ସମାଧାନ କରୁଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାରେ ଟାୟାର ଡକ୍ଟର ଏବଂ ଆୟରନ୍ ଲେଡି ବୋଲି କହନ୍ତି।

କମଳାଙ୍କ ପାଇଁ ଏହି କାର୍ଯ୍ୟ ପ୍ରାରମ୍ଭରୁ ଏତେ ସହଜ ନଥିଲା। ସାଇକଲ ପଞ୍ଚର ଶିଖିବା ପରେ ସେ ଧୀରେ ଧୀରେ ଭାରିଯାନର ଟାୟାର କାମ ଶିଖିବା ଆରମ୍ଭ କରିଥିଲେ। କାମ ବଢ଼ିବା ସହ ଦାୟିତ୍ୱ ଏବଂ ପରିଶ୍ରମ ବୃଦ୍ଧି ହୋଇଥିଲା। ଭାରିଯାନର ଟାୟାର କାର୍ଯ୍ୟ କରିବା ଏତେ ସହଜ ନୁହେଁ। ଏଥିପାଇଁ ଅନୁଭବ ସହ ଧୈର୍ଯ୍ୟ ଏବଂ କୌଶଳ ଶିଖିବାକୁ ପଡ଼ିଥାଏ। କମଳା ସେସବୁକୁ ଭ୍ରୂକ୍ଷେପ ନ କରି ଆଗକୁ ବଢ଼ିଥିଲେ। ସେ କେବେ ହେଲେ ନିଜ କାର୍ଯ୍ୟକୁ ଛୋଟ ଭାବି ନ ଥିଲେ। ସାଇକଲ ପଞ୍ଚର ଦୋକାନରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ତାଙ୍କୁ ଏକ ନୂଆ ପରିଚୟ ଦେଇଛି।

ପଞ୍ଚର ତଥା ଗାଡ଼ି ମରାମତିକୁ ସମାଜରେ ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। ତେଣୁ କମଳା ଟାୟାର ପଞ୍ଚର କାର୍ଯ୍ୟ କରିବାକୁ ନେଇ ଅନେକଙ୍କ ଠାରୁ ସମାଲୋଚିତ ହୋଇଥିଲେ। ଏପରି ସ୍ଥଳେ ତାଙ୍କ ପାଇଁ ଏହି ଯାତ୍ରା ଖୁବ୍ ସଂଘର୍ଷ ପୂର୍ଣ୍ଣ ଥିଲା। ଏହାସତ୍ତ୍ୱେ ସେ ନିରବ ରହି ଅନ୍ୟ କଥାକୁ ଭ୍ରୂକ୍ଷେପ ନ କରି ନିଜ କାର୍ଯ୍ୟରେ ମନୋନିବେଶ କରିଥିଲେ। ପୁରୁଷପ୍ରାଧାନ୍ୟ ଏହି ମେକାନିକ୍ ବ୍ୟବସାୟରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଧୀରେ ଧୀରେ ଲୋକ ତାଙ୍କ କାର୍ଯ୍ୟକୁ ପସନ୍ଦ କଲେ। ପୁରୁଷଙ୍କ ଭଳି ମହିଳାମାନେ ମେକାନିକ୍ କାର୍ଯ୍ୟ କରିବାରେ ସିଦ୍ଧହସ୍ତ ବୋଲି କମଳା ପ୍ରମାଣ କରିଛନ୍ତି। ତାଙ୍କ ଦୋକାନଠୁ ୨୫ କିଲୋମିଟର ଦୂରତା ଭିତରେ କୌଣସି ଗ୍ୟାରେଜ ନ ଥିବାରୁ କମଳାଙ୍କ ଦୋକାନ ଗାଡ଼ି ଚାଳକଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ମୋ ହାଣ୍ଡିଶାଳରୁ...

ଟମାଟୋ ତରକାରି

ଆବଶ୍ୟକ ସାମଗ୍ରୀ

ଟମାଟୋ – ୫୦୦ ଗ୍ରାମ୍, ଚିନାବାଦାମ – ଅଧା କପ୍, କଟା ପିଆଜ – ଅଧା କପ୍, ଅଦା – ଏକ ଇଞ୍ଚ, ରସୁଣ – ଦୁଇ ଚାରି କୋଳା, କଞ୍ଚା ଲଙ୍କା– ଗୋଟିଏ, ଜିରା ଗୁଣ୍ଡ- ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, ଗରମ ମସଲା ଗୁଣ୍ଡ – ଅଧା ଚାମଚ, ଧନିଆ ପତ୍ର – ଅଳ୍ପ, ଭୃସଙ୍ଗ ପତ୍ର – ଏକ ଡାଳ, ଜିରା - ଏକ ଚାମଚ, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳି

ଶିଳରେ ଚିନାବାଦାମ, ସେଉ, ଅଦା, ରସୁଣ, କଞ୍ଚାଲଙ୍କା, ଜିରାଗୁଣ୍ଡ, ହଳଦୀଗୁଣ୍ଡ, ଲଙ୍କା ଗୁଣ୍ଡ , ଗରମ ସମଲା , ଧନିଆ ପତ୍ର ସହ ଲୁଣ ଦେଇ ଚେଛି ପାତ୍ରରେ ରଖନ୍ତୁ। ଏହାପରେ ଟମାଟୋକୁ ମଝିରୁ ଚାରିଫାଳ କରି କାଟନ୍ତୁ। ଧ୍ୟାନ ଦେବେ ଟମାଟୋ ଯେପରି ପୁରା ନ କଟେ। ଏହାପରେ କଟା ଟମାଟୋ ମଧ୍ୟରେ ଛେଚି ରଖିଥିବା ଷ୍ଟଫିଂକୁ ଦିଅନ୍ତୁ। ଏହାପରେ କଡ଼େଇରେ ତାୱା ବସାଇ ସେଥିରେ ତେଲ ଦେଇ ଜିରା, ପିଆଜ ଏବଂ ଭୃସଙ୍ଗ ପତ୍ର ପକାନ୍ତୁ। ଏହାକୁ ଭାଜି ସେଥିରେ ଟମାଟୋକୁ ଦେଇ ସାମାନ୍ୟ ପାଣି ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ପାଞ୍ଚମିନିଟ୍ ପରେ ଢାଙ୍କୁଣି ଖୋଲି ଏହାକୁ ଏକ ପାତ୍ରକୁ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଟମାଟୋ ତରକାରୀ'।



ଆର୍ଜେଣ୍ଟିନା ପାଇଁ ବିଦାୟୀ ମ୍ୟାଚ୍ ଖେଳିଲେ ମେସି

ମେସିଙ୍କ ବିଦାୟୀ ମ୍ୟାଚରେ ଭାବବିହ୍ୱଳ ଆର୍ଜେଣ୍ଟିନା ଖେଳାଳି

ଶେଷ ମ୍ୟାଚ୍ ଅବସରରେ ମେସି

ବୁଏନସ୍ ଆୟର୍ସ,୭ ।୧୦(ଏଜେନ୍ସି)

ଅନ୍ତର୍ଜାତୀୟ ଫୁଟବଲ୍‌ରେ ନିଜର ଶେଷ ମ୍ୟାଚ୍‌କୁ ସ୍ମରଣୀୟ କରିଛନ୍ତି ଆର୍ଜେଣ୍ଟିନାର ମହାନ ଫୁଟବଲର୍ ଲିଓନେଲ୍ ମେସି। ଗତକାଲି ଏଷ୍ଟାଡିଓ ମୋନୁମେଣ୍ଟାଲ୍ ଷ୍ଟାଡିୟମରେ ପଶ୍ଚିମ ଆଫ୍ରିକୀୟ ଦେଶ ବେନିନ୍ ବିପକ୍ଷ ଆର୍ଜେଣ୍ଟିନା ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲା। ଯାହା ଆର୍ଜେଣ୍ଟିନା ଜର୍ସିରେ ମେସିଙ୍କ ଲାଗି ଅନ୍ତିମ ମ୍ୟାଚ୍ ଥିଲା। ଏହି ମ୍ୟାଚରେ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଯେଉଁଥିରେ ମେସି ୭୧ତମ ମିନିଟରେ ପେନାଲ୍ଟିରୁ ଗୋଲ୍ କରିଥିଲେ। ସେହିଭଳି ଦୁଇଟି ଗୋଲ୍‌ରେ ସହାୟତା କରି ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପ୍ରଶଂସକମାନଙ୍କୁ ଆନନ୍ଦିତ କରିଥିଲେ। ଅନ୍ତର୍ଜାତୀୟ ଫୁଟବଲରେ ମେସିଙ୍କ ଏହା ୧୨୬ତମ ଗୋଲ୍ ଥିଲା। ମ୍ୟାଚ୍ ଶେଷ ହେବା ପରେ ଖେଳାଳିମାନେ ମେସିଙ୍କୁ ସମ୍ମାନ ଜଣାଇବା ପାଇଁ ହାତ ମିଳାଇ ପରସ୍ପରକୁ ଆଲିଙ୍ଗନ କରିଥିଲେ। ସେହି ସମୟରେ ମେସି ଭାବପ୍ରବଣ ହୋଇ କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା। ମେସିଙ୍କୁ ପଡ଼ିଆରେ ଦେଖିବାକୁ ଆସିଥିବା ପ୍ରଶଂସକଙ୍କ ଆଖିରେ ମଧ୍ୟ ଲୁହ ଆସିଯାଇଥିଲା। ଏହି ମ୍ୟାଚ୍ ଏକ ଭାବପ୍ରବଣ ବିଦାୟରେ ପରିଣତ ହୋଇଥିଲା।

ପ୍ରକାଶଯୋଗ୍ୟ ୩୯ ବର୍ଷୀୟ ମେସି ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ସ୍ପେନ୍‌ଠାରୁ ୦-୧ରେ ପରାଜୟର କିଛି ଦିନ ପରେ ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଥିଲେ। ତେଣୁ ତାଙ୍କୁ ସ୍ୱତନ୍ତ୍ର ବିଦାୟ ଜଣାଇବା ଲାଗି ବେନିନ୍ ବିପକ୍ଷ ମ୍ୟାଚ୍ ଆୟୋଜନ କରାଯାଇଥିଲା। ମେସିଙ୍କ ସାଥୀ ଖେଳାଳି ନିକୋଲାସ୍ ଓଟାମେଣ୍ଡିଙ୍କର ମଧ୍ୟ ଏହା ଆର୍ଜେଣ୍ଟିନା ପାଇଁ ଶେଷ ମ୍ୟାଚ୍ ଥିଲା।

୨୦୮ ମ୍ୟାଚ୍, ୧୨୬ ଗୋଲ୍

ମେସି ୨୦୦୫ରେ ମାତ୍ର ୧୮ ବର୍ଷ ବୟସରେ ହଙ୍ଗେରୀ ବିପକ୍ଷରେ ଖେଳି ଆର୍ଜେଣ୍ଟିନା ପାଇଁ ପଦାର୍ପଣ କରିଥିଲେ। କ୍ୟାରିୟରରେ ସେ ଆର୍ଜେଣ୍ଟିନା ପାଇଁ ୨୦୮ ଟି ମ୍ୟାଚ୍ ଖେଳି ୧୨୬ଟି ଗୋଲ୍ କରିଛନ୍ତି। ସେହିଭଳି ୬୯ଟି ଗୋଲରେ ସହାୟତା କରିଛନ୍ତି। ସେ ଖେଳିଥିବା ୨୦୮ ଟି ମ୍ୟାଚରୁ ଆର୍ଜେଣ୍ଟିନା ୧୩୫ରେ ବିଜୟ ଓ ୩୦ ପରାଜୟ ଓ ୪୩ଟି ଡ୍ର ରଖିଛି। ଅନ୍ତର୍ଜାତୀୟ ପୁରୁଷ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୬)ଙ୍କ ପରେ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୨୦୨୨ ଫିଫା ବିଶ୍ୱକପରେ ଚାମ୍ପିଅନ ହୋଇଥିଲା। ସେହିଭଳି ୨୦୧୪ ଓ ୨୦୨୬ ବିଶ୍ୱକପ୍ ରନର୍ସଅପ୍ ଆର୍ଜେଣ୍ଟିନା ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ୨୦୧୪ ଓ ୨୦୨୨ ବିଶ୍ୱକପରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ 'ଗୋଲ୍ଡେନ ବୁଟ୍' ବିଜୟୀ ହୋଇଥିଲେ। ଏହାବାଦ୍ ମେସି ଦୁଇଥର (୨୦୨୧ ଓ ୨୦୨୪)ରେ କୋପା ଆମେରିକା ଟ୍ରଫି ବିଜୟୀ ଆର୍ଜେଣ୍ଟିନା ଦଳରେ ମଧ୍ୟ ରହିଥିଲେ। ମେସି ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୬ଟି ଫିଫା ବିଶ୍ୱକପ୍ ଓ ୧୮୮ ଜଣ ଆର୍ଜେଣ୍ଟିନା ଖେଳାଳିଙ୍କ ସହ ଏକାଠି ଖେଳିଛନ୍ତି।

■ ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍

ଟପ୍-୧୦ରେ ଅକ୍ଷର, ଆୟର

ଦୁବାଇ, ୭ ।୧୦ (ଏଜେନ୍ସି): ଭାରତୀୟ ଦଳର ଅଧିନାୟକ ଶ୍ରେୟସ ଆୟର କ୍ୟାରିୟରର ପ୍ରଥମଥର ଲାଗି ଆଇସିସି ଟି-୨୦ ର୍ୟାଙ୍କିଙ୍ଗର ଟପ୍-୧୦ରେ ପ୍ରବେଶ କରିଛନ୍ତି। ଗତକାଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ଲକ୍ଷ୍ନୌ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଆୟର ୧୦୨ ରନର ଅପରାଜିତ ଶତକୀୟ ପାଳି ଖେଳି ଭାରତକୁ ୮ ୱିକେଟରେ ବିଜୟୀ କରାଇଥିଲେ। ଟି-୨୦ ଫର୍ମାଟରେ ଆୟରଙ୍କ ଏହା ପ୍ରଥମ ଶତକ ଥିଲା। ଏହି ଇନିଂସ ପରେ ଆୟରଙ୍କ ବ୍ୟାଟିଂ ମାନ୍ୟତାରେ ବଡ଼ ଉନ୍ନତି ଘଟିଥିଲା। ଆୟର ଏକାଥରକେ ୧୮ ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୭ ନମ୍ବର ସ୍ଥାନ ହାସଲ କରିଛନ୍ତି। ଫଳରେ ବର୍ତ୍ତମାନ ଟି-୨୦ ବ୍ୟାଟିଂ ତାଲିକାରେ ୪ଜଣ ବ୍ୟାଟର୍ ଟପ୍-୧୦ରେ ରହିଛନ୍ତି। ଇଶାନ କିଶାନ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି। ସେହିଭଳି ଅଭିଷେକ ଶର୍ମା ଓ ତିଲକ ବର୍ମା ଯଥାକ୍ରମେ ଦ୍ୱିତୀୟ ଓ ୧୦ମ ସ୍ଥାନ ଲାଭ କରିଛନ୍ତି। ୱେଷ୍ଟଇଣ୍ଡିଜର ଶିର୍ଫାନ ରଦରଫୋର୍ଡ ଏକାଥରକେ ୧୦ଟି ପାହାଚ ଉପରକୁ ଉଠି ୩୭ତମ ସ୍ଥାନରେ ପହଞ୍ଚିଛନ୍ତି। ଅପରପକ୍ଷରେ ବୋଲିଂ ତାଲିକାରେ ଅକ୍ଷର ପଟେଲଙ୍କ ମଧ୍ୟ ଆଖିଦୃଶିଆ ଉନ୍ନତି ଘଟିଛି। ଅକ୍ଷର ୨୪ରୁ ଏକାଥରରେ ୭ମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଯଶପ୍ରୀତ୍ ବୁମରା ମଧ୍ୟ ୩ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି।

ଅବସର ନେଲେ ସ୍ପେନ୍ ଫୁଟବଲର ପେଡ୍ରୋ



ଚେନ୍ନାଇ, ୭ ।୧୦(ଏଜେନ୍ସି): ଫୁଟବଲ୍ ଜଗତକୁ ବିଦାୟ ଜଣାଇଛନ୍ତି ବାର୍ସିଲୋନା ଓ ସ୍ପେନ୍‌ର ପୂର୍ବତନ ତାରକା ପେଡ୍ରୋ ରୋଡ୍ରିଗେଜ୍। ୩୯ ବର୍ଷୀୟ ପେଡ୍ରୋ ବୁଧବାର ସାମାଜିକ ଗଣମାଧ୍ୟମରେ ଅବସର ଘୋଷଣା କରି ଦୀର୍ଘ ଓ ସଫଳ କ୍ୟାରିୟର୍‌ରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ପେଡ୍ରୋ କହିଛନ୍ତି, ଏବେ ତାଙ୍କ ପାଇଁ ଫୁଟବଲ୍‌ରୁ ଆଗକୁ ବଢ଼ି ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାର ସମୟ। ସେ ବାର୍ସିଲୋନା ପକ୍ଷରୁ ୨୦୧୧ ଓ ୨୦୧୫ରେ ଟ୍ରେବଲ୍ ବିଜୟୀ ଦଳର ସଦସ୍ୟ ଥିଲେ। ଲା ଲିଗା, ଚାମ୍ପିଅନ୍ସ ଲିଗ୍ ଓ କୋପା ଡେଲ୍ ରେ'ରେ ଦଳକୁ ସଫଳତା ଦେବାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ୨୦୧୦ରେ ସ୍ପେନ୍ ପ୍ରଥମଥର ଫିଫା ବିଶ୍ୱକପ୍ ଜିତିବାବେଳେ ମଧ୍ୟ ପେଡ୍ରୋ ଦଳର ଅଂଶ ଥିଲେ। ୨୦୧୨ରେ ୟୁରୋପୀୟ ଚାମ୍ପିଅନ୍‌ସିପ୍ ମଧ୍ୟ ଜିତିଥିଲେ। ଚେଲ୍‌ସିରେ ଖେଳି ପ୍ରିମିୟର ଲିଗ୍ ଟାଇଟଲ୍ ହାସଲ କରିଥିବା ପେଡ୍ରୋଙ୍କ ଶେଷ ପାଞ୍ଚ ଋତୁ ଲାଜିଓରେ କଟିଥିଲା। କ୍ଲବ୍‌ସ୍ତରରେ ସେ ୭୯୪ ମ୍ୟାଚ୍ ଖେଳି ୧୯୭ ଗୋଲ୍ କରିଥିଲେ। ସେହିଭଳି ସେ ସ୍ପେନ୍ ପାଇଁ ୬୫ ମ୍ୟାଚ୍‌ରେ ୧୭ ଗୋଲ୍ ଦେଇଛନ୍ତି।

ଆର୍କଟିକ ଓପନ୍ ବ୍ୟାଡ୍‌ମିଣ୍ଟନ: ବିପର୍ଯ୍ୟୟ ଘଟାଇଲେ ତନ୍‌ଭୀ

ହେଲସିଙ୍କି, ୭ ।୧୦ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା ଫିନଲାଣ୍ଡରେ ଚାଲିଥିବା ଆର୍କଟିକ୍ ଓପନ୍‌ରେ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ତନଭୀ ୨୧-୧୫, ୨୧-୧୭ ସିଧାସଳଖ ଗେମରେ ବିଶ୍ୱର ୧୮ ନମ୍ବର ମାନ୍ୟତା ଖେଳାଳି ତାଇୱାନର ଚିଉ ପିନ୍-ଚିଆନଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୩୭ତମ ସ୍ଥାନରେ ଥିବା ତନଭୀ ବିଜୟ ସହ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଅପରପକ୍ଷରେ ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ମଧ୍ୟ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ୩୧ ବର୍ଷୀୟା ସିନ୍ଧୁ ପ୍ରଥମ ରାଉଣ୍ଡ ମ୍ୟାଚରେ ୨୧-୧୮, ୨୧-୧୧ ଗେମରେ କାନାଡାର ୱେନ ୟୁଝାଙ୍ଗ'ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୨୮ ମିନିଟ ସମୟ ଲାଗିଥିଲା। ତେବେ ଅନ୍ୟ ଦୁଇ ଭାରତୀୟ ସଟଲର୍ ଉନ୍ନତି ହୁଡା ଓ ଅସ୍ମିତା ଚଲିହା ପ୍ରଥମ ରାଉଣ୍ଡରେ ପରାଜୟ ସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି।

ଆଜି ଭାରତ-ରୁଷିଆ ମହିଳା ଫୁଟବଲ୍ ମ୍ୟାଚ୍

କୋଲକାତା, ୭ ।୧୦ (ଏଜେନ୍ସି): ଭାରତ ଓ ରୁଷିଆ ସିନିଅର ମହିଳା ଫୁଟବଲ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ଗୁରୁବାର ଏଠାରେ ଖେଳାଯିବ। କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଭାରତ ଓ ରୁଷିଆ ମହିଳା ଫୁଟବଲ ଦଳ ମଧ୍ୟରେ ଏହା ତୃତୀୟ ମୁକାବିଲା ହେବ। ଏଥିପୂର୍ବରୁ ୨୦୨୧ ଓ ୨୦୨୫ରେ ଅନୁଷ୍ଠିତ ଦୁଇଟିଯାକ ମ୍ୟାଚକୁ ରୁଷିଆ ଯଥାକ୍ରମେ ୮-୦ ଓ ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ତେଣୁ ଭ୍ରମଣକାରୀ ଦଳ ଏହି ବିଜୟଧାରା ବଜାୟ ରଖି ଗୁରୁବାର ହ୍ୟାଟ୍ରିକ ଅର୍ଜନ ଲକ୍ଷ୍ୟରେ ରହିଛି। ଫିଫା ର୍ୟାଙ୍କିଙ୍ଗ ଉପରେ ନଜର ପକାଇଲେ ରୁଷିଆ ୨୭ତମ ଓ ଭାରତ ୬୯ତମ ସ୍ଥାନରେ ରହିଛି। ତେଣୁ ମାନ୍ୟତା ଓ ରେକର୍ଡ ଦୃଷ୍ଟିରୁ ରୁଷିଆର ପଲା ଭାରି ରହିଛି।

ପ୍ରମୋଦ, ଭବିନା ଭାରତର ଧ୍ୱଜା ବାହକ

ଏସିଆନ ପାରା ଗେମ୍ସ



ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଏସିଆନ ଗେମ୍ସର ବିଂଶତମ ସଂସ୍କରଣ ସଫଳତାର ସହ ସମାପ୍ତ ହୋଇଯାଇଛି। ଏହି ସମାନ ଭେନ୍ୟୁରେ ଆସନ୍ତା ୧୮ ତାରିଖରୁ ଏସିଆନ ପାରା ଗେମ୍ସ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ପାରାଅଲିମ୍ପିକ୍ ପଦକ ବିଜେତା ପ୍ରମୋଦ ଭଗତ ଏବଂ ଭବିନା ପଟେଲ ଭାରତୀୟ ଦଳର ଧ୍ୱଜାବାହକ ରହିବେ। ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଏସିଆନ ପାରା ଗେମ୍ସ ଇତିହାସରେ ପ୍ରମୋଦ ଓ ଭବିନା ଭାରତର ସବୁଠୁ ସଫଳ କ୍ରୀଡ଼ାବିତ ରହିଛନ୍ତି। ଓଡ଼ିଶାର ପ୍ରମୋଦ ୨୦୧୪ରୁ ୨୦୨୩ ମଧ୍ୟରେ ଏସିଆନ ପାରା ଗେମ୍ସରେ ୬ଟି ପଦକ ଜିତି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସେହିଭଳି ଭବିନା ୨୦୧୮ ଓ ୨୦୨୩ ଏସିଆନ ପାରା ଗେମ୍ସରେ ଯଥାକ୍ରମେ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି। ପିସିଆଇ ପକ୍ଷରୁ ଭାରତୀୟ ପାରା ଆଥଲେଟ ଦଳକୁ ଗୁରୁବାର ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ବିଦାୟୀ ସମ୍ବର୍ଦ୍ଧନା ଦିଆଯିବ। ଉଲ୍ଲେଖଯୋଗ୍ୟ ୨୦୨୩ରେ ହାଙ୍ଗଝୋଉରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ଭାରତ ମୋଟ୍ ୧୧୧ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ୨୯ଟି ସ୍ୱର୍ଣ୍ଣ, ୩୧ଟି ରୌପ୍ୟ ଓ ୫୧ଟି କାଂସ୍ୟ ପଦକ ରହିଥିଲା। ଓଭରଅଲ୍ ପଦକ ତାଲିକାରେ ଭାରତ ୫ମ ସ୍ଥାନରେ ରହିଥିଲା।

ବେଙ୍ଗଲ ରଣଜୀ ଦଳରେ ଭାଇଙ୍କ ସହ ସାମି ସାମିଲ

କୋଲକାତା, ୭ ।୧୦ (ଏଜେନ୍ସି): ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ଅକ୍ଟୋବର ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ବୁଧବାର ବେଙ୍ଗଲ ଦଳ ଘୋଷଣା ହୋଇଛି। ଅଭିଜ୍ଞ ବ୍ୟାଟର୍ ଅଭିମନ୍ୟୁ ଈଶ୍ୱରନଙ୍କୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଈଶ୍ୱରନଙ୍କ ନେତୃତ୍ୱରେ ବେଙ୍ଗଲ ଗତ ସିଜନରେ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ମଧ୍ୟ ଘୋଷିତ ଦଳରେ ସ୍ଥାନ ମିଳିଛି। ସାମି ଗତ ସଂସ୍କରଣରେ ୩୭ଟି ୱିକେଟ ନେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସାମିଙ୍କ ନିଜ ସାନ ଭାଇ ମହମ୍ମଦ କୈଫଙ୍କୁ ମଧ୍ୟ ଦଳରେ ସୁଯୋଗ ମିଳିଛି। ଅକ୍ଟୋବର ୧୧ରୁ ଦିଲ୍ଲୀ ବିପକ୍ଷରେ ଖେଳି ବେଙ୍ଗଲ ରଣଜୀ ଟ୍ରଫିର ୨୦୨୬-୨୭ ସିଜନ ଆରମ୍ଭ କରିବ। କଲ୍ୟାଣୀସ୍ଥିତ ବେଙ୍ଗଲ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। **ଘୋଷିତ ବେଙ୍ଗଲ ଦଳ**: ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସୁଦୀପ ଘରାମୀ (ଉପ-ଅଧିନାୟକ), ସୁଦୀପ ଚାଟାର୍ଜୀ, ଅଭିଷେକ ପୋରେଲ, ଶାକିର ଗାନ୍ଧୀ (ଉଭୟ ୱିକେଟକିପର), ଶୁଭମ ଚାଟାର୍ଜୀ, ମହମ୍ମଦ ସାମି, ଆକାଶଦୀପ୍, ମୁକେଶ କୁମାର, ସୁରଜ ଜୟସ୍ୱାଲ, ପ୍ରଦୀପ୍ତ ପାରମାଣିକ, ଆମିର ଗାନି, ମହମ୍ମଦ କୈଫ ଓ ସୌମ୍ୟଦୀପ୍ ମଣ୍ଡଳ।

ଭାରତ- ଅଷ୍ଟ୍ରେଲିଆ ମ୍ୟାଚ୍ ସମୟରେ ବୋମା ଧମକ

ଅହମଦାବାଦ,୭ ।୧୦(ଏଜେନ୍ସି): ଭାରତ-ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ମଧ୍ୟରେ ମ୍ୟାଚ୍ ଚାଲିଥିବାବେଳେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌କୁ ବୁଧବାର ବୋମା ଧମକ ମିଳିବାରୁ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ତେବେ ପରେ ପୁଲିସ ଏହି ଧମକକୁ ମିଛ ବୋଲି ସ୍ପଷ୍ଟ କରିଛି। ଷ୍ଟାଡିୟମ୍ ବ୍ୟତୀତ ଅହମଦାବାଦ ହାଇକୋର୍ଟ ଏବଂ ସହରର ଏକାଧିକ ସ୍କୁଲ ଓ କଲେଜକୁ ମଧ୍ୟ ପ୍ରାୟ ସକାଳ ୧୧ଟା ସମୟରେ ଇ-ମେଲ୍ ମାଧ୍ୟମରେ ବୋମା ଧମକ ଦିଆଯାଇଥିଲା। ଧମକପୂର୍ଣ୍ଣ ଇ-ମେଲ୍ ମିଳିବା ପରେ ଷ୍ଟାଡିୟମ୍‌ରେ ସାଇବର ସେଲ୍‌ର ଏକ ଟିମ୍ ପହଞ୍ଚି ତଦନ୍ତ କରିଥିଲା। ଗୁଜରାଟ କ୍ରିକେଟ୍ ସଂଘର ସମ୍ପାଦକ ଅନିଲ ପଟେଲ କହିଛନ୍ତି ଯେ ଇ-ମେଲ୍ ମିଳିବା ପରେ ତୁରନ୍ତ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯାଇଥିଲା। ଆସନ୍ତା ନଭେମ୍ବର ୨୧ରେ ଷ୍ଟାଡିୟମ୍‌ରେ ହେବାକୁ ଥିବା ଦିଲଜିତ ଦୋସାଞ୍ଜଙ୍କ କାର୍ଯ୍ୟକ୍ରମକୁ ବାଧା ଦେବା ନେଇ ମଧ୍ୟ ଇ-ମେଲ୍‌ରେ ଧମକ ଥିଲା। ଧମକ ମିଳିବା ସମୟରେ ଉଭୟ ଦଳ ଷ୍ଟାଡିୟମ୍‌ରେ ଥିଲେ। ମ୍ୟାଚ୍ ପ୍ରାୟ ୧୧ଟା ୧୫ରେ ଶେଷ ହୋଇଥିଲା। ପରେ ନିରାପତ୍ତା ପ୍ରୋଟୋକଲ୍ ଅନୁଯାୟୀ ଦୁଇ ଦଳକୁ ଷ୍ଟାଡିୟମ୍‌ରୁ ବାହାର କରାଯାଇଥିଲା। ପୁଲିସ ଯାଞ୍ଚ ପରେ ଧମକଟି ମିଛ ବୋଲି ଜଣାପଡ଼ିଛି।

ଦ୍ୱିତୀୟ ଯୁଥ୍ ଟେଷ୍ଟରେ ତନ୍ମୟଙ୍କୁ ୧୪ ୱିକେଟ୍

ଅଷ୍ଟ୍ରେଲିଆକୁ ହରାଇ ସିରିଜ କ୍ଲିନ୍‌ସୁଇପ୍ କଲା ଭାରତ

ଅହମ୍ମଦାବାଦ, ୭ ।୧୦ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ମ୍ୟାଚକୁ ଭାରତ ୧୦ ୱିକେଟରେ ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ଯୁବ ଦଳ ପକ୍ଷରୁ ମାତ୍ର ୧୧ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ଘରୋଇ ଭାରତୀୟ ଯୁଥ୍ ଦଳ ବୁଧବାର ତୃତୀୟ ଦିବସରେ ମାତ୍ର ୫ଟି ବଲ୍ ଖେଳି କୌଣସି ୱିକେଟ ନ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବାମହାତୀ ସ୍ପିନର ତନ୍ମୟ ବାଲୋଦା ମ୍ୟାଚରେ ମୋଟ୍ ୧୪ଟି ୱିକେଟ ନେଇ ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ଯୁଥ୍ ଟେଷ୍ଟକୁ ଭାରତ ଏକ ପାଳି ଓ ୪୮ ରନରେ ବିଜୟୀ ହୋଇଥିଲା। ଫଳରେ ଯଶବର୍ଦ୍ଧନ ଚୌହାନଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ଦିନିକିଆ ସିରିଜକୁ ମଧ୍ୟ ଭାରତ ୩-୦ରେ ପୋଛିନେଇଥିଲା। ଦ୍ୱିତୀୟ ଯୁଥ୍ ଟେଷ୍ଟରେ ଅଷ୍ଟ୍ରେଲିଆ ଦଳ ପ୍ରଥମ ପାଳିରେ ମାତ୍ର ୧୭୪ ରନରେ ସୀମିତ ରହିଥିଲା। ତନ୍ମୟ ୨୫ ଓଭର ବୋଲିଂ କରି ୧୧ଟି ମେଡେନ ସହ ୩୨ ରନ ବ୍ୟୟରେ ୬ଟି ୱିକେଟ ନେଇଥିଲେ। ଏହାପରେ ଭାରତ ପ୍ରଥମ ପାଳିରେ ୩୧୫ ରନ କରିଥିଲା। ୧୪୧ ରନରେ ପଛୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୧ ରନରେ ଅଲଆଉଟ୍ ହୋଇଥିଲା। ଏହି ପାଳିରେ ମଧ୍ୟ ତନ୍ମୟ ୮ଟି ୱିକେଟ ନେଇଥିଲେ।

ଅଗରକରଙ୍କୁ ଗମ୍ଭୀରଙ୍କ ଭାବପ୍ରବଣ ବିଦାୟୀ ବାର୍ତ୍ତା

'ଇତିହାସ ସବୁବେଳେ ତୁମକୁ ମନେ ରଖିବ'

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି)

ଭାରତୀୟ ସିନିଅର ଚୟନ କମିଟିର ଅଧ୍ୟକ୍ଷ ଭାବରେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ଏହି ଅବସରରେ ଅଗରକରଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକ ଭାବପ୍ରବଣ ବିଦାୟ ବାର୍ତ୍ତା ଲେଖିଛନ୍ତି। ଗମ୍ଭୀର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅଗରକରଙ୍କ ସହିତ ଏକ ଫଟୋ ସେୟାର କରି ଲେଖିଛନ୍ତି ଯେ ପ୍ରିୟ ଅଜିତ ଭାଇ, ଆପଣଙ୍କ ସହିତ କାମ କରିବା ଏକ ବଡ଼ ସମ୍ମାନର କଥା। ସେହି ତିନୋଟି ଆଇସିସି ଟ୍ରଫି ଆପଣଙ୍କ ଦୃଢ଼ ବିଶ୍ୱାସର ପ୍ରମାଣ ଯେ ଦଳ ସର୍ବଦା ପ୍ରଥମ ଏବଂ ସର୍ବୋପରି ଆଗରେ ରହିଥାଏ। ମୁଁ କହିବାକୁ ଚାହୁଁଛି ଯେ ଇତିହାସ ସର୍ବଦା ଆପଣଙ୍କୁ ସକାରାତ୍ମକ ନଜରରେ ଦେଖିବ। ସବୁକିଛି ପାଇଁ ଧନ୍ୟବାଦ। ତୁମର ଭବିଷ୍ୟତର ସମସ୍ତ କାର୍ଯ୍ୟ ତଥା ପ୍ରୟାସ ପାଇଁ ମୋର ଆନ୍ତରିକ ଶୁଭକାମନା।' ଉଲ୍ଲେଖଯୋଗ୍ୟ ଅଗରକରଙ୍କ କାର୍ଯ୍ୟକାଳ ସମୟରେ, ଦଳ ଚୟନକୁ ନେଇ ଏକାଧିକଥର ପ୍ରଶ୍ନ ଉଠିଥିଲା। ଏହି ପରିପ୍ରେକ୍ଷୀରେ, ଗମ୍ଭୀରଙ୍କ ବିଦାୟୀ ପୋଷ୍ଟରେ ଗୋଟିଏ ଧାଡ଼ି ସ୍ପଷ୍ଟ ଭାବରେ ଦେଖାଯାଇଛି। ଯାହା ସୂଚାଇ ଦେଉଛି ଯେ ଭବିଷ୍ୟତରେ ଯେତେବେଳେ ଅଗରକରଙ୍କ ବିଷୟରେ ଆଲୋଚନା କରାଯିବ, ତାଙ୍କୁ ସମ୍ମାନର ସହିତ ବ୍ୟବହାର କରାଯିବ।

ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ଚୟନ ବୈଠକରେ ଉପସ୍ଥିତ ରହିବେ ଲକ୍ଷ୍ମଣ

ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ଲାଗି ଦଳ ଚୟନ ଅବସରରେ ବିସିସିଆଇ ଚୟନ କମିଟିର ସଦସ୍ୟ

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ମୁଖ୍ୟ ଭିଭିଏସ ଲକ୍ଷ୍ମଣ ଏବେ ଟିମ୍ ଇଣ୍ଡିଆର ଚୟନ ବୈଠକରେ ଉପସ୍ଥିତ ରହିବେ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହା କହିଛନ୍ତି। ସାଇକିଆ କହିଛନ୍ତି ଯେ ସିଓଇ ମୁଖ୍ୟ ଲକ୍ଷ୍ମଣଙ୍କ ସିନିଅର ପୁରୁଷ ଜାତୀୟ ଚୟନ କମିଟି ବୈଠକରେ ଅଂଶଗ୍ରହଣ ଏବେ ସାଧାରଣ ହୋଇଯିବ। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ଗତ ମାସରେ ମୁମ୍ବଇର ମୁଖ୍ୟାଳୟରେ ଅନୁଷ୍ଠିତ ଏକ ବ୍ୟାପକ ସମୀକ୍ଷା ବୈଠକ ସମୟରେ ନିଆଯାଇଥିଲା। ଦଳ ଚୟନ କରିବା ସମୟରେ ଚୟନକର୍ତ୍ତା ଏବଂ ସିଓଇ ମଧ୍ୟରେ କୌଣସି ଭୁଲ ବୁଝାମଣା ନ ହେବା ନିଶ୍ଚିତ କରିବା ପାଇଁ ଲକ୍ଷ୍ମଣ ଗତକାଲି ନ୍ୟୁଜିଲାଣ୍ଡ ଟି-୨୦ ସିରିଜ ଲାଗି ଅନୁଷ୍ଠିତ ଚୟନ ବୈଠକରେ ଉପସ୍ଥିତ ଥିଲେ। ସେ ବେଙ୍ଗାଲୁରୁରେ ବିସିସିଆଇ ସିଓଇରେ କ୍ରିକେଟ୍ ମୁଖ୍ୟ। ବର୍ତ୍ତମାନ ସିନିଅର ପୁରୁଷ ଦଳର ସମସ୍ତ ଚୟନ ବୈଠକରେ ସେ ଯୋଗଦେବେ। ଲକ୍ଷ୍ମଣ ପ୍ରତ୍ୟେକ ଖେଳାଳିଙ୍କ ଆଘାତ ବିଷୟରେ ସମ୍ପୂର୍ଣ୍ଣ ଅବଗତ। କୌଣସି ଭୁଲ ବୁଝାମଣା ଏଡ଼ାଇବା ପାଇଁ, ତାଙ୍କୁ ଏବେଠୁ ପ୍ରତ୍ୟେକ ଦଳ ଚୟନ ବୈଠକରେ ସାମିଲ କରାଯିବ। ପ୍ରକାଶଯୋଗ୍ୟ, ସାମ୍ପ୍ରତିକ ସମୟରେ ଏକାଧିକ ଖେଳାଳିଙ୍କୁ ଦଳରେ ସାମିଲ ହେବାପରେ ସେମାନଙ୍କୁ ବାଦ ଦେବାକୁ ପଡିଥିଲା। କାରଣ ସେମାନେ ଗସ୍ତ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ନଥିଲେ। ଏହାକୁ ଦୃଷ୍ଟିରେ ରଖି, ବିସିସିଆଇ ଏବେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY